# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୭/୨୦୨୩ (୧୪ ପୃଷ୍ଠା) | Bhubaneswar, Thursday, July 27/2023 | Page 14 | ₹ 7.00

୪୯ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 242 | ମୂଲ୍ୟ ₹୭/-




**ପ୍ରମୋଦଙ୍କୁ ଏସିଆନ୍ ପାରା ଗେମ୍ସ ଯୋଗ୍ୟତା**
ଚାଇନାର ହାଙ୍ଗଝୋଉରେ ହେବାକୁଥିବା ଏସିଆନ୍ ପାରା ଗେମ୍ସ ପାଇଁ ଓଡ଼ିଶାର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୪

୦୨ **ସାଇଲେନ୍ସ-୨କୁ ନେଇ ମନୋଜ ଆଶାବାଦୀ**
ଅଭିନେତା ମନୋଜ ବାଜପେୟୀଙ୍କ ଚଳଚ୍ଚିତ୍ର ସାଇଲେନ୍ସର ଦ୍ୱିତୀୟ ଭାଗ ଶୁଟିଂ ଆରମ୍ଭ ହୋଇଛି। ସେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି।



# ଅନାସ୍ଥା ମୁହଁ ଖୋଲାଇବ

***ବିରୋଧୀ ଦଳଗୁଡ଼ିକର ବାରମ୍ବାର ଦାବି ସତ୍ତ୍ୱେ ମଣିପୁର ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ଏଯାଏ କୌଣସି ବିବୃତି ଦେଇନାହାନ୍ତି। ଶେଷରେ ଏହି ସ୍ପର୍ଶକାତର ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ବୁଧବାର ଲୋକ ସଭାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛି। ଏହାକୁ ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଛନ୍ତି। ବିରୋଧୀ 'ଇଣ୍ଡିଆ' ଗୋଷ୍ଠୀ ଜାଣିଥିବେ ଯେ ସେମାନଙ୍କର ସଂଖ୍ୟା ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ନିଶ୍ଚିତ ଭାବରେ କାଟ ଖାଇବ। କିନ୍ତୁ ରାଜନୈତିକ ଦୃଷ୍ଟିରୁ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲୋକ ସଭାକୁ ଟାଣି ଆଣି ବକ୍ତବ୍ୟ ଦେବାକୁ ବାଧ କରାଇପାରିବ ବୋଲି କୁହାଯାଉଛି। ତାହା ହିଁ ବିରୋଧୀଙ୍କ ସଫଳତା ହେବ।***

**ନୂଆଦିଲ୍ଲୀ,୨୬।୭(ପି.ଟି.)**

ଭାଜପା ଶାସିତ ମଣିପୁରରେ ନିରୀହ ଲୋକଙ୍କୁ ଲଗାତର ହତ୍ୟା କରାଯାଉଛି। ମହିଳାମାନଙ୍କ ଦେହରୁ ପୋଷାକ କାଢ଼ି ଉଲଗ୍ନ ପରେଡ୍ କରାଯାଉଛି। ଦୀର୍ଘ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଜାତିଆଣ ହିଂସା ଓ ଯୌନହିଂସା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନ ଘନ ବିଦେଶ ଗସ୍ତ କରୁଥିବାବେଳେ ମଣିପୁର ଯାଉନାହାନ୍ତି। ଏପରି କି ଏହି ପ୍ରସଙ୍ଗକୁ ନେଇ ମୁହଁ ମଧ୍ୟ ଖୋଲୁନାହାନ୍ତି। ମଣିପୁର ଭଳି ଜାତୀୟ ଲଜ୍ଜା ସମେତ ଦେଶର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ନିନ୍ଦା କରାଯାଉଛି। ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଇଥିବାବେଳେ କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବୁଧବାର କଂଗ୍ରେସ ପକ୍ଷରୁ ଲୋକ ସଭାରେ ନୋଟିସ ଦିଆଯାଇଛି। ବାଚସ୍ପତି ଏହାକୁ ଗ୍ରହଣ କରିଛନ୍ତି। ସବୁ ଦଳର ନେତାମାନଙ୍କ ସହ ଏହା ଉପରେ ଆଲୋଚନା କରିବା ପରେ ନିୟମାନୁସାରେ ବିତର୍କ ପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି ବିର୍ଲା କହିଛନ୍ତି।

୨୬ ଦଳକୁ ନେଇ ଗଠିତ ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ନିମ୍ନ ସଦନରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ଏହି ପ୍ରସ୍ତାବ ଆଗତ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଚାଲିବା ମାତ୍ରେ ବାଚସ୍ପତି କହିଥିଲେ, ମନ୍ତ୍ରୀ ପରିଷଦ ଉପରେ ବିରୋଧୀ ଦଳଗୁଡ଼ିକର ଆସ୍ଥା ନାହିଁ। ରୁଲ୍ ୧୯୮ ଅନୁସାରେ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଅନୁମତି ଲୋଡ଼ିଛନ୍ତି। ଏହି ପ୍ରସ୍ତାବକୁ ଗ୍ରହଣ କରିବା ସପକ୍ଷରେ ଥିବା ସଦସ୍ୟମାନେ ମୁଣ୍ଡ ଗଣତି ପାଇଁ ଛିଡ଼ା ହୁଅନ୍ତୁ ବୋଲି ବାଚସ୍ପତି କହିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଡିଏମ୍‌କେର ଟି.ଆର୍. ବାଲୁ ଏବଂ ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେଙ୍କ ସମେତ ବିରୋଧୀ ମେଣ୍ଟ ଇଣ୍ଡିଆର ଏମ୍‌ପିମାନେ ଛିଡ଼ାହୋଇ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପରେ ବାଚସ୍ପତି ଏହାକୁ ଗ୍ରହଣ କରିଥିଲେ।

ଏହା ପୂର୍ବରୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏମ୍‌ପି ନମ ନାଗେଶ୍ୱର ରାଓ ମଧ୍ୟ କେନ୍ଦ୍ର ମନ୍ତ୍ରୀ ପରିଷଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଥିଲେ। ସଂଖ୍ୟାବଳକୁ ଦେଖିଲେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ଏକପ୍ରକାର ନିଶ୍ଚିତ ଥିଲେ ମଧ୍ୟ ମଣିପୁର ପ୍ରସଙ୍ଗରେ ବିତର୍କ ବେଳେ ସେମାନେ ସରକାରଙ୍କୁ ହରାଇବେ, ଯାହାକି ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନୀରବତା ଭଙ୍ଗ ପାଇଁ ବାଧ କରିବ। କାରଣ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହା ଉପରେ ବିବୃତି ଦେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି।

ରୁଲ୍ସ ଅଫ୍ ପ୍ରସିଡ୍ୟୁର୍ ଆଣ୍ଡ୍ କଣ୍ଡକ୍ଟ ଅଫ୍ ଲୋକ ସଭାର ରୁଲ୍ ୧୯୮ ଅନୁସାରେ ଲୋକ ସଭାରେ ଯେକୌଣସି ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିପାରିବେ। ଏଥିପାଇଁ ସମ୍ପୃକ୍ତ ସଦସ୍ୟଙ୍କୁ ପୂର୍ବାହ୍ନ ୧୦ଟା ପୂର୍ବରୁ ଲିଖିତ ଭାବେ ନୋଟିସ ଦେବାକୁ ପଡ଼ିଥାଏ। ବାଚସ୍ପତି ଉକ୍ତ ନୋଟିସକୁ ଗୃହରେ ପଢ଼ି ସମସ୍ତ ସଦସ୍ୟଙ୍କୁ ଶୁଣାଇଥାନ୍ତି। ତେବେ ପ୍ରସ୍ତାବ ଆଗତ ପାଇଁ ଅନ୍ୟୁନ ୫୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ହୋଇଥାଏ। ବାଚସ୍ପତି ଏହାକୁ ଅନୁଧ୍ୟାନ କରିବା ପରେ ପ୍ରସ୍ତାବ ଓ ଭୋଟିଂ ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି। ମୋଶନ ଗ୍ରହଣ ☞ପୃଷ୍ଠା-୪



କଟକ କିଲ୍ଲାଫର୍ଟସ୍ଥିତ 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'କୁ ବୁଧବାର ପରିଦର୍ଶନ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିକଟରେ ଅଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର। (ଫଟୋ-ରାଜକିଶୋର ମହାନ୍ତି)

# ବଞ୍ଚିତ ବର୍ଗଙ୍କୁ ସୁବିଧାରେ ନ୍ୟାୟ ମିଳୁ: ରାଷ୍ଟ୍ରପତି

**ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ସମାରୋହ ଉଦ୍‌ଯାପିତ**

- **ଦ୍ରୁତ ନ୍ୟାୟ କ୍ଷେତ୍ରରେ ଉଦାହରଣ ସୃଷ୍ଟି ପାଇଁ ଆହ୍ୱାନ**
- **ସ୍ୱତନ୍ତ୍ର ଡାକଟିକଟ, ସ୍ମରଣିକା ଉନ୍ମୋଚିତ**

**କଟକ,୨୬।୭(କାର୍ତ୍ତିକ ସାହୁ)**

ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆମ ସମ୍ବିଧାନ ନିର୍ମାତାମାନେ ପ୍ରାଥମିକତା ଦେଇଆସିଛନ୍ତି। ସମାଜରେ ବଞ୍ଚିତ ବର୍ଗର ଲୋକେ କୋର୍ଟ, କଚେରି, ଆଇନ ବିଷୟରେ ବିଶେଷ ସଚେତନ ନୁହନ୍ତି। ନିଜ ଅଧିକାର ପାଇଁ ନ୍ୟାୟାଳୟ ପାଖରେ ପହଞ୍ଚିବାର ସାମର୍ଥ୍ୟ ସେମାନଙ୍କର ନ ଥାଏ। ସେହି ବର୍ଗର ଲୋକଙ୍କୁ ସୁବିଧାରେ ନ୍ୟାୟ ପ୍ରଦାନ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ୍। ଏ ବିଷୟରେ ମାନସ ମନ୍ଥନ ହେବା ଉଚିତ୍। ବିଚାରପତିମାନେ ନ୍ୟାୟ ପ୍ରଦାନ ବେଳେ ନ୍ୟାୟର ଆଧାର ନିରପେକ୍ଷତାକୁ ଅତୁଟ ରଖିବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ ବିଳମ୍ବିତ ନ୍ୟାୟ ପ୍ରକ୍ରିୟା କାରଣରୁ ଅନେକ ନିରୀହ ଲୋକେ ଜେଲଦଣ୍ଡ ଭୋଗୁଛନ୍ତି। ସେମାନେ ଜୀବନର ପ୍ରମୁଖ ସମୟକୁ ନଷ୍ଟ କରୁଛନ୍ତି। ଅନେକ କ୍ଷେତ୍ରରେ ନିରୀହ ଲୋକେ ଦଣ୍ଡ ପରିମାଣଠାରୁ ଅଧିକ ସମୟ ଜେଲରେ ବିତାଉଛନ୍ତି। ଓଡ଼ିଶା ହାଇକୋର୍ଟ ଲୋକଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ କରି ଦେଶ ପାଇଁ ଉଦାହରଣ ସୃଷ୍ଟି କରୁ ବୋଲି ରାଷ୍ଟ୍ରପତି ମୁର୍ମୁ ଆହ୍ୱାନ ଦେଇଛନ୍ତି।

ବୁଧବାର ଓଡ଼ିଶା ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦେଇ ଜୟ ଜଗନ୍ନାଥ ସମ୍ବୋଧନରୁ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ଓଡ଼ିଶା ହାଇକୋର୍ଟ ଆରମ୍ଭ ସମୟର କଥା ଉପସ୍ଥାପନ କରି ରାଷ୍ଟ୍ରପତି କହିଲେ, କୌଣସି ଅନୁଷ୍ଠାନ ସମୟ ଅନୁସାରେ ନ ବଦଳିଲେ ପଛରେ ପଡ଼ିଯାଏ। ୪ ଜଣ ବିଚାରପତିଙ୍କୁ ନେଇ ଏହି ଉଚ୍ଚ ନ୍ୟାୟାଳୟ ଆରମ୍ଭ ହୋଇଥିଲା, ଏବେ ବିଚାରପତି ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। ଗତ ୨ବର୍ଷ ମଧ୍ୟରେ ଦ୍ରୁତ ନ୍ୟାୟ ପ୍ରଦାନ ଯୋଗୁ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରାଧୀନ ମାମଲା ସଂଖ୍ୟା ଏକ ଚତୁର୍ଥାଂଶ ହ୍ରାସ ପାଇଛି। ନ୍ୟାୟ ପ୍ରଦାନ କ୍ଷେତ୍ରରେ ☞ପୃଷ୍ଠା-୪



ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

## ୫-ଟିକୁ ଟୋନି ବ୍ଲେୟାରଙ୍କ ପ୍ରଶଂସା

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ଓଡ଼ିଶାର ଆର୍ଥିକ ବିକାଶ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୩ ଜୁଲାଇ ୨୧ରେ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଞ୍ଜ (ଟିବିଆଇ) ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଓଡ଼ିଶାରେ ଏକ ସମନ୍ୱିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ନେଇ ଉକ୍ତ ଅନୁଷ୍ଠାନ ବିନା ମୂଲ୍ୟରେ ବିଭିନ୍ନ ନୀତି ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ଟିବିଆଇର ପ୍ରାଥମିକ ପରାମର୍ଶକୁ ପ୍ରଶଂସା କରିବା ସହ ଏହା ରାଜ୍ୟରେ ଶିଳ୍ପର ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଛନ୍ତି। ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଟୋନି ବ୍ଲେୟାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଟୋନି ବ୍ଲେୟାର ମଧ୍ୟ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହେଉଥିବା ବିକାଶର ☞ପୃଷ୍ଠା-୪

## ଭିଭିଆଇପି ଗଛ ଲାଗି ଖର୍ଚ୍ଚ ୧୨ ଲକ୍ଷ

**ଭୋପାଳ,୨୬।୭**

ମଧ୍ୟପ୍ରଦେଶ ସରକାର ଦେଶର ପ୍ରଥମ ଭିଭିଆଇପି ଗଛର ଦେଖାଶୁଣା ଲାଗି ବର୍ଷକୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ସାଞ୍ଚି ବୁଦ୍ଧିଷ୍ଟ କମ୍ପ୍ଲେକ୍ସଠାରୁ ୫ କି.ମି. ଦୂରରେ ଅର୍ଥାତ୍ ଭୋପାଳ ଓ ବିଦିଶା ଟାଉନ୍‌ର ମଝାମଝି ଅଞ୍ଚଳରେ ଲଗାଯାଇଥିବା ଓସ୍ତ ଗଛକୁ ୨୪ ଘଣ୍ଟା କଡ଼ା ସୁରକ୍ଷା ଭିତରେ ରଖାଯାଉଛି। ପ୍ରତିଦିନ ୪ ଜଣ ସୁରକ୍ଷାକର୍ମୀ ଏହି ଭିଭିଆଇପି ଗଛକୁ ଜଗି ରହୁଛନ୍ତି। ଏହି ଗଛର ଚାରିପାଖକୁ ୧୫ ଫୁଟ୍‌ର ଲୁହା ତାର ବାଡ଼ରେ ଘେରାଯାଇଛି। ଏହାର ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କୌଣସି ପର୍ବପର୍ବାଣିରେ ମଧ୍ୟ ଛୁଟି ମିଳୁ ନ ଥିବା ସିକ୍ୟୁରିଟି ଗାର୍ଡ ରାହୁଲ ଧାମନୋଦିଆ କହିଛନ୍ତି। ଗଛକୁ ଜଗିବା କାର୍ଯ୍ୟରେ ନିୟୋଜିତ ଗାର୍ଡଙ୍କୁ ମାସିକ ୨୬,୦୦୦ ଟଙ୍କା ଦରମା ଦିଆଯାଉଛି। ଗଛରେ ପାଣି ଦେବା ଲାଗି ସାଞ୍ଚି ମ୍ୟୁନିସିପାଲିଟି ସ୍ୱତନ୍ତ୍ର ପାଣି ଟ୍ୟାଙ୍କର୍‌ର ବ୍ୟବସ୍ଥା କରିଛି । ସେହିପରି ଗଛକୁ ରୋଗ ଦାଉରୁ ☞ପୃଷ୍ଠା-୪



## ମାଧ୍ୟମିକ ଶିକ୍ଷାରେ ଓଡ଼ିଶାର ଡ୍ରପ୍‌ଆଉଟ୍ ହାର ସର୍ବାଧିକ

**ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)**

ମାଧ୍ୟମିକ ଶିକ୍ଷାରେ ଓଡ଼ିଶାରେ ସର୍ବାଧିକ ପିଲା ଅଧାରୁ ପାଠପଢ଼ା ଛାଡୁଛନ୍ତି। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସଭାରେ ଏପରି ତଥ୍ୟ ରଖିଛନ୍ତି। ଉକ୍ତ ତଥ୍ୟ ଅନୁସାରେ, ଜାତୀୟ ଡ୍ରପ୍ ଆଉଟ୍ ରେଟ୍ ବା ଜାତୀୟ ସ୍ତରରେ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ହାର ୧୨.୬ ପ୍ରତିଶତ ରହିଛି। ତେବେ ଓଡ଼ିଶାରେ ଏହି ହାର ସର୍ବାଧିକ ରହିଛି ଅର୍ଥାତ୍ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
କିଏ ଲାଭ ପାଇବ





## ଲଦାଖରେ ପ୍ରଥମ ମହିଳା ଥାନା

ନାରୀ ସଶକ୍ତୀକରଣ ଏବଂ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ପ୍ରଥମ ମହିଳା ଥାନା ବୁଧବାର ଖୋଲାଯାଇଛି। ଲଦାଖ ଡିଜିପି ଏସ୍.ଡି. ସିଂ ଜମ୍ୱାଲ ଥାନା ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ମହିଳା ସେମାନଙ୍କ ଅଭିଯୋଗ ସ୍ୱତନ୍ତ୍ର ଭାବେ ଏଠାରେ ଦାଖଲ କରିବାର ସୁବିଧା କରାଯାଇଛି।

# ନା ପରେ ବି ମନ ମାନୁନି

ନୂଆଦିଲ୍ଲୀ,୨୬।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କ ଲଗାତର କାର୍ଯ୍ୟକାଳ ବୃଦ୍ଧିକୁ ବେଆଇନ ଦର୍ଶାଇ ଜୁଲାଇ ୩୧ରେ ପଦ ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ପୂରିବାକୁ ଆଉ ୫ ଦିନ ବାକି ଥିବାବେଳେ ସଞ୍ଜୟଙ୍କୁ ଇଡି ନିର୍ଦ୍ଦେଶକ ପଦରେ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେବା ପାଇଁ ବୁଧବାର କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ନିରୋଧୀ ବୈଶ୍ୱିକ ଜଗୁଆଳି ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଛି। ସମୀକ୍ଷା ବେଳେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟ ଜଷ୍ଟିସ୍ ବି.ଆର୍. ଗଭାଇ, ହିମା କୋହଲି ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠରେ ଜୁଲାଇ ୧୧ ରାୟରେ ପରିବର୍ତ୍ତନ ଆଣିବା ପାଇଁ ଏକ ପିଟିଶନ୍ ଦାଖଲ କରିଛନ୍ତି। ଉକ୍ତ

### ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୩ ଥର ବୃଦ୍ଧିକୁ ବେଆଇନ କହିଥିଲେ ସୁପ୍ରିମକୋର୍ଟ



### ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଞ୍ଜୟ ମିଶ୍ରାଙ୍କୁ ପଦରେ ରଖିବା ପାଇଁ ନିବେଦନ କଲା କେନ୍ଦ୍ର



ଆବେଦନର ତ୍ୱରିତ ଶୁଣାଣି କରିବାକୁ ମେହେଟ୍ଟା ଅନୁରୋଧ କରିଛନ୍ତି। ଜଷ୍ଟିସ୍ ଗଭାଇ କହିଛନ୍ତି, ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଜୁଲାଇ ୧୧ରେ ଏହି ରାୟ ଦେଇଥିଲେ। ଜଷ୍ଟିସ୍ ନାଥ ଏବଂ କାରୋଲ ଏବେ ପୃଥକ୍ ପୀଠରେ ଅଛନ୍ତି। ତେଣୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ଏକ ଭିନ୍ନ ଖଣ୍ଡପୀଠ ଗଠନ ପାଇଁ ରେଜେଷ୍ଟ୍ରି ଅନୁରୋଧ କରନ୍ତୁ। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଜୁଲାଇ ୨୮ ସୁଦ୍ଧା ଏହାର ବିଚାର କରାଯାଉ। ଏହା ଶୁଣିବା ପରେ ଜଷ୍ଟିସ୍ ଗଭାଇ କହିଥିଲେ, ଗୁରୁବାର ଅପରାହ୍ନ ୩ଟା ୩୦ରେ ଏହା ଉପରେ ବିଚାର କରାଯିବ।

କେନ୍ଦ୍ର ସରକାରଙ୍କ ମତରେ ୧୯୮୪ ବ୍ୟାଚ୍‌ର ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ସଞ୍ଜୟ ମିଶ୍ରା ଜଣେ ଅର୍ଥନୀତି ବିଶେଷଜ୍ଞ। ସଞ୍ଜୟ ଦିଲ୍ଲୀରେ ଆୟକର ବିଭାଗର ମୁଖ୍ୟ କମିଶନର ଥିବାବେଳେ ଅନେକ ଉଚ୍ଚସ୍ତରୀୟ ମାମଲାର ତଦନ୍ତ କରି ସଫଳତା ହାସଲ କରିଥିବା ଦର୍ଶାଇ ତାଙ୍କୁ ୨୦୧୮ ଅକ୍ଟୋବରରେ ୩ ମାସ ପାଇଁ ଇଡିର ଅନ୍ତରୀଣ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୦ ନଭେମ୍ବରରେ ସଞ୍ଜୟ ୬୦ ବର୍ଷରେ ଉପନୀତ ହୋଇ ଅବସର ନେବାକୁ ଥିବାବେଳେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ବର୍ଷେ ବଢ଼ାଇଦେଇଥିଲେ। ସେତେବେଳେ ଏନ୍‌ଜିଓ କମନ୍ କଜ୍ ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଥିଲା। ତେବେ କେନ୍ଦ୍ର ସରକାର ଏହା ପୂର୍ବରୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟରେ ସଂଶୋଧନ ଆଣିଥିବାରୁ ୨୦୨୧ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ନିଯୁକ୍ତି ଅବଧି ବୃଦ୍ଧିକୁ ଅନୁମତି ଦେଇଥିଲେ। ଉକ୍ତ ସଂଶୋଧନ ଫଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁଖ୍ୟ ନିଜ ୨ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବା ପରେ ଆଉ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ବ୍ୟବସ୍ଥା ହୋଇଛି। ଏହି ଦୃଷ୍ଟିରୁ ସଞ୍ଜୟଙ୍କ ଅବଧି ୨୦୨୧ ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ସରକାର ଏହାକୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ପୁଣି ବଢ଼ାଇଥିଲେ। ସଞ୍ଜୟଙ୍କ ଶେଷ ବର୍ଦ୍ଧିତ ଅବଧି ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରହିଥିଲା। ଥରକୁ ଥର ଅବଧି ବୃଦ୍ଧି ମଧ୍ୟରେ ସଞ୍ଜୟ ଅନେକ ହାଇ-ପ୍ରୋଫାଇଲ ରାଜନେତା ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତାଙ୍କ ବିରୋଧରେ ତଦନ୍ତ ଚଳାଇ ଚର୍ଚ୍ଚିତ ହୋଇଥିଲେ। ତେଣୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସରକାର ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ମଧ୍ୟ ବଢ଼ିଥିଲା। ଇତିମଧ୍ୟରେ କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲା, ଜୟା ଠାକୁର ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ନାଥ ଏବଂ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଜୁଲାଇ ୧୧ ରାୟରେ କହିଥିଲେ, ସଞ୍ଜୟଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୧ରେ ଦିଆଯାଇଥିବା ରାୟରେ ଥିବା ନିୟମକୁ ଉଲ୍ଲଂଘନ କରୁଛି। ତେବେ ଏଫ୍ଏଟିଏଫ୍ ଚଳିତ ବର୍ଷର ସମୀକ୍ଷା ଚଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସହଜ ଦାୟିତ୍ୱ ହସ୍ତାନ୍ତର ପାଇଁ ସଞ୍ଜୟ ଜୁଲାଇ ୩୧ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ପଦରେ ରହିପାରିବେ। ଏହା ପରେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ମୁଖ୍ୟ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ବାଧ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ।

# ସ୍ତ୍ରୀ, ଶାଶୁ, ଶ୍ୱଶୁରଙ୍କୁ ହତ୍ୟା

ଗୁଆହାଟୀ,୨୬।୭

### ୯ ମାସର ପୁଅକୁ ଧରି ଥାନାରେ ଆତ୍ମସମର୍ପଣ କଲେ ଇଞ୍ଜିନିୟର

ଆସାମ ଗୋଲାଘାଟରୁ ବୁଧବାର ଏକ ଟ୍ରିପଲ ମର୍ଡର ସାମ୍ନାକୁ ଆସିଛି। ନାଜିବୁର ରହମାନ ନାମକ ମେକାନିକାଲ ଇଞ୍ଜିନିୟର ସ୍ତ୍ରୀ ସଂଘମିତ୍ରା ଘୋଷ ଓ ଶାଶୁ, ଶ୍ୱଶୁରଙ୍କୁ ହତ୍ୟା କରିବା ପରେ ୯ ମାସର ଶିଶୁକୁ ନେଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ୨୦୨୦ରେ ନାଜିବୁର ଓ ସଂଘମିତ୍ରାଙ୍କ ମଧ୍ୟରେ ଫେସ୍‌ବୁକ୍ ଜରିଆରେ ବନ୍ଧୁତା ହୋଇଥିଲା। କିଛି ମାସ ଭିତରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହିବର୍ଷ ଅକ୍ଟୋବରରେ ଦୁହେଁ କୋଲକାତା ଯାଇ ସେଠାରେ କୋର୍ଟ ମ୍ୟାରେଜ୍ କରିଥିଲେ। ବିବାହର ଗୋଟିଏ ବର୍ଷ ପରେ ସଂଘମିତ୍ରାଙ୍କ ବାପା ସଞ୍ଜୀବ ଘୋଷ ଏବଂ ମା' ଜୁନୁ ଘୋଷ ତାଙ୍କ ବିରୋଧରେ ଥାନାରେ ଚୋରି ଅଭିଯୋଗ କରିଥିଲେ, ଯେଉଁଥିରେ ସଂଘମିତ୍ରାଙ୍କୁ ପୋଲିସ ଗିରଫ ମଧ୍ୟ କରିଥିଲା। ମାମଲାରେ ଜାମିନ ପାଇ ସଂଘମିତ୍ରା ତାଙ୍କ ବାପ ଘରକୁ ଫେରିଥିଲେ। ୨୦୨୨ ଜାନୁଆରୀରେ ସଂଘମିତ୍ରା ପୁଣିଥରେ ସ୍ୱାମୀ ନାଜିବୁରଙ୍କ ସହ ଚେନ୍ନାଇ ଫେରାର୍ ହୋଇଗଲେ। ସେଠାରେ ୫ ମାସ ରହି ଗୋଲାଘାଟ ଫେରିବା ପରେ ସଂଘମିତ୍ରା ଗର୍ଭବତୀ ଥିଲେ। ପୁଣି କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବାରୁ ସଂଘମିତ୍ରା ଗତ ମାର୍ଚ୍ଚରେ ପୁଅକୁ ସାଥିରେ ନେଇ ବାପ ଘରକୁ ଆସିଥିଲେ। ସ୍ୱାମୀ ନାଜିବୁର ତାଙ୍କୁ ନିର୍ଯାତନା ଦେଉଥିବା ନେଇ ସେ ଥାନାରେ ଅଭିଯୋଗ କଲେ।



ସ୍ତ୍ରୀ ସଂଘମିତ୍ରା ଘୋଷଙ୍କ ସହ ନାଜିବୁର ରହମାନ।

ଏହାପରେ ପୋଲିସ ତାଙ୍କୁ ଗିରଫ କଲା। ଗିରଫର ୨୮ ଦିନ ପରେ ସେ ଜାମିନରେ ବାହାରିଲେ। ନାଜିବୁର ପୁଅକୁ ଦେଖିବାକୁ ଦେଉ ନ ଥିଲେ। ଏ ନେଇ ନାଜିବୁରଙ୍କ ଭାଇ ସଂଘମିତ୍ରା ଓ ତାଙ୍କ ପରିବାର ବିରୋଧରେ ଥାନାରେ ଅଭିଯୋଗ କଲେ। ସୋମବାର ଦିନ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବା ପରେ ନାଜିବୁର ସ୍ତ୍ରୀ ସଂଘମିତ୍ରା, ଶାଶୁ ଓ ଶ୍ୱଶୁରଙ୍କୁ ହତ୍ୟା କରି ପୁଅକୁ ସାଥିରେ ନେଇ ଫେରାର୍ ହୋଇଯାଇଥିଲେ। ଏବେ ସେ ୯ ମାସର ପୁଅ ସହିତ ଆତ୍ମସମର୍ପଣ କରିଛନ୍ତି। ସିଆଇଡି ଟିମ୍ ଘଟଣାର ତଦନ୍ତ କରୁଥିବା ଆସାମ ପୋଲିସ ମୁଖ୍ୟ ଜି.ପି. ସିଂ କହିଛନ୍ତି। ଫୋରେନ୍ସିକ୍ ଟିମ୍ ଘଟଣାର ତଦନ୍ତ ଚଳାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସଂଘମିତ୍ରାଙ୍କ ପରିବାରକୁ ଭେଟିବା ସହ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି।

# ୩ ହଜାର କାର୍ ନେଇଯାଉଥିବା ଜାହାଜରେ ନିଆଁ

ଆମଷ୍ଟରଡମ୍,୨୬।୭

ଆମେଲାଣ୍ଡର ଡଚ୍ ଆଇଲାଣ୍ଡଠାରୁ ଉତ୍ତରରେ ୨୭ କି.ମି. ଦୂର ଉତ୍ତର ସମୁଦ୍ରରେ ୩,୦୦୦ କାର୍ ନେଇ ଯାଉଥିବା ଏକ ମାଲବାହୀ ଜାହାଜରେ ନିଆଁ ଲାଗିଯାଇଛି। ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ଜାହାଜରେ ନିଆଁ ଲାଗିଯାଇଥିବାବେଳେ ବହୁ କ୍ରିଉ ମେମ୍ବର ଜୀବନ ରକ୍ଷା ପାଇଁ ପାଣିକୁ ଡେଇଁ ପଡ଼ିଥିଲେ। ଜାହାଜରେ



ସମୁଦ୍ରରେ ମାଲବାହୀ ଜାହାଜରେ ନିଆଁ ଲାଗିଛି।

ଲାଗିଥିବା ନିଆଁକୁ ଲିଭାଇବା ପାଇଁ ରେସ୍କ୍ୟୁ ଜାହାଜ ପାଣିର ବ୍ୟବହାର କରିଥିଲା। କିନ୍ତୁ ମାତ୍ରାଧିକ ପାଣି ପ୍ରୟୋଗ ଦ୍ୱାରା ଜାହାଜ ବୁଡ଼ିଯିବାର ଆଶଙ୍କା ଥିବା ଡଚ୍ କୋଷ୍ଟ ଗାର୍ଡ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପ୍ରୟାସରେ ଅଛନ୍ତି। କାର୍ ନେଇ ଯାଉଥିବା ଜାହାଜରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ।

# ମଣିପୁରରେ ୨ ବସ୍ ଜାଳିଦେଲେ

ଇମ୍ଫାଲ,୨୬।୭

### ମହିଳାଙ୍କୁ ଉଲଗ୍ନ ପରେଡ୍: ନିନ୍ଦାକଲା ଆମେରିକା

ମଣିପୁରରେ ଜାତିଆଣ ହିଂସା ଥମିବାର ନାଁ ନେଉନାହିଁ। କାଙ୍ଗପୋକ୍‌ପି ଜିଲାରେ ସୁରକ୍ଷାକର୍ମୀଙ୍କ ଯାତାୟାତରେ ବ୍ୟବହାର ହେଉଥିବା ଦୁଇଟି ବସ୍‌କୁ ଉତ୍ତ୍ୟକ୍ତ ଲୋକେ ଜାଳ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବସ୍‌ଗୁଡ଼ିକ ଦିମାପୁରରୁ ସପୋରମେଇନା ଆସୁଥିବାବେଳେ କେତେଜଣ ଲୋକ ଗାଡ଼ିକୁ ଅଟକାଇଥିଲେ। ସେମାନେ ବସ୍ ଭିତରେ ଯାଞ୍ଚ କରୁଥିବାବେଳେ ଆଉ କେତେଜଣ ନିଆଁ ଲଗାଇ ଦେଇଥିଲେ। ମେଇତି ଓ କୁକି-ଜି ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ବିବାଦକୁ ନେଇ ରାଜ୍ୟବ୍ୟାପୀ ଦେଖାଯାଇଥିବା ହିଂସାରେ ମୋଟ ୧୬୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଦୁଇ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା ନେଇ ଭାଇରାଲ ଭିଡିଓ ଅତ୍ୟନ୍ତ ଭୟଙ୍କର ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ତେବେ ମେ ୪ରେ ଦୁଇ ମହିଳାଙ୍କୁ ନ୍ୟାୟ ଦେବା ଲାଗି ସରକାରଙ୍କ ପ୍ରୟାସକୁ ବାଇଡେନ୍ ସରକାର ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓକୁ ନେଇ ବିରୋଧୀ ଓ କେନ୍ଦ୍ର ସରକାର ମୁହାଁମୁହିଁ ହୋଇଥିବାବେଳେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଚାଲିଛି।



କାଙ୍ଗପୋକପିରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇଦେଇଥିବା ବସ୍।

## ଫୁରସତ୍



# ସାଇଲେନ୍ସ-୨କୁ ନେଇ ମନୋଜ ଆଶାବାଦୀ

**ମୁମ୍ବାଇ:** ନିକଟରେ ଅଭିନେତା ମନୋଜ ବାଜପେୟୀଙ୍କ ଚଳଚ୍ଚିତ୍ର ସାଇଲେନ୍ସର ଦ୍ୱିତୀୟ ଭାଗର ପ୍ରତୀକ୍ଷା ଶେଷ ହୋଇଛି। ଅବନ ଦେବହଂସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସାଇଲେନ୍ସ- ୨'ର ଶୁଟିଂ ଆରମ୍ଭ ହୋଇଛି। ଏଥିରେ ମନୋଜ ଅବିନାଶ ଭୂମିକାରେ ନଜରକୁ ଆସିବେ। ସାଇଲେନ୍ସ ପ୍ରଥମ ଭାଗରେ ମନୋଜ ଏସିପି ଅବିନାଶ ଭାବେ ଜଣେ ଉଚ୍ଚ-ପ୍ରୋଫାଇଲ ମହିଳାଙ୍କ ରହସ୍ୟମୟ ହତ୍ୟା ଘଟଣାର ଅନୁସନ୍ଧାନ କରିଥିଲେ। ଏଥିରେ ତାଙ୍କ ସହ ପ୍ରତାରଣା, ମିଥ୍ୟା ଏବଂ ଲୁକ୍କାୟିତ ସତ୍ୟ ରହିଥିଲା। ଚଳଚ୍ଚିତ୍ରରେ ସସ୍‌ପେନ୍ସ ଅଧିକ ଥିଲା। ମୁଭିରେ ମନୋଜଙ୍କ ସହ ପ୍ରାଚୀ ଦେଶାଇ ଏବଂ ଅର୍ଜୁନ ମାଥୁର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଥିଲେ। ଏଥିସହ ସାହିଲ ବୈଦ, ଭାକଭର, ବରଖା ସିଂ, ଶିରିଶ ଶର୍ମା, ସୋହିଲା କପୁର, ଅମିତ ଠାକୁର ଏବଂ ଗରିମା ୟାଗନିକଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମର ଦ୍ୱିତୀୟ ଭାଗ ବିଷୟରେ ମନୋଜ କହିଛନ୍ତି, ଏହାକୁ ଦର୍ଶକଙ୍କ ନିକଟକୁ ଆଣି ସେ ବହୁତ ଖୁସି ଏବଂ ଉତ୍ସାହିତ। ଏହି ଭୂମିକାରେ ଦର୍ଶକଙ୍କଠାରୁ ସେ ବେଶ୍ ଭଲ ପାଇବା ପାଇଛନ୍ତି। ଏହି ପ୍ରୋଜେକ୍ଟକୁ ନେଇ ବେଶ୍ ଆଶାବାଦୀ ରହିଥିବା ସେ କହିଛନ୍ତି। ସେ ସର୍ବଦା ଚ୍ୟାଲେଞ୍ଜଭିତ୍ତିକ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏସିପି ଅବିନାଶଙ୍କ ଯାତ୍ରା ତାଙ୍କ ପାଇଁ ଏକ ସ୍ମରଣୀୟ।

# ଉଦ୍ଭିଦଭିତ୍ତିକ କ୍ଷୀରଠାରୁ ଗାଈ କ୍ଷୀରରେ ଅଧିକ ପ୍ରୋଟିନ୍

ନୂଆଦିଲ୍ଲୀ

ଅଧିକାଂଶ ଉଦ୍ଭିଦଭିତ୍ତିକ କ୍ଷୀରରେ ଗାଈ କ୍ଷୀର ଅପେକ୍ଷା କମ୍ ପରିମାଣର ପ୍ରୋଟିନ ଥାଏ। ଏଥିରେ ପ୍ରାୟ ଏକ ତୃତୀୟାଂଶ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ର ଅଭାବ ରହିଥାଏ। ଉଦ୍ଭିଦଭିତ୍ତିକ କ୍ଷୀରରେ ମୁଖ୍ୟତଃ ୪ ମିନେରାଲ ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଜିଙ୍କ୍ ଏବଂ ସେଲେନିୟମ୍‌ର ଅଭାବ ରହିଥିବା ଦର୍ଶାଯାଇଛି। ମିନେସୋଟା ୟୁନିଭର୍ସିଟି ଅଫ୍ ପବ୍ଲିକ ହେଲ୍‌ଥ ପୁଷ୍ଟିକର ସମନ୍ୱୟ କେନ୍ଦ୍ରର ସହକାରୀ ପ୍ରଫେସର ତଥା ସହଯୋଗୀ ନିର୍ଦ୍ଦେଶକ ଏବିଗେଲ୍ ଜନସନ୍ କହିଛନ୍ତି, ଅନେକ ଉଦ୍ଭିଦଭିତ୍ତିକ ଦୁଗ୍ଧ ବିକଳ୍ପ ପୁଷ୍ଟିକର ଖାଦ୍ୟ ଗାଈ ଦୁଗ୍ଧ ସହିତ ସମାନ ନୁହେଁ। ସେମାନେ ବାଦାମ୍, ଓଟ୍ସ, ଚାଉଳ ଏବଂ ସୋୟାବିନରୁ ପ୍ରସ୍ତୁତ ୨୩୭ ଦୁଗ୍ଧ ବିକଳ୍ପ ପଦାର୍ଥର ପୁଷ୍ଟିକର ସ୍ତର ବିଶ୍ଳେଷଣ କରିଛନ୍ତି, ଯାହା ବର୍ତ୍ତମାନ ଆମେରିକାରେ ଉପଲବ୍ଧ। ପରେ ପୁଷ୍ଟିକର ଡାଟାବେସ୍‌ର ସୂଚନା ବ୍ୟବହାର କରି ସେମାନେ ଏହି କ୍ଷୀରକୁ ଗାଈ କ୍ଷୀର ସହିତ ତୁଳନା କରିଥିଲେ। ଅନୁସନ୍ଧାନକାରୀମାନେ ଏହା ଜାଣିବାକୁ ପାଇଲେ ଯେ ଗାଈ କ୍ଷୀର ସହିତ ଏହି ଉଦ୍ଭିଦଭିତ୍ତିକ କ୍ଷୀର ୧୯ ପ୍ରତିଶତ ମେଳ ଖାଉଥିଲା। କ୍ଷୀର ଯାହା ମାଂସପେଶୀ ବୃଦ୍ଧି, ଶକ୍ତି ଏବଂ ହଜମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ୨୪୦ ମିଲିଲିଟରେ ଉଦ୍ଭିଦଭିତ୍ତିକ କ୍ଷୀରରେ ପ୍ରୋଟିନର ମାତ୍ରା ୨ ଗ୍ରାମ ରହୁଥିବାବେଳେ ଗାଈ କ୍ଷୀରରେ ୮ ଗ୍ରାମ ରହିଥାଏ। ଏହି ଅନୁସନ୍ଧାନକୁ ଆଧାରରେ ରଖି ଗ୍ରାହକମାନେ ଉଦ୍ଭିଦଭିତ୍ତିକ ଦୁଗ୍ଧ ବିକଳ୍ପ ପଦାର୍ଥ ଖୋଜିବା ଉଚିତ, ଯାହା କ୍ୟାଲସିୟମ୍‌ଏବଂ ଭିଟାମିନ୍ ଡି' ଉତ୍ପାଦ ତାଲିକାରେ ଥିବ। ତେବେ ବର୍ତ୍ତମାନ ବଜାରରେ ମିଳୁଥିବା ଉଦ୍ଭିଦଭିତ୍ତିକ ଦୁଗ୍ଧ ପ୍ରତି ସାବଧାନତା ଅବଲମ୍ବନ କରିବା ଉଚିତ, ଯେଉଁଥିରେ ଗାଈ କ୍ଷୀର ଭଳି ଭିଟାମିନ ନାହିଁ।



# ସବୁଠୁ ଡେଙ୍ଗା ବ୍ୟକ୍ତି



**ହଙ୍ଗେରୀ:** ଦୁନିଆରେ ଦୁଇ ପ୍ରକାରର ମଣିଷ ଅଛନ୍ତି। କିଛି ଲୋକ ବହୁତ ଲମ୍ବା ଆଉ କିଛି ଲୋକ ବହୁତ ଛୋଟ। ରିପୋର୍ଟ ମୁତାବକ, ୪ ଫୁଟ ଉଚ୍ଚତା ବିଶିଷ୍ଟ ଜଣେ ବ୍ୟକ୍ତିଙ୍କ ଉଚ୍ଚତା ବଢ଼ି ପରେ ୮ ଫୁଟରେ ପହଞ୍ଚିଛନ୍ତି। ଫଳରେ ସେ ସବୁଠୁ ଡେଙ୍ଗା ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ୧୮୯୯ ମସିହାରେ ଅଷ୍ଟ୍ରିଆର ବାସିନ୍ଦା ଆଡାମ ରାଇନରଙ୍କ ଉଚ୍ଚତା ସାଢ଼େ ୪ ଫୁଟ ଥିଲା। ପରେ ତାଙ୍କ ଉଚ୍ଚତା ବଢ଼ି ୫୦ ବର୍ଷ ବୟସ ବେଳକୁ ତାଙ୍କର ଉଚ୍ଚତା ୮ ଫୁଟ ହୋଇଗଲା। ତାଙ୍କର ପିଟୁଇଟ ଗ୍ରନ୍ଥିରେ ଏକ ଟ୍ୟୁମର ହୋଇଥିଲା, ଯାହା ଫଳରେ ତାଙ୍କ ହାତ ଗୋଡ଼ ହଠାତ୍ ଲମ୍ବା ହୋଇଗଲା। ୧୯୩୧ରେ ତାଙ୍କ ଟ୍ୟୁମର କଢ଼ା ଯାଇଥିଲା। ହେଲେ ମଧ୍ୟ ତାଙ୍କ ଉଚ୍ଚତା ବଢ଼ିବା ବନ୍ଦ ହୋଇ ନ ଥିଲା। ୫୧ ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଥିଲା।

# ସାଙ୍ଗଙ୍କ ସହ ବିଦେଶ ବୁଲିବାକୁ ବିମାନ ବୁକ୍

ୱାଶିଂଟନ

ଭ୍ରମଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ହେଲେ ଜଣେ ୧୬ ବର୍ଷୀୟ ଯୁବକ ତାଙ୍କ ସାଙ୍ଗଙ୍କ ସହିତ ବୁଲିବା ପାଇଁ ନିକଟରେ ଏକ ବିମାନ ବୁକ୍ କରିଥିବା ଜଣାପଡ଼ିଛି। ସେ ଏକ କମର୍ସିଆଲ ବିମାନ ବୁକ୍ କରି ସାଙ୍ଗଙ୍କ ସହ ବିଦେଶ ବୁଲି ଆସିଥିବା ନେଇ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଯୁବକ ଜଣଙ୍କ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ସେ ବିମାନରେ କିଛି ଲୋକଙ୍କ ସହ ନଜରକୁ ଆସିଛନ୍ତି। ରିପୋର୍ଟ ମୁତାବକ, ୧୬ ବର୍ଷୀୟ ଡୋନାଲ୍ଡ ପେସାରେ ଜଣେ ୟୁଟ୍ୟୁବର। ଲସ୍ ଏଞ୍ଜେଲସ୍‌ର ବାସିନ୍ଦା ବାହାମାସ ଯିବାକୁ ଏକ କମର୍ସିଆଲ ବିମାନକୁ ଭଡ଼ାରେ ନେଇଥିଲେ। ତାଙ୍କ ସହ ବିମାନରେ ଆଉ ୨ ସାଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ଛଡ଼ା ସେଠାରେ ଆଉ କୌଣସି ଯାତ୍ରୀ ନ ଥିଲେ। ଭିଡିଓ କ୍ୟାପ୍ସନରେ ଲେଖିଛନ୍ତି, ସେ ସାଙ୍ଗଙ୍କ ସହ ବାହାମାସ ଯିବାକୁ ଗୋଟିଏ ଦିନ ବିମାନ ଭଡ଼ାରେ ନେଇଥିଲେ। ତାଙ୍କ ଯାତ୍ରା ସୁଖମୟ ଥିଲା। ଡୋନାଲ୍ଡଙ୍କ ଏପରି ଭିଡିଓରେ ଲୋକଙ୍କ ଅନେକ କମେଣ୍ଟ ଦେଖିବାକୁ ମିଳିଛି। ତେବେ ଡୋନାଲ୍ଡ କହିଛନ୍ତି, ସେ ଚଳିତବର୍ଷ ସ୍ୱିଜରଲାଣ୍ଡ, କୋଷ୍ଟାରିକା, ଇଟାଲି ଏବଂ ଫ୍ରାନ୍ସ ବୁଲି ସାରିଛନ୍ତି। ଆଗକୁ ସେ ଏପରି ଦୂର ସ୍ଥାନକୁ ବୁଲିବାକୁ ଯିବା ଲାଗି ଇଚ୍ଛା ରଖିଛନ୍ତି।



# ୮.୨୪ କୋଟିରେ ବିକ୍ରିହେଲା ରାପର ଟୁପାକଙ୍କ ମୁଦି

ନ୍ୟୁୟର୍କ

ରାପର ଟୁପାକ ଶକୁରଙ୍କ ସୁନା, ହୀରା ଖଚିତ ଏକ ମୁକୁଟ ବିଶିଷ୍ଟ ମୁଦି ସୋମବାର ୧ ମିଲିୟନ୍ ଡଲାର ଅର୍ଥାତ୍ ୮.୨୪ କୋଟିରେ ବିକ୍ରି ହୋଇଛି। ଟୁପାକ ୧୯୯୬ରେ ଏମ୍‌ଟିଭି ମ୍ୟୁଜିକ୍ ଆୱାର୍ଡରେ ଲୋକଙ୍କ ନଜରକୁ ଆସିଥିଲେ। ମୁଦିଟି ୩୦୦ ହଜାର ଡଲାରରେ ବିକ୍ରି ହେବ ବୋଲି ଅନୁମାନ କରାଯାଇଥିବାବେଳେ ଏହା ମିଲିୟନ୍‌ରେ ବିକ୍ରି ହୋଇ ରେକର୍ଡ ସୃଷ୍ଟି କରିଛି। ଏହା ଏକପ୍ରକାର କଷ୍ଟମ ମୁଦି ପାକ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା।



ଏହା ଏକ ନିଆରା କଳାକୃତି, ଯାହା ହିପ୍ ଅପ୍ ଉପରେ ପ୍ରଭାବ ବିସ୍ତାର କରେ। ଏହି ମୁଦି 'ପାକ୍ ଆଣ୍ଡ ଦାଦା ୧୯୯୬' ବ୍ରାଣ୍ଡରେ ଖୋଦିତ ହୋଇଛି। ଯାହା କ୍ୱିନ୍ସି ଜୋନ୍ସ ଏବଂ ପେଗି ଲିପ୍ଟନଙ୍କ ଝିଅ କିଦାଦା ଜୋନ୍ସଙ୍କ ସମ୍ପର୍କକୁ ଦର୍ଶାଉଛି। ମୁଦିର ଏହି ଡିଜାଇନ ୟୁରୋପର ମଧ୍ୟଯୁଗୀୟ ରାଜାଙ୍କ ମୁକୁଟ ଏବଂ ନିକ୍କୋଲୋ ନାଚିଆଭେଲ୍ଲିଙ୍କ ରାଜନୈତିକ ପୁସ୍ତକ ଦି ପ୍ରିନ୍ସ ଦ୍ୱାରା ଅନୁପ୍ରାଣିତ ହୋଇଥିଲା। ଏହା ପ୍ରଥମ ଥର ନୁହେଁ କି ପାକ୍‌ର ଜିନିଷ ବିକ୍ରି ହେଉଛି। ପୂର୍ବରୁ ୨୦୧୮ରେ ଜେଲ୍‌ରେ ମାଡୋନାଙ୍କୁ ଲେଖାଯାଇଥିବା ଏକ ଚିଠି ଗୋଟା ହେବ ରକ୍ ଏବଂ ରୋଲ ଆକ୍ସନ ହାଉସ୍ ଦ୍ୱାରା ବିକ୍ରି କରାଯାଇଥିଲା।




# ପ୍ରବଳ ବର୍ଷା: ମାଲକାନଗିରି ଜଳବନ୍ଦୀ

## ବିଭିନ୍ନ ପୋଲ ଉପରେ ୩ ଫୁଟ ଜଳ, ଜଣେ ମୃତ

ମାଲକାନଗିରି, ୨୬।୭ (ଦୁର୍ଯ୍ୟୋଧନ ପାତ୍ର)/ ପୋଟେରୁ(ସୌରଭ ମଣ୍ଡଳ)/କାଲିମେଳା/ ଜୀବନ ଦାସ/କୁଡୁମୁଲୁଗୁମ୍ମା, (ସୁଜିତ ପଟ୍ଟନାୟକ)/ବାଲିମେଳା (ଶିବଦତ୍ତ ସାହୁ)


କାଙ୍ଗୁରୁକୋଣ୍ଡା ପୋଲ ଉପରେ ବର୍ଷା ଜଳ।

କମାଲକାନଗିରି ଜିଲାରେ ମଙ୍ଗଳବାରଠାରୁ ପୁଣି ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଫଳରେ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥ କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୬ ପୋଲ ଉପରେ ୩ ଫୁଟ ଉଚ୍ଚରେ ପାଣି ଚାଲିଛି। ଫଳରେ ମୋଟୁ କାଲିମେଳା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ ସହ ଜିଲା ଏକ ପ୍ରକାର ଜଳବନ୍ଦୀ ହୋଇଛି।

ଏଥିଯୋଗୁ ବିଭିନ୍ନ ନଦୀ ନାଳରେ ପ୍ରବଳ ପାଣି ହେବାରୁ ଖଇରପୁଟ ବ୍ଲକ ମୁଦୁଲିଗୁଡ଼ା ଗ୍ରାମରେ ଜଣେ ଯୁବକଙ୍କର ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ମୁଦୁଲିଗୁଡ଼ା ଗ୍ରାମର ଘେନୁ ଚାଲାଣ (୪୨)। ମଙ୍ଗଳବାର ସେ ଜମିକୁ ଚାଷ କରିବାକୁ ଯାଇଥିଲେ। ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିବା ସମୟରେ ଲଗାଣ ବର୍ଷା ଯୋଗୁ ଘେନୁ ଆସୁଥିବା ବାଟରେ ଗୋଟିଏ ନାଳରେ ପାଣି ଭର୍ତ୍ତି ହୋଇଥିଲା। ସେହି ନାଳକୁ ଡେଇଁବାକୁ ଚେଷ୍ଟା କରିବା ସମୟରେ ଗୋଡ଼ ଖସିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ପ୍ରବଳ ପାଣି ଯୋଗୁ ପୋଲର ଉଭୟ ପାର୍ଶ୍ୱରେ ଅନେକ ଗାଡି ମୋଟର ଅଟକି ରହିଛି। କାଲିମେଳା ବ୍ଲକ ସହ ପଡିଆ ବ୍ଲକ୍‌କୁ ସଂଯୋଗ କରୁଥିବା ଉଣ୍ଡୁକୋଣ୍ଡା କନ୍ୟାଶ୍ରମ ପୋଲ ଉପରେ ମଧ୍ୟ ୩ ଫୁଟ ଉଚ୍ଚର ପାଣି ଲହଡି ମାରୁଛି। ଫଳରେ କାଲିମେଳା ବ୍ଲକ ସହ ପଡିଆ ବ୍ଲକ କନ୍ୟାଶ୍ରମ, ଉଣ୍ଡୁରୁକୋଣ୍ଡା, ଗଠନପାଲ୍ଲୀ, ଏମ୍‌ଭି ୫୮, ବାପନପାଲ୍ଲୀ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପୋଟେରୁ ଏମ୍‌ଭି ୩୭ ପୋଲକୁ ମଧ୍ୟ ପାଣି ଲାଗି ଗଲାଣି। ପାଣିରେ ବୁଡ଼ିଥିବା ପୋଲ ନିକଟରେ ପୋଲିସ ପହରା ଦେଇ କୌଣସି ଗାଡି ମୋଟର ନ ଯିବା ପାଇଁ ଦୃଷ୍ଟି ରଖିଛି।

ମାଲକାନଗିରି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୩୫୪.୮ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୫୦.୬୯ ମି.ମି. ହୋଇଛି। ମାଲକାନଗିରି ବ୍ଲକରେ ୮୦.୪ ମି.ମି., ମାଥିଲିରେ ୧୮.୦ ମି.ମି. , ଖଇରପୁଟରେ ୩୦.୦ ମି.ମି., ଚିତ୍ରକୋଣ୍ଡାରେ ୫୫.୦ ମି.ମି., କୋରୁକୋଣ୍ଡାରେ ୪୭.୦ ମି.ମି., କାଲିମେଳାରେ ୮୦.୦ ମି.ମି. ଓ ପଡିଆରେ ୪୪.୦ ମି.ମି. ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ଜଣାପଡିଛି।

# ରାଜ୍ୟ ସରକାରଙ୍କୁ ୫ କୋଟି ଟଙ୍କାର ଲାଭାଂଶ ଦେଲା କ୍ଷୁଦ୍ରଶିଳ୍ପ ନିଗମ

**ଭୁବନେଶ୍ୱର, ୨୬।୭(ଅନିଲ ଦାସ):** ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୫ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ଚିନ୍ମୟ ସାହୁ, ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ତିନି ବର୍ଷର ଲାଭାଂଶ ବାବଦରେ ୫ କୋଟି ୨ ଲକ୍ଷ ୬୬ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଏକ ରୌପ୍ୟ ବର୍ଗର ରାଜ୍ୟ ସରକାରଙ୍କ ଉଦ୍ୟୋଗ, ଯାହାକି କ୍ଷୁଦ୍ରଶିଳ୍ପର ପ୍ରତିଷ୍ଠା, ପ୍ରଚାର ଏବଂ ପ୍ରସାର ନିମନ୍ତେ ଅଙ୍ଗୀକାରବଦ୍ଧ। ସରକାରଙ୍କ ନିମନ୍ତେ ବିଭିନ୍ନ ସାମଗ୍ରୀର କ୍ରୟ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏତଦବ୍ୟତୀତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ବିଦ୍ୟୁତୀକରଣ ତଥା ନିର୍ମାଣ କାର୍ଯ୍ୟରେ ନିଜର ଅବଦାନ ମଧ ଦେଇ ଆସୁଛି। ଏହାଛଡା ସାମାଜିକ ଦାୟିତ୍ୱ ପାଣ୍ଠିର ସୁବିନିଯୋଗରେ ସ୍କୁଲ ନିର୍ମାଣ, ପଶୁଧନ କେନ୍ଦ୍ର ନିର୍ମାଣ, ସ୍କୁଲ ଉପକରଣ କ୍ରୟ, ଜଳ ବିଶୋଧନ ଉପକରଣ, କମ୍ପ୍ୟୁଟର କ୍ରୟ, ଫ୍ରିଜ୍ ତଥା ବିଭିନ୍ନ ଉପକରଣ କ୍ରୟ, ମୋ ସ୍କୁଲ ଅଭିଯାନ ତଥା ବିଭିନ୍ନ କଲ୍ୟାଣ ଓ ବିକାଶ କାର୍ଯ୍ୟକ୍ରମ ମଧ ନିଗମ ପକ୍ଷରୁ କରାଯାଉଛି।

# ଲକ୍ଷାଧିକ ଟଙ୍କା ହରାଇ ଆତ୍ମହତ୍ୟା କଲେ ଛାତ୍ର

## ଅନ୍‌ଲାଇନ ଗେମ୍ ନେଲା ଜୀବନ

ସୋର, ୨୬।୭(ଜନ୍ମେଜୟ ମିଶ୍ର)

ଅନଲାଇନରେ ଗେମ୍ ଖେଳି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇବା ପରେ ବାଲେଶ୍ୱର ସୋର ଥାନା ଅଞ୍ଚଳର ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇଛନ୍ତି। ସେ ହେଲେ ଗୁଡ଼ ପଞ୍ଚାୟତ ଗୁଡ଼ ଗ୍ରାମର ୧୯ ବର୍ଷୀୟ ଉଦୟ କୁମାର ବେହେରା।

ଉଦୟ ବାସୁଦେବପୁର ଏବି କଲେଜରେ ସ୍ନାତକ ଶ୍ରେଣୀର ଦ୍ୱିତୀୟ ବର୍ଷ ଛାତ୍ର ଥିଲେ। ସେଠାରେ ହଷ୍ଟେଲରେ ରହୁଥିଲେ। ଦୁଇଦିନ ହେଲା ସେ ଘରକୁ ଆସିଥିଲେ। ଘରେ ରହିବା ସମୟରେ ସେ ଅନଲାଇନ ଗେମ୍ ଖେଳୁଥିଲେ। ଯାହାକୁ ତାଙ୍କ ମା’ ଅନେକ ଥର ବାରଣ କରିଥିଲେ। ଉଦୟ ଗେମ୍ ଖେଳିବା ବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିବାରୁ ଅନେକ ସମୟରେ ମାନସିକ ଚାପରେ ରହୁଥିଲେ। ମଙ୍ଗଳବାର ରାତିରେ ସେ ଖାଇପିଇ ଶୋଇବାକୁ ଯାଇଥିଲେ। ହେଲେ ବୁଧବାର ସକାଳେ ଉଦୟ ଶୋଇବା ଘର ଫ୍ୟାନରେ ବେକରେ ଗାମୁଛା ଲଗାଇ ଝୁଲୁଥିବା ତାଙ୍କ ମା’ ସକାଳୁ ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀ ଓ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭିଜିଲାନ୍ସ ଜାଲରେ କିଆକଟା ଏଏସ୍ଆଇ

## ବୁଣାକାରଙ୍କଠାରୁ ଲାଞ୍ଚ ନେଉଥିଲେ

ବୌଦ୍ଧ/ମାଧପୁର/ବଇଣ୍ଡା, ୨୬।୭ (ଅଜିତ୍ ବାରିକ/ମନୋଜ ପ୍ରଧାନ/ପରିକ୍ଷିତ ସାହୁ)

ଏକ ବ୍ୟବସାୟିକ ବିବାଦ ମାମଲା ରଫାଦଫା କରିବା ଲାଗି ଜଣେ ବୁଣାକାରଙ୍କଠାରୁ ୮,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନାର ଏଏସ୍ଆଇ ନବୀନ କୁମାର ଶତପଥୀ। ବୌଦ୍ଧ ବସ୍‌ଷ୍ଟାଣ୍ଡରୁ ବୁଧବାର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇଛି। ଘଟଣା ପରେ ବୌଦ୍ଧ ବୁଡୁପାଲିସ୍ଥିତ ନବୀନଙ୍କ ବାସଗୃହ ଏବଂ କିଆକଟା ଥାନାରେ ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ନଂ. ୧୨/୨୩ରେ ଏକ ମାମଲା ରୁଜୁ ହୋଇଛି।

ଘଟଣାରୁ ଜଣାପଡ଼ିଛି, କିଆକଟା ଥାନା ବେଲାଦୁଲା ଗ୍ରାମର ପଞ୍ଚାନନ ମେହେର ଜଣେ ବୁଣାକାର। ସେ ସୁବର୍ଣ୍ଣପୁର ଜିଲାର ଜଣେ ବ୍ୟବସାୟୀଙ୍କଠାରୁ ସୂତା ଆଣୁଥିଲେ। ଲୁଗା ବୁଣି ସାରିବା ପରେ ତାଙ୍କୁ ଦେଉଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ବ୍ୟବସାୟୀ ତାଙ୍କୁ ଗୁଣ୍ଡା ଲଗାଇ ଆକ୍ରମଣ କରିବା ସହ ଧମକଚମକ ଦେଉଥିଲେ।


ଅଭିଯୁକ୍ତ ଏଏସ୍ଆଇ ନବୀନ କୁମାର ଶତପଥୀ

ଏ ନେଇ ପଞ୍ଚାନନ କିଆକଟା ଥାନାର ଫେରାଦ ହୋଇଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏ ସମ୍ପର୍କରେ ସୂଚନା ପାଇବା ପରେ ସମ୍ପୃକ୍ତ ବ୍ୟବସାୟୀ ଗୁଣ୍ଡା ଲଗାଇ ଆକ୍ରୋଶମୂଳକ ଭାବେ ପୁନର୍ବାର ପଞ୍ଚାନନଙ୍କ ଘରେ ପଶି ଆକ୍ରମଣ କରିଥିଲେ। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଗତ ଗୁରୁବାର ପଞ୍ଚାନନ ସପରିବାର ଅନୁଗୋଳ ଏସ୍‌ପିଙ୍କ ଫେରାଦ ହୋଇଥିଲେ। ଇତିମଧ୍ୟରେ ମାମଲା ରଫାଦଫା କରିବା ଲାଗି କିଆକଟା ଥାନା ଏଏସ୍ଆଇ ନବୀନ ଶତପଥୀ ୧୫ ହଜାର ଟଙ୍କା ଦାବି କରିଥିବାବେଳେ ୧୦ ହଜାର ଟଙ୍କାରେ କଥା ଛିଡ଼ିଥିଲା। ପ୍ରଥମ ପର୍ଯ୍ୟାୟରେ ଏଏସ୍ଆଇଙ୍କୁ ପଞ୍ଚାନନ ୨ ହଜାର ଟଙ୍କା ଦେଇଥିଲେ। ତେବେ ଲାଞ୍ଚଖୋର ପୋଲିସ ଅଧିକାରୀଙ୍କୁ ପାନେ ଦେବା ପାଇଁ ସେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ବୌଦ୍ଧ ବସ୍‌ଷ୍ଟାଣ୍ଡରେ ଅବଶିଷ୍ଟ ୮ ହଜାର ଟଙ୍କା ନେବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ଏଏସ୍ଆଇଙ୍କୁ ମାଡ଼ି ବସିଥିଲା।

# ତୁଟିନି ବିବାଦ: ହୋଇପାରିଲାନି ବନକଲାଗି

ପୁରୀ, ୨୬।୭(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ବନକଲାଗି ନୀତି ନେଇ ବିବାଦ ତେଜିବାରେ ଲାଗିଛି। ଫଳରେ ନୀଳାଦ୍ରିବିଜେ ପରଠାରୁ ବନକଲାଗି ନୀତି ସମ୍ପନ୍ନ ହୋଇପାରିନାହିଁ। ବୁଧବାର ବନକଲାଗି ନୀତି ସମ୍ପାଦନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦତ୍ତମହାପାତ୍ର ସେବକମାନଙ୍କୁ କୁହାଯାଇଥିଲା। ମାତ୍ର ସେମାନେ ପ୍ରସ୍ତୁତ ନ ଥିବା ଦର୍ଶାଇ ଏହି ନୀତି ସମ୍ପାଦନ କରିନାହାନ୍ତି। ସେହିପରି ସେମାନେ ଗୁରୁବାର ବନକଲାଗି କରିବା ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ନିଜ ଜିଦ୍‌ରେ ଅଡ଼ିବସିଛି। ଉଭୟ ପକ୍ଷ ମଧ୍ୟରେ ଏଭଳି ଟଣାଓଟରା ଚାଲିଥିବାବେଳେ ବନକଲାଗି ବିନା ମହାପ୍ରଭୁଙ୍କ ଶ୍ରୀମୁଖ ମଳିନ ପଡ଼ିବାରେ ଲାଗିଲାଣି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

# ମେଟା ଗ୍ଲୋବାଲ ଆଫେୟାର୍ସ ସଭାପତିଙ୍କୁ ଭେଟିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ଫେସ୍‌ବୁକ, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମକୁ ସଞ୍ଚାଳିତ କରୁଥିବା ମେଟା ଗ୍ଲୋବାଲ ଆଫେୟାର୍ସର ସଭାପତି ନିକ୍ କ୍ଲେଗ୍ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଭାରତର ଦକ୍ଷତା ବିକାଶ ଏବଂ ଉଦ୍ୟମିତା କ୍ଷେତ୍ରରେ ମେଟା ଟେକ୍ନୋଲୋଜିକୁ କିପରି ବ୍ୟବହାର କରାଯାଇପାରିବ ସେନେଇ କେନ୍ଦ୍ରମନ୍ତ୍ରୀ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଜାତୀୟ ଶିକ୍ଷାନୀତି ଟେକ୍ନୋଲୋଜି ଆଧାରିତ ଶିକ୍ଷାକୁ ପ୍ରୋତ୍ସାହନ ଦେଉଛି। ଷ୍ଟାର୍ଟଅପ୍‌ରେ ନିୟୋଜିତ ଥିବା ଯୁବ ଉଦ୍ୟୋଗୀମାନେ କିପରି ସେମାନଙ୍କ ବ୍ୟବସାୟକୁ ଟେକ୍ନୋଲୋଜି ମାଧ୍ୟମରେ ବଢ଼ାଇପାରିବେ ସେନେଇ ଅବଗତ କରାଇଛନ୍ତି। ସେହିପରି ଟେକ୍ନୋଲୋଜି ଇନୋଭେସନ, ଉଦ୍ୟମିତା କ୍ଷେତ୍ରକୁ ଉପଯୋଗ କରିବା ଉପରେ ଚର୍ଚ୍ଚା ସହ ଡିଜିଟାଲ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ମିଶନ ସଶକ୍ତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ମେଟାକୁ ନିମନ୍ତ୍ରଣ କରିଥିଲେ। ନିକ୍ କ୍ଲେଗ୍‌ଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିବା ସମୟରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ପ୍ରତିଭାସମ୍ପନ୍ନ ବ୍ୟକ୍ତି ଓ କଳାକାରଙ୍କ ସମେତ ରାଜ୍ୟର କଳା, ସଂସ୍କୃତି, ପରମ୍ପରା ଉପରେ ଚର୍ଚ୍ଚା କରିଛନ୍ତି। ଦେଶ ସମେତ ଓଡ଼ିଶା ଭଳି ରାଜ୍ୟରେ ମେଟା ଟେକ୍ନୋଲୋଜି କିଭଳି ଯୁବ ପ୍ରତିଭାଙ୍କୁ ଅଧିକ ଦକ୍ଷ କରିବା ସହ ସ୍କିଲ୍ କ୍ଷେତ୍ରକୁ ମଜଭୁତ କରିବ, ତାହା ଉପରେ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଦୁର୍ଘଟଣା ପରେ ଜଳିଗଲା ଟ୍ରକ୍: ଚାଳକ ଜୀବନ୍ତ ଦଗ୍ଧ


ନିଆଁଲାଗି ମିନିଟ୍ରକ୍ ଜଳୁଛି।

ଜମନକିରା/ପଡିଆବାହାଲ, ୨୬।୭ (ରବୀନ୍ଦ୍ର ପ୍ରସାଦ ଦାନି/ରାଧାମୋହନ ଷଡ଼ଙ୍ଗୀ)

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ବଡ଼କୁଣ୍ଢେଇସରା ପେଟ୍ରୋଲ ପମ୍ପ ବୁଲାଣିରେ ବୁଧବାର ସଡ଼କ ଦୁର୍ଘଟଣା ପରେ ଏକ ମିନିଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ଗାଡି ଭିତରେ ଥିବା ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ହେଲ୍‌ପର ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶ ରାଜ୍ୟ କାନପୁର ଜିଲା ବୀରସିଂହପୁର ଗ୍ରାମର ଶିବ କୁମାରଙ୍କ ପୁଅ ରାମଜୀ କୁମାର (୩୪)। ଗୁରୁତର ହେଲ୍‌ପର କାନପୁର ଅଞ୍ଚଳର ଏଡିଶନ ପାଲ (୩୮)ଙ୍କୁ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଜମନକିରା ପଟୁ ଏକ କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୩୫ଏଫ-୯୭୨୩) ସମ୍ବଲପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ପାନମସଲା ବୋଝେଇ କରି ଲହୁଣିପଡ଼ା ଯାଉଥିବା ମିନି ଟ୍ରକ୍ (ନଂ.ଓଡି୧୫ଟି-୩୦୭୯) ସହ ବଡ଼କୁଣ୍ଢେଇସରାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମିନିଟ୍ରକ୍‌ରେ ନିଆଁ ଲାଗିଯିବାରୁ ଏଥିରେ ଫସି ରହିଥିବା ଚାଳକ ରାମଜୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗୌଡ଼ପାଲି ପୋଲିସ ଗୁରୁତର ଥିବା ହେଲ୍‌ପର ଏଡିଶନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ କୋଇଲା ବୋଝେଇ ଟ୍ରକ୍ ଚାଳକ ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ସମ୍ବଲପୁର ଓ ଜମନକିରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜମନକିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।



**ଆଜିର ମନ୍ତବ୍ୟ**

ମୋ ତୃତୀୟ ପାଳିରେ ଭାରତର ଅଭିବୃଦ୍ଧି ଆହୁରି ଦ୍ରୁତ ହେବା ସହ ଦେଶ ବିଶ୍ୱର ତୃତୀୟ ଶୀର୍ଷ ଅର୍ଥନୀତି ମଧ୍ୟରେ ସ୍ଥାନିତ ହେବା।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଡ୍ରାଇଭର ସଂଘ ଚେତାବନୀର ୨ ଦିନ ଭିତରେ ବୋର୍ଡ ଗଠନକଲେ ସରକାର

ଭୁବନେଶ୍ୱର, ୨୬ା୭(ସୁନିତ୍ ମିଶ୍ର)

- ୩ ବର୍ଷ ପାଇଁ 'ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ' ଗଠିତ
- ବିଭାଗୀୟ ମନ୍ତ୍ରୀ ହେଲେ ବୋର୍ଡର ଅଧ୍ୟକ୍ଷ
- ଧର୍ମଶାଳା ଓ ଝାରସୁଗୁଡ଼ା ବିଧାୟକଙ୍କ ସମେତ ମୋଟ୍ ୧୭ ସଦସ୍ୟ ନିଯୁକ୍ତ

ରାଜ୍ୟ ଡ୍ରାଇଭର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦିଆଯିବା ପରେ ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଆସନ୍ତା ୩୦ ସୁଦ୍ଧା ସରକାର ଏହି ବୋର୍ଡ ଗଠନ ନ କଲେ ଡ୍ରାଇଭର ସଂଘ ପକ୍ଷରୁ ବିରୋଧୀ ଦଳଗୁଡିକ ସହିତ ସାମିଲ ହୋଇଯିବା ନେଇ ଚେତାବନୀ ଦିଆଯାଇଥିଲା। ତେବେ ଡ୍ରାଇଭର ସଂଘର ଚେତାବନୀ ପରେ ତୁରନ୍ତ ବୁଧବାର ସୁଦ୍ଧା ସରକାର ଏହି ବୋର୍ଡ ଗଠନ କରିଦେଇଛନ୍ତି। ଏହି ବୋର୍ଡ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଗଠନ କରାଯାଇଛି। ଏଥିରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଅଧ୍ୟକ୍ଷ ଥିବାବେଳେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଏକ୍ସ ଅଫିସିଓ ମେମ୍ବର ହୋଇଥିବା ବେଳେ ପରିବହନ କମିଶନର ମେମ୍ବର ସେକ୍ରେଟାରି ହୋଇଛନ୍ତି। ଏହାବାଦ୍ ଶ୍ରମ କମିଶନରଙ୍କ ସମେତ ପରିବହନ ବିଭାଗ ଲେଜିସ୍‌ଲେଟିଭ ସେଲ୍‌ର ଜଣେ ଅତିରିକ୍ତ ବା ଯୁଗ୍ମ ସଚିବ ପାହ୍ୟାର ଜଣେ ଅଧିକାରୀ, ସେହି ବିଭାଗର ଜଣେ ଉପ ସଚିବ, ଅତିରିକ୍ତ କମିଶନର ପରିବହନ(ସଡ଼କ ସୁରକ୍ଷା), ଯୁଗ୍ମ କମିଶନର ପରିବହନ(ଟେକ୍ନିକାଲ) ମଧ୍ୟ ସଦସ୍ୟ ରହିବେ। ଏହା ବ୍ୟତୀତ ସିଭିଲ ସୋସାଇଟିର ୨ ଜଣ ସଦସ୍ୟ ବିଜୟ କୁମାର ସାହୁ ଏବଂ ସୁନୀଲ ଦାସ ସଦସ୍ୟ ରହିବେ। ମୋଟର ଟ୍ରାନ୍ସପୋର୍ଟ କର୍ମଚାରୀମାନଙ୍କ ୨ ଜଣ ସଦସ୍ୟ ଭାବେ ରାକେଶ ପ୍ରଧାନ ଏବଂ ସୁଜିତ କୁମାର ପ୍ରଧାନ ରହିବେ। ସେହିପରି ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭରମାନଙ୍କ ମଧ୍ୟରୁ ୩ ଜଣ ପ୍ରଶାନ୍ତ ମେଣ୍ଡୁଲି, ଦୀପକ ନାଏକ, ଅକ୍ଷୟ କୁମାର ନାଏକ, ମୋଟର ଟ୍ରାନ୍ସପୋର୍ଟ ୱର୍କରମାନଙ୍କ ୩ ଜଣ ଆଦିତ୍ୟ ପ୍ରସାଦ ବେହେରା, ପ୍ରଦୀପ ମହାନ୍ତି ଏବଂ ପ୍ରଶାନ୍ତ ପ୍ରଧାନ ଏହି ବୋର୍ଡରେ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏହି ବୋର୍ଡ ଗଠନ ହେବାପରେ ଖୁବ୍‌ଶୀଘ୍ର ଏହାର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ବସିବ ବୋଲି ଜଣାପଡିଛି। ଏଥିରେ ରାଜ୍ୟ ସରକାର ଘୋଷଣା କରିଥିବା 'ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱର୍କର ୱେଲଫେୟାର ସ୍କିମ୍ ୨୦୨୩'ରେ କେତେ ପାଣ୍ଠିର ବ୍ୟବସ୍ଥା କରାଯିବ ଏବଂ ଏଥିଲାଗି ଉଦ୍ଦିଷ୍ଟ ଅନ୍ୟ ବିଷୟ ଉପରେ ଗୁରୁତ୍ୱ ଦିଆଯିବ। ଗତ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୋର୍ଡ ଗଠନ ନିମନ୍ତେ ଘୋଷଣା କରିଥିଲେ। ଏହି ବୋର୍ଡ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବ ଏବଂ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବ। ଏହି କଲ୍ୟାଣ ବୋର୍ଡ ଦ୍ୱାରା ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ଡ୍ରାଇଭର ଓ କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ବୋର୍ଡ ଗଠନ ଲାଗି ସରକାର ୧୫ ଦିନର ସମୟ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବା ଯୋଗୁ ଓଡ଼ିଶା ଡ୍ରାଇଭର ସଂଘ ଆସନ୍ତା ୩୦ ତାରିଖ ସୁଦ୍ଧା ଏହା ଗଠନ ନ କଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ସରକାରଙ୍କୁ ଚେତାବନୀ ଦେଇଥିଲା। ତେବେ ସରକାର ଏହା ପୂର୍ବରୁ ହିଁ ବୋର୍ଡ ଗଠନ କରିଛନ୍ତି।

# ମାଧ୍ୟମିକ ସ୍କୁଲରେ ନିଯୁକ୍ତି ପାଇଲେ ୩୨୫ ଶିକ୍ଷକ




ଭୁବନେଶ୍ୱର,୨୬ା୭(ଅନିଲ ଦାସ)

- ୨୧ ବିଷୟରେ ଶିକ୍ଷାଦାନ କରିବେ
- ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ଶିକ୍ଷକମାନେ ଭଲ ସେବା ଯୋଗାଇ ପାରିବେ:ମୁଖ୍ୟମନ୍ତ୍ରୀ

ରାଜ୍ୟର ବିଭିନ୍ନ ସ୍କୁଲରେ ୩୨୫ ଜଣ ଗ୍ରେଷ୍ଟ ଗ୍ରାଜୁଏଟ ଟିଚର(ଟିଜିଟି) ଯୋଗ ଦେଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ଏହି ଶିକ୍ଷକମାନେ ଯୋଗ ଦେଇଛନ୍ତି। ସେମାନେ ୨୧ଟି ବିଷୟରେ ଶିକ୍ଷାଦାନ କରିବେ। ଡିଗ୍ରୀ କଲେଜରୁ ଯୁକ୍ତ୨କୁ ଅଲଗା କରିବା ପରେ ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଉକ୍ତ ଶିକ୍ଷକମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଲାମାନଙ୍କ କ୍ୟାରିୟର ଗଢ଼ିବା ପାଇଁ ଉଚ୍ଚମାଧ୍ୟମିକ ସ୍ତରରେ ପୋଷ୍ଟ ଗ୍ରାଜୁଏଟ ଟିଚରଙ୍କୁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ଦିଆଯାଇଛି। ଏଠାରୁ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ପାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପିଲାମାନେ ସେମାନଙ୍କ ନିଜ ଭବିଷ୍ୟତ ସ୍ୱପ୍ନକୁ ସାକାର କରିବାକୁ ଚାହିଁଲେ ସେମାନଙ୍କ ସଫଳତା ପଥରେ କୌଣସି ବାଧା ଉପୁଜିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଶିକ୍ଷା ସରକାରଙ୍କ ପାଇଁ ପ୍ରାଥମିକ। ୫-ଟି କାର୍ଯ୍ୟକ୍ରମରେ ରାଜ୍ୟର ୬,୮୦୦ ସ୍କୁଲ ରୂପାନ୍ତରଣ କରାଯାଇଛି। ଏହା ରାଜ୍ୟର ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟର ୧୧୦ ସ୍କୁଲକୁ ଉଚ୍ଚମାଧ୍ୟମିକ ସ୍କୁଲକୁ ଉନ୍ନୀତ କରାଯାଇଛି। ଏଥିପାଇଁ ୯୦୦ରୁ ଅଧିକ ଶିକ୍ଷକ ଓ ଅଣଶିକ୍ଷକ ପଦବୀକୁ ଅନୁମୋଦନ କରାଯାଇଛି। ଶିକ୍ଷକମାନେ ସର୍ବୋତ୍କୃଷ୍ଟ ଦକ୍ଷତା ସହ ନିଜକୁ ଅପ୍‌ଡେଟ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ୫-ଟି ବ୍ୟବସ୍ଥା ଶୈକ୍ଷିକ ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟତା କରିବ। ନବନିଯୁକ୍ତ ଶିକ୍ଷକମାନେ ନିଜର ଉଦ୍ୟମ ଦ୍ୱାରା ରାଜ୍ୟକୁ ଭଲ ସେବା ଯୋଗାଇ ପାରିବେ। ଉଚ୍ଚମାଧ୍ୟମିକ ଟପ୍ପରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରମାନେ ଆମ ରାଜ୍ୟର ରତ୍ନ। ସେମାନେ ତାଙ୍କ କ୍ୟାରିୟରରେ ଆହୁରି ଆଗକୁ ବଢ଼ିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଆମ ସମାଜକୁ ବଞ୍ଚିବା ପାଇଁ ଏକ ଉତ୍ତମ ସ୍ଥାନ ଦେବାର ପ୍ରୟାସ ଶିକ୍ଷାର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ ବିଭାଗ ଆହୁରି ନୂଆ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିବାକୁ ଯୋଜନା ରଖିଛି। ଆହୁରି ଅଧିକ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ। ନିଜର ଲକ୍ଷ୍ୟ ପୂରଣ ପାଇଁ ଆହୁରି କଠିନ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଶିକ୍ଷା କ୍ଷେତ୍ରରେ ହେଉଥିବା ରୂପାନ୍ତରକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଶିକ୍ଷକମାନେ ଆହୁରି ତ୍ୱରାନ୍ୱିତ କରିପାରିବେ ବୋଲି କହିଛନ୍ତି। ବିଭାଗୀୟ ସଚିବ ସ୍ୱାଗତ ଭାଷଣ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ କଥାରେ ଜୋଇଁ ଚାଲିଲେ**
**ମାଆର ଆନନ୍ଦ ଦେଖେ କିଏ**
**ବୋହୂ କଥାରେ ପୁଅ ଚାଲିଲେ**
**ମାଆର ମନ ବିଦାରି ହୁଏ ।**

ଯେମିତି ଝିଅ କଥାରେ ଜୋଇଁ ଚାଲିଲେ ଝିଅର ମା' ମନରେ ଖୁସି ଜାତ ହୁଏ, ସେମିତି ବୋହୂ କଥାରେ ପୁଅ ଚାଲିଲେ ପୁଅର ମା' ମନରେ ଦୁଃଖ ଜାତ ହୁଏ। ଏହା ହିଁ ପାରିବାରିକ ସମ୍ପର୍କର ଅପ୍ରିୟ ସତ୍ୟ କଥା ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝାଳବୁହା ଧନ**
**କେଉଁଠି ନ ହୁଏ ଲୀନ।**

କଷ୍ଟ ଅର୍ଜିତ ଧନ ଓ ପରିଶ୍ରମ କରି ପାଇଥିବା ସଫଳତା ଚିରଦିନ ପାଇଁ ମୁହଁରେ ହସ ଫୁଟାଇଥାଏ। ପରିଶ୍ରମର ଫଳ ମୋଟେ ବ୍ୟର୍ଥ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ନୂଆଗାଁ ରୋଡ୍-ଦଶପଲ୍ଲା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଶେଷ

ଭୁବନେଶ୍ୱର,୨୬ା୭(ଅଭିଜିତ ଦାସ)

ଲୋକଙ୍କ ଯାତାୟାତକୁ ଆହୁରି ସହଜ ଓ ସୁଗମ୍ୟ କରିବା ଲାଗି ରେଳ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜୋନ୍‌ରେ ରେଳ ଲାଇନର ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ଅଂଶ ଭାବରେ ନୂଆଗାଁ ରୋଡ୍-ଦଶପଲ୍ଲା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ରକଳ୍ପର ୩୦୧ କିମି ରେଳ ଲାଇନ୍‌ରୁ ମୋଟ ୧୪୨.୫୦୫ କିମିର କାର୍ଯ୍ୟ ସରିଥିବାବେଳେ ଏଥିମଧ୍ୟରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିମି ଓ ବଲାଙ୍ଗୀରରୁ ଖମ୍ବେଶ୍ୱରପାଲ୍ଲୀ ପର୍ଯ୍ୟନ୍ତ ୩୬ କିମି ରେଳ ଲାଇନ ଅନ୍ତର୍ଭୁକ୍ତ ରହିଛି। ତେବେ ବୁଧବାର ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ ଏ.ଏମ୍.ଚୌଧୁରୀ ଉକ୍ତ ଲାଇନରେ ଥିବା ସମସ୍ତ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ନିରୀକ୍ଷଣ କରିଥିବାବେଳେ ବୁଧବାର ପ୍ରାରମ୍ଭିକ ପର୍ଯ୍ୟାୟରେ ଦଶପଲ୍ଲା ଓ ନୂଆଗାଁ ରୋଡ୍ ଷ୍ଟେସନ ମଧ୍ୟରେ ଏକ ଲାଇଟ ଟ୍ରେନ୍‌ର ସ୍ପିଡ୍ ଟ୍ରାଏଲ କରାଯାଇଥିଲା। ଏହି ଅବସରରେ ଚୌଧୁରୀ କହିଛନ୍ତି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଉକ୍ତ ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ। ଏହା ସହ ୨୦୨୩-୨୪ ସୁଦ୍ଧା ଖମ୍ବେଶ୍ୱରପାଲ୍ଲୀରୁ ପୁରୁଣାକଟକ ପର୍ଯ୍ୟନ୍ତ ୮୪ କିମିରୁ ଅଧିକ ରେଳ ଲାଇନ ସଂପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

ଭବାନୀପାଟଣା,୨୬ା୭(ଉତ୍ତମ କୁମାର ଦାଶ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ସରକାରୀ ଜଳ ଯୋଗାଣ ବିଭାଗ ଜିପିଏଚ୍ (ସାଧାରଣ ଜନ ସ୍ୱାସ୍ଥ୍ୟ ବିଭାଗ) ସେକ୍ସନ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ସାହୁଙ୍କ ଘରେ ବୁଧବାର ସକାଳୁ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଭବାନୀପାଟଣା ସହରସ୍ଥିତ ମନ୍ଦାର ବଗିଚାପଡ଼ାରେ ଥିବା ତାଙ୍କ ବାସଭବନ, ନର୍ଲା ବ୍ଲକ ବଲବସପୁର ଗ୍ରାମରେ ଥିବା ପୈତୃକ ଘର ସମେତ ସରକାରୀ ଅଫିସରେ ଏକକାଳୀନ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ ବିଭାଗ। ଚଢ଼ାଉ ବେଳେ ଭବାନୀପାଟଣା ସହରରେ ୧ କୋଟି ୧୦ ଲକ୍ଷର ୩ ମହଲା ଘର, ୨ଟି ପ୍ଲଟ, ୧ କୋଟି ୫୪ ଲକ୍ଷର ବ୍ୟାଙ୍କ, ଡାକ ବୀମା ରାଶି



କିଶୋର ଚନ୍ଦ୍ର ସାହୁ

ଜମା, ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା, ସୁନା ୪୪୧ ଗ୍ରାମ, ରୁପା ୭ ଶହ ଗ୍ରାମ ଆଦି ଜବତ କରାଯାଇଛି। କଳାହାଣ୍ଡି, ଜୟପୁର ଓ କୋରାପୁଟ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସ୍‌ପିଙ୍କ ସମେତ ୩ ଡିଏସ୍‌ପି, ୪ ଇନ୍ସପେକ୍ଟର ଚଢ଼ାଉରେ ସାମିଲ ହୋଇଛନ୍ତି। ବର୍ତ୍ତମାନ ବି ଚଢ଼ାଉ ଜାରି ରହିଥିବାବେଳେ ଆଗକୁ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

ପ୍ରଥମ ପୃଷ୍ଠାରୁ...

## ଅନାସ୍ଥା ମୁହଁ ...

କରାଯିବାର ୧୦ ଦିନ ମଧ୍ୟରେ ହିଁ ଭୋଟିଂ କରାଯାଇଥାଏ। ଯଦି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ ନ କରନ୍ତି, ତେବେ ସେନେଇ ସମ୍ପୃକ୍ତ ସଦସ୍ୟଙ୍କୁ ଅବଗତ କରାଯାଇଥାଏ। ଗୃହରେ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିଲେ ପ୍ରଧାନମନ୍ତ୍ରୀଙ୍କ ସମେତ କ୍ୟାବିନେଟ ସଦସ୍ୟମାନେ ଇସ୍ତଫା ଦେଇଥାନ୍ତି। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୫ ଆସନ ଖାଲିପଡ଼ିଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୩୩୧ ସଦସ୍ୟ ଥିବାବେଳେ ବିରୋଧୀ ଇଣ୍ଡିଆ ସଦସ୍ୟଙ୍କ ସଂଖ୍ୟା ହେଉଛି ୧୪୪। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି)ର ୧୨, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସର ୨୨ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍‌ର ୯ ଏମ୍‌ପିଙ୍କ ସମେତ ଏପରି ୭୦ ସଦସ୍ୟ ରହିଛନ୍ତି, ଯେଉଁମାନେ ଉପରୋକ୍ତ ଦୁଇ ମେଣ୍ଟରେ ସାମିଲ ହୋଇନାହାନ୍ତି।

## ବଞ୍ଚିତ ବର୍ଗଙ୍କୁ ସୁବିଧାରେ ...

ଟେକ୍ନୋଲୋଜିର ପ୍ରୟୋଗ ହୋଇଛି। ୭୫ ବର୍ଷର ସୁଦୀର୍ଘ ଯାତ୍ରାରେ ହାଇକୋର୍ଟ ଅନେକ ଉଚ୍ଚସ୍ତରୀୟ ମାନକ ସ୍ଥାପନ କରିଛି। ଏଥିପାଇଁ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ତାଙ୍କ ସତୀର୍ଥମାନଙ୍କୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଜଗନ୍ନାଥ ଦାସ, ରଙ୍ଗନାଥ ମିଶ୍ର, ରାଧାଚରଣ ପଟ୍ଟନାୟକ, ଦେବପ୍ରିୟ ମିଶ୍ର, ଗୋପାଳବଲ୍ଲଭ ପଟ୍ଟନାୟକ, ଅରିଜିତ ପଶାୟତ, ଅନଙ୍ଗ କୁମାର ପଟ୍ଟନାୟକଙ୍କ ଭଳି ଏହି ହାଇକୋର୍ଟର ବିଚାରପତିମାନେ ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇପାରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ଆଇନ ବିଶାରଦମାନଙ୍କର ମଧ୍ୟ ସର୍ବଭାରତୀୟସ୍ତରରେ ଆଇନସେବା ପ୍ରତି ଅବଦାନ ରହିଛି। ଏହି ନ୍ୟାୟାଳୟର ସୁଖ୍ୟାତି ଓ ସୁନାମ ପଛରେ ଆପଣମାନଙ୍କ ନିଷ୍ଠା, କର୍ମପ୍ରବଣତା ଓ ଜ୍ଞାନର ବ୍ୟାପକତା ରହିଛି। ତେଣୁ ଆପଣମାନେ ପ୍ରଶଂସାର ପାତ୍ର। କାର୍ଗିଲ ବିଜୟ ଦିବସ କଥା ସ୍ମରଣ କରି ରାଷ୍ଟ୍ରପତି କହିଲେ, ଆଜି ଭାରତ ଇତିହାସରେ ଏକ ସ୍ମରଣୀୟ ଓ ଗୌରବର ଦିନ। ଏହି ଅବସରରେ ଦେଶବାସୀଙ୍କ ତରଫରୁ ବୀର ଯବାନମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ଯୁଦ୍ଧରେ ଆତ୍ମବଳି ଦେଇଥିବା ଅମର ଯୋଦ୍ଧାମାନଙ୍କୁ ପ୍ରଣାମ ଓ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭାରତମାତାଙ୍କ ସେବାରେ ଆତ୍ମବଳି ଦେଇଥିବା ସୁପୁତ୍ରମାନଙ୍କ ମଧ୍ୟରେ ଓଡ଼ିଶାର ଅନେକ ବୀର ଜନ୍ମମାଟିର ଗୌରବ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରେ ମେଜର ପଦ୍ମପାଣି ଆଚାର୍ଯ୍ୟଙ୍କୁ ମହାବୀର ଚକ୍ରରେ ସମ୍ମାନିତ କରାଯାଇଥିଲା। ଏହି ସେନାନୀମାନଙ୍କ ବୀରଗାଥା ଦେଶବାସୀଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି ରାଷ୍ଟ୍ରପତି କହିଥିଲେ।

ଐତିହାସିକ ବାରବାଟୀ ଦୁର୍ଗକୁ କୋଳରେ ଧରିଥିବା ବାଲିଯାତ୍ରା ଓ ତାରକସି ପାଇଁ ପ୍ରସିଦ୍ଧି ଲାଭ କରିଥିବା କଟକ ସହରକୁ ପ୍ରଣାମ କରିଥିଲେ। ପ୍ରଥମେ କଟକରେ ପହଞ୍ଚି ଶକ୍ତିସ୍ୱରୂପା ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରି ଦେଶବାସୀ ଓ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ସେଠାରୁ ଉତ୍କଳଗୌରବ ମଧୁସୂଦନ ଦାସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କଟକ ନେତାଜୀଙ୍କ ଜନ୍ମସ୍ଥଳୀ। ଏହା ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ କର୍ମସ୍ଥଳୀ ଭାବେ ସୁପରିଚିତ। ଏହି କଟକ ନଗର ଓଡ଼ିଶାର ଇତିହାସକୁ ନୂଆମୋଡ଼ ଦେଇଛି। ଏଠାରେ ୧୯୦୩ ମସିହାରେ ମଧୁବାବୁଙ୍କ ଆହ୍ୱାନ କ୍ରମେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ରାଜ୍ୟ ଗଠନର ସ୍ୱପ୍ନ ରାଜ୍ୟବାସୀ ଦେଖିଥିଲେ। ଗୋପବନ୍ଧୁଙ୍କ ଅନୁରୋଧ କ୍ରମେ ମହାତ୍ମା ଗାନ୍ଧୀ କାଠଯୋଡ଼ିର ବାଲିରେ ଅନୁଷ୍ଠିତ ବିରାଟ ସାଧାରଣ ସଭାରେ ଯୋଗଦେଇଥିଲେ। ତା'ପରଠୁ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାର ପୁରପଲ୍ଲୀକୁ ବ୍ୟାପିଯାଇଥିଲା। ଦେଶ ସ୍ୱାଧୀନ ହେଲା ପରେ ସେହିବର୍ଷ ଡିସେମ୍ବରରେ ଗଡ଼ଜାତ ମିଶ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ହୋଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଡ. ମହତାବ ସେହି ପ୍ରକ୍ରିୟାର ପ୍ରମୁଖ କର୍ଣ୍ଣଧାର ଥିଲେ ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଆଇନ, ଏସ୍‌ସି ଏସ୍‌ଟି ଉନ୍ନୟନ, ଲଘୁସଂଖ୍ୟା ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସ୍ୱାଗତ ଭାଷଣ ଦେଇ ହାଇକୋର୍ଟର ସଫଳତାଗୁଡ଼ିକୁ ଉପସ୍ଥାପନ କରିଥିଲେ। ନ୍ୟାୟପାଳିକାରେ ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ହ୍ରାସ ପାଇଥିବା ଏବଂ ନ୍ୟାୟପାଳିକାକୁ ସ୍ୱୟଂକ୍ରିୟ କରାଇବା ଦିଗରେ ଉଦ୍ୟମ କରାଯାଇଛି ବୋଲି ସେ କହିଥିଲେ। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଧନ୍ୟବାଦ ଦେଇଥିଲେ। ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକଙ୍କ ସମେତ ବିଚାରପତିଗଣ, ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ଉପରେ ଆଧାରିତ ସ୍ୱତନ୍ତ୍ର ଡାକଟିକଟ ଓ ୭୫ବର୍ଷ ପୂର୍ତ୍ତି ସ୍ମରଣିକା ଉନ୍ମୋଚନ ହୋଇଥିଲା।

## ୫-ଟିକୁ ଟୋନି ...

ଧାରାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ରୂପାନ୍ତର ପାଇଁ କାର୍ଯ୍ୟକାରୀ ହେଉଥିବା ୫-ଟି ଅଭିନବ ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଆସନ୍ତା ୨ ବର୍ଷ ପାଇଁ ଟିବିଆଇ ୪ ଜଣ ବିଶେଷଜ୍ଞ ଟିମ୍‌କୁ ବିନିଯୋଗ କରିବ। ଏହି ଟିମ୍ ଟିବିଆଇ ନେତୃତ୍ୱ ଅଧୀନରେ କାମ କରିବ। ଏହି ଟିମ୍ ଓଡ଼ିଶା ଟିମ୍ ସହ ମିଳିତ ଭାବେ କାର୍ଯ୍ୟ କରିବ। ଟୋନି ବ୍ଲେୟାର ୨୦୧୬ରେ ଲଣ୍ଡନଠାରେ ଟିବିଆଇ ପ୍ରତିଷ୍ଠା କରିଥିଲେ। ୪୪ଟି ଦେଶରେ ଏହା କାର୍ଯ୍ୟକ୍ଷମ ରହିଛି। ମାନବସମ୍ବଳର ବିନିଯୋଗ, ଶକ୍ତି, ବୈଦେଶିକ ନୀତି, ପୁଞ୍ଜିନିବେଶ, ଭିତ୍ତିଭୂମି, ଉତ୍ତମ ପ୍ରଶାସନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଏହା କାର୍ଯ୍ୟ କରୁଛି। ଓଡ଼ିଶାରେ ଏହି ଟିମ୍ ବିଭିନ୍ନ ଯୋଜନାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ସହ ଦକ୍ଷତା ବୃଦ୍ଧି, ଯୋଗାଯୋଗ କ୍ଷେତ୍ରରେ ସଂସ୍କାର, ଶିଳ୍ପକୁ ଗୁରୁତ୍ୱ, ବନ୍ଦରଭିତ୍ତିକ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବ।

## ଭିଭିଆଇପି ଗଛ ...

ରକ୍ଷା କରିବା ଲାଗି ପ୍ରତି ସପ୍ତାହରେ କୃଷି ବିଭାଗ ଅଫିସର ସେଠାକୁ ଆସୁଛନ୍ତି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଭିଭିଆଇପି ଗଛର ରକ୍ଷଣାବେକ୍ଷଣା ପାଇଁ ବର୍ଷକୁ ରାଜ୍ୟ ସରକାରଙ୍କର ୧୨.୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ୨୦୧୨ରେ ଶ୍ରୀଲଙ୍କାର ଭୂତପୂର୍ବ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଏହି ଓସ୍ତ ଗଛକୁ ରୋପଣ କରିଥିଲେ। ଯେଉଁ ଗଛ ମୂଳରେ ବସି ଗୌତମ ବୁଦ୍ଧ ବୋଧିସତ୍ତ୍ୱ ପ୍ରାପ୍ତ କରିଥିଲେ ଏହି ଗଛ ତା'ର ଅଂଶ ବୋଲି ବିଶ୍ୱାସ କରାଯାଉଛି। ଏହି ବୃକ୍ଷକୁ ରାଜା ଅଶୋକଙ୍କ ଝିଅ ସଂଘମିତ୍ରା ଭାରତରୁ ଶ୍ରୀଲଙ୍କାର ଅନୂରାଧାପୁରମରେ ନେଇ ରୋପଣ କରିଥିବା ବୌଦ୍ଧ ଧର୍ମଗୁରୁ ଚନ୍ଦ୍ରରତନ କହିଛନ୍ତି। ତେବେ ଏହି ଭିଭିଆଇପି ଗଛର ଅଂଶକୁ ସାଞ୍ଚି ବୁଦ୍ଧ ୟୁନିଭର୍ସିଟିରେ ମଧ୍ୟ ଲଗାଯାଇଛି।

## ମାଧ୍ୟମିକ ଶିକ୍ଷାରେ ...

୨୭.୩ ପ୍ରତିଶତ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ଶ୍ରେଣୀ ବଢ଼ିଲେ ପିଲାଙ୍କ ସଂଖ୍ୟା କମୁଛି। ରାଜ୍ୟରେ ୫-ଟି ଅଧୀନରେ ସରକାରୀ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରାଯାଇ ପିଲାଙ୍କୁ ସ୍କୁଲ ମୁହାଁ କରିବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ମାଧ୍ୟମରେ ପିଲାଙ୍କ ଉପସ୍ଥାନ ବଢ଼ାଇବା ଉଦ୍ୟମ କରାଯାଉଥିବା ରାଜ୍ୟ ସରକାର ଢେଙ୍ଗୁରା ପିଟୁଥିବାବେଳେ କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ୟୁଡିଆଇଏସ୍‌ଇ ପ୍ଲସ୍ ପକ୍ଷରୁ ମିଳିଥିବା ସୂଚନା ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଭିନ୍ନ ଚିତ୍ର ବଖାଣୁଛି। ପ୍ରାଥମିକ ଶିକ୍ଷା ଓ ଉଚ୍ଚ ପ୍ରାଥମିକ ଶିକ୍ଷାରେ ଡ୍ରପ୍ ଆଉଟ୍ ହାର ତୁଳନାରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏହି ହାର ଅଧିକ ରହିଛି। ଓଡ଼ିଶା ତଳକୁ ମେଘାଳୟ ରହିଛି। ମାଧ୍ୟମିକ ଶିକ୍ଷାରେ ଅଧାରୁ ପାଠଛାଡୁଥିବା ହାର ମେଘାଳୟରେ ୨୧.୭ ପ୍ରତିଶତ ରହିଥିବା ବେଳେ ବିହାର ୨୦.୫, ଆସାମ ୨୦.୩, ଆନ୍ଧ୍ରପ୍ରଦେଶ ୧୬.୩, ଗୁଜରାଟ ୧୭.୯, ପଞ୍ଜାବ ୧୭.୨ ଏବଂ ପଶ୍ଚିମବଙ୍ଗରେ ୧୮ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମଣିପୁରରେ ଡ୍ରପ୍ ଆଉଟ୍ ହାର ସର୍ବାଧିକ ୧୩.୩ ପ୍ରତିଶତ ରହିଛି। ଏହା ତଳକୁ ମେଘାଳୟରେ ୯.୮ ପ୍ରତିଶତ ଓ ଅରୁଣାଞ୍ଚଳ ପ୍ରଦେଶରେ ୯.୩ ପ୍ରତିଶତ ରହିଛି। ସେହିପରି ଉଚ୍ଚ ପ୍ରାଥମିକ ଶିକ୍ଷାରେ ମେଘାଳୟର ଡ୍ରପ୍ ଆଉଟ୍ ହାର ସର୍ବାଧିକ ୧୦.୬ ପ୍ରତିଶତ ରହିଥିବାବେଳେ ଆସାମରେ ୮.୮ ପ୍ରତିଶତ ଓ ପଞ୍ଜାବରେ ୮ ପ୍ରତିଶତ ରହିଛି। ରାଜ୍ୟ ସଭାରେ ତଥ୍ୟ ଉପସ୍ଥାପନ କରି ମନ୍ତ୍ରୀ ଦେବୀ କହିଛନ୍ତି, ଭାରତ ସରକାର ୨୦୧୮-୧୯ରେ ସାମଗ୍ରିକ ଶିକ୍ଷା ଯୋଜନା ଆରମ୍ଭ କରିଥିଲେ। ପ୍ରି-ସ୍କୁଲରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପିଲାମାନେ ଯେପରି ଅଧାରୁ ପାଠପଢ଼ା ନ ଛାଡ଼ନ୍ତି ତାହା ଏହି ଯୋଜନାର ଲକ୍ଷ୍ୟ ରହିଛି। କିନ୍ତୁ ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଅଧାରୁ ପାଠଛାଡୁଥିବା ପିଲାଙ୍କ ସଂଖ୍ୟା ସର୍ବାଧିକ ରହିବା ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କୁ କାମ କରିବାକୁ ଆଦୌ ଇଚ୍ଛା ହେବ ନାହିଁ ଏବଂ ବିଭିନ୍ନ ଝମେଲା ମଧ୍ୟରେ ଅଶାନ୍ତି ରହିବେ। ଆର୍ଥିକ ଦୁଃସ୍ଥିତି କୌଣସି ସମସ୍ୟାର କାରଣ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ।

**ବୃଷ**
ଆଜି ଆନୁଷ୍ଠାନିକ କ୍ଷେତ୍ର, ସାଙ୍ଗଠନିକ ସ୍ଥିତି ଓ ରାଜନୀତି କ୍ଷେତ୍ରରେ ସୁଫଳ ପାଇବେ। ପୁରାତନ ତଥା କ୍ରନିକ ରୋଗରେ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ସକାଶେ ବିଶେଷ କିଛି ଅସୁବିଧା ରହିବ ନାହିଁ।

**ମିଥୁନ**
ଯେଉଁ କାମରେ ହାତ ଦେଇଛନ୍ତି ସେହି ଚେଷ୍ଟା ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ। ଆଜିର ସଭାସମିତି, କଳା, ସାହିତ୍ୟ ଓ ମନୋରଞ୍ଜନ ପ୍ରୀତିପ୍ରଦ ରହିବ। ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**
ଆର୍ଥିକ ଦିଗରୁ ମନ ଖୁସି ହୋଇଯିବା ସାଙ୍ଗକୁ ଦୂରେଇ ଯାଉଥିବା ବନ୍ଧୁମାନଙ୍କୁ ନିକଟତର କରିପାରିବେ। କର୍ମକ୍ଷେତ୍ରରେ ନିକଟ ଅତୀତର ଘଟଣାଗୁଡ଼ିକର ସମୀକ୍ଷା କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ଖପ୍ପା ହେବାକୁ ପଡିପାରେ। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତଭେଦର ସମ୍ଭାବନା ରହିଛି। କିନ୍ତୁ କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକରୁ ରହିଥିବା ସମସ୍ୟା ସମାଧାନ ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ଜୁଏଲାରି ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ୍ରରୁ ଖୁସି ରହିବେ।

**କନ୍ୟା**
ଆଜି ପାରିବାରିକ ପରିସ୍ଥିତି ଗମ୍ଭୀର ରହିପାରେ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଭାବପ୍ରବଣ ବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା**
ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବୁଦ୍ଧିବଳ ଖଟାଇ କାମ ହାସଲ କରିବା ଦିଗରେ ଚେଷ୍ଟିତ ହେବେ। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ।

**ବିଛା**
ବନ୍ଧୁଙ୍କ ଉପରେ ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡ଼ିବେ। ଅଯଥା କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ ସ୍ତରରେ କିମ୍ବା ପରିବାରରେ ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ଆକସ୍ମିକ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି।

**ଧନୁ**
ଦୀର୍ଘଦିନର ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ନିଜର ପ୍ରାଧାନ୍ୟତାକୁ ଅସ୍ୱୀକାର କରିବା କାରଣରୁ ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ। ବନ୍ଧୁ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବିଶ୍ୱାସର ସହିତ ପଡ଼ୋଶୀଙ୍କୁ ଘର କଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ବନ୍ଧୁ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷା କରି ସମାଲୋଚିତ ହେବେ। ପରିବାରରେ ଅପ୍ରିୟ ସତ୍ୟକଥା ପ୍ରକାଶ କରି ଅଯଥା କଷ୍ଟ ଅନୁଭବ କରିବେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଅତି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ**
ଆଜି ଦିନଟିରେ ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଦୂରଯାତ୍ରାର ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବଶତଃ ଯିବାକୁ ଅସାମର୍ଥ୍ୟତା ପ୍ରକାଶ କରିପାରନ୍ତି। ଅଫିସ କାମରେ ବ୍ୟସ୍ତ ରହି ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା ଓ ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ନବମୀ ଯୁକ୍ତ ଦଶମୀ ଗୁରୁବାର, ଜୁଲାଇ ୨୭ ତାରିଖ, ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୨୪ ଗତେ ଘ.୦୬।୦୭ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୩୦ ଗତେ ଘ.୦୩।୪୦ ମଧ୍ୟେ ରାହୁକାଳ।

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

# ଗଣମାଧ୍ୟମ, ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ



ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ଉଦବୋଧନ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ଛତ୍ରପୁର,୨୬।୭(ସନ୍ତୋଷ ପାଢୀ)**

ଗଣମାଧ୍ୟମ ଗଣତାନ୍ତ୍ରିକ ମୂଳଦୁଆକୁ ମଜବୁତ କରିଥାଏ। ପ୍ରଗତିଶୀଳ ବିଶ୍ୱର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ତଥା ବୈଜ୍ଞାନିକ ସ୍ଥିତି ସମ୍ପର୍କରେ ଜ୍ଞାନ ପ୍ରସାର ପାଇଁ ଗଣମାଧ୍ୟମ ସର୍ବଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ। ସାଂପ୍ରତିକ ସମୟରେ ଦେଶର ବିକାଶରେ ଯୁବପିଢ଼ି ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବାରେ ଅଂଶୀଦାର ହୁଅନ୍ତୁ ବୋଲି ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବୁଧବାର ଗଞ୍ଜାମ ଜିଲା ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ କହିଛନ୍ତି। ପ୍ରତିଯୋଗିତାର ଅନ୍ୟତମ ବିଚାରକ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କହିଥିଲେ, ଯୁବପିଢି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି କହିବା ସହ ଧରିତ୍ରୀର ଏଭଳି ପ୍ରୟାସକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଗଣମାଧ୍ୟମ ସତ୍ୟ, ନିରପେକ୍ଷ ଖବର ପରିବେଷଣ କରେ। ତେଣୁ ସମସ୍ତେ ନିୟମିତ ଖବରକାଗଜ ପଢ଼ିବାକୁ ଆହ୍ୱାନ ଦେଇଥିଲେ। ଯୁବପିଢି ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ମେଧାଶକ୍ତି ବୃଦ୍ଧି କରିବା ସହ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ଏଭଳି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ଏହା ଉତ୍ତମ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ପିଙ୍କିରାଣୀ ଦେଇ ଅତିଥି ଭାବେ ଯୋଗଦେଇ ଭାରତର ବିକାଶ ଯୁବପିଢିମାନଙ୍କ ହାତରେ ନ୍ୟସ୍ତ ବୋଲି କହିଥିଲେ। ଗଣମାଧ୍ୟମର ମୂଲ୍ୟବୋଧକୁ ବୁଝିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ।

ବକ୍ତୃତା ପ୍ରତିଯୋଗିତାରେ ମୋଟ ୧୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ଶେଖ ମୁର୍ସିଦ ଅହମଦ ପ୍ରଥମ, ଯୁକ୍ତ ୩ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ କ୍ଷଣପ୍ରଭା ପଣ୍ଡା ଦ୍ୱିତୀୟ ଓ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ବଦ୍ରିନାଥ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାରମ୍ଭରେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିବାସହ ଧରିତ୍ରୀର ୫୦ ବର୍ଷ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଗଣତନ୍ତ୍ରରେ ଗଣମାଧ୍ୟମ ଓ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବପିଢ଼ି ଆଗେଇ ଆସିଲେ ସମାଜ ତଥା ଦେଶର ଅଗ୍ରଗତି ହେବ। ଧରିତ୍ରୀ ସର୍ବଦା ନିରପେକ୍ଷ ଓ ନିର୍ଭୀକ ଖବର ପ୍ରସାରଣ କରିଆସୁଛି ଏବଂ ଯୁବପିଢିଙ୍କୁ ଗୁରୁତ୍ୱ ଦେଇ ଆସୁଛି ବୋଲି ରଥ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ସାହୁ, ସହକାରୀ ପ୍ରଫେସର ରାଜବାଳା ତ୍ରିପାଠୀ, ବ୍ରହ୍ମପୁର ସଂସ୍କରଣ ଡେସ୍କ ମୁଖ୍ୟ ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ସନ୍ତୋଷ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ଜିଲା ପ୍ରତିନିଧି ସନ୍ତୋଷ କୁମାର ପାଢୀ, ବ୍ରହ୍ମପୁର ଖବରଦାତା ସ୍ମୃତି ରଞ୍ଜନ ମହାଲିକ, ବରିଷ୍ଠ ଖବରଦାତା ସୁବାସ ଚନ୍ଦ୍ର ପାଢୀ, ଗଞ୍ଜାମ ବ୍ଲକ ଖବରଦାତା ବିଦ୍ୟାଧର ସାହୁ, ବ୍ରହ୍ମପୁର ଫଟୋ ସାମ୍ବାଦିକ ସମୀର ରଥ, ଖବରକାଗଜ ବିତରକ କେ.ରମେଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେତାଙ୍କ ମୁହଁରୁ


ଗଣମାଧ୍ୟମ ଓ ଗଣତନ୍ତ୍ର ଉଭୟକୁ ସୁଦୃଢ କରିବାରେ ଯୁବପିଢିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମର ନିରପେକ୍ଷତା ହିଁ ସମାଜକୁ ଉତ୍ତମ ସନ୍ଦେଶ ପ୍ରଦାନ କରିଥାଏ। ଏହାଦ୍ୱାରା ବିଶେଷକରି ଯୁବପିଢ଼ି ଉପକୃତ ହୋଇଥାନ୍ତି। ତେଣୁ ଗଣମାଧ୍ୟମ ନିର୍ଦ୍ଦିଷ୍ଟ ଦଳ କିମ୍ବା ସରକାରର ନିୟନ୍ତ୍ରଣରେ ନ ରହି ନିରପେକ୍ଷ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

**- ଶେଖ ମୁର୍ସିଦ ଅହମଦ (ପ୍ରଥମ)**


ଗଣତନ୍ତ୍ର ସର୍ବୋଚ୍ଚ, ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ଶାସନ। ଗଣତନ୍ତ୍ର ସୁଦୃଢ କରିବାରେ ଗଣମାଧ୍ୟମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଯୁବପିଢ଼ି ହିଁ ରାଷ୍ଟ୍ର ଗଠନରେ ବିଶେଷ ସହାୟକ ହୋଇଥାନ୍ତି। ବର୍ତ୍ତମାନ ଗଣତନ୍ତ୍ରର ବିକାଶ ପାଇଁ ଯୁବପିଢ଼ିର ଜରୁରୀ ହୋଇପଡ଼ିଛି।

**- କ୍ଷଣପ୍ରଭା ପଣ୍ଡା(ଦ୍ୱିତୀୟ)**


ଦୁର୍ନୀତିମୁକ୍ତ, ସ୍ୱଚ୍ଛ ଶାସନ ଏବଂ ଉତ୍ତମ ଗଣତନ୍ତ୍ର ସୃଷ୍ଟି କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ, ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ। ଗଣମାଧ୍ୟମ ନିରପେକ୍ଷ ହେବା ସହ ଯୁବପିଢ଼ି ସଚେତନ ହୋଇପାରିଲେ ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ।

**- ବଦ୍ରିନାଥ ମିଶ୍ର (ତୃତୀୟ)**

### ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର


ଲିଜା ରାଣୀ ଗୌଡ


ସ୍ନେହା ରାଣୀ ସାହୁ


ଜସ୍ମିନ୍ ସାମନ୍ତରାୟ


ପବିତ୍ର ମୁଦୁଲି


ଆର୍. ଧବଳେଶ୍ୱର ରେଡ୍ଡୀ


ମମତା ନାହାକ


ସ୍ମୃତି ସନ୍ଧ୍ୟା ପ୍ରିୟଦର୍ଶନୀ


ଆରୋଷି ମାଝୀ


ଶିବାନନ୍ଦ ଆର୍ଯ୍ୟ

# 'ଡାକ୍ତରୀ ଏକ ବୃତ୍ତି ନୁହେଁ, ବ୍ରତ'

## ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି

**କଟକ,୨୬।୭(କାର୍ତ୍ତିକ ସାହୁ)**

ଡାକ୍ତରମାନେ ସେବା ବଳରେ ରୋଗୀଙ୍କୁ ଜୀବନ ଦାନ ଦିଅନ୍ତି। ସେବା ପ୍ରତି ଆନ୍ତରିକତା ନ ଥିଲେ, ସମାଜ ପ୍ରତି ପ୍ରତିବଦ୍ଧତା ନ ଥିଲେ ବା ଦୁଃଖୀ ମଣିଷର ଆଖିରୁ ଲୁହ ପୋଛିଦେବା ପାଇଁ ମନରେ ପ୍ରେରଣା ନ ଥିଲେ ଜଣେ ଭଲ ଡାକ୍ତର ହୋଇପାରିବେ ନାହିଁ। ଡାକ୍ତର ତାଙ୍କ ପାଠରେ ପ୍ରବୀଣ ହେବା ସହିତ ତାଙ୍କ ମନରେ ଲୋକଙ୍କ ପ୍ରତି ଦରଦ ରହିବା ଦରକାର। ଡାକ୍ତରୀ ଏକ ବୃତ୍ତି ନୁହେଁ, ବରଂ ଏହା ଏକ ବ୍ରତ। ଡାକ୍ତର ହେବା ପାଇଁ ପିଲାମାନେ ଯେଉଁ ବ୍ରତ ଧାରଣ କରିଥାନ୍ତି, ତାହା ଜୀବନ ସାରା ପାଳନ କରିଥାନ୍ତି ବୋଲି ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ।

ଭାରତୀୟ ସଂସ୍କୃତିରେ ନରସେବାକୁ ନାରାୟଣ ସେବା ବୋଲି କୁହାଯାଇଛି। ପୀଡ଼ିତ ଲୋକଙ୍କ ଯନ୍ତ୍ରଣାକୁ ମୁକ୍ତ କରିବାଠାରୁ ଆରମ୍ଭକରି ତାଙ୍କ ଦୁଃଖ, ଦୁର୍ଦ୍ଦଶା ଦୂର କରିବା ସବୁଠାରୁ ବଡ଼ କାମ। ଶାସକ, ପ୍ରଶାସକ, ଇଞ୍ଜିନିୟର, ଅଧ୍ୟାପକମାନେ ଲୋକଙ୍କ ସେବା କରିପାରିବେ, ମାତ୍ର ତାଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିପାରିବେ ନାହିଁ। ଗାଁ ଗହଳିରେ ଲୋକେ ଡାକ୍ତର, ଓକିଲ ଓ ଶିକ୍ଷକଙ୍କୁ ଭଗବାନ ମାନନ୍ତି। ଡାକ୍ତରମାନେ ନିଷ୍ଠାର ସହିତ ସେବା କରି ରୋଗୀଙ୍କୁ ଭଲ କରିପାରନ୍ତି। ଭଗବାନ୍‌ଙ୍କୁ ଆମେ ଦେଖିନାହୁଁ, କିନ୍ତୁ ଡାକ୍ତରମାନେ ହେଉଛନ୍ତି ଚଳନ୍ତି ଠାକୁର। ପୂର୍ବାପେକ୍ଷା ମାତୃ ଓ ଶିଶୁ ମୃତ୍ୟୁହାର ବହୁ ପରିମାଣରେ ହ୍ରାସ ପାଇଛି। ଡାକ୍ତରଙ୍କ ସେବା ଯୋଗୁ ବହୁ ମୂଲ୍ୟବାନ୍ ଜୀବନ ବଞ୍ଚିଯାଉଛି। ଯେତେବେଳେ କୋଭିଡ-୧୯ ବିଶ୍ୱକୁ ଦୋହଲାଇ ଦେଇଥିଲା ସେତେବେଳେ ଭାରତୀୟ ଚିକିତ୍ସକମାନେ ନିଜ ଜୀବନକୁ ଭ୍ରୂକ୍ଷେପ ନ କରି ଓ ପରିବାରକୁ ଛାଡ଼ି ଯେଉଁ ସେବା କଲେ, ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି। ମେଡିକାଲ ପିଲାମାନେ ଗବେଷଣା କ୍ଷେତ୍ରକୁ ମଧ୍ୟ ଆସିବା ଦରକାର। ପିଲାମାନେ ଭଲ ଗବେଷଣା କରିପାରିଲେ ନୋବେଲ ପୁରସ୍କାର ପାଇପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୪୭ରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ସେତେବେଳକୁ ଭାରତ ପୂର୍ଣ୍ଣ ବିକଶିତ ଦେଶ ହେବା ଲକ୍ଷ୍ୟରେ କାମ କରିବା ଦରକାର। ଏହି ମେଡିକାଲ କଲେଜ ପ୍ରତିଷ୍ଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅତୁଳନୀୟ। ଏକ ଛୋଟ ତୀର୍ଥଯାତ୍ରୀ ଡାକ୍ତରଖାନାରୁ ଆରମ୍ଭ ହୋଇ ଆଜି ଏହା ଦେଶରେ ପୂରା ନାମ କରିଛି। ସବୁ ବର୍ଗର ଲୋକଙ୍କୁ ଏଠାରେ ନିଃଶୁଳ୍କ ଚିକିତ୍ସା ଦିଆଯାଉଛି। ଏହା ଏକ ସର୍ବଭାରତୀୟ ଅନୁଷ୍ଠାନ। ଦେଶର ବିଭିନ୍ନ ପ୍ରାନ୍ତରୁ ଡାକ୍ତରୀ ପଢ଼ିବାକୁ ପିଲାମାନେ ଏଠାକୁ ଆସୁଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ।


ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ, ହସ୍‌ପିଟାଲ ଅର୍ଥ ହସ୍‌ପିଟାଲିଟି। ରୋଗୀଙ୍କୁ ଜଣେ ଡାକ୍ତର ନିଜ ଭିତରେ ଅନୁଭବ କରିବେ। ଡାକ୍ତର ରୋଗୀ ସ୍ତରକୁ ନ ଆସିଲେ ସେ କେବେ ଚିକିତ୍ସା କରିପାରିବେ ନାହିଁ। ତା'ହେଲେ ଯାଇ ଜଣେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରିବ ବୋଲି ରାଜ୍ୟପାଳ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଉଛି। ଗତ ୧୦ ବର୍ଷରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ପୋଷ୍ଟ ଗ୍ରାଜୁଏଟ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଛି। ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟରୁ ପ୍ରତିବର୍ଷ ୨୨୦୦ ମେଡିକାଲ ଡାକ୍ତର ବାହାରିପାରୁଛନ୍ତି। ୨୦୨୪ ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି।

ଏସ୍‌ସିବି ମେଡିକାଲ କଲେଜ୍‌ର ଡିନ୍ ତଥା ପ୍ରିନ୍‌ସିପାଲ ଡ. ପ୍ରସେନ୍‌ଜିତ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବାର୍ଷିକ ବିଶେଷାଙ୍କ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମେଡିକାଲ କଲେଜ ତରଫରୁ ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।


ରାଷ୍ଟ୍ରପତିଙ୍କ ଫଟୋଚିତ୍ର ଆଙ୍କି ଅପେକ୍ଷା କରିଥିବା ଛାତ୍ରୀ।


ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ପରିଦର୍ଶନ ବେଳେ ରାଷ୍ଟ୍ରପତି ଓ ଅନ୍ୟମାନେ।


ମା' କଟକ ଚଣ୍ଡୀଙ୍କୁ ରାଷ୍ଟ୍ରପତି ଦର୍ଶନ କରି ଆଶିଷ ଭିକ୍ଷା କରୁଛନ୍ତି।


କାର୍‌କେଡ୍‌ରୁ ଓହ୍ଲାଇ ଲୋକଙ୍କ ଗହଣରେ ରାଷ୍ଟ୍ରପତି।


ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଓ ଅଧ୍ୟାପିକାଙ୍କ ଗହଣରେ ରାଷ୍ଟ୍ରପତି।


ପିଲାଙ୍କୁ ଚକୋଲେଟ୍ ବାଣ୍ଟୁଛନ୍ତି ରାଷ୍ଟ୍ରପତି।

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। –ଶ୍ରୀଅରବିନ୍ଦ



# କିଏ ଲାଭ ପାଇବ



କନ୍‌ଷ୍ଟାଣ୍ଟିନ୍ ସୋନିନ୍

ନିକଟରେ ଭିଲିନିୟସ୍‌ରେ ନାଟୋ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରୁଷିଆ ସହ ଯୁଦ୍ଧ ଶେଷହେବା ପରେ ୟୁକ୍ରେନ୍‌କୁ ନାଟୋରେ ଗ୍ରହଣ କରାଯିବ ବୋଲି ସଙ୍କଳ୍ପ ନିଆଯାଇ ସମ୍ମିଳନୀ ଉଦ୍‌ଯାପନ ହୋଇଥିଲା। ଏହି ମିଳିତ ମଞ୍ଚରେ ଅଧିକାଂଶ ନାଟୋ ଦେଶ ୟୁକ୍ରେନ୍‌କୁ ଏକ ଆଶାବାଦୀ ସଦସ୍ୟ ଭାବରେ ଦେଖୁଛନ୍ତି। କିନ୍ତୁ ନାଟୋରେ ଏହି ଦେଶର ତୁରନ୍ତ ଯୋଗଦାନ ଉପରେ ସହମତି ପ୍ରକାଶ ପାଇବା କଷ୍ଟକର ହୋଇଛି। ଦେଖିବାକୁ ଗଲେ ୟୁକ୍ରେନ୍ ଏବଂ ନାଟୋର ଏବକାର ସଦସ୍ୟମାନେ ୟୁକ୍ରେନ୍ ସଦସ୍ୟତାରୁ ଲାଭ ପାଇପାରିବେ ନାହିଁ। କିନ୍ତୁ ମିଳିତ ମଞ୍ଚର ବିସ୍ତାରକୁ ରୋକିବା ବାହାନାରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିବା ରୁଷିଆ ଏହି ସମ୍ଭାବନାରୁ ଅନେକ କିଛି ଲାଭ କରିବାର ଅଛି। ନାଟୋରେ ୟୁକ୍ରେନ୍‌ର ଯୋଗଦାନ ବିଷୟ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ତାଙ୍କ ସାଥୀମାନଙ୍କ ପାଇଁ ଏକ ଖରାପ ଖବର ହୋଇଥିବାବେଳେ ଏହା ରୁଷିଆର ନାଗରିକଙ୍କ ପାଇଁ ଅତ୍ୟଧିକ ଲାଭଦାୟକ ହୋଇପାରେ।

ଯୁଦ୍ଧର କ୍ଷତି ଦିଗକୁ ଦେଖାଯାଉ। ୟୁକ୍ରେନ୍ ବିରୋଧରେ ରୁଷିଆ ଆକ୍ରମଣର ପ୍ରତ୍ୟକ୍ଷ କ୍ଷତି ହିସାବ କରିବା କଷ୍ଟସାଧ୍ୟ ହୋଇଥିଲେ ବି ପାରମ୍ପରିକ ଆକଳନଗୁଡ଼ିକ ଏହି ସଂଘର୍ଷର ବ୍ୟାପକ ଅର୍ଥନୈତିକ ପରିମାଣ ଦର୍ଶାଇଛନ୍ତି। ବିଗତ ୨୦ ବର୍ଷ ହେଲା ରୁଷିଆ ଅନେକ କୋଟି ଡଲାରର ସାମରିକ ଉପକରଣ ଯଥା ଶେଲ୍, ଟ୍ୟାଙ୍କ୍, ହୱାଇଜର, ଯୁଦ୍ଧବିମାନ ଏବଂ ହେଲିକପ୍ଟର ଉତ୍ପାଦନରେ; ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ସେବାରେ ସଂସାଧନକୁ ଉପଯୋଗ କରିବାରେ ବ୍ୟୟ କରିଆସିଛି। ବର୍ଷ ବର୍ଷ ଧରି ପୁଟିନ୍‌ଙ୍କ ଶାସନ ରୁଷିଆର ଅର୍ଥ ବ୍ୟବସ୍ଥାକୁ ବୈଶ୍ୱିକ ଆର୍ଥିକ ବଜାରରୁ ଅଲଗା କରିବା ଲାଗି ଚାହିଁଆସିଛି। ଫଳସ୍ୱରୂପ, ୨୦୦୦ ଦଶକର ଶେଷରୁ ରୁଷିଆର ଅର୍ଥ ବ୍ୟବସ୍ଥା ଦୁର୍ବଳ ହୋଇଛି, ଯାହା ଲିଓନିଡ୍ ବ୍ରେଜ୍‌ନେଭ୍‌ଙ୍କ ସମୟରେ ସୋଭିଏଟ୍ ସଂଘର ଲମ୍ବା ସମୟ ଧରି ଆର୍ଥିକ ମାନ୍ଦାବସ୍ଥାକୁ ସ୍ମରଣ କରାଇଦିଏ। ୨୦୦୯ରୁ ୨୦୨୨ ମଧ୍ୟରେ ରୁଷିଆ ଉତ୍ପାଦନ ଓ ଆୟରେ ଯାହା ହରାଇଥିଲା ତାହା ତା'ର ଜିଡିପିର ୧୦–୧୫% ଥିଲା ଏବଂ ୟୁକ୍ରେନ୍ ଉପରେ ଏହା ଆକ୍ରମଣ କରିବା ଯୋଗୁ ଦେଶର ଆର୍ଥିକ ସମସ୍ୟା ବଢ଼ିଛି ଓ ୨୦୨୨ରେ ଜିଡିପିରେ ୨–୩% ହ୍ରାସ ହେବା ସହ ଖୁଚୁରା ବିକ୍ରି ୬.୭% ହ୍ରାସ ପାଇଛି। ୟୁକ୍ରେନ୍ ଯୁଦ୍ଧ ପ୍ରସ୍ତୁତି କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଫଳରେ ଅର୍ଥନୀତିରେ ହୋଇଥିବା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କ୍ଷତି ଭରଣା କରିବା ଲାଗି ରୁଷିଆକୁ ଅନେକ ଦଶନ୍ଧି ଲାଗିଯାଇପାରେ। ଏହା ନିଶ୍ଚିତ ଯେ, ୟୁକ୍ରେନ୍‌କୁ ନାଟୋରେ ମିଶାଇଲେ ରୁଷିଆକୁ ଅନ୍ୟ ଦିଗରୁ ଲାଭ ମିଳିପାରେ, କିନ୍ତୁ ପୁଟିନ୍‌ଙ୍କ ଦ୍ୱାରା ଅର୍ଥନୀତିରେ ହୋଇଥିବା କ୍ଷତି ଦୂରହୋଇପାରିବ ନାହିଁ। ଯୁଦ୍ଧ ସମାପ୍ତ ହେବା ପରେ ସାମରିକ ଉତ୍ପାଦନକୁ ପ୍ରାଧାନ୍ୟ ଦେଇ ଅର୍ଥନୈତିକ ଅଭିବୃଦ୍ଧି କରିବା ଅଧିକ କଷ୍ଟସାଧ୍ୟ ହେବ। କିନ୍ତୁ ୟୁକ୍ରେନ୍‌ର ନିରାପତ୍ତା ସୁନିଶ୍ଚିତ କରିବା ଦ୍ୱାରା ରୁଷିଆ ଏହାର ଅର୍ଥନୈତିକ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରିପାରିବ। ଏହାସହ ବୈଶ୍ୱିକ ବଜାରରେ ଏହାକୁ ଶୀଘ୍ର ସାମିଲ କରିବା ସହଜ ଓ ନିରାପଦ ହେବ । ଆର୍ଥିକ କ୍ଷତି ନିଶ୍ଚିତ କରିବ ଯେ, ଯୁଦ୍ଧ ପରେ ଭବିଷ୍ୟତରେ ରୁଷିଆ ଆଉ କୌଣସି ଆକ୍ରମଣକୁ ପାଣ୍ଠି ଯୋଗାଇବ ନାହିଁ।



ପୁଟିନ୍‌ଙ୍କ ଷ୍ଟାଲିନ୍‌ବାଦୀ ମୋଡ଼କୁ ଲକ୍ଷ୍ୟ କରାଯାଉ। ସୋଭିଏଟ୍ ଏକଚ୍ଛତ୍ରବାଦୀ ଶାସକ କିପରି ବ୍ୟକ୍ତିଗତ ଶକ୍ତି ହାସଲ କରିବା ପାଇଁ ବାହ୍ୟ ବିପଦକୁ ଉପଯୋଗ କରିଥିଲେ ତାହା ଜୋସେଫ୍ ଷ୍ଟାଲିନ୍‌ଙ୍କ ଜୀବନୀରେ ଐତିହାସିକ ଷ୍ଟିଫେନ୍ କୋଟକିନ୍ ପ୍ରତିପାଦିତ କରିଥିଲେ। ବିରୋଧୀ ଦଳକୁ ନିଷେଧ କରିବା ଏବଂ ନିଜ କମ୍ୟୁନିଷ୍ଟ ପାର୍ଟି ଭିତରେ ଥିବା ଅସନ୍ତୋଷକୁ ଦମନ କରିବା ପାଇଁ ଷ୍ଟାଲିନ୍ ଲଗାତର ବୈଦେଶିକ ଆକ୍ରମଣ ଓ ରାଜତନ୍ତ୍ରବାଦୀ ବିଦ୍ରୋହକୁ ଦର୍ଶାଇବା ସହ ଏକାଧିକ କୁଳୀନ ବର୍ଗଙ୍କୁ ହଟାଇ ନାଗରିକଙ୍କୁ ଆତଙ୍କିତ କରିଥିଲେ। ଯିଏ ତାଙ୍କୁ ଚ୍ୟାଲେଞ୍ଜ କରିଥିଲେ ତାଙ୍କୁ ବିଦେଶୀ ଶକ୍ତିର ଏଜେଣ୍ଟ ବୋଲି ଦର୍ଶାଇଥିଲେ। ଯଦିଓ ଷ୍ଟାଲିନ୍‌ଙ୍କ ମୃତ୍ୟୁ ପରେ ୧୯୫୩ରେ ୟୁଏସ୍ଏସ୍ଆର୍‌ର ନିଷ୍ଠୁର ଦମନ କିଛି ମାତ୍ରାରେ ହ୍ରାସ ପାଇଥିଲା, ତଥାପି ତାଙ୍କ ଶାସନର ଅବିଶ୍ୱାସ ଓ ସନ୍ଦେହ ଅନେକ ପିଢ଼ି ଯାଏ ରହିଗଲା। ଫଳରେ ପରବର୍ତ୍ତୀ ସୋଭିଏଟ୍ ନେତାମାନେ ବିଚ୍ଛିନ୍ନତାବାଦୀ ନୀତି ଏବଂ କ୍ଷମତାରେ ରହିବା ପାଇଁ ସାମରିକ ଶକ୍ତିକୁ ବ୍ୟବହାର କରିଥିଲେ। ହେଲେ ଏହି ଦୃଷ୍ଟିକୋଣ ବିଫଳ ହେଲା। ସାମରିକ କ୍ଷେତ୍ରରେ ଅତ୍ୟଧିକ ବ୍ୟୟ ୧୯୯୧ରେ ସୋଭିଏଟ୍ ୟୁନିୟନର ପତନର ଏକ ମୁଖ୍ୟ କାରଣ ହେଲା। ଲକ୍ଷ ଲକ୍ଷ ଲୋକ ରୁଟି, ଅଣ୍ଡା ଏବଂ ଚିନି ପାଇଁ ଧାଡ଼ିରେ ଅପେକ୍ଷା କରିଥିବାବେଳେ ୟୁଏସ୍ଏସ୍ଆର୍ ଟ୍ୟାଙ୍କ୍ ଏବଂ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଅତ୍ୟଧିକ ସଂସାଧନ ବ୍ୟବହାର କରିଥିଲା। ସୋଭିଏଟ୍ ସାମରିକ–ଶିଳ୍ପ ସମ୍ବନ୍ଧ ଦ୍ୱାରା ପରିଚାଳିତ ଦୃଢ଼ ରାଜନୈତିକ ଶକ୍ତି ଯୋଗୁ ପ୍ରତିରକ୍ଷା ଖର୍ଚ୍ଚ ବହୁତ ବଢ଼ିଯାଇଥିଲା। ଶେଷରେ ସରକାରୀ ଆଦେଶ ଦ୍ୱାରା ସାମରିକ ବଜେଟ ହ୍ରାସ କରାଯାଇ ନ ଥିଲା, ବରଂ ରାଜ୍ୟ ବିଲୋପ ହେବା ଯୋଗୁ ଏହା ଘଟିଥିଲା। ଷ୍ଟାଲିନ୍‌ଙ୍କ ପଦ୍ଧତିରେ ପୁଟିନ୍ ଏକ ନୂତନ ବିଷୟ ଯୋଡ଼ିଛନ୍ତି। ଷ୍ଟାଲିନ୍ ଦଳର ନେତାମାନଙ୍କୁ ଠିକ୍ ରଖିବା ପାଇଁ ଭୟଭୀତ କରୁଥିବାବେଳେ ପୁଟିନ୍ ଲୋଭ ଦେଖାଇ ମିଲିଟାରି ଖର୍ଚ୍ଚ ବଳରେ ନିଜର ସହଯୋଗୀଙ୍କୁ କୋଟିପତି କରିଛନ୍ତି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିଥିବା ପୁଟିନ୍‌ଙ୍କଠାରୁ ଆରମ୍ଭକରି ପ୍ରତିରକ୍ଷା ମନ୍ତ୍ରୀ ସରୋଜ ଶୋଏଗୁ, ସୁରକ୍ଷା ପରିଷଦ ସଚିବ ନିକୋଲାଇ ପାତ୍ରୁଶେଭଙ୍କ ପର୍ଯ୍ୟନ୍ତ ଏବଂ ବିଭିନ୍ନ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପରିବାର ଗତ ୧ ଦଶନ୍ଧି ମଧ୍ୟରେ ଅତ୍ୟଧିକ ଧନୀ ହୋଇଛନ୍ତି। ୟୁକ୍ରେନ୍ ଯୁଦ୍ଧର ପ୍ରଥମ ବର୍ଷରେ ରୁଷିଆର ସାମରିକ–ଶିଳ୍ପ ସମ୍ବନ୍ଧରେ ବ୍ୟାପକ ଦୁର୍ନୀତି ପ୍ରକାଶ ପାଇଛି। ତଥାପି, ଏହି ଦୁର୍ନୀତିରୁ ଲାଭବାନ୍ ହୋଇଥିବା ସମସ୍ତ ପ୍ରମୁଖ ବ୍ୟକ୍ତି ନିଜ ପଦବୀରେ ଦୃଢ଼ ହୋଇ ରହିଛନ୍ତି।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଷ୍ଟିଫେନ୍ ୱାଲ୍ଟ ଏବଂ ଶିକାଗୋ ବିଶ୍ୱବିଦ୍ୟାଳୟର ଜନ୍ ମିର୍‌ସାଇମରଙ୍କ ପରି ବୈଦେଶିକ ବ୍ୟାପାର ବିଶେଷଜ୍ଞ ଯୁକ୍ତି ବାଢ଼ିଛନ୍ତି ଯେ ନାଟୋର ବିସ୍ତାର ଉପରେ ରୁଷିଆର ଆଭିମୁଖ୍ୟ ୟୁକ୍ରେନ୍ ଏବଂ ଅନ୍ୟ ପଡ଼ୋଶୀ ଦେଶ ପାଇଁ ଏକ ପରିଣାମ ହେବ। ରୁଷିଆ ପ୍ରକୃତରେ ନାଟୋ ବିସ୍ତାରକୁ ୟୁକ୍ରେନ୍ ଉପରେ ଆକ୍ରମଣର ଏକ ଯଥାର୍ଥ କାରଣ ବୋଲି କହିଥିବାବେଳେ ସେପ୍ଟେମ୍ବର ୨୦୨୨ରେ ୟୁକ୍ରେନ୍‌ର ୪ଟି ଅଞ୍ଚଳକୁ ତା' ସହ ମିଶାଇବା ପ୍ରମାଣ କରିଛି ଯେ ଏହି ଯୁଦ୍ଧ ବିଜୟ ଲାଭ ପାଇଁ କରାଯାଇଛି। ରୁଷିଆର ଅଧିକାରୀମାନେ ଦେଶ ଭାବରେ ୟୁକ୍ରେନ୍‌ର ଅସ୍ତିତ୍ୱକୁ ନିୟମିତ ଅସ୍ୱୀକାର କରିଆସୁଛନ୍ତି, ଯେପରି ନାଜି ଏବଂ ସୋଭିଏଟ୍ ଅଧିକାରୀମାନେ ୧୯୩୯ରେ ପୋଲାଣ୍ଡକୁ ସ୍ୱୀକୃତି ହେବାକୁ ମନା କରିଦେଇଥିଲେ। ବାସ୍ତବତା ହେଉଛି, ୟୁକ୍ରେନ୍ ବିରୋଧରେ ଯୁଦ୍ଧ ନାଟୋର ପୁନଃ ସମ୍ପ୍ରସାରଣକୁ ଶକ୍ତି ଯୋଗାଇଛି। ଅନ୍ୟପକ୍ଷରେ ଆକ୍ରମଣ ପରେ ଫିନ୍‌ଲାଣ୍ଡ ଓ ସୁଇଡେନ୍ ଦୀର୍ଘଦିନର ନିରପେକ୍ଷତା ଛାଡ଼ି ତୁରନ୍ତ ନାଟୋରେ ଯୋଗଦେବାକୁ ଆଗଭର ହେଲେ। ଫିନ୍‌ଲାଣ୍ଡ ଏପ୍ରିଲରେ ଯୋଗ ଦେଇଥିବାବେଳେ ଏବଂ ସୁଇଡେନ୍ ଆସନ୍ତା କୌଣସି ମାସରେ ସାମିଲ ହେବାକୁ ପାଗ ଭିଡ଼ୁଛି। ଯୁଦ୍ଧକ୍ଷେତ୍ରରେ ରୁଷିଆ ଅସୁବିଧାର ସମ୍ମୁଖୀନ ହେଉଥିବା ସମୟରେ ନାଟୋରେ ୟୁକ୍ରେନ୍‌ର ସମ୍ଭାବ୍ୟ ଯୋଗଦାନର ଗୁରୁତ୍ୱ ରହିପାରେ, କିନ୍ତୁ ଯୁଦ୍ଧ ସମାପ୍ତ ହେବା ପରେ ଏହାର ଉପଯୋଗିତା ହ୍ରାସ ପାଇବ।

ୟୁକ୍ରେନ୍ ସମେତ ଏହାର ମିତ୍ର ସଦସ୍ୟମାନେ ଯେଉଁମାନେ ୟୁକ୍ରେନ୍‌ର ନାଟୋ ସଦସ୍ୟତା ଉପରେ ନିଷ୍ପତ୍ତି ନେଉଛନ୍ତି, ସେମାନେ ବିଚାର କରିବା ଉଚିତ ଯେ, ରୁଷିଆର ସ୍ୱାର୍ଥ ହିଁ ଶେଷ କଥା ହୋଇପାରେ। କିନ୍ତୁ ନାଟୋରେ ୟୁକ୍ରେନ୍‌ର ଯୋଗଦାନରୁ ରୁଷିଆକୁ ବାସ୍ତବରେ ଲାଭ ହେବ। ପ୍ରଥମେ, ୟୁକ୍ରେନ୍‌ର ସୁରକ୍ଷାକୁ ଦୃଢ଼ କରିବା ଦ୍ୱାରା ରୁଷିଆ ସମେତ ପଡ଼ୋଶୀ ଦେଶଗୁଡ଼ିକର ସୁରକ୍ଷାକୁ ବଢ଼ାଇଦେବ। ଦ୍ୱିତୀୟରେ ରୁଷିଆର ସାମ୍ରାଜ୍ୟବାଦ ବିଫଳ ହେଲେ ଏହା ରୁଷିଆର ନାଗରିକଙ୍କୁ ଆରାମ ପ୍ରଦାନ କରିବ, ଯେଉଁମାନେ ପୁଟିନ୍‌ଙ୍କ ଗର୍ବର ମୂଲ୍ୟ ବହନ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନାଟୋରେ ୟୁକ୍ରେନ୍‌ର ଯୋଗଦାନ ବିଚ୍ଛିନ୍ନତାବାଦ ଏବଂ ସାମରିକବାଦ ଉପରେ ନିର୍ଭର କରି କ୍ଷମତା ଧରି ରଖିବାକୁ ଚେଷ୍ଟା କରୁଥିବା ଭବିଷ୍ୟତର ଷ୍ଟାଲିନ୍ କିମ୍ବା ପୁଟିନ୍‌ଙ୍କ ବିରୋଧରେ ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରିପାରିବ।

**ପ୍ରାଧ୍ୟାପକ, ହାରିସ୍ ସ୍କୁଲ ଅଫ୍ ପବ୍ଲିକ ପଲିସି (ଶିକାଗୋ ବିଶ୍ୱବିଦ୍ୟାଳୟ)**

# ଅନୁଚିତ ଧନ



ଯତିଦାନନ୍ଦ ଦାଶ

ଆଜିକାଲି ମଣିଷ ଧନ ଉପାର୍ଜନ କରିବାର ପ୍ରୟାସକୁ ଏକ କର୍ତ୍ତବ୍ୟ ରୂପେ ଧରି ନେଇଛି। ପ୍ରକୃତରେ ଦେଖିବାକୁ ଗଲେ, ଧନ ଉପାର୍ଜନ କରିବାକୁ କାହାକୁ ବା ଭଲ ନ ଲାଗିବ ? କାରଣ ଆଜିର ନୀତି ହେଲା ଧନ ଯେଉଁଠି, ମାନ ସେଇଠି। ଧନ ଉପାର୍ଜନର ଦୁଇଟି ବାଟ ଅଛି। ଯଥା– ଉଚିତ ଧନ ଉପାର୍ଜନ ଏବଂ ଅନ୍ୟଟି ଅନୁଚିତ ଧନ ଉପାର୍ଜନ। ଯେଉଁ ଧନ ସତ ଉପାୟରେ, ନିଜର ପରିଶ୍ରମ ଏବଂ ବୁଦ୍ଧିବଳରେ ଉପାର୍ଜିତ ହୋଇଥାଏ, ତାକୁ ଉଚିତ ଧନ ବୋଲି ଧରିନେବା। ଠିକ୍ ସେହିପରି ଯେଉଁ ଧନ ଅସତ୍ ଉପାୟ ଅବଲମ୍ବନ କରି ଅନ୍ୟକୁ ଦୁଃଖ ଏବଂ କଷ୍ଟ ଦେଇ ଅର୍ଜନ କରାଯାଇଥାଏ, ତାହାକୁ ଅନୁଚିତ ଧନ ବୋଲି ସାଧାରଣତଃ ବିଚାରକୁ ନିଆଯାଏ। ଅନୁଚିତ ଧନର ବ୍ୟାଖ୍ୟା କରିବାକୁ ଯାଇ ଆଚାର୍ଯ୍ୟ ଚାଣକ୍ୟଙ୍କର ନୀତିର ଷୋଡ଼ଶ ଅଧ୍ୟାୟର ଅନୁଚ୍ଛେଦ (୧୧) ରେ ଥିବା ଶ୍ଳୋକଟିକୁ ଏଠାରେ ଅବତାରଣା କରୁଛି। ''ଅତିକ୍ଲେଶେନ ଯେ ଚାର୍ଥାଃ ଧର୍ମସ୍ୟାତିକ୍ରମେଣତୁ, ଶତ୍ରୁଣାଂ ପ୍ରଣିପାତନେ ତେ ହ୍ୟର୍ଥାଃ ନ ଭବନ୍ତୁ ମେ।'' ଆଚାର୍ଯ୍ୟ ଏଠାରେ ଅନୁଚିତ ଧନକୁ ତିରସ୍କାର କରିବାକୁ ଯାଇ କହିଛନ୍ତି, ଯେ ଅନ୍ୟକୁ ଦୁଃଖୀ କରାଇ, ଅଧର୍ମ ଦ୍ୱାରା ବା ଶତ୍ରୁମାନଙ୍କ ଶରଣାପନ୍ନ ହେବା ଫଳରେ ମିଳିଥିବା ଧନ ମୋତେ ପ୍ରାପ୍ତ ନ ହେଉ। ଉକ୍ତ ଶ୍ଳୋକଟିର ଅର୍ଥରୁ ଏହା ପ୍ରତିପାଦିତ ହେଉଛି ଯେ, ଯେଉଁ ଧନ ଅନ୍ୟ ବ୍ୟକ୍ତିକୁ ଦୁଃଖୀ କରାଇ ପ୍ରାପ୍ତ ହୋଇଛି, ଯାହା ଚୋରି, ତସ୍କରି, କଳାବଜାରୀ ଆଦି ଅବୈଧ ରୀତିରେ ଉପାର୍ଜନ କରାଯାଇଛି ବା ଦେଶର ଶତ୍ରୁଙ୍କ ମାଧ୍ୟମରେ ଅର୍ଜନ କରାଯାଇଛି, ସେପରି ଧନ ଅନୁଚିତ ଧନ ଭାବେ ଗଣ୍ୟ କରାଯାଇଥାଏ। ଜଣେ ବୁଦ୍ଧିମାନ୍ ଏବଂ ଶିକ୍ଷିତ ବ୍ୟକ୍ତି ପକ୍ଷରେ ସେପରି ଧନ ଗ୍ରହଣ କରିବା ଉଚିତ ନୁହେଁ। ମୂର୍ଖ ବ୍ୟକ୍ତି ଦ୍ୱାରା ଅନୁଚିତ ଧନ ଅର୍ଜନ କରାଗଲେ, ତା'ର କିଛି ମୂଲ୍ୟ ନ ଥାଏ। କାରଣ ସେ ଧନର ପ୍ରକୃତ ଉପଯୋଗିତା ଜାଣି ନ ଥାଏ। ସେହିପରି କୃପଣ ମହାଜନ ଗରିବକୁ କଷ୍ଟଦେଇ ଅନୁଚିତ ଧନ ଉପାର୍ଜନ କରି ଟ୍ରେଜେରିରେ ସାଇତି ରଖେ, ଯେଉଁ ଧନ ସମାଜର କୌଣସି କାମରେ ଲାଗେ ନାହିଁ।

ସାଧାରଣତଃ ଅନୁଚିତ ଅର୍ଥ ଉପାର୍ଜନ ୨ ପ୍ରକାରରେ ହୋଇଥାଏ। ଯଥା (୧) ପ୍ରତ୍ୟକ୍ଷ ଉପାର୍ଜନ, (୨) ପରୋକ୍ଷ ଉପାର୍ଜନ। ପ୍ରତ୍ୟକ୍ଷ ଅନୁଚିତ ଉପାର୍ଜନ ହେଲା ସିଧାସଳଖ ଲୋକଠାରୁ କିମ୍ବା କମ୍ପାନୀଠାରୁ ବା ଠିକାଦାରଙ୍କଠାରୁ ଲାଞ୍ଚ ନେବା ଇତ୍ୟାଦି। ଏ ପ୍ରକାରର ଉପାର୍ଜନ ପ୍ରତ୍ୟକ୍ଷଭାବେ ଚୋରି ସହ ସମାନ। ଏହାଦ୍ୱାରା ଦେଶର ପ୍ରତ୍ୟକ୍ଷ ଭାବରେ ରାଜସ୍ୱ କ୍ଷତି ହେବା ସଙ୍ଗେ ସଙ୍ଗେ ବିକାଶରେ ଅବନତି ଘଟିଥାଏ। ଦ୍ୱିତୀୟ ଅନୁଚିତ ଧନ ଉପାର୍ଜନ ହେଲା ପରୋକ୍ଷରେ ଚୋରି କରିବା ଯଥା – ସାଇବର ଠକେଇ, ବ୍ୟାଙ୍କ ଫ୍ରଡ୍, ବଡ଼ ବଡ଼ ଜିଏସ୍‌ଟି ଏବଂ ଆୟକର ଠକେଇ ଇତ୍ୟାଦି। ଏ ପ୍ରକାର ପରୋକ୍ଷ ଉପାର୍ଜନ ଦେଶର ପ୍ରଭୂତ କ୍ଷତି ଘଟାଇଥାଏ। ବିପୁଳ ପରିମାଣର ରାଜସ୍ୱ କ୍ଷତି ଘଟିଥାଏ। ଏଗୁଡ଼ିକ ସାଧାରଣତଃ ଶିକ୍ଷିତ ଓ ଖଳ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରରୋଚିତ ହୋଇଥାଏ। ଏହାଦ୍ୱାରା ଦେଶ ବା ଜାତିର ଅବନତି ଛଡ଼ା ଅନ୍ୟ କୌଣସି ବାଟ ନ ଥାଏ। ଆଜିକାଲି ଗଣମାଧ୍ୟମରେ ଦୈନିକ ଏ ପ୍ରକାର ଠକେଇ ମାଧ୍ୟମରେ ଅନୁଚିତ ଧନ ଉପାର୍ଜନର ଘଟଣାମାନ ଦେଖିବାକୁ ମିଳୁଛି। ଯେତେ ସାବଧାନତା ଅବଲମ୍ବନ କଲେ ବି ଏ ପ୍ରକାର (ପରୋକ୍ଷ ଉପାର୍ଜନ)ର ସ୍ରୋତ ଥମୁନି, ବରଂ ନଦୀର ଧାର ପରି ବହିଚାଲିଛି ଏବଂ ସମାଜର କ୍ଷତି ଘଟାଇ ଚାଲିଛି। କିଛି କିଛି ବଡ଼ ବଡ଼ ଅରବପତି ଏ ପ୍ରକାର ଧନ ଅର୍ଜନ କରି ବିଦେଶ ପଳାଇଯିବାର ଉଦାହରଣର ମଧ୍ୟ ଅଭାବ ନାହିଁ। ଯଥା – ନୀରବ ମୋଦି ଏବଂ ବିଜୟ ମାଲ୍ୟା ଆଦିଙ୍କ ବ୍ୟାଙ୍କ ଘୋଟାଲାରୁ ଏହାର ପ୍ରମାଣ ମିଳେ। ପାଠକେ, ଏ ସବୁ ଘଟଣାର ମୂଳରେ ଲୋକଙ୍କ ମଧ୍ୟରେ ସାଧୁତା ଏବଂ ସୁସଙ୍ଗଠିତ କର୍ମ ତତ୍ପରତାର ଅଭାବ, ଯାହା ଫଳରେ ଦେଶର କ୍ଷତି ଘଟିଚାଲିଛି। ଧନୀ ଓ ଖଳଲୋକ ଧନୀ ହୋଇ ଚାଲିଲା ବେଳେ ଗରିବ ଗରିବ ହୋଇ ରହିଯାଉଛି। ସମାଜ ଓ ଦେଶରେ ଆର୍ଥିକ ଅସମାନତା ଦେଖିବାକୁ ମିଳୁଛି। ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି। ଅର୍ଥନୀତି ନିମ୍ନଗାମୀ ହେବାରେ ଲାଗିଛି।ତେଣୁ ଅନୁଚିତ ଧନ ବା କଳାଧନ ଲୋକ, ସମାଜ ଏବଂ ମୋଟାମୋଟି ଭାବରେ ଦେଶ ପାଇଁ ବହୁତ କ୍ଷତିକାରକ।

**ମୋ : ୯୯୩୮୧୮୧୩୨୦**

## ଏଇ ଭାରତରେ

ଉତ୍ତରପ୍ରଦେଶ ସୋନଭଦ୍ରର ଦ୍ୱାଦଶ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ର ଇନ୍ଦ୍ରେଶ କୁମାର। ସେ ଏକ ନିଆରା ଉଦ୍ଭାବନ କରିଛନ୍ତି। ଏହା ହେଉଛି ଏକ ହେଲ୍‌ମେଟ, ଯାହା ସଡ଼କ ଦୁର୍ଘଟଣାକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ହେଲ୍‌ମେଟର ବିଶେଷତ୍ୱ ହେଉଛି ତାହାକୁ ଚାଳକ ନ ପିନ୍ଧିବା ପର୍ଯ୍ୟନ୍ତ ବାଇକ ଷ୍ଟାର୍ଟ ହେବ ନାହିଁ। ଏଥିସହ ଯଦି ବାଇକ ଚଳାଉଥିବା ବ୍ୟକ୍ତି ମଦ୍ୟପାନ କରିଛନ୍ତି ତେବେ ଦୁର୍ଗନ୍ଧ ଯୋଗୁ ବି ବାଇକ ଷ୍ଟାର୍ଟ ହେବ ନାହିଁ। ଇନ୍ଦ୍ରେଶ କୁହନ୍ତି, ଏହି ହେଲ୍‌ମେଟ ପିନ୍ଧିବା କାରଣରୁ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ଓ ମଦ୍ୟପାନ କମ୍ ହୋଇପାରିବ। ଇନ୍ଦ୍ରେଶ କୁମାର ସୋନଭଦ୍ରର ରୋବର୍ଟସଗଞ୍ଜ ବ୍ଲକ ମଧୁପୁର ଗାଁର ବାସିନ୍ଦା। ସେ ସୋନଭଦ୍ରର ଚୁରକ ଜୟ ଜ୍ୟୋତି ଇଣ୍ଟର କଲେଜର ଛାତ୍ର। ସେ ଚାଲିବାକୁ ଅସମର୍ଥ। ତାଙ୍କ ଗୋଡରେ ୫୦ ପ୍ରତିଶତ ଅକ୍ଷମତା ଅଛି। ଏହା ସତ୍ତ୍ୱେ ସେ ଏପରି ହେଲ୍‌ମେଟ ଉଦ୍ଭାବନ କରିଥିବାରୁ ଉତ୍ତରପ୍ରଦେଶ ପରିବହନ ମନ୍ତ୍ରୀ ଦିନଶଙ୍କର ସିଂ ତାଙ୍କୁ ସମ୍ମାନିତ କରିବା ସହ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଛନ୍ତି। ଇନ୍ଦ୍ରେଶ କୁମାର ବର୍ତ୍ତମାନ ତାଙ୍କ ଉଦ୍ଭାବନକୁ ପେଟେଣ୍ଟ କରିବାକୁ ପ୍ରସ୍ତୁତ ହେଉଛନ୍ତି। ମଦ୍ୟପାନ କରି ବାଇକରୁ ଖସିପଡ଼ି ତାଙ୍କ ପିତା ଆହତ ହେବା ପରେ ଏଭଳି ହେଲ୍‌ମେଟ ତିଆରି କରିବାର କଳ୍ପନା ତାଙ୍କ ମନରେ ଆସିଥିଲା। ପରେ ବହୁ ଗବେଷଣା କରି ସେ ଏହାକୁ ତିଆରି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଜୁଲାଇ ୧୯୯୮**

- ସୁପ୍ରିମ୍‌କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ରଙ୍ଗନାଥ ମିଶ୍ର ଏବଂ ବିଶିଷ୍ଟ ଐତିହାସିକ ମନ୍ମଥନାଥ ଦାସଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ପିଟିସନ ଦାଏର।
- ରୁଷର ସଂଘୀୟ ଗୋଇନ୍ଦା ସେବା (ଏଫ୍ଏସ୍‌ବି)ର ମୁଖ୍ୟ ପଦବୀରେ ଭ୍ଲାଡିମୀର ପୁଟିନ୍‌ଙ୍କୁ ନିଯୁକ୍ତି ପ୍ରଦାନ।
- ଇରାନ ପକ୍ଷରୁ ୧୩ ଶହ ଲକ୍ଷଭେଦୀ କ୍ଷମତା ବିଶିଷ୍ଟ ଏକ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷା କରିଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 1 | | | |
| | | | 7 | | | | 3 | 1 |
| | | | 9 | | 3 | | | |
| | | | | | | | | |
| | | | | | 9 | | 4 | 6 |
| 4 | 6 | | | | | | 7 | 2 |
| 3 | | | | | | 1 | | |
| | 4 | | | 7 | | 8 | 5 | |
| | | | 4 | | 8 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 3 | 8 | 9 | 7 | 5 | 4 | 1 |
| 5 | 7 | 1 | 2 | 3 | 4 | 9 | 8 | 6 |
| 4 | 9 | 8 | 5 | 1 | 6 | 7 | 2 | 3 |
| 3 | 1 | 5 | 7 | 4 | 8 | 2 | 6 | 9 |
| 9 | 4 | 2 | 6 | 5 | 3 | 8 | 1 | 7 |
| 7 | 8 | 6 | 1 | 2 | 9 | 3 | 5 | 4 |
| 8 | 5 | 7 | 3 | 6 | 1 | 4 | 9 | 2 |
| 1 | 2 | 4 | 9 | 7 | 5 | 6 | 3 | 8 |
| 6 | 3 | 9 | 4 | 8 | 2 | 1 | 7 | 5 |

ଗତକାଲିର ଉତ୍ତର

# ଝିଣ୍ଟିକା ମାରି ବଣି ପୋଷିବା



ହରିଶଙ୍କର ମିଶ୍ର

ରାଜ୍ୟ ସରକାର ବିଗତ ୨୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ସମାଜର ଅନେକ ବର୍ଗର ଲୋକଙ୍କୁ କେବଳ ସରକାରୀ ମାଗଣା ଯୋଜନାରେ ଅନ୍ତର୍ଭୁକ୍ତ କରିନାହାନ୍ତି ବରଂ ରାଜ୍ୟରେ କାର୍ଯ୍ୟରତ କିଛି ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଉଦାର ହୋଇଛନ୍ତି। ଏହାଦ୍ୱାରା ବାର୍ଷିକ ଅନ୍ୟୂନ ୫୦୦୦ କୋଟି ଟଙ୍କା ରାଜ୍ୟ ତହବିଲକୁ ଭାରାକ୍ରାନ୍ତ କରୁଛି ଏବଂ ରାଜ୍ୟର ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ପ୍ରଭାବିତ ହୋଇଛି। ଯୋଜନାର କାର୍ଯ୍ୟକାରିତାର ଉପଯୁକ୍ତ ତଦାରଖ ଏବଂ ଅଧିକାରୀ ବା କର୍ମଚାରୀଙ୍କୁ ଠିକ୍ ପରିଚାଳନା କରିପାରିଲେ ସରକାରଙ୍କ ଦକ୍ଷତା ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟ ସଫଳ ହୋଇଥାଏ। ୨୦୦୦ ମସିହା ଏବଂ ଆଜିର ତାରିଖରେ ଯଦି ସରକାରୀ କର୍ମଚାରୀଙ୍କ ମଧ୍ୟରେ ତୁଳନା କରାଯାଏ ତେବେ ଦକ୍ଷତା ଓ ପ୍ରତିବଦ୍ଧତାର ବ୍ୟାପକ ଅବକ୍ଷୟ ନିଶ୍ଚିତ ହୋଇଛି ଏବଂ ପ୍ରଶାସନ ପାଖରେ ସରକାର ଅବନମିତ ହେଉଥିବା ସ୍ପଷ୍ଟ ହେଉଛି ।

ଏକଦା ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ଅସମର୍ଥ ସରକାର ଖଣି ଆୟ ଓ କେନ୍ଦ୍ର ଅନୁଦାନ, କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଯୋଗୁ ଆର୍ଥିକ ସ୍ୱଚ୍ଛଳ ହୋଇଗଲେ। କିନ୍ତୁ ଅନେକ ଚାକିରିର ମୂଳପଦବୀ ସଂଖ୍ୟା ହ୍ରାସ ସତ୍ତ୍ୱେ ଲକ୍ଷାଧିକ ପଦବୀ ପୂରଣ ପରିବର୍ତ୍ତେ ଚୁକ୍ତିଭିତ୍ତିକ, ଆଉଟ ସୋର୍ସିଂ ଏବଂ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଏବଂ କିଛି କର୍ମଚାରୀ ଓ ଅଧିକାରୀମାନଙ୍କୁ ଆର୍ଥିକ ଲାଭର ସୁଯୋଗ ଦେଇ ସରକାର ଅଭୂତପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି। ୨୦୦୦ମସିହା ପୂର୍ବରୁ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ସୀମିତ ଥିଲା। କ୍ରମେ କ୍ରମେ ସରକାର କର୍ମଚାରୀଙ୍କ ଚାପ ବା ସନ୍ତୁଷ୍ଟୀକରଣ ନୀତି ଆପଣାଇ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ବଢ଼ାଇ ଦେଲେ। ଯାହା କି ରାଜ୍ୟର ପ୍ରତ୍ୟେକ ବିଭାଗର ଏପରିକି ସର୍ବଭାରତୀୟ ସେବାର ପଦବୀ ତାଲିକା ସ୍ପଷ୍ଟ କରୁଛି।

ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ସର୍ବନିମ୍ନ ଦରମା ପାଉଥିବା ରାଜସ୍ୱ ନିରୀକ୍ଷକଙ୍କ ଦରମା ଗ୍ରୁପ ବି ସମତୁଲ୍ୟ କରାଗଲା। ସଚିବାଳୟର ଲଘିଷ୍ଠ ସହାୟକ ପଦବୀ ଉଚ୍ଛେଦ କରାଯାଇ ବରିଷ୍ଠ ସହାୟକଙ୍କୁ ସହକାରୀ ଉପ ବିଭାଗ ଅଧିକାରୀ ଭାବେ ମୂଳ ପଦବୀଭୁକ୍ତ କରାଗଲା। ସଚିବାଳୟ ରାଜ୍ୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଦପ୍ତର ଯୋଗୁ ପୂର୍ବରୁ ଅନ୍ତତଃ ୨୦ବର୍ଷର ଅଭିଜ୍ଞତା ପରେ ବରିଷ୍ଠ ସହାୟକଙ୍କୁ ଉପବିଭାଗ ଅଧିକାରୀ ଭାବେ ପଦୋନ୍ନତି ମିଳୁଥିଲା। କିନ୍ତୁ ଏବେ ୪ ବର୍ଷ ପରେ ପଦୋନ୍ନତି ଯୋଗୁ ଅଭିଜ୍ଞତା ଗୁରୁତ୍ୱହୀନ ହୋଇଛି। ନିକଟରେ ୯୪ଟି ମୂଳ ପଦବୀ ଉଚ୍ଛେଦ କରାଯାଇ ୧୨୦ଟି ବିବିଧ ବର୍ଗର ପ୍ରଥମ ଶ୍ରେଣୀ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଉପ ନିରୀକ୍ଷକ ପରିବର୍ତ୍ତେ ନିରୀକ୍ଷକ ପଦବୀ ସୃଷ୍ଟି କରାଯାଇ ସମାନୁପାତିକ ଉପ ଓ ଅତିରିକ୍ତ ଆରକ୍ଷୀ ପଦ ସୃଷ୍ଟି କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ବହୁ ହଜାର ଶିକ୍ଷକ ପଦବୀ ଖାଲି ରହିଛି। କିନ୍ତୁ ତାହା ପୂରଣ ପରିବର୍ତ୍ତେ ବ୍ଲକ ଶିକ୍ଷାଧିକାରୀ ସହ ୨୦୧୩ ମସିହା ପର୍ଯ୍ୟନ୍ତ ରହିଥିବା ୩ଟି ଯୁଗ୍ମ ନିର୍ଦ୍ଦେଶକ ପଦବୀ ସଂଖ୍ୟା ୫୬କୁ ବୃଦ୍ଧି କରାଯାଇ ଆନୁପାତିକ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଅନେକ ପଦବୀ ଚୁକ୍ତିଭିତ୍ତିକ ବା ଆଉଟ ସୋର୍ସିଂ ଦ୍ୱାରା ପରିଚାଳିତ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ସେବାର ମୂଳ ପଦବୀକୁ ୧ମ ଶ୍ରେଣୀ କନିଷ୍ଠ ବର୍ଗ ମାନ୍ୟତା ଦିଆଯାଇଛି। ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପଦ ୨ୟ ଶ୍ରେଣୀ କରାଯାଇ ପଦୋନ୍ନତିଭିତ୍ତିକ ପଦବୀ ବୃଦ୍ଧି ହୋଇଛି।



୨୮।୨।୨୦୦୯ ପୂର୍ବରୁ, ଓଏଫ୍ଏସ୍ ଏବଂ ଓଏଏସ୍‌ର ସର୍ବୋଚ୍ଚ ପଦୋନ୍ନତିଭିତ୍ତିକ ସ୍ୱତନ୍ତ୍ର ଶାସନ ସଚିବ ପଦବୀ ଯଥାକ୍ରମେ ୨ ଓ ୪ରେ ସୀମିତ ଥାଇ ମୂଳ ପଦବୀ ୨ୟ ଶ୍ରେଣୀ ଥିଲା। ସେହିଦିନ ମୂଳ ପଦବୀରେ ଥିବା ୩୮୫ ଓଏଫ୍ଏସ୍ ଓ ୧୧୦୦ ଓଏଏସ୍ ଅଧିକାରୀଙ୍କୁ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ ପଦବୀଭୁକ୍ତ କରାଗଲା ଏବଂ ସମସ୍ତ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ମଧ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି କରାଗଲା। ଏଥିସହିତ ସ୍ପେସିଆଲ ଗ୍ରେଡ୍ ସୁପର ଟାଇମ ପଦବୀ ଉଚ୍ଛେଦ କରାଯାଇ ଏସ୍ଏଜି ପଦବୀ ସଂଖ୍ୟା ୭ ଗୁଣ ବଢ଼ାଇ ଦିଆଗଲା। ଯାହାଦ୍ୱାରା ୨ୟ ଶ୍ରେଣୀ ପଦବୀରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବେତନ ଓ ସୁବିଧା ପାଇଲେ। କିନ୍ତୁ ଆବଶ୍ୟକ ପଦବୀଠାରୁ କାର୍ଯ୍ୟରତ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହେବାରୁ ପର୍ଯ୍ୟାୟକ୍ରମେ ସେମାନଙ୍କୁ ଉପଯୁକ୍ତ ପଦବୀରେ ନିଯୁକ୍ତି ପାଇଁ ୪ବର୍ଷ ଲାଗିଲା। ବିଭାଗୀୟ ପଦୋନ୍ନତି ଓ ନିଯୁକ୍ତିଭିତ୍ତିକ ଚାକିରି ଆଶାୟୀମାନଙ୍କୁ ୭ବର୍ଷ ବଞ୍ଚିତ କରାଗଲା। ପରେ ଏହି ପଦବୀ ପୁନର୍ଗଠନ ଓଏଏସ୍ ଅଧିକାରୀଙ୍କ ପାଇଁ ୨୦୧୪, ୨୦୧୬, ୨୦୧୭, ୨୦୨୦ ଓ ୨୦୨୧ରେ ହୋଇଥିବାବେଳେ ଓଏଫ୍ଏସ୍ ଅଧିକାରୀଙ୍କ ପାଇଁ ୨୦୧୫, ୨୦୧୭, ୨୦୧୮, ୨୦୨୦ ଓ ୨୦୨୧ରେ ହୋଇଛି। ପଦୋନ୍ନତିଭିତ୍ତିକ ଓଏଏସ୍ ପଦବୀ ୨୦୦୯ରେ ୯୩୦ ଥିବାବେଳେ ଏବେ ୨୧୨୩ ହେବା ସହ ସ୍ୱତନ୍ତ୍ର ସଚିବ ପଦବୀ ୪ରୁ ୬୫କୁ ବୃଦ୍ଧି ପାଇଛି। ସେପରି ୨୦୦୯ ମସିହାରେ ପଦୋନ୍ନତିଭିତ୍ତିକ ଓଏଫ୍ଏସ୍ ପଦବୀ ୩୩୮ ଥିଲା। ଏବେ ୧୦୧୪ ହୋଇଥିବା ସ୍ଥଳେ ସ୍ୱତନ୍ତ୍ର ସଚିବ ପଦବୀ ୨ରୁ ୩୧କୁ ବୃଦ୍ଧି କରାଯାଇଛି। ସବୁଠାରୁ ତାତ୍ପର୍ଯ୍ୟ କଥା ହେଉଛି ୧୦।୮।୨୧ରେ ରାଜ୍ୟ କ୍ୟାବିନେଟ ମୋହର ଲାଗିଥିବା ପୁନର୍ଗଠନର ସଂକଳ୍ପନାମା ତା୨୩।୭।୨୦୨୧ରିଖରେ ପ୍ରକାଶ ପାଇ ୨ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା। ସେମାନେ ସେଇ ମାସରେ ଅବସର ନେଇଥିଲେ। ଦ୍ୱିତୀୟତଃ ଲିଭ୍ ରିଜର୍ଭ ପଦବୀ ସଂଖ୍ୟା ୨୦୧୨ ପରଠାରୁ ୧୦ଶତାଂଶ ପରିବର୍ତ୍ତେ ଉଭୟ ପଦବୀରେ ୩୮ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୁନର୍ଗଠନ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଅନେକ ପ୍ରଶାସନିକ ଚଞ୍ଚକତା ମଧ୍ୟ ସୁସ୍ପଷ୍ଟ ହେଉଛି।

ପୂର୍ତ୍ତ, ନଗର ଉନ୍ନୟନ ଓ ଜଳସେଚନ ବିଭାଗରେ ରାଜ୍ୟ ଯାନ୍ତ୍ରିକ ସେବା ପଦବୀ ୩୧୩୦ ରହିଛି। କିନ୍ତୁ ୧୫।୩।୨୦୨୧ ବିଜ୍ଞପ୍ତିରେ ପଦବୀ ସଂଖ୍ୟା ସମାନ ଥାଇ ସ୍ତର ୧୨ ଓ ୧୩ର ପଦବୀ ସଂଖ୍ୟା ହ୍ରାସ ଓ ୧୪, ୧୬, ୧୭ ସ୍ତରର ସମ ସଂଖ୍ୟକ ପଦବୀ ବୃଦ୍ଧି ଯୋଗୁ ଅଧୀକ୍ଷକ ଯନ୍ତ୍ରୀ ୬୧ରୁ ୩୫୨, ମୁଖ୍ୟ ଯନ୍ତ୍ରୀ ୪୫ରୁ ୧୮୨ ଏବଂ ଯନ୍ତ୍ରୀ ମୁଖ୍ୟ ୯ରୁ ୧୪ ହୋଇଛି। ମୂଳ ପଦବୀ ସଂଖ୍ୟା ହ୍ରାସ ଯୋଗୁ ନିଯୁକ୍ତି ସଙ୍କୁଚିତ ହୁଏ। କିନ୍ତୁ ବେକାର ଯୁବତୀ ଯୁବକଙ୍କୁ କର୍ମସଂସ୍ଥାନ ପରିବର୍ତ୍ତେ ସରକାରଙ୍କର ପଦବୀ ପୁନର୍ଗଠନ ଦ୍ୱାରା ଏବେ ବେତନ ଓ ଭବିଷ୍ୟତରେ ପେନ୍‌ସନ ପାଇଁ ରାଜକୋଷକୁ ଚାପଗ୍ରସ୍ତ କରାଇବ। ସରକାରଙ୍କର ଏହି ନୀତି ଝିଣ୍ଟିକା ମାରି ବଣି ପୋଷିବା ବା ବଣି ମାରି ଶାଗୁଣା ପୋଷିବା ସହ ସମାନ ହେଉନାହିଁ କି?

**୧୧୩ ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଗ୍ରାହକଙ୍କୁ ଶୋଷଣ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ଟି ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍‌କାଟ ଏବଂ ଅହେତୁକ ବିଜୁଳି ଦର ବୃଦ୍ଧି କରି ଗ୍ରାହକମାନଙ୍କୁ ଶୋଷଣ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟାଟା କମ୍ପାନୀ ପକ୍ଷରୁ ଜବରଦସ୍ତ ଚାଇନା ମିଟର ଲଗାଯାଇ ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଆଦାୟ କରିବା ଗତ କିଛିବର୍ଷ ଧରି ଏକ ବ୍ୟବସାୟରେ ପରିଣତ ହୋଇଛି। ଥିଲାବାଲା ହିତାଧିକାରୀମାନେ ପୁରୁଣା ମିଟରରେ ବାଇପାସ୍ କରି ମୋଟର, ଫ୍ରିଜ, ହିଟର ଇତ୍ୟାଦି ବ୍ୟବହାର କରି ମାସକୁ ୨୦୦ରୁ ୨୫୦ ଟଙ୍କା ବିଦ୍ୟୁତ୍ ଦେୟ ଦେଉଥିବା ବେଳେ ବିପିଏଲ୍ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ବାସଗୃହ ସମ୍ମୁଖରେ ଜୋରଜବରଦସ୍ତ ଚାଇନା ମିଟର ବସାଯାଇ ମାସିକ ୫ଶହରୁ ୧୨ଶହ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ବାଧ୍ୟ କରାଯାଉଛି। ଏହାକୁ ନେଇ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଅସହାୟମାନଙ୍କଠାରୁ ଚଢ଼ା ଦରରେ ବିଦ୍ୟୁତ୍ ବିଲ୍ ଆଦାୟ କରାଯିବା କେତେଦୂର ଯଥାର୍ଥ ତାହା ବିଭାଗୀୟ ମନ୍ତ୍ରୀ ତଦନ୍ତ କରିବା ଦରକାର।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ତେସନ ଉଦୟ ହୋଇ ବିରାଟ ମାନବ–
ପାରାବାରେ
ବୁଦ୍‌ବୁଦ୍ ସମାନ କାହିଁ ଯାଏ ସେ ମିଳାଇ
ଅନ୍ଧକାରେ,
ଜୀବନର ସୂକ୍ଷ୍ମତମ ଏକ ଗୋଟି କଣା !
ନୂତନ ସତେଜ ସରଜନା।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଯୁବତୀଙ୍କୁ ବ୍ଲାକ୍‌ମେଲ କରି ଅଡୁଆରେ ଅଧିକାରୀ

#### ଅଡିଓ ଭାଇରାଲ

ଚଣ୍ଡିଖୋଲ,୨୬ା୭(ପ୍ରଦୀପ୍ତ କୁମାର ପୃଷ୍ଟି): ଯୁବତୀଙ୍କୁ ବ୍ଲାକମେଲ କରି ନିଜ ସହ ରାତି ବିତାଇବାକୁ ଜଣେ ଅଧିକାରୀ କହୁଥିବାର ଏକ ଅଡିଓ ଭାଇରାଲ ହେଉଛି। ଏହି ଅଡିଓରେ ଥିବା କଣ୍ଠସ୍ୱରଟି ଚଣ୍ଡିଖୋଲସ୍ଥିତ ଏକ ସରକାରୀ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କର ବୋଲି ଜଣାପଡ଼ିଛି। ଭାଇରାଲ ଅଡିଓରେ ଅଧିକାରୀ ଜଣଙ୍କ ଜଣେ ଯୁବତୀଙ୍କୁ ନିଜ ସହ ରାତି ବିତାଇବାକୁ ବାଧ କରୁଥିବା ଶୁଣାଯାଉଛି। ଯୁବତୀଜଣକ ବହୁ କାକୁତି ମିନତି ହୋଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ନେହୁରା ହେଉଛନ୍ତି। ଅନ୍ୟପକ୍ଷରେ ଅଧିକାରୀ ଜଣକ ନିଜର ଏନଜିଓ ଜରିଆରେ ଲକ୍ଷଲକ୍ଷ ଟଙ୍କା ରୋଜଗାର କରିବା ସହିତ ଚଣ୍ଡିଖୋଲ କଲେଜ ନିକଟରେ ଏକୁଟିଆ ଭଡା ଘରେ ରହୁଛନ୍ତି। ଏହି ଘରକୁ ଯୁବତୀ ଦିନକ ପାଇଁ ଆସିଲେ ସେ କିଛି କାର୍ଯ୍ୟାନୁଷ୍ଠାନ ନେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଚଣ୍ଡିଖୋଲ ଅଗ୍ନିଶମ ବାହିନୀର ୩ ଫାୟାରମ୍ୟାନ ଜଣେ ଯୁବତୀଙ୍କୁ ଅନୈତିକ କାରବାର ପାଇଁ ଆଣିଥିଲେ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଜାଣିବା ପରେ ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ପାଇଁ ସମ୍ପୃକ୍ତ ଥିବା ଜଣେ ତଳିଆ କର୍ମଚାରୀଙ୍କୁ ଦାୟୀ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ। ସମ୍ପୃକ୍ତ ଅଧିକାରୀ ଏହି ଘଟଣାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ଷଡ଼ଯନ୍ତ୍ର। ତାଙ୍କର କିଛି କର୍ମଚାରୀଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ସେମାନେ ଉଦ୍ଦେଶ୍ୟମୂଳକ ଭାବେ ଏପରି ଏକ ଅଡିଓକୁ ଏଡିଟିଂ କରି ଭାଇରଲ କରୁଛନ୍ତି। ଘଟଣାର ପ୍ରକୃତ ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

#### ଚିକିତ୍ସାରେ ଅବହେଳା ଅଭିଯୋଗ

ବିଶୋଇ(ଅମିତ ଦାସ)/ରାଇରଙ୍ଗପୁର (ମାନସ ମହାନ୍ତି), ୨୬ା୭:ବିଶୋଇ ଥାନା ଅଧୀନ ବାଉତିବେଡ଼ା ପଞ୍ଚାୟତର ସୁନାପୋଷି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଦନ ମୁର୍ମୁଙ୍କ ପୁଅ ବିଜୟ (୨୨)। ମଙ୍ଗଳବାର ରାତିରେ ସେ ପରିବାର ଲୋକଙ୍କ ସହିତ ନିଜ ଘର ମାଟି ଚଟାଣରେ ଶୋଇଥିଲେ। ସକାଳୁ ପରିବାର ଲୋକେ ଉଠି ବିଜୟଙ୍କୁ ଡାକିବାରୁ ସେ ନିସ୍ତେଜ ହୋଇ ପଡ଼ିଥିଲେ। ପରେ ପରିବାର ଲୋକେ ଘର ମଧରେ ଏକ ଚିତି ସାପ ଦେଖିବାକୁ ପାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଳମ୍ବରେ ଚିକିତ୍ସା ଆରମ୍ଭ କରି ବାରିପଦା ପିଆର୍‌ଏମ୍ ମେଡିକାଲକୁ ରେଫର ପାଇଁ ଲେଖିଥିଲେ। ତେବେ ୧୦୮ ଆମ୍ବୁଲାନ୍ସ ଆସିବା ବିଳମ୍ବ ଯୋଗୁ ରୋଗୀଙ୍କୁ ବେସରକାରୀ ଗାଡ଼ିରେ ବାରିପଦା ନେଇଯିବା ପାଇଁ ପରିବାର ଲୋକେ କହିଥିଲେ। ବେସରକାରୀ ଗାଡ଼ିରେ ଗଲେ ମେଡିକାଲ ପକ୍ଷରୁ ରେଫର କରାଯିବ ନାହିଁ ବୋଲି ଡାକ୍ତର ମନା କରିବା ସହିତ ରେଫର କାଗଜ ଫେରାଇ ଦେବା ପାଇଁ କହିଥିଲେ। କିଛି ସମୟ ପରେ ବିଜୟଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ତେବେ ଚିକିତ୍ସାରେ ଅବହେଳା ଯୋଗୁ ବିଜୟଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ ବିଶୋଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶିଳ୍ପ ବିକାଶରେ ବାଧକ ଅସାମାଜିକ ଗୋଷ୍ଠୀ

## ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡିଲା କେଏନ୍‌ଆଇଏ




କଳିଙ୍ଗନଗର,୨୬ା୭(ଶୁଭାଶିଷ ରାଉତ) :

କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେକ ଅସାମାଜିକ ବ୍ୟକ୍ତି ଓ ଗୋଷ୍ଠୀ ମୋଟା ଅଙ୍କର ଚାନ୍ଦା ଆଦାୟ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସଙ୍ଗଠନ ଗଠନ କରି କାରଖାନା ବିରୋଧରେ ମିଥ୍ୟା ପ୍ରଦୂଷଣ ଜନିତ ଅଭିଯୋଗ କରୁଛନ୍ତି। ଏଭଳି ଅଯଥା ହସ୍ତକ୍ଷେପ ଶିଳ୍ପ ବିକାଶରେ ବାଧକ ସାଜିଛି। କଳିଙ୍ଗନଗର ଶିଳ୍ପ ସଂଘ ବା କଳିଙ୍ଗନଗର ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ (କେଏନ୍‌ଆଇଏ)ର ସଭାପତି ପୁରୁଷୋତ୍ତମ କାଣ୍ଡୋଇ ଏଭଳି ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି । ଏହିମର୍ମରେ କାଣ୍ଡୋଇ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିବା ସହ ଆବଶ୍ୟକ ତଦନ୍ତ କରି ଦୋଷୀ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ଗତ ୨୦୧୮ ନଭେମ୍ବରରେ କେଏନ୍‌ଆଇଏର ସଭାପତି କାଣ୍ଡୋଇ ଏହି ଶିଳ୍ପାଞ୍ଚଳରେ ସ୍ଥାନୀୟ ରାଜନେତାଙ୍କ ଅଯଥା ହସ୍ତକ୍ଷେପ କରୁଥିବା ନେଇ ଅଭିଯୋଗ ଆଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ।

କେଏନ୍‌ଏଆଇ କାଣ୍ଡୋଇ ମୁଖ୍ୟ ଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଆହୁରି ଦର୍ଶାଇଛନ୍ତି ଯେ, ନବେ ଦଶକରେ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ବାବୁ ଅନୁଭବ କରିଥିଲେ ଯେ ଖଣି ଖାଦାନରେ ଭରା ଓଡ଼ିଶାର ପ୍ରଗତି କେବଳ ଶିଳ୍ପାୟନ ଦ୍ୱାରା ସମ୍ଭବ। ଓଡ଼ିଶାବାସୀଙ୍କ ସାମାଜିକ ତଥା ଅଭିବୃଦ୍ଧି ପାଇଁ ବିଜୁ ବାବୁ ସର୍ବଦା ଚେଷ୍ଟିତ ଥିଲେ । ଏଥିପାଇଁ ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପରେ କଳିଙ୍ଗନଗରଠାରେ ଓଡ଼ିଶାର ଦ୍ୱିତୀୟ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବିଜୁ ବାବୁଙ୍କ ଏହି ସ୍ୱପ୍ନକୁ ତାଙ୍କ ପୁଅ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଫଳ ଭାବରେ କାର୍ଯ୍ୟକାରୀ କରିଅଛନ୍ତି । ଯାହା ଫଳରେ ଆଜି ଓଡିଶା ଶିଳ୍ପସମୃଦ୍ଧ ହେଇପାରିଛି । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଏକ ସ୍ଥିର ଓ ସ୍ୱଚ୍ଛ ସରକାରକୁ ନଜରରେ ରଖି ଟାଟା ଷ୍ଟିଲ, ଜିନ୍ଦଲ, ଟିଏସଏମଏଲ, ଭିସା, ମଇଥାନ, ବିଆରପିଏଲ, ସାଗର ସିମେଣ୍ଟ, ଯାଜଦାନୀ, ନୁଭିସ୍ତା ଆଦି ଶିଳ୍ପ ସଂସ୍ଥା ସେମାନଙ୍କ କାରଖାନା ସ୍ଥାପନ କରିଛନ୍ତି । କିନ୍ତୁ ବିଗତ କିଛି ବର୍ଷ ହେଲା ଶିଳ୍ପସଂସ୍ଥାଗୁଡିକ ନାହିଁ ନ ଥିବା ଶୋଷଣର ଶିକାର ହେବାକୁ ଏକପ୍ରକାର ବାଧ ହେଉଛନ୍ତି । ଶିଳ୍ପସଂଘ ଏହି ଅସୁବିଧାଗୁଡ଼ିକ ବିଷୟରେ ରାଜ୍ୟ ସରକାରଙ୍କୁ ଜଣାଇଆସୁଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିପାରିନାହିଁ। ଶିଳ୍ପ ସଂଘର କହିବା କଥା ହେଲା କଳିଙ୍ଗନଗରରେ ଗଢ଼ିଉଠିଥିବା ଶିଳ୍ପ ସଂସ୍ଥାଗୁଡିକ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁକରାଯାଉଥିବା ସମସ୍ତ ଆଇନକୁ ପାଳନ କରିଆସୁଛନ୍ତି। ପରିବେଶ ନିୟମ ମଧ୍ୟ ଏହି ଆଇନ ମଧ୍ୟରୁ ଅନ୍ୟତମ । ପରିବେଶ ଆଇନକୁ ଅମାନ୍ୟ କରୁଥିବା ଶିଳ୍ପସଂସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ଅଧୀନ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(ସିପିସିବି) ଓ ରାଜ୍ୟ ସରକାରଙ୍କ ଅଧୀନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(ଏସପିସିବି) ରହିଅଛି । ଯାହା ପରିବେଶ ଆଇନକୁ ଅମାନ୍ୟ କରୁଥିବା ସଂସ୍ଥାମାନଙ୍କ ବିରୋଧରେ ଉଚିତ ଆଇନଗତ ପଦକ୍ଷେପ ନେବାର କ୍ଷମତା ମଧ୍ୟ ରଖନ୍ତି । ହେଲେ କଳିଙ୍ଗନଗରରେ କେତେଜଣ ଅସାମାଜିକ ବ୍ୟକ୍ତି ଓ ଗୋଷ୍ଠୀ ମୋଟା ଅଙ୍କର ଚାନ୍ଦା ଆଦାୟକରିବା ଉଦ୍ଦେଶ୍ୟରେ ବିଭିନ୍ନ ସଙ୍ଗଠନ ଗଠନ କରି କାରଖାନାମାନଙ୍କ ବିରୋଧରେ ମିଥ୍ୟା ପ୍ରଦୂଷଣ ଜନିତ ଅଭିଯୋଗମାନ କରୁଛନ୍ତି । ଯେଉଁ କାରଖାନାଗୁଡିକ ଚାନ୍ଦା ଦେବାପାଇଁ ରାଜି ହେଉନାହାନ୍ତି ସେମାନଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଦାଖଲ କରାଯାଉଛି। ଏଭଳି ଶୋଷଣର ଶିକାର ହୋଇ କିଛି କାରଖାନା ବନ୍ଦ ହୋଇଯାଇଛି। ଏହି ସଙ୍ଗଠନଗୁଡିକ ଏତେ ଶକ୍ତିଶାଳୀ ଯେ ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଖଣିଜ ପରିବହନ ମୂଲ୍ୟଠାରୁ ଅଧିକ ମୂଲ୍ୟ ଦେବାପାଇଁ ଶିଳ୍ପସଂସ୍ଥାଗୁଡିକୁ ଏକପ୍ରକାର ବାଧ୍ୟ କରୁଅଛନ୍ତି । ଜିଲା ପ୍ରଶାସନ ଏହି ବିଷୟରେ ଅବଗତ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଉକ୍ତ ସଙ୍ଗଠନଗୁଡିକ ବିରୋଧରେ ପ୍ରଶାସନ ନିକଟରେ ଶିଳ୍ପସଂସ୍ଥା ତରଫରୁ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଗଢ଼ିଉଠିଥିବା କାରଖାନା ପରିଚାଳନା ଓ ଉତ୍ପାଦନ ତଥା ସମ୍ପ୍ରସାରଣରେ ନାହିଁ ନ ଥିବା ଅସୁବିଧା ହେଉଥିବାରୁ ସରକାର ୩୫ ନୂଆ କାରଖାନା ସ୍ଥାପନ କରିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ଏବେ ସ୍ୱପ୍ନ ଭଳି ଲାଗୁଛି ।

## ବୈଜ୍ଞାନିକ ଡ. ଅମିୟ କୁମାର ସାମଲ ପୁରସ୍କୃତ



ବୈଜ୍ଞାନିକ ଡ. ଅମିୟ କୁମାର ସାମଲଙ୍କୁ ରାଷ୍ଟ୍ରପତି ଭୂ-ବିଜ୍ଞାନୀ ଭାବେ ପୁରସ୍କୃତ କରୁଛନ୍ତି ।

ବାଲିଚନ୍ଦ୍ରପୁର,୨୬ା୭(ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ବାଲିପଡ଼ିଆ ଗ୍ରାମର ପ୍ରମୋଦ କୁମାର ସାମଲ ଓ ଜ୍ୟୋତ୍ସ୍ନାରାଣୀ ସାମଲଙ୍କ ସୁପୁତ୍ର ଯୁବ ବୈଜ୍ଞାନିକ ଡ. ଅମିୟ କୁମାର ସାମଲଙ୍କୁ ଜାତୀୟ ଭୂ-ବିଜ୍ଞାନୀ ଭାବେ ପୁରସ୍କୃତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଡ. ସାମଲ ଏବେ ବାରଣାସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭୂ-ବିଜ୍ଞାନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଭୂ-ବିଜ୍ଞାନ କ୍ଷେତ୍ରରେ ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ଓ ଗବେଷଣା ନିମିତ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଗତ ସୋମବାର ରାଷ୍ଟ୍ରପତି ଭବନଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ତାଙ୍କୁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କୋଇଲା ଖଣି ଓ ରେଳବାଇର ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ପାଟିଲ ଦାନଭିଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଯୁବ ବୈଜ୍ଞାନିକ ଡ. ସାମଲଙ୍କୁ ତାଙ୍କର ଏହି କୃତିତ୍ୱ ପାଇଁ ସାରା ଜିଲାରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବିଶିଷ୍ଟ ସଂଗ୍ରାମୀ ନୀଳମଣି ସାମଲ, ବୌଦ୍ଧ ଗବେଶକ ଐତିହାସିକ ଡ. ହରିଶ ଚନ୍ଦ୍ର ପୃଷ୍ଟି, ଠକ୍କରବାବା ଆଶ୍ରମ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବାଲିପଡ଼ିଆ ସରପଞ୍ଚ ଅଧାପକ କିଶୋର ଚନ୍ଦ୍ର ବେହୁରା, ସମିତିସଭ୍ୟା ମନୋରମା ଭଞ୍ଜ, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ସାମଲ, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ବାଲିପଡ଼ିଆ ଯୁବକ ସଂଘ ସଭାପତି ଦିଲୀପ କୁମାର ସାମଲ, ଉପସଭାପତି ବିରୁପାକ୍ଷ ତ୍ରିପାଠୀ, ସମ୍ପାଦକ ସୁବାସ ଚନ୍ଦ୍ର ତ୍ରିପାଠୀ, ସହ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର ସଭାପତି ପ୍ରକାଶ ଚନ୍ଦ୍ର ସାମଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ, ବିଭିନ୍ନ ଅନୁଷ୍ଠାନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯିବା ସହ ତାଙ୍କ ନିରାମୟ ଜୀବନ କାମନା କରାଯାଇଛି।

# ଟ୍ରେଲର ଧକ୍କାରେ ୨ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ପୋଲିସ ଗାଡ଼ି ଭଙ୍ଗାରୁଜା

କଳିଙ୍ଗନଗର,୨୬ା୭(ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ବିଜୁ ପଟ୍ଟନାୟକ ମାର୍ଗର ମାନତିରା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ପୋଲିସ ତଦନ୍ତ କରୁଥିବାବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସର ଏକ ବୋଲର ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଗାଡ଼ି ଡ୍ରାଇଭରଙ୍କୁ ଆକ୍ରମଣ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଲାଗି ରହିଥିଲା।

ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ୯ଟା୩୦ରେ ବାଘବାହାଳି ପଟରୁ ଟାଟା କାରଖାନା ପଟକୁ ଆସୁଥିବା ଏକ ଟ୍ରେଲର ହଠାତ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡିଯାଇ ଜଣେ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଚାଳକ ଭାବେ କାମ କରୁଥିବା ନୀଳମଣିଦେଇପୁର ଶାସନ ଗ୍ରାମର ଅଞ୍ଜନ ଜେନା(୫୨) ଡ୍ୟୁଟି ସାରି ଘରକୁ ଫେରୁଥିବାବେଳେ ଟ୍ରକ ଚକ ତଳେ ଚାପି ହୋଇ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ପରେ ଟ୍ରେଲରଟି କିଛି ଦୂରରେ ସାଇକଲ ଧରି ଠିଆ ହୋଇଥିବା ଦୁଇଜଣ ଯୁବକଙ୍କୁ ଧକ୍କା ଦେଇଥିଲା।



ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ଭାଙ୍ଗି ଦେଇଛନ୍ତି।

ସେମାନଙ୍କୁ ତୁରନ୍ତ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ କେନ୍ଦୁଝର ଜିଲା ଠାକୁରମୁଣ୍ଡା ଅଞ୍ଚଳର ବୈଶାଖୀ ନାୟକ(୩୨)ଙ୍କ ମୃତ୍ୟୁ ହୋଇଥିଲା। ବୈଶାଖୀ ମଇଥାନ ଇସ୍ପାତ କାରଖାନାର ମା' ତାରିଣୀ ଠିକା ସଂସ୍ଥା ଅଧୀନରେ କାମ କରୁଥିଲେ। ସେ ଡ୍ୟୁଟିକୁ ଯାଉଥିବାବେଳେ ଏହି ଘଟଣା ଘଟିଛି। ଚିକିତ୍ସାଧୀନ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ହୋହଲ୍ଲା କରିବାରୁ ପୋଲିସ ସେମାନଙ୍କୁ ବିରୋଧ କରିଥିଲା। ଫଳରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ଥିବା ପୋଲିସ ଗାଡ଼ିକୁ ଟେକା ପଥର ମାଡ଼ କରିବା ସହିତ ଭଙ୍ଗାରୁଜା କରିଥିଲେ।

## ପ୍ରେମ ବିବାହ ପରେ ବୋହୂଙ୍କୁ ନିର୍ଯାତନା

### ଠାକୁର ଘର, ରୋଷେଇ ଘର ମନା

ଜଳେଶ୍ୱର, ୨୬ା୭(ରବିନାରାୟଣ ପାତ୍ର)

ଭଲ ପାଇ ବିବାହ ପରେ ନୀଚ ଜାତି ବୋଲି ବୋହୂଙ୍କୁ ଠାକୁର ଘର ଓ ରୋଷେଇ ଶାଳ ବାରଣ ସହିତ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ତେଣୁ ନ୍ୟାୟ ପାଇଁ ମହିଳାଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାଘାବାଳି ଗାଁର ଭାଗବତ ଜେନାଙ୍କ ସାନପୁଅ ଶାଶାଙ୍କ ଜେନା ବସ୍ତା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅଢେଇବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଚତୁର୍ଥୀ ପରଠାରୁ ଜାତିଆଣା ଆକ୍ଷେପ କରି ଠାକୁର ଘର ଓ ରୋଷେଇଶାଳାକୁ ଶାଶୁଘର ଲୋକେ ବାରଣ କରିଥିଲେ । ନୀଚ ଜାତି ବୋଲି ଜାଣି ମଧ ବିବାହ ପରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବାରୁ ମହିଳାଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଥାନା ପକ୍ଷରୁ ମାମାଲା ରୁଜୁ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି । ଏବେ ମହିଳାଙ୍କର ୨ବର୍ଷର ସନ୍ତାନ ଅଛନ୍ତି।

## ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

ଚଢ଼େଇଧରା,୨୬ା୭(ଦିଲୀପ ପରିଡ଼ା):


ଅନନ୍ତ ଚରଣ ପରିଡ଼ା

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଡ଼ମଧୁପୁର ପଞ୍ଚାୟତ କୁକୁଡ଼ାଖାଳି ଗ୍ରାମର ଧରିତ୍ରୀ ଚଢ଼େଇଧରା ଖବରଦାତା ଦିଲୀପ ପରିଡ଼ାଙ୍କ ପିତା ଅନନ୍ତ ଚରଣ ପରିଡ଼ାଙ୍କ ମଙ୍ଗଳବାର ରାତିରେ ବିୟୋଗ ହୋଇଯାଇଛି। ତାଙ୍କୁ ୬୯ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିଡ଼ା ଅଣକଂଗ୍ରେସ ରାଜନୀତିର ଦକ୍ଷ ସଙ୍ଗଠକ ଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ତାଙ୍କର ଅଞ୍ଚଳରେ ବେଶ୍ ସୁନାମଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡା, ବରିଷ୍ଠ ସଙ୍ଗଠକ ପ୍ରଫୁଲ ରାୟ, ସଂଗୀତ ନିର୍ଦ୍ଦେଶକ ଜାପାନି ଭାଇ, ପ୍ରହ୍ଲାଦ ଲେଙ୍କା, ନକୁଳ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ଜଗଦୀଶ ଜେନାମଣି, ସରପଞ୍ଚ ରବୀନ୍ଦ୍ର କୁମାର ସେଠୀ, ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ଆବାହକ ସରୋଜ କୁମାର ବେହେରା, ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ହରିହର ସ୍ୱାଇଁ, ବରିଷ୍ଠ ଖବରଦାତା ବସନ୍ତ ନାୟକ, କାଶୀନାଥ ବାରିକ, ଏସୟୁଜେ ଜିଲା ସହ ସମ୍ପାଦକ ପରମାନନ୍ଦ ସାହୁ, ପ୍ରବୋଧ ମିଶ୍ର, ଖବରଦାତା ସୁବ୍ରତ ସାହୁ, ଶଙ୍କର ପ୍ରତାପ ଦାସ, ରଣଜିତ ଦୋରା, ମାନସ ରଞ୍ଜନ ବିଶ୍ୱାଳ, ପ୍ରଦୀପ ପୃଷ୍ଟି, ସନ୍ଦୀପ୍ତ ରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପରିଡ଼ାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ସ୍କୁଲରୁ ଚୋରି ବେଳେ ଧରାପଡ଼ିଲେ ଯୁବକ

ଗୋପବନ୍ଧୁନଗର,(ଶାନ୍ତନୁକୁମାର ମଞ୍ଜୁଆଳ)

ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅନ୍ତର୍ଗତ ବାସିପିଠା ପଞ୍ଚାୟତ ଜଡାବଣୀ ପ୍ରାଥମିକ ସ୍କୁଲରେ ପଶି ମଙ୍ଗଳବାର ରାତିରେ ଚୋରି କରୁଥିବା ବେଳେ ଗ୍ରାମବାସୀ ଜଣେ ଯୁବକଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ଜଣକ ବଡ଼ସାହି ଥାନା ଅଧୀନ ବାଲିଯୋଡା ଗ୍ରାମର ଦୁରାଇ ହେମ୍ବ୍ରମ (୩୦) ବୋଲି ପୋଲିସ କହିଛି। ୱାର୍ଡମେମ୍ବର ଜଗନ୍ନାଥ ମାଝୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୭/୨୩) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# କାରଗିଲ ବିଜୟ ଉତ୍ସବ

ବାଲିଚନ୍ଦ୍ରପୁର,୨୬ା୭ (ଗିରିଜା ପ୍ରସାଦ ସାହୁ):


ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍‌ଗିଲ ବିଜୟ ଉତ୍ସବରେ ଯୋଗ ଦେଇଥିବା ଅତିଥି, ଛାତ୍ରୀ ଓ ଅନ୍ୟମାନେ।

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର କାରଗିଲ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଏଥିସହିତ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଶୋକ ସାମଲଙ୍କ ସଞ୍ଚାଳନାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପରିଚୟ ଫାଉଣ୍ଡେଶନ ଅଧକ୍ଷା ରୋଜାଲିନ୍ ପାଟସାହାଣୀ ମିଶ୍ର ଯୋଗଦେଇ କାରଗିଲ ଯୁଦ୍ଧ ଉପରେ ସବିଶେଷ ବିବରଣୀ ଉପସ୍ଥାପନ କରିବା ସହିତ ଛାତ୍ରୀମାନଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ସାହାଯ୍ୟ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ମାହାଙ୍ଗା ବ୍ଲକ୍ ପ୍ରାକ୍ତନ ଅଧକ୍ଷ କିଶୋର ସିଂହ, ଖବରଦାତା ଭକ୍ତଚରଣ ସାହୁ ଯୋଗଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସମାଜକୁ ପରିବର୍ତ୍ତନ ଦିଗରେ ଶିକ୍ଷା ହିଁ ପ୍ରକୃଷ୍ଟ ମାଧମ ବୋଲି ମତପୋଷଣ କରିଥିଲେ। ଅନ୍ୟତମଅତିଥି ଭାବେ ଭାରତ ଏକତା ପ୍ରତିଷ୍ଠାନ ଓ ଶାନ୍ତିବାର୍ତ୍ତାର ପ୍ରତିକ ମହିଳା ମଟରସାଇକେଲ ଆରୋହୀ ଅମିତା ସିଂହ ଯୋଗଦେଇ ଦେଶରେ ଶାନ୍ତି ବାର୍ତ୍ତାର ପ୍ରଚାର ଉପରେ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧରେ ଉଚ୍ଚ ବିଦ୍ୟାଳୟ ଅଧକ୍ଷ ମାମି ବଳବନ୍ତରାୟ, ଇଂଲିଶ ବିଭାଗ ଅଧାପକ ଡ. ଭାବଗ୍ରାହୀ ମହାରଣା, ଅଧାପକ ଅଲ୍ୟଳ କୁମାର ବଳ, ତମାଳ ମାଳ ସ୍ୱାଇଁ, ସ୍ନିଗ୍ଧାରାଣୀ ମହାନ୍ତି ଓ ପ୍ରେମାନନ୍ଦ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧାପିକା ରୁପଶ୍ରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପଲେଇ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ

■ ଶିକ୍ଷାଦାନ ବାଧାପ୍ରାପ୍ତ
■ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବି କଲେ ଗ୍ରାମବାସୀ

ବାଲିଚନ୍ଦ୍ରପୁର,୨୬ା୭ (ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥିତ ପଲାଇ ଉଚ୍ଚ ବିଦ୍ୟାଳୟରେ ଏବେ ଶିକ୍ଷକ ଅଭାବ ଦେଖାଦେଇଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତେଣୁ ଶୀଘ୍ର ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଏହି ବିଦ୍ୟାଳୟ ୧୯୮୪ରେ ସ୍ଥାପନା କରାଯାଇଥିଲା। ଏହା ପଲେଇ ଓ ବିକ୍ରମତିରଣ ଦୁଇ ପଞ୍ଚାୟତର ଏକମାତ୍ର ଉଚ୍ଚ ବିଦ୍ୟାଳୟ ହୋଇଥିବାବେଳେ ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀରେ ୧୫୯ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ବିଦ୍ୟାଳୟରେ ୩ଟି ଶ୍ରେଣୀ ପାଇଁ ମୋଟ୍ ୯ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ଅଷ୍ଟମ ଶ୍ରେଣୀ ନୋଡାଲ ସ୍କୁଲରେ ସାମିଲ ହୋଇଯିବା ପରେ ନବମ ଓ ଦଶମ ଶ୍ରେଣୀକୁ ନେଇ ଉଚ୍ଚ ବିଦ୍ୟାଳୟ ଚାଲୁଛି। ଇତି ମଧରେ ୮ଜଣ ଶିକ୍ଷକ ଅବସରଗ୍ରହଣ କରିସାରିଥିବାବେଳେ ଜଣେ ମାତ୍ର ବିଜ୍ଞାନ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଉକ୍ତ ବିଜ୍ଞାନ ଶିକ୍ଷକ ଜଣଙ୍କ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ବିଦ୍ୟାଳୟର କିରାଣି ଅବସର ନେଇଥିବା କାରଣରୁ ପ୍ରଧାନଶିକ୍ଷକଜଣଙ୍କ ସରକାରୀ ନଥିପତ୍ର ପ୍ରସ୍ତୁତି ପାଇଁ କେତେବେଳେ କାର୍ଯ୍ୟ କରିବେ ଓ କେତେବେଳେ ଦୁଇଟି ଶ୍ରେଣୀରେ ଶିକ୍ଷାଦାନ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ପ୍ରଧାନଶିକ୍ଷକଙ୍କ ବାଦ ତିନି ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି। ଏମାନେ କେବଳ ଗେଟ ଖୋଲିବା, ଘଣ୍ଟି ବାଡ଼େଇବା ଓ ଶ୍ରେଣୀ ଗୃହ ବାହାରେ ଛାତ୍ରୀଛାତ୍ରଙ୍କୁ ଜଗିରହୁଥିବା ଛଡ଼ା ଆଉ ବି କ'ଣ କରିପାରିବେ। ବିଦ୍ୟାଳୟରେ ଏକ ପ୍ରକାର ଶିକ୍ଷାଦାନ ଠପ ବୋଲି କୁହାଯାଇପାରିବ। ରାଜ୍ୟ ସରକାର ୪ର୍ଥ ପର୍ଯ୍ୟାୟରେ ଉକ୍ତ ବିଦ୍ୟାଳୟକୁ ୫-ଟି ଯୋଜନାରେ ରୂପାନ୍ତର କରିବା ପାଇଁ ସାମିଲ କରିଛନ୍ତି। ଏହାରି ଭିତରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି। ଠିକାଦାରଙ୍କ କାର୍ଯ୍ୟକୁ ମଧ ପ୍ରଧାନଶିକ୍ଷକ ତଦାରଖ କରିବାର ବ୍ୟବସ୍ଥା ରହିଛି। ଜଣେ ଶିକ୍ଷକ ଏତେ ସବୁ କାର୍ଯ୍ୟ କିପରି ତୁଲାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟଟି ଏବେ ୫-ଟିରେ ରୂପାନ୍ତରିତ ହେବ। ସ୍ମାଟକ୍ଲସ ରୁମ୍ ହେବ। ମାତ୍ର ଶିକ୍ଷକ ନ ଥିବେ। ଏ ହେଉଛି ରାଜ୍ୟ ସରକାରଙ୍କର ଶିକ୍ଷା ବ୍ୟବସ୍ଥାର ବିଚିତ୍ର ନୀତି, ଯାହାକୁ ବୃଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

ଏ ସମଗ୍ର ଘଟଣାକୁ ନେଇ ଦୁଇ ପଞ୍ଚାୟତର ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଗ୍ରାମବାସୀ ଶିକ୍ଷକ ପଦବୀ ପୂରଣ ପାଇଁ ବଡ଼ଚଣା ବିଡିଓ, ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ନିକଟରେ ଲିଖିତ ଦାବି ଜଣାଇଛନ୍ତି। ପୂର୍ବତନ ଡିଏଫ୍‌ଓ ଅଲେଖ ଚନ୍ଦ୍ର ସାମଲ, ଚିତ୍ତରଞ୍ଜନ ମହାରଣା, ରଜନିକାନ୍ତ ସାମଲ, ଉମେଶ ସାମଲ, ଅଶୋକ ମହାରଣା, ଅଶୋକ ସାମଲ, ନିଶିକାନ୍ତ ମହାନ୍ତି, ମନୋଜ ପ୍ରଧାନ ଓ ଅମର ରଶ୍ମି ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବିପତ୍ର ଦେଇଛନ୍ତି। ପ୍ରଶାସନ ଯଦି ସମସ୍ୟାର ସମାଧନ ଦିଗରେ ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଯାଜପୁର ଜିଲା ଭାରପ୍ରାପ୍ତ ଶିକ୍ଷାଧିକାରୀ ରାଜେଶ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବୁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଯାହା ଆଇନ ଅନୁଯାୟୀ କରିହେବ ତାହା ଆମେ ନିଶ୍ଚୟ କରିବୁ ବୋଲି ମତ ରଖିଛନ୍ତି।

## ସଂକ୍ଷେପରେ

### ନକୁଳ ହେଲେ ବିଜେଡି ଜିଲା ସମ୍ପାଦକ

**କୁଜଙ୍ଗ ୨୬।୭ (ମନୋଜ ପ୍ରଧାନ):** ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ବରିଷ୍ଠ ବିଜେଡି ନେତା ଜଗତ୍‌ସିଂହପୁର ଜିଲା ବିଜେଡିର ସମ୍ପାଦକ ହେଲେ। ତାଙ୍କର ଏହି ନିଯୁକ୍ତି ଖବର ମିଳିବା ପରେ ସମଗ୍ର ଏରସମା ବ୍ଲକରେ ଆନନ୍ଦର ଲହରି ଖେଳିଯାଇଛି। ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତ ନାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବାକୁ ଯତ୍ନବାନ ହେବେ ବୋଲି ଆଶାପ୍ରକାସ କରିଛନ୍ତି। ନାୟକ ନିଯୁକ୍ତ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଜେନା ଓ ସର୍ବୋପରି ପୂର୍ବତନ ମନ୍ତ୍ରୀ ତଥା ଏରସମା-ବାଲିକୁଦା ବିଧାୟକ ରଘୁନନ୍ଦନ ଦାସଙ୍କ ନିକଟରେ ଚିର କୃତଜ୍ଞ ବୋଲି କହିଛନ୍ତି।

### ବାଲିଘର ଫାଉଣ୍ଡେଶନ ପକ୍ଷରୁ ଚାରା ରୋପଣ



**ତିର୍ତ୍ତୋଲ, ୨୬।୭ (ଗୌରାଙ୍ଗ ଚରଣ ସ୍ୱାଇଁ):** ତିର୍ତ୍ତୋଲ ବ୍ଲକର ତୁଳଙ୍ଗ ପଞ୍ଚାୟତ ଶ୍ରୀରାମପୁରସ୍ଥିତ ପଞ୍ଚମୁଖୀ ହନୁମାନ ପୀଠ ପରିସରରେ ବାଲିଘର ଫାଉଣ୍ଡେଶନ ପକ୍ଷରୁ ପରିବେଶ ସଚେତନତା ଓ ବିଭିନ୍ନ ଔଷଧୀୟ ଓ ଫଳ ଚାରା ରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବାଲିଘର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ବୃକ୍ଷଟିଏ ଲଗାଅ ପରିବେଶକୁ ବଞ୍ଚାଅ ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତାମାନେ ପରିବେଶ ପ୍ରଦୂଷଣ, ଅମ୍ଳଜାନର ସଙ୍କଟ, ଜଳବାୟୁର ପରିବର୍ତ୍ତନ ଯୋଗୁଁ ପୃଥିବୀରେ ସୃଷ୍ଟି ହେଉଥିବା ବିପଦରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇ ଯତ୍ନ ନେବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ପୂଜକ ନାରାୟଣ ପ୍ରସାଦ ତ୍ରିପାଠୀ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ନାଗମଣି କର, ଯୁବ ସାମାଜିକ କର୍ମୀ ରମାକାନ୍ତ ପ୍ରତାପ ସିଂ, ଶିକ୍ଷକ ବୃନ୍ଦାବନ ନାୟକ, ଖବରଦାତା ଶ୍ରୀକାନ୍ତ ଦାଶ, ଜଗବନ୍ଧୁ ସ୍ୱାଇଁ, ସୁପ୍ରିୟା ଜୟସିଂହ, ସତ୍ୟ ରଞ୍ଜନ ସାହୁ, ଅମିତା ମହାରଣା, ସାରାଂଶ ପ୍ରତାପ ସିଂ ପ୍ରମୁଖ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଏବଂ ଅତିଥିମାନେ ମିଳିତ ଭାବେ ଆମ୍ବ, ନିମ୍ବ, ବଉଳ, ଅର୍ଜୁନ, କରଞ୍ଜ ପ୍ରଭୃତି ଔଷଧୀୟ ଓ ଫଳ ଚାରା ରୋପଣ କରିଥିଲେ। ଶେଷରେ ଏହି କାର୍ଯ୍ୟକ୍ରମର ସଫଳତା ଲାଗି ଫାଉଣ୍ଡେଶନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ଦିଆଯାଇଥିଲା।

# ଠିକ୍ ସମୟରେ ବିହନ, ସାର ଯୋଗାଅ

**ଜଗତ୍‌ସିଂହପୁର, ୨୬।୭ (ପ୍ରମୋଦ କୁମାର ନାୟକ)**

- ଖରିଫ ୨୦୨୩ ନିମନ୍ତେ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଧିକ ଚାଷୀଙ୍କୁ ନିଅ
- ଖରିଫରେ ୮୫ ହେକ୍ଟର ଧାନ ଫସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ

ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା। ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ଆଶଙ୍କା ରହୁଛି। ବିଶେଷ କରି ତଳିଆ ଅଞ୍ଚଳରେ ପାଣି ନିଷ୍କାସନ ନ ହୋଇ ପାରି ଜମିରେ ଫସଲ ନଷ୍ଟ ହେଉଛି। ତେଣୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲାର ଅଧିକରୁ ଅଧିକ ଚାଷୀଙ୍କୁ ଆସନ୍ତା ୩୧ ତାରିଖ ସୁଦ୍ଧା ସାମିଲ କର। ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ ଋତୁ ନିମନ୍ତେ ଅନୁଷ୍ଠିତ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଏହା କୁହାଯାଇଛି। ବୈଠକରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ



ବୈଠକରେ ଜିଲାପାଳ ପାରୁଲ ପଟାୱାରୀ ଓ ପ୍ରଶାସନିକ ଅଧିକାରୀମାନେ।

ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଦାୟିତ୍ୱବାନ ହେବାକୁ ପଡ଼ିବ। ଜିଲାର ଚାଷୀମାନଙ୍କୁ ଠିକ ସମୟରେ ବିହନ ଓ ସାର ଯୋଗାଣକୁ ଗୁରୁତ୍ୱ ଦେବା ଦାରକାର। ସମସ୍ତ ଯୋଜନା ଏବଂ ରିହାତି ବାବଦରେ କୃଷି ଅଧିକାରୀମାନେ ପଞ୍ଚାୟତସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀଙ୍କୁ ସଚେତନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ନବକିଶୋର ମହାପାତ୍ର କାର୍ଯ୍ୟ ସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀ ଦୃଢ଼ୀକରଣ କରାଯାଇଥିଲା।

ରବି ଋତୁରେ ୯୦, ୩୧୮ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା, ମୁଗ, ବିରି, କୋଳଥ, ମଟର, ବାଦାମ, ରାଶି ଆଦି ଚାଷ କରାଯାଇଥିଲା। ମୋଟ ୬୨,୦୪୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯାଇଥିଲା। ଏହାବାଦ୍ ସୂର୍ଯ୍ୟମୁଖୀ, ଆଳୁ, ପିଆଜ ଓ ଅନ୍ୟ ପନିପରିବା, ଲଙ୍କା, ରସୁଣ, ଧନିଆ, ଆଖୁଚାଷ ହୋଇଥିଲା। ଚଳିତ ଖରିଫରେ ୮୫,୧୮୦ ହେକ୍ଟରରେ ଧାନ, ୮୫,୩୦୮ ହେକ୍ଟରରେ ଖାଦ୍ୟଶସ୍ୟ, ୮୯ ହେକ୍ଟରରେ ଡାଲି ଜାତୀୟ ଫସଲ, ୧୫,୯୩୪ ହେକ୍ଟରରେ ପନିପରିବା, ୧,୯୪୦ ହେକ୍ଟରରେ ମସଲା ଜାତୀୟ ଫସଲ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତାଳଦଣ୍ଡା, ମାଛଗାଁ, ମହାନଦୀ ବ୍ୟାରେଜ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୮୨,୬୬୭ ହେକ୍ଟର ଜମିରେ ଜଳସେଚନର ସୁବିଧା ଅଛି। ୯,୪୦୦ କୁଇଣ୍ଟାଲ ଧାନ ବିହନ, ୩୬୫ କୁଇଣ୍ଟାଲ ଧନିଚା ମଞ୍ଜି ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲାର ଚାଷୀମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ ଜରିଆରେ ୧,୧୭,୨୩୪.୮୪ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବାସନା ଧାନ, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନ୍ୟୁଟିଏଣ୍ଟ, ପରିଚାଳନା, ସିଡ୍ ଭିଲେଜ କାର୍ଯ୍ୟକ୍ରମ, ଇ-ପେଷ୍ଟ ସର୍ଭେଲାନ୍ସ ମାଧ୍ୟମରେ କୀଟ ଦମନ, ଜୈବସାର, ଭର୍ମିକମ୍ପୋଷ୍ଟ ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯାଇଛି। ବୈଠକରେ ବିହନ ଯୋଗାଣ, ରାସାୟନିକ ସାର, ଫସଲ ସୁରକ୍ଷା, ମୃତ୍ତିକା ପରିକ୍ଷଣ, ସୌର ଜଳନିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏହାବାଦ୍ ନଡ଼ିଆ, ଆମ୍ବ, କାଜୁ, ଲେମ୍ବୁ, ଅମୃତଭଣ୍ଡା, ପଣସ, କଦଳୀ, ପାନ ଚାଷ ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଚିନାରା ବାପୁଜୀ ସୁବୁଦ୍ଧି, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ତିର୍ତ୍ତୋଲ କୃଷି ଜିଲା ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡେରାବିଶ ବ୍ଲକ କଂଗ୍ରେସର ବ୍ଲକ କାର୍ଯ୍ୟାଳୟ ଘେରାଉ

**ଡେରାବିଶ, ୨୬।୭ (ବେବର୍ତ୍ତା ଅଜୟ ଦାସ)**

- ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାରକୁ ବିରୋଧ
- ପ୍ରତିବାଦ ସଭା ପାଲଟିଲା ବିଶାଳ ସମାବେଶ

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ସହ ଦୀର୍ଘବର୍ଷ ଧରି ବିକାଶଠାରୁ ଦୂରେଇ ରହିଥିବା ଅବହେଳିତ ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ଡେରାବିଶ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଅଂଶୁମାନ୍ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଚରଣ ପାତ୍ର, ରଘୁନାଥ ଶତପଥୀ, ଜୟଦେବ ପରିଡ଼ା, ବିଦ୍ୟୁଭୂଷଣ ମହାପାତ୍ର, ସୁଖଦାନନ୍ଦ ପ୍ରଧାନ ଓ ରାଜୀବଲୋଚନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶ ନାମରେ ଚାଲିଥିବା ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଏଥିସହ



ପ୍ରତିବାଦ ସଭାରେ କଂଗ୍ରେସ ନେତାମାନେ।

ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ଓ ଗରଦପୁର ବ୍ଲକରେ ଚାଲିଥିବା ଦୁର୍ନୀତି ଉପରେ ଆଲୋକପାତ କରିଥିଲେ। ବିଶେଷକରି ଦୀର୍ଘ ୩ ବର୍ଷ ପରେ ବର୍ତ୍ତମାନ ସାଧାରଣ ଲୋକଙ୍କୁ ଦିଆଯାଉଥିବା ବାସଗୃହ ଓ ରାଶନ ସାମଗ୍ରୀ ବଣ୍ଟନରେ ଘୋଟାଲା ଓ ଉନ୍ନୟନ କାର୍ଯ୍ୟ ନାଁରେ ଶାସକ ଦଳର କର୍ମୀଙ୍କ ଦ୍ୱାରା ସରକାରୀ ଅର୍ଥ ଲୁଟ ନେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସେହିପରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମହିଳା ସଶକ୍ତୀକରଣ ଯୋଜନା ସମ୍ପୂର୍ଣ୍ଣ ବାଟବଣା ହୋଇଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ଡେରାବିଶ ଓ ଗରଦପୁର ବ୍ଲକ ଅଞ୍ଚଳରେ। ମିଶନଶକ୍ତି ମାଧ୍ୟମରେ ମହିଳାଙ୍କୁ ଶୋଷଣ କରାଯାଉଛି। ମିଶନ ଶକ୍ତି ବିଭାଗ ଏହି ଉଭୟ ବ୍ଲକରେ ଦୁର୍ନୀତିର ଗନ୍ତାଘର ପାଲଟିଥିବା ନେତୃମଣ୍ଡଳୀ ଗୁରୁତ୍ୱାରୋପ କରିଥିଲେ। ଏ ସମସ୍ତ ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ନେତୃମଣ୍ଡଳୀ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ରଶ୍ମିରଞ୍ଜନ ପଣ୍ଡା, ଅଶୋକ କୁମାର ଜେନା, କୈଳାସ ଚନ୍ଦ୍ର କର, ସୁଧୀର ରାଉତ, ଚିତ୍ତରଞ୍ଜନ ରାଉତ, ଲକ୍ଷ୍ମୀପ୍ରିୟା ନାଥ, ବାସନ୍ତୀ ପରିଡ଼ା, ସବିତା ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ନିଜର ବକ୍ତବ୍ୟ ରଖିଥିଲେ। ପୂର୍ବାହ୍ନରେ ଚାଟରାଚକଡ଼ା ପଞ୍ଚାୟତ ମା' ବାସନ୍ତୀଙ୍କ ପୀଠରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପ୍ରାୟ ୭ କିଲୋମିଟର ବ୍ୟାପୀ ବୁଲି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବିଡିଓ ଦାଶରଥି ଜେନା ଏହି ଦାବିପତ୍ର ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏହା ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରାପଡ଼ା ସଦର ଥାନା ଆଇଆଇସି ସରୋଜ କୁମାର ସାହୁ ଓ ଡେରାବିଶ ଥାନା ଏସ୍‌ଆଇ ବିଜୟ କୁମାର ଖଟୁଆଙ୍କ ସମେତ ବହୁ ପୋଲିସ ଉପସ୍ଥିତ ରହିଥିଲେ।

# ଦୀପଶିଖାଙ୍କୁ ରାଜ୍ୟସ୍ତରରେ ସମ୍ବର୍ଦ୍ଧନା

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆବୃତ୍ତି ପ୍ରତିଯୋଗିତା**



**ଜଗତ୍‌ସିଂହପୁର, ୨୬।୭ (ପ୍ରମୋଦ କୁମାର ନାୟକ)**

ଓଡ଼ିଶା ସାହିତ୍ୟ ଏକାଡେମୀର ୬୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଓଡ଼ିଆ କବିତା ଆବୃତ୍ତି, ପ୍ରବନ୍ଧ, ବକ୍ତୃତା, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଅନୁବାଦ ପ୍ରତିଯୋଗିତା କରାଯାଇଥିଲା। ଓଡ଼ିଆ କବିତା ଆବୃତ୍ତି ପ୍ରତିଯୋଗିତାରେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ରୀ ଦୀପଶିଖା ମିଶ୍ର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରି ସମ୍ମାନିତ ହୋଇଛନ୍ତି। ଏ ନେଇ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଦୀପଶିଖାଙ୍କୁ ପ୍ରମାଣପତ୍ର, ମୋମେଣ୍ଟୋ ସହ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନାଙ୍କ ସମେତ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଗତ ୩ ତାରିଖରେ ଜିଲାସ୍ତରୀୟ କବିତା ଆବୃତ୍ତିର ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଦୀପଶିଖା ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ୧୬ ତାରିଖରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ଦୀପଶିଖା ୩ୟ ସ୍ଥାନ ଅଧିକାର କରିଥିଲେ। ଦୀପଶିଖା ଜିଲାରୁ ଏକମାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାର ବିଜେତା ହୋଇ ଜିଲାକୁ ଗୌରବାନ୍ୱିତ କରିଥିବାରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦୀପଶିଖା ହେଉଛନ୍ତି ଅଲଣାହାଟ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଓ ସରକାରୀ ବାଳିକା ବିଦ୍ୟାଳୟ ଶିକ୍ଷୟିତ୍ରୀ ସସ୍ମିତା ଶତପଥୀଙ୍କ କନିଷ୍ଠ କନ୍ୟା।

## ଲୁଣା ନଦୀରୁ ବେଧଡ଼କ ବାଲି ଚୋରା ଚାଲାଣ

**ମାର୍ଶାଘାଇ,୨୬।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ) :** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ତହସିଲ ଅନ୍ତର୍ଗତ ଆୟତପୁର ଗ୍ରାମ ନିକଟରେ ପ୍ରବାହିତ ଲୁଣା-କରାଣ୍ଡିଆ ନଦୀ ପଠାରୁ ବେଧଡ଼କ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଛି। ଆୟତପୁର ଗୋଶାଳା ଦେଇ ଲୁଣା ନଦୀ ବନ୍ଧକୁ ଜେସିବି ମେଶିନ ଦ୍ୱାରା କାଟି ଗଡ଼ା କରାଯାଇଛି। ଟ୍ରାକ୍ଟର ଦ୍ୱାରା ଦୈନିକ ଶହ ଶହ ଟ୍ରିପ ବାଲି ଚାଲାଣ ହେଉଛି। ଯାହା ଫଳରେ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଚୋରା ବାଲି ଉଠାଣକୁ ଯିଏ ବିରୋଧ କରୁଛନ୍ତି ବାଲି ବ୍ୟବସାୟୀ ସେମାନଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ତହସିଲ କାର୍ଯ୍ୟାଳୟକୁ ଜଣାଇଲେ ମଧ୍ୟ ଭିତିରିଆ ଖବରପାଇ ଚଢ଼ାଉ ପୂର୍ବରୁ ବାଲି ବ୍ୟବସାୟୀ ଖସି



ଯାଉଛନ୍ତି। ନଦୀରେ ବନ୍ୟା ଜଳ ଆସିବା ଦେଖି ବାଲି ବ୍ୟବସାୟୀ ଶହ ଶହ ଟ୍ରିପ ବାଲି ଉଠାଇ ଗଛିତ ରଖି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଅନ୍ୟପକ୍ଷରେ ଏହାଦ୍ୱାରା ରାଜସ୍ୱହାନି ହେବା ସହ ଲୁଣା ନଦୀ ପଠା ତାଡ଼ିବା ଦ୍ୱାରା ଚାଷ ଜମି ଖାଇ ଯାଉଛି। ଏ ସମ୍ପର୍କରେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜାଙ୍କୁ ପଚାରିବାରେ ନୂଆକରି ଏଠାରେ ଯୋଗ ଦେଇଛି। ଅଭିଯୋଗ ପାଇବା ମାତ୍ରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୫-ଟି କାର୍ଯ୍ୟ ତଦାରଖ କଲେ ଅଧୀକ୍ଷଣ ଯନ୍ତ୍ରୀ



ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟର ତଦାରଖ କରୁଛନ୍ତି।

**ରଘୁନାଥପୁର,୨୬।୭ (ରାଜେନ୍ଦ୍ର ନାରାୟଣ ସିଂହ)**

**ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫-ଟି ନବୀକରଣ କାର୍ଯ୍ୟ ଅକ୍ଟୋବର ଶେଷ ସୁଦ୍ଧା ସାରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ଏହାକୁ ଉପଲବ୍ଧି କରି ବୁଧବାର ମଧ୍ୟାହ୍ନରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନବୀକରଣ କାର୍ଯ୍ୟର ତଦାରଖ କରିଛନ୍ତି। କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଦାସ ଅନୁଧ୍ୟାନ କରିବା ସହ ଏ ସମ୍ପର୍କରେ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ। ମିଶନ ଶକ୍ତି କାଫେ ଓ ନିରାମୟ ଗୃହ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରେ ଲେ-ଆଉଟ୍ ଦିଆହୋଇଥିଲା। ଏହାଛଡ଼ା ଆହାର କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ଗେଟ୍ କେଉଁ ସ୍ଥାନରେ କଲେ ଲୋକଙ୍କ ସୁବିଧା ହୋଇପାରିବ ଏବଂ ସେମାନେ ସହଜରେ ସେବା ପାଇପାରିବେ ଉକ୍ତ ସ୍ଥାନକୁ ସ୍ଥିର କରିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସନ୍ତୁଷ୍ଟ ଥିବା ଏବଂ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପ୍ରୟାସ ଜାରି ରହିଥିବା ଅଧୀକ୍ଷଣ ଯନ୍ତ୍ରୀ ଦାସ କହିଛନ୍ତି। ସୂଚନାଯୋଗ୍ୟ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରଙ୍କ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ନବୀକରଣ କାର୍ଯ୍ୟ ପାଇଁ ୨.୧ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଅଧୀକ୍ଷଣ ଯନ୍ତ୍ରୀଙ୍କ ଗସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସୁକାନ୍ତ କୁମାର ଦଳେଇ, ଠିକାଦାର ସରୋଜ ସାହୁ ଓ ବିଭାଗୀୟ କର୍ମଚାରୀ ମନୋରଞ୍ଜନ ଜେନା ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇ ସହର: ଟ୍ରାଫିକ ସମସ୍ୟାରେ ସୁଧାର ଆସୁନି

**କେନ୍ଦ୍ରାପଡ଼ା, ୨୬।୭(ଜଗନ୍ନାଥ ଧଳ)**

- ରାସ୍ତାରେ ବୁଲା ଗୋରୁ, ଷଣ୍ଢ
- ଉଠାଦୋକାନୀଙ୍କୁ ଉଚ୍ଛେଦ
- ନୂତନ ମୋଟର ଆଇନ କାମରେ ଲାଗୁନି

ସଡ଼କ ଦୁର୍ଘଟଣାରେ ଜୀବନହାନି ଘଟୁଥିବାରୁ ଏହାକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଏଥିପାଇଁ ନୂତନ ମୋଟରଯାନ ଆଇନକୁ ମଧ୍ୟ କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ସଡ଼କ ଦୁର୍ଘଟଣା ରୋକିବା ଓ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବାକୁ ପୌର ପରିଷଦ ପକ୍ଷରୁ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। କିନ୍ତୁ ସଚେତନତା ଅଭାବରୁ କୌଣସି ସୁଫଳ ମିଳିପାରୁନାହିଁ। ଟ୍ରାଫିକ ନିୟମ ଓ ନୂତନ ମୋଟରଯାନ ଆଇନ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ସାଧାରଣ ଲୋକଙ୍କଠାରୁ ମାତ୍ରାଧିକ ଜରିମାନା ଆଦାୟ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇରେ ଟ୍ରାଫିକ ସମସ୍ୟା ଗୁରୁତର ରୂପ ଧାରଣ କରୁଥିବା ଅନୁଭବକରି ଜିଲାପାଳଙ୍କ ନିର୍ଦ୍ଦେଶରେ ପୌର ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଜବରଦଖଲ କରି ଉଠାଦୋକାନ କରିଥିବା ଦୋକାନୀମାନଙ୍କୁ ୨୦୧୯-୨୦ରେ ଉଚ୍ଛେଦ କରାଯାଇଥିଲା। ମାତ୍ର ବଡ଼ ବ୍ୟବସାୟୀ ସରକାରୀ ଜାଗାକୁ ମଡ଼ାଇ ଦୋକାନ ଗୃହ ନିର୍ମାଣ କରିଛନ୍ତି। ହେଲେ ଗାଡ଼ି, ସାଇକେଲ ରଖିବାକୁ ଜାଗା ଟିକେ ଛାଡ଼ିନାହାନ୍ତି। ଗାଡ଼ି



ରାସ୍ତାରେ ଗୋରୁ ଶୋଇଥିବାରୁ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି।

ରଖିବାକୁ ଜାଗା ନ ଥିବାରୁ ବାଧହୋଇ ଗ୍ରାହକ ଦୋକାନ ଆଗରେ ରଖିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପରେ ପ୍ରଶାସନିକ ଅଧିକାରୀ ଗାଡ଼ି ଫଟୋ ଉଠାଇ ଜରିମାନା ଲାଗି ମୋବାଇଲକୁ ମେସେଜ ପଠାଇଦେଉଛନ୍ତି। ସାଧାରଣ ଲୋକମାନେ କିଛି ନ ଜାଣିପାରି ଚୁପ୍ ହୋଇ ଜରିମାନା ମଧ୍ୟ ଦେଉଛନ୍ତି। ଉପଯୁକ୍ତ ଥଇଥାନ ନ କରି ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯିବା ଘଟଣା ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କୁ ଡରି ଉଠାଦୋକାନୀମାନେ ଚୁପ୍ ରହିଛନ୍ତି। ଏହି ଉଚ୍ଛେଦକୁ ନେଇ ଉଠା ଦୋକାନୀ ସଂଘ ବାରମ୍ବାର କୋର୍ଟରେ ଆଶ୍ରୟ ମଧ୍ୟ ନେଇଛନ୍ତି। ଉଠାଦୋକାନୀମାନଙ୍କ ଉଚ୍ଛେଦ ପରେ ମଧ୍ୟ ଟ୍ରାଫିକ ସମସ୍ୟାରେ ଆଶାନୁରୂପ ସୁଧାର ଆସିନାହିଁ।

ପଟ୍ଟାମୁଣ୍ଡାଇ ସହରାଞ୍ଚଳ ହୋଇଥିଲେ ହେଁ ବିଭିନ୍ନ ଗ୍ରାମର ସମଷ୍ଟିକୁ ନେଇ ଗଠିତ। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲାର ଆଳି, ରାଜନଗର, ରାଜକନିକା, ମହାକାଳପଡ଼ା ଓ କେନ୍ଦ୍ରାପଡ଼ା ବ୍ଲକର ମଧ୍ୟସ୍ଥଳୀରେ ପଟ୍ଟାମୁଣ୍ଡାଇ ବଜାର ଥିବାରୁ ଏଠାକୁ ବିଭିନ୍ନ କାମ ନେଇ ଗ୍ରାମାଞ୍ଚଳରୁ ଆସୁଥିବା ଗାଡ଼ି ଚାଳକମାନେ ଟ୍ରାଫିକ ସଚେତନତା ପ୍ରତି ସଜାଗ ନୁହନ୍ତି। ଅନ୍ୟପକ୍ଷରେ ପୌର ପରିଷଦ ପକ୍ଷରୁ ମଧ୍ୟ ପାର୍କିଂ ପ୍ଲେସ୍ ନିର୍ମାଣ କରାଯାଇନାହିଁ। ସରକାରଙ୍କ ନୂତନ ମୋଟରଯାନ ଆଇନ ବଳରେ ସମସ୍ତ ଗାଡ଼ିମୋଟର ଯାଞ୍ଚ କରି ଜରିମାନା ଆଦାୟ କରାଯାଉଥିଲେ ମଧ୍ୟ ପରିସ୍ଥିତି ପୂର୍ବବତ ରହିଛି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ସମସ୍ତ ମୁଖ୍ୟ ସଡ଼କକୁ ବୁଲାଗୋରୁ, ଷଣ୍ଢ , ଛେଳିମେଣ୍ଢା କବ୍‌ଜାକୁ ନେଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଏଥିଯୋଗୁ ଯାତ୍ରୀମାନେ ଛୋଟବଡ଼ ଦୁର୍ଘଟଣାରେ ଆହତ ହେଉଛନ୍ତି। ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ପକ୍ଷରୁ ବୁଲା ଗାଈ, ଷଣ୍ଢମାନଙ୍କୁ ସହରର ବିଭିନ୍ନ ସ୍ଥାନରୁ ହଟାଇନେବାକୁ ସମ୍ପୃକ୍ତ ମାଲିକମାନଙ୍କୁ ନୋଟିସ କରାଯିବା ସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଗଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏପରିକି ପଟ୍ଟାମୁଣ୍ଡାଇ ସହର ଓ ବିଭିନ୍ନ ସ୍ଥାନରେ ଅବାଧରେ ବିଚରଣ କରୁଥିବା ବୁଲା ଗୋରୁଙ୍କୁ ଅଟକ ରଖି ଜରିମାନା ଆଦାୟ କରିବାକୁ କାଞ୍ଜିଆହୁଦା ଖୋଲାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ପଟ୍ଟାମୁଣ୍ଡାଇ ସହରର ପୋଖରିଆପଡ଼ା ଆର୍‌ଡି ରାସ୍ତା, ସହରର ମୁଖ୍ୟ ବସ୍‌ଷ୍ଟାଣ୍ଡ ରାସ୍ତା, ବାଲିପଡ଼ା ପୂର୍ତ୍ତ ବିଭାଗ ରାସ୍ତା, ସହରର ମୁଖ୍ୟ ବଜାର ରାସ୍ତା, ବ୍ୟସ୍ତବହୁଳ ବାଇପାସ୍-ବକ୍ତାରପୁର ରାସ୍ତା, ତହସିଲ ରୋଡ୍, ଥାନା ସମ୍ମୁଖ ରାସ୍ତା, ମେଡିକାଲ ରୋଡ୍, ବ୍ଲକ ରୋଡ୍ ଆଦି ଗୁରୁତ୍ୱପୂର୍ଣ୍ଣ ରାସ୍ତା ବୁଲା ଗୋରୁ, ଛେଳି,ମେଣ୍ଢାଙ୍କ ଅକ୍ତିଆରରେ ରହିଛି। ପୌର ପ୍ରଶାସନ ପକ୍ଷରୁ ବୁଲା ଗୋରୁମାନଙ୍କୁ ଅନ୍ୟତ୍ର ଛଡ଼ାଯିବାର ସରକାରୀ ନିୟମ ଥିଲେ ମଧ୍ୟ ଏହାକୁ ଠିକଣା ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଏ ନେଇ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ ନୂଆକରି କାର୍ଯ୍ୟରେ ଯୋଗ ଦେଇଛି। ଏପରି ହେଉଥିଲେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ଚାରିକାନ୍ଧ ମିଳିଲାନି

### ଅନ୍ତିମ ସଂସ୍କାର କଲା ଚାରିଟେବଲ୍ ଟ୍ରଷ୍ଟ

ବୁଗୁଡ଼ା,୨୬ା୭(କାଳି ଚରଣ ଦାଶ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା ଗ୍ରାମର ଜନୈକ ମୃତ ବୃଦ୍ଧଙ୍କ ଅନ୍ତିମ ସଂସ୍କାର ପାଇଁ ତାଙ୍କ ପରିବାର କିମ୍ବା ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବ ନ ଆସିବା ଯୋଗୁଁ ଶେଷରେ ଦୀର୍ଘ ୧୫ ଘଣ୍ଟା ପରେ ଗୋପବନ୍ଧୁ ଚେରିଟେବଲ୍ ଟ୍ରଷ୍ଟର ସଦସ୍ୟମାନେ ଅନ୍ତିମ ସଂସ୍କାର କରିଛନ୍ତି। ମୃତ ବୃଦ୍ଧ ଜଣଙ୍କ ହେଲେ ବାଙ୍କତାରା ଗ୍ରାମର ମୁଣ୍ଡା ମୂଳି (୭୫)। ପ୍ରକାଶ ଯେ ମୁଣ୍ଡା ମୂଳି, ଦୀର୍ଘ ୧୦ ବର୍ଷ ହେଲା ତାକରଡା ଗ୍ରାମରେ ନିଜ ବିଧବା ଝିଅ ଘରେ ରହି ଆସୁଥିଲେ। ତାଙ୍କର ପୁଅ ବିଦେଶରେ କାମ କରୁଥିଲେ। ହେଲେ ଅକସ୍ମାତ୍ ମଙ୍ଗଳବାର ଅପରାହ୍ନରେ ମୁଣ୍ଡା ମୂଳିଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଗଲା। ଏହି ଖବର ତାଙ୍କ ପୁତ୍ର ଓ ବନ୍ଧୁ ବାନ୍ଧବମାନଙ୍କୁ ଜଣାଇଲେ ମଧ୍ୟ କେହି ଆସିନଥିଲେ। ପୁଅ ମଧ୍ୟ ଆସିବାରେ ଅସୁବିଧା ହୋଇଥିଲା। ଏକ ମାତ୍ର ବିଧବା ଝିଅ ବାପାଙ୍କ ଅନ୍ତିମ ସଂସ୍କାର ପାଇଁ ଅସମର୍ଥ ହୋଇପଡିଥିଲେ। ଏପରି ଅବସ୍ଥାରେ ଦୀର୍ଘ ୧୫ ଘଣ୍ଟା ବିତିଗଲା। କିନ୍ତୁ ମୃତ ବୃଦ୍ଧଙ୍କ ଶରୀର ପଡି ରହିଲା। ଶେଷରେ ବାଧ୍ୟ ହୋଇ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଚଢିଆପଲୀର ଗୋପବନ୍ଧୁ ଚାରିଟେବଲ୍ ଟ୍ରଷ୍ଟର ସଦସ୍ୟମାନେ ବୁଧବାର ସକାଳେ ତାକରଡାରେ ପହଞ୍ଚି ବୃଦ୍ଧଙ୍କ ଅନ୍ତିମ ସଂସ୍କାର କରିଥିଲେ। ଏଥିରେ ତାକରଡା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ ଓ ଟ୍ରଷ୍ଟର ମୁଖ୍ୟ ସନ୍ତୋଷ କୁମାର ଦଳବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

### କାଳୀ ମନ୍ଦିର ତାଲା ଭାଙ୍ଗି ଅଳଙ୍କାର ଲୁଟ୍

ଗଞ୍ଜାମ,୨୬ା୭(ବିଦ୍ୟାଧର ସାହୁ)– ଗଞ୍ଜାମ ଥାନା କଲେଜ ରୋଡ଼ ସ୍ଥିତ ଦାମୋଦରପୁର ଗ୍ରାମ ନିକଟରେ ଥିବା ମା କାଳୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ରୁପା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏଥିସହ ଷ୍ଟୋର ରୁମରେ ଥିବା ଏକ ଟ୍ରଙ୍କ ମଧ୍ୟ ନେଇଯାଇଥିବା ବେଳେ ମା 'ଙ୍କ ଦାନ ହୁଣ୍ଡିକୁ ଭାଙ୍ଗି ସେଥିରେ ଥିବା ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିବା ମନ୍ଦିର ପରିଚାଳକ ସନ୍ତୋଷ କୁମାର ସାହୁ କହିଛନ୍ତି। ଏନେଇ ପ୍ରଭାତ କୁମାର ସାହୁ ଗଞ୍ଜାମ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂଜକ ତ୍ରିନାଥ ରାଉଳ, ଭିମା ରେଡ଼ି, ଅକ୍ଷୟ ସାହୁ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି। ପ୍ରକାଶ ଥାଉକି ପୂର୍ବରୁ ମା ଦୁର୍ଗା ମନ୍ଦିର, ବଜାର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଥିଲା ଏ ଯାଏ କୌଣସି ଚୋରକୁ ଗଞ୍ଜାମ ପୋଲିସ ଧରିବାରେ ସକ୍ଷମ ହୋଇନି। ସେହିପରି ଗତ ଚାରି ଦିନ ତଳେ ଗଞ୍ଜାମ ଷ୍ଟେଶନ ନିକଟସ୍ଥ ଏକ ପାନ ଦୋକାନରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ ଲୁଟ କରି ପୋଲିସକୁ ଖୋଲା ଚାଲେଞ୍ଜ କରିବା ଚର୍ଚ୍ଚାର ବିଷୟ ପାଲଟିଛି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

ହିଞ୍ଜିଳିକାଟୁ,୨୬ା୭(ଦ୍ୱିତୀକୃଷ୍ଣ ପଣ୍ଡା)– ଟିପିଏସ୍ଓଡିଏଲ ଭିଜିଲାନ୍ସ ଟିମ୍‌କୁ ମଙ୍ଗଳବାର ହିଞ୍ଜିଳି ଥାନା କାଞ୍ଚିଆମା ଗ୍ରାମରେ ଆକ୍ରମଣ ଘଟଣାରେ ବୁଧବାର ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ରାମକୃଷ୍ଣ ସାହୁ। ମଙ୍ଗଳବାର ବିଦ୍ୟୁତ ଭିଜିଲାନ୍ସର ଏକ ଟିମ୍ ବିଦ୍ୟୁତ୍ ଟ୍ୟାମ୍ପେରିଂ ଯାଞ୍ଚ ପାଇଁ କାଞ୍ଚିଆମା ଗାଁକୁ ଯାଇଥିଲେ। ରାମକୃଷ୍ଣଙ୍କ ଘରର ମିଟର ଯାଞ୍ଚ ବେଳେ ସେ ଉତ୍ତ୍ୟକ୍ତ ହୋଇ ଭିଜିଲାନ୍ସ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ପରେ ଗ୍ରାମର କିଛି ଲୋକ ମିଶି ଭିଜିଲାନ୍ସ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଲାଇନମ୍ୟାନ ବରେନ୍ଦ୍ର କୁମାର ନିଶଙ୍କଙ୍କୁ ଆକ୍ରମଣ କରିବା ସହ ତାଙ୍କର ମୋବାଇଲ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଟିପିଏସଓଡିଏଏଲ ଭିଜିଲାନ୍ସ ଏନ୍‌ଫୋର୍ସମେଣ୍ଟ ସହକାରୀ ନିର୍ବାହୀ ଯନ୍ତ୍ରୀ ନନ୍ଦ କିଶୋର ଦାଶ ଏ ସମ୍ପର୍କରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ପୋଲିସ ନଂ. ୫୩୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ରାମକୃଷ୍ଣଙ୍କୁ ପୋଲିସ ଗିରଫ କରିବା ସହ ଲୁଟ ମୋବାଇଲ ଜବତ କରିଛି ।

# କସପଙ୍କା ପୋଲ ସଂଯୋଗୀକରଣ ରାସ୍ତା ଧୋଇଗଲା

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୨୬ା୭ (ଅରୁଣ ସାହୁ /ମନୋରଞ୍ଜନ ରଣା)



ଧୋଇଯାଇଥିବା ରାସ୍ତା।

ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡା ପଞ୍ଚାୟତର ଦୁର୍ଗମ ତାମାଙ୍ଗି ଗ୍ରାମକୁ ସଂଯୋଗ କରୁଥିବା କସପଙ୍କାଠାରେ ନବ ନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ଧୋଇ ହୋଇଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ତାମାଙ୍ଗି ଗ୍ରାମ ସମେତ କୁମ୍ଭାରିପଦର, ପୀଡ଼ିକାରିପି, ଗ୍ରାମ ଓ ପର୍ଯ୍ୟଟନ କ୍ଷେତ୍ର ରକ୍ଷିମାଳକୁ ପର୍ଯ୍ୟଟକ ଓ ଅଞ୍ଚଳବାସୀଙ୍କ ଆଉ ସେହିରାସ୍ତାରେ ଯାତାୟାତ ସମ୍ଭବ ହେଉନାହିଁ। ପ୍ରକାଶ ଯେ, ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ହାତୀମୁଣ୍ଡାଠାରୁ ତାମାଙ୍ଗି ମଧ୍ୟରେ ଦୁଇଟି ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟରେ ବହୁ ବିଳମ୍ବ ହେବା ସହ ଅତି ନିମ୍ନମାନର କାର୍ଯ୍ୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। କେହି ଅଧିକାରୀ ଘଟଣାସ୍ଥଳକୁ ତଦାରଖ ପାଇଁ ଯାଉ ନ ଥିବାରୁ ଠିକା ସଂସ୍ଥାମାନେ ତାଙ୍କୁ ସୁହାଇଲା ଭଳି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଫଳରେ କାର୍ଯ୍ୟ ଅତି ନିମ୍ନମାନର ହେଉଛି। କସପଙ୍କା ନିକଟ ପୋଲର ସଂଯୋଗରାସ୍ତାର ଦୁଇ ପାଖରେ କେବଳ ମାଟି ପକାଯାଇଥିଲେ ସୁଦ୍ଧା ଗାର୍ଡ ୱାଲ ଦିଆଯାଇ ନ ଥିଲା। ଏ ନେଇ ଗତ ୧୨ ତାରିଖ ଧରିତ୍ରୀରେ ଖବର ପ୍ରକାଶ କରାଯାଇଥିଲା । ରାସ୍ତା ଧୋଇଯାଇପାରେ ବୋଲି ଲୋକେ ଆଶଙ୍କା କରିଥିବା କଥା ଉଲ୍ଲେଖ ହୋଇଥିଲା।

**ଯାତାୟାତ ବାଧାପ୍ରାପ୍ତ**

ବର୍ତ୍ତମାନ ସେହି ସଂଯୋଗୀକରଣ ରାସ୍ତା ଧୋଇ ହୋଇଯାଇଛି। ଏବେ ଲଗାଣ ବର୍ଷା ଚାଲିଥିବାରୁ ଆହୁରି ଉକ୍ତ ରାସ୍ତା ଧୋଇ ହୋଇଯିବା ଆଶଙ୍କା ରହିଛି। ତେଣୁ ପ୍ରଶାସନ ଏଥିପ୍ରତି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ଦୁଇଟି ପୋଲ ନିର୍ମାଣର ବିଳମ୍ବ କାରଣରୁ ଫୁଲବାଣୀଠାରୁ ତାମାଙ୍ଗିକୁ ବସ୍ ଚଳାଚଳ ଏକ ବର୍ଷ ହେଲା ବନ୍ଦ ରହିଛି। ଅଞ୍ଚଳବାସୀ ଏଥି ପାଇଁ ହଇରାଣ ଭୋଗୁଛନ୍ତି। ଶୀଘ୍ର ଏହାର ସମାଧାନ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ୨୬୪ୟୁନିଟ୍ ରକ୍ତ ସଂଗ୍ରହ

କୋଦଳା,୨୬ା୭(ଅମିତ କୁମାର ପଟ୍ଟନାୟକ)

ବୁଧବାର କୋଦଳା ନିକଟସ୍ଥ ବେରୁଆଁବାଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓଙ୍କ ଜନ୍ମଦିନ ଅବସରରେ ବେଗୁନିଆପଡା ବ୍ଲକ ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଗଞ୍ଜାମ ଜିଲା ଜୀବନବିନ୍ଦୁ ସଂଯୋଜକ ସୁବାସ ମହାରଣା ଯୋଗ ଦେଇଥିଲେ। ଅନୁଷ୍ଠିତ ଶିବିରରେ ଜିଲାପରିଷଦ ସଭ୍ୟା କଲ୍ୟାଣୀ ପାତ୍ର, ବେରୁଆଁବାଡ଼ି ସରପଞ୍ଚ ପ୍ରତିମା କୁମାରୀ ପାଢ଼ୀ, ସାନଉସ୍ତାପଡ଼ା ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, କାଳିମେଘି ସରପଞ୍ଚ ଅର୍ଚ୍ଚନା କୁମାରୀ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି ସିମାଞ୍ଚଳ ସାମଲ, ବିଜେଡି କର୍ମୀ ପ୍ରଦୀପ କୁମାର ପାଢ଼ୀ, ମହେଶ୍ୱର ବରାଡ଼, ତ୍ରିନାଥ ଭୂୟାଁ, ହୃଷିକେଶ ମେହେଣା, ବିଜୟ କୁମାର ମହାପାତ୍ର, କୋଦଳା ଏନଏସି କାଉନସିଲର ଭଗବାନ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ୨୬୪ୟୁନିଟ ରକ୍ତ ସଂଗ୍ରହ କରିଥିଲେ।




ରକ୍ତଦାତାଙ୍କ ସମେତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଡକାୟତି ମାମଲା, ୪ ଅଭିଯୁକ୍ତ କୋର୍ଟଚାଲାଣ

## ସୁନାଚେନ, ବାଇକ୍, ମୋବାଇଲ ସହ ଟଙ୍କା ଜବତ

ଜି.ଉଦୟଗିରି,୨୬ା୭(ପି ସଞ୍ଜୀବ କୁମାର ପାତ୍ର)

ସ୍ଥାନୀୟ ବ୍ଲକ ଅନ୍ତର୍ଗତ ହାପିଭାଲି ଶିଶୁଭବନ ଡକାୟତି ମାମଲାରେ ବୁଧବାର ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶିଶୁଭବନର ରାତ୍ର ଜଗୁଆଳି ପୁଷ୍ପକ ପ୍ରଧାନ (୩୮) ଓ ଶିଶୁଭବନରେ କାର୍ଯ୍ୟରତ ଥିବା ରୋଷେୟାର ଭାଇ ରମେଶ ଚନ୍ଦ୍ର ପ୍ରଧାନ (୪୩)ଙ୍କ ସହ ଅନ୍ୟ ଦୁଇ ଅଭିଯୁକ୍ତ ସୁନିବ ପ୍ରଧାନ ଓରଫ ମୁନା (୨୬) ଏବଂ ବାମଦେବ ପ୍ରଦାନ (୫୫)। ଗତ ୨ ତାରିଖ ରାତିରେ ଶିଶୁଭବନର ଅଧକ୍ଷା ବନବାସିନୀ ରାଉତ ତାଙ୍କ ମା' ଘରେ ଖାଉଥିବା ବେଳେ ଘରେ ଉକ୍ତ ଅଭିଯୁକ୍ତମାନେ ମୁଖାପିନ୍ଧି ଅଧକ୍ଷାଙ୍କ ଘରେପଶି ଭୟଭୀତ କରାଇ ୩ ତୋଳା ଓଜନର ଏକ ସୁନାଚେନ ସହ ନଗଦ ୨ ହଜାର ଟଙ୍କା ଲୁଟିନେଇଥିଲେ। ହେଲେ ଲୁଟ ସମୟରେ କାର୍ଯ୍ୟରତ ଥିବା ରାତ୍ର ଜଗୁଆଳିର ମୁଖା ଖୋଲିଯାଇଥିଲା।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ସୁନାଚେନ, ବାଇକ, ମୋବାଇଲ ଓ ନଗଦ ଟଙ୍କା ।

ପରେ ଶିଶୁଭବନର ଅଧକ୍ଷାଙ୍କ ଏତଲାକୁ ଭିତ୍ତିକରି ନଂ. ୮୩/୨୩ରେ ଏକ ମାମଲା ରୁଜୁକରି ସ୍ଥାନୀୟ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲା। ଘଟଣା ଘଟିବାର ୨୪ ଦିନ ମଧ୍ୟରେ ଜି.ଉଦୟଗିରି ପୋଲିସ ସଫଳତାର ସହ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ହୋଇଥିବା ସୁନାଚେନ, ନଗଦ ୨ ହଜାର ଟଙ୍କା, ୪ ମୋବାଇଲ ସହ ଦୁଇଟି ବାଇକକୁ ଜବତ କରିଥିବା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ସ୍ୱାଇଁ ଖବରଦାତା ସମ୍ମିଳନୀ କରି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଚାରି ଅଭିଯୁକ୍ତ ମଧ୍ୟରୁ ବାମଦେବ ପ୍ରଧାନ ଓ ସୁନିବ ଓରଫ ମୁନା ନାମରେ ବିଭିନ୍ନ ଥାନାରେ ମାମଲା ଥିବାବେଳେ ସମ୍ପୃକ୍ତ ଚାରି ଅଭିଯୁକ୍ତ ଦାରିଙ୍ଗବାଡି ଅଞ୍ଚଳର ବୋଲି ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

### 'ଗୋଟିଏ ଗଛ କୋଟିଏ ଜୀବନ'

କୁକୁଡାଖଣ୍ଡି,୨୬ା୭(ପ୍ରତାପ କୁମାର ସାହୁ)

କୁକୁଡ଼ାଖଣ୍ଡି ବ୍ଲକ ଇନ୍ଦିରା ଆବାସ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବନ ମହୋତ୍ସବ ଅବସରରେ ଚାରା ରୋପଣ ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜ ସେବକ ଗୁଲୁନା ସେଠୀଙ୍କ ନେତୃତ୍ୱରେ ଆୟୋଜିତ ୭୪ତମ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇଥିଲେ। ପ୍ରାକୃତିକ ପରିବେଶର ସୁରକ୍ଷା ସାଙ୍ଗକୁ ଗୋଟିଏ ଗଛ କୋଟିଏ ଜୀବନ ଲକ୍ଷ୍ୟରେ ବୋଲି ମୁଖ୍ୟ ଅତିଥି ଅଧକ୍ଷ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ପୂର୍ବତନ ସରପଞ୍ଚ ଏ.ଚେନ୍ନାୟା, ଫରେଷ୍ଟର ବାବୁ ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାରାବତି କୋଠିଆ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ନାଏବ ସରପଞ୍ଚ ପ୍ରଗତି କୁମାର ଦଳେଇ, ସିଆର୍‌ସିସି ହରିକୃଷ୍ଣ ଗୌଡ଼, ଇ.ସୁନୀତା ରାଣୀ, ସସ୍ମିତା ଗୋସ୍ୱାମୀ, ସୁଦେଷ୍ଣା ରଣା, ସାଗର ସେଠୀ, ନାରାୟଣ ସେଠୀ, କାଳିଆ ସେଠୀ, ଭିକାରୀ, ଦିପୁ, ଶଙ୍କର, ମିଥୁନ୍, ବିଶ୍ୱାମିତ୍ର, ଆକାଶ, ମାଧବ, ତୋଫାନ୍ ଉପସ୍ଥିତ ସହଯୋଗ କରିଥିଲେ।

# ବ୍ଲକ କଳା ସଂସ୍କୃତି ସଂଘର ଅଧିବେଶନ

ଧରାକୋଟ,୨୬ା୭(ଡି.ଏନ୍.ଏ.)

ଧରାକୋଟ ବ୍ଲକ କଳା ଓ ସଂସ୍କୃତି ସଂଘର ୩୪ ତମ ଅଧିବେଶନ ବିଡିଓ ତଥା ସଭାପତି ଡେନିସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ସୁରେନ୍ଦ୍ର ନାଥ ଦାସଶର୍ମାଙ୍କ ସହ ବ୍ଲକ ଅନ୍ତର୍ଗତ ୧୩ କଳା ଓ ସଂସ୍କୃତି ସଂଘର ପଦାଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ କୋଭିଡ୍ ପରଠାରୁ ବନ୍ଦ ରହିଥିବା ସାଂସ୍କୃତିକ ଦଳ ଓ ଏହାର ସଦସ୍ୟ ମାନଙ୍କର ନବୀକରଣ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋଭିଡ୍ ପରଠାରୁ ବନ୍ଦ ରହିଥିବା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ପୁନଃ ପ୍ରଚାର ଓ ପ୍ରସାର କରି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ଯୋଜନା ମଧ୍ୟରେ ଆବାସ, ମୋ ଘର, ମୋ କୁଡିଆ, ମୋ ବଗିଚା, ପାଣି ପଞ୍ଚାୟତ, ଜନନୀ ସୁରକ୍ଷା, ବିଜୁ କନ୍ୟାରତ୍ନ ଯୋଜନା, ସହଭାଗିତା, ଗେହ୍ଲା ଝିଅ, ନିର୍ଭୟା କଢ଼ି ସହ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ପରିବେଷଣ କରି ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଅତିଥିଙ୍କ ସହ ସଂଘର ସଦସ୍ୟମାନେ।

# ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୨୬ା୭(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ସଭାଗୃହଠାରେ ବୁଧବାର ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେଦାର ଚନ୍ଦ୍ର ପଣ୍ଡା ପ୍ରଥମେ ଅତିଥି ପରିଚୟ ଦେଇଥିଲେ। ପରେ ବିଡିଓ ଗଦାଧର ପାତ୍ର ଏହି ଜନ ଶୁଣାଣିର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମରୋଜଗାର ସେବକ ଓ ଉପସ୍ଥିତ ଗାଁ ସାଥି, ଓ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତରେ ଏହି ଯୋଜନାରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଞ୍ଚାୟତ ଅଧିକାରୀମାନେ ଶୁଣାଇଥିଲେ ଏବଂ ତା'ର ଅଭିଯୋଗ ମଧ୍ୟ ଶୁଣାଯାଇଥିଲା। ବାଡାବାଙ୍ଗା ପଞ୍ଚାୟତ ସମେତ ଭ୍ରମରବାଡ଼ି, ଦାନେକବାଡି, ଦାରିଙ୍ଗବାଡି, ସିଆଙ୍ଗବାଲି, ଦାସିଙ୍ଗବାଡି, ସୋନପୁର ଆଦି ପଞ୍ଚାୟତର ଅଭିଯୋଗ ଶୁଣାଯାଇଥିଲା। ତେବେ ସିମନବାଡି ପଞ୍ଚାୟତରେ ଏକାଧିକ ମୃତ ବ୍ୟକ୍ତିଙ୍କ ନାମରେ ଏହି ଯୋଜନାରେ ବିଲ୍ କରି ହରିଲୁଟ କରାଯାଇଥିବା ସହ ବିଦ୍ୟାଳୟରେ ଚାରା ରୋପଣ ନାମରେ ଏହି ଯୋଜନାରେ ଅର୍ଥ ହେରଫେର ହୋଇଛି ତେଣୁ ସରକାରଙ୍କ ଏହି ଯୋଜନାରେ ଅର୍ଥ ହେରଫେର ସମେତ ବୁଡ଼ାଗୁଡା ଛକ ଓ ବିଭିନ୍ନ ପ୍ରକଳ୍ପରେ ଜିଆର୍‌ଏସ୍ ବିଜୟ ସାହୁଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିମନବାଡିର ୱାର୍ଡ ସଭ୍ୟ ଅମରେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ସୋସିଆଲ ଅଡିଟ କରୁଥିବା ଟିମ୍ ବିଡିଓ ଗଦାଧର ପାତ୍ରଙ୍କୁ କୌଣସି ରିପୋର୍ଟ ଦେଇନାହାନ୍ତି। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଥିଲେ। ପ୍ରକାଶ ଯେ ବ୍ଲକର ୨୫ ପଞ୍ଚାୟତରେ ଏହି ଯୋଜନାରେ ମୋଟ ୧୪୧୭ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିରୁ ୫୬୪ ପ୍ରକଳ୍ପ ଶେଷ କରାଯାଇଥିବା କାର୍ଯ୍ୟକ୍ରମରେ କୁହାଯାଇଥିଲା ଏଥିପାଇଁ ୨୦ କୋଟି ୭୧ ଲକ୍ଷ ଅନୁଦାନ ଖର୍ଚ୍ଚ କରାଯାଇଥିବା ଜଣାପଡିଛି।

### ଆଶାକର୍ମୀଙ୍କ ମାଡ଼ରେ ମହିଳାଙ୍କ ମୁଣ୍ଡ ଫାଟିଲା

ମୋହନା,୨୬ା୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଖ୍ରୀଷ୍ଟିଆନ ସାହିରେ ଆଶାକର୍ମୀଙ୍କ କାଠ ଫାଳିଆ ମାଡ଼ରେ ଜଣେ ବିଧବାଙ୍କ ମୁଣ୍ଡ ଫାଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଖ୍ରୀଷ୍ଟିଆନ ସାହିର ଆଶାକର୍ମୀ ରେଣୁ ଲିମାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆର. ଉଦୟଗିରି ସବ୍ ଜେଲକୁ ପଠାଯାଇଛି। ରେଣୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ୱାମୀ ଅର୍ଜୁନ ଲିମା ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ରେଣୁ ସହ ମଙ୍ଗଳବାର ପଡୋଶୀ ପ୍ରେମଲତା ଲିମାଙ୍କ କୌଣସି କଥାକୁ ନେଇ ବଚସା ହୋଇଥିଲା। ରେଣୁ ଏକ କାଠ ଫାଳିଆରେ ପ୍ରେମଲତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ।

# ଜାତୀୟ ସେବା ଯୋଜନାର ବନମହୋତ୍ସବ

ଗଞ୍ଜାମ,୨୬ା୭(ବିଦ୍ୟାଧର ସାହୁ)

ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ଼ଃ ପ୍ରବୀଣ କୁମାର ନନ୍ଦଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନା ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଏହା ପରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର୍ ଡ଼ଃ ସୁଶାନ୍ତ କୁମାର ସେଠୀ, ପ୍ରଫେସର୍ ସୀମାଞ୍ଚଳ ଭୋଳ, ପ୍ରଫେସର୍ ଡ଼ଃ ସ୍ମରଣିକା ହୋତା, ପ୍ରଫେସର୍ ଅମର ପ୍ରସାଦ ବିଷୋୟୀ, ପ୍ରଫେସର୍ ମମତା ପାଢ଼ୀ, ଅଧ୍ୟାପକ ସୂର୍ଯ୍ୟ ନାରାୟଣ ମୁଦୁଲି, ଅଧ୍ୟାପକ ଡା ସୁଶାନ୍ତ ମହାନନ୍ଦ, ଅଧ୍ୟାପିକା ଖୁସବୁ ନାଜ୍, ରଘୁନାଥ ରେଡ୍ଡୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ରଞ୍ଜିତା ସାହୁ, ଇତିଶ୍ରୀ ସାହୁ, ବଳିଆ ମୁଦୁଲି, ଶୋଭାରାଣି ବେହେରା, ଶୁଧାଙ୍ଗିନି ନାହାକ, ଶାଶ୍ୱତ ମଣ୍ଡଳ, ଅନିଲ ପ୍ରଧାନ, ଜ୍ୟୋତି ରଞ୍ଜନ ପ୍ରଧାନ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ନ୍ୟାୟ ଦାବିରେ ଶ୍ୱଶୁର ଘର ଆଗରେ ବୋହୂଙ୍କ ଧାରଣା

ବେଗୁନିଆପଡ଼ା,୨୬ା୭(ସୁଶାନ୍ତ ପଟ୍ଟନାୟକ)



ବେଗୁନିଆପଡ଼ା ବାଲିସାହିରେ ନିଜର ହକ୍ ଦାବିରେ ବୁଧବାର ବିବାହିତା ମହିଳା ଶ୍ୱଶୁର ଘର ଆଗରେ ଧାରଣାରେ ବସିଛନ୍ତି। ପୁସ୍ତପୁର ଗ୍ରାମର କସ୍ତୁରୀ ଘୋଷଙ୍କ ସହ ବେଗୁନିଆପଡ଼ା ବାଲିସାହିର ବିଶ୍ୱଜିତ ଜଗନ୍ନାଥ ସାହୁଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ପ୍ରେମିକା ଅନ୍ୟତ୍ର ବିବାହ କରିଥିଲେ, ତାଙ୍କର ଗୋଟିଏ ୪ ବର୍ଷର ଝିଅ ମଧ୍ୟ ରହିଛି। ହେଲେ ପ୍ରେମିକ ବିଶ୍ୱଜିତ ପୂର୍ବରୁ ରଖିଥିବା ଅନ୍ତରଙ୍ଗ ଫଟୋ ପ୍ରେମିକା କସ୍ତୁରୀଙ୍କ ସ୍ୱାମୀଙ୍କୁ ଦେଖାଇ ଦେଇଥିଲେ। ଫଟୋ ଦେଖି କସ୍ତୁରୀଠାରୁ ଅଲଗା ହୋଇଗଲେ ତାଙ୍କ ସ୍ୱାମୀ। ଏହାପରେ କସ୍ତୁରୀଙ୍କୁ ବିଶ୍ୱଜିତ ପୁରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ନେଇ ବିବାହ କରିଥିଲେ। ଦୀର୍ଘ ୪ ବର୍ଷ ଖଲ୍ଲିକୋଟଠାରେ ଭଡାଘରେ ରହୁଥିଲେ। ପରେ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାରୁ କସ୍ତୁରୀକୁ ଛାଡି ବିଶ୍ୱଜିତ ଫେରାର ହୋଇଯାଇଛନ୍ତି। ଏ ନେଇ ବୁଧବାର ବେଗୁନିଆପଡ଼ା ବାଲିସାହିରେ ଥିବା ସ୍ୱାମୀଙ୍କ ଘର ଆଗରେ କସ୍ତୁରୀ ଧାରଣା ଦେଇଛନ୍ତି।

# ନୂତନ ଭୋଟର ବର୍ଷେ ପୂର୍ବରୁ ଆବେଦନ କରିପାରିବେ

ଭଞ୍ଜନଗର,୨୬ା୭(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ନିର୍ବାଚନ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ ଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାୟ କହିଥିଲେ ଯୁବପିଢି ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ବିଭିନ୍ନ ନିର୍ବାଚନରେ ଯୁବପିଢି ଅଧିକରୁ ଅଧିକ ମତଦାନ କରିଲେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ। ନୂତନ ଯୁବ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଜଣେ ଭୋଟର ନିଜର ବୟସ ୧୮ ବର୍ଷ ହେବାର ଏକ ବର୍ଷ ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଭୋଟର

**ଯୁବପିଢି ଦେଶର ଭବିଷ୍ୟତ**



ବୈଠକରେ ଉପସ୍ଥିତ ଛାତ୍ରୀ ଛାତ୍ର।

ତାଲିକାରେ ନିଜ ନାମ ଯୋଡ଼ିବା ପାଇଁ ଅନଲାଇନରେ ଆବେଦନ କରିପାରିବେ। ଯେଉଁଦିନ ଉକ୍ତ ଯୁବତୀ ଯୁବକଙ୍କ ବୟସ ୧୮ ବର୍ଷ ହୋଇଯିବ ସେହିଦିନଠାରୁ ସେମାନେ ମତଦାନ ଅଧିକାର ସୁଯୋଗ ପାଇବେ ବୋଲି ଉପଜିଲାପାଳ କହିଥିଲେ। ଭାରପ୍ରାପ୍ତ ଅଧକ୍ଷା ଆରତି ବାଳା ପ୍ରଧାନ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରାଧାପକ ବିଭାଶ ଦାସ ସଭାକୁ ସଂଯୋଜନା କରିଥିବା ବେଳେ ନାଭାଲ ଅଫିସର ଡଃ ରବିନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

ଭଞ୍ଜନଗର ବ୍ଲକ ଏବିଡିଓ ଭୀମସେନ ବାରିକ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୌରୀ ଶଙ୍କର ସତପଥୀ, ଏନ୍‌ସିସି ଆର୍ମି ଅଫିସର ଲେଫ୍‌ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ନାମ ଯୋଡ଼ିବା, ବାଦ ଦେବା, ସଂଶୋଧନ ପ୍ରମୁଖ କାର୍ଯ୍ୟ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। କର୍ମଚାରୀମାନେ ଘରକୁ ଘର ବୁଲି ଉକ୍ତ କାର୍ଯ୍ୟକ୍ରମ କରୁଛନ୍ତି। ଭୋଟର ଆଇଡେଣ୍ଟି କାର୍ଡ ସହ ଆଧାର କାର୍ଡ ନମ୍ବର ଯୋଡ଼ିବା ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ସୁପରଭାଇଜର ସୁନୀଲ ବେହେରା, ପ୍ରଦୀପ କୁମାର ସାସମଲ ତାଲିମଦାତା ଭାବେ ଯୋଗ ଦେଇଥିଲେ। ଆକାଉଣ୍ଟ ଅଧିକାରୀ ଅଧ୍ୟାପକ ସୁନୀଲ ଦାସ, କର୍ମଚାରୀ କୈଳାସ ଜେନା, ସୁଧୀର ବିଶୋଇ, ଛାତ୍ର ଆଦିତ୍ୟ ଜେନା, ବାବୁ ରଥ, ଉପଜିଲାପାଳ କାର୍ଯ୍ୟାଳୟ କର୍ମଚାରୀ ମୁକ୍ତିପଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବନ୍ଦ କରିଦେଲେ ଚଣ୍ଡିଖୋଲ ଟ୍ରାଫିକ୍ ପୋଷ୍ଟ

■ ସମସ୍ୟା ସମାଧାନ ହୋଇ ପାରିଲାନି
■ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା

ଚଣ୍ଡିଖୋଲ,୨୬।୭ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲାର ମୁଖଶାଳାଭାବେ ପରିଚିତ ଚଣ୍ଡିଖୋଲ ଛକ। ଏହା ୨ ଜାତୀୟ ରାଜପଥର ମିଳନ ସ୍ଥଳ। ଦୀର୍ଘ ବର୍ଷ ହେଲା ଚଣ୍ଡିଖୋଲ ଛକର ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ପାଇଁ ବୈଠକ ପରେପରେ ବୈଠକ ଚାଲିଛି। ହେଲେ ଆଜିଯାଏ ଏହାର ସମାଧାନ ବାଟ ବାହାରି ପାରିନାହିଁ। ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଏନ୍ଏଚ୍ଆଇ ଓ ଜନପ୍ରତିନିଧିମାନେ ବିଗତ ୧୦ ବର୍ଷ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଥର ବିଭିନ୍ନ ବୈଠକ କରି ଚଣ୍ଡିଖୋଲର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଛନ୍ତି। କିନ୍ତୁ ଫଳ ଶୂନ। ଏହାର ସମାଧାନ କରିବା ପରିବର୍ତ୍ତେ ଏବେ ସବୁଦିନ ପାଇଁ ଟ୍ରାଫିକ ପୋଷ୍ଟକୁ ବନ୍ଦ କରିଦେଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ବିଭିନ୍ନ ସଙ୍ଗଠନ ମଧ୍ୟ ଅନେକ ବାର ପ୍ରତିବାଦ କରିଛନ୍ତି। ହେଲେ ଟ୍ରାଫିକ୍ ସମସ୍ୟା ସୁଧୁରି ନାହିଁ ବରଂ ଟ୍ରାଫିକ୍ ଛକରେ ଏହି ୧୦ ବର୍ଷ ମଧ୍ୟରେ ବିଭିନ୍ନ ଦୁର୍ଘଟଣାରେ ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି। ପ୍ରଶାସନ ନିଜ ଦୋଷ ଢାଙ୍କିବାକୁ ଯାଇ ଉଚ୍ଚସ୍ତରୀୟ ବୈଠକରେ ଏହି ସ୍ଥାନଟିକୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିତ୍ରଣ କରି ସବୁଦିନ ପାଇଁ ଟ୍ରାଫିକ ପୋଷ୍ଟକୁ ବନ୍ଦ କରି ଦେଇଛି। ଆଗାମୀ ଦିନରେ ଅନୁଧ୍ୟାନ ପରେ ଟ୍ରାଫିକ ପୋଷ୍ଟ ରହିବ କି ଏଠାରେ ଓଭର ବ୍ରିଜ ନିର୍ମାଣ ହେବ ତାହା ସ୍ଥିର ହେବ ବୋଲି କୁହାଯାଇଛି। ଫଳରେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ଚଣ୍ଡିଖୋଲ ଟ୍ରାଫିକ୍ ପୋଷ୍ଟକୁ ବନ୍ଦ କରାଯାଇଛି।

ଚଣ୍ଡିଖୋଲ ହେଉଛି ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ପେଣ୍ଠସ୍ଥଳ। ୨ ଜାତୀୟ ରାଜପଥର ସଂଯୋଗସ୍ଥଳ ହୋଇଥିବାରୁ ଏହା ଏକ ବ୍ୟସ୍ତବହୁଳ ସ୍ଥାନ ଭାବେ ପରିଚିତ। ଖଣିଠାରୁ ପାଣି ପର୍ଯ୍ୟନ୍ତ ସମସ୍ତ ଦ୍ରବ୍ୟ ଏହି ଛକ ଦେଇ ଯାତାୟାତ କରିଥାଏ। ଫଳରେ ଏଠାରେ ଉକ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ପୂର୍ବରୁ ଏଠାରେ ବଡ଼ଚଣା ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଉଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୭ରେ ଚଣ୍ଡିଖୋଲଠାରେ ଏକ ଟ୍ରାଫିକ ଥାନା ଖୋଲାଯାଇଥିଲା। ଜିଲାର ଟ୍ରାଫିକ ନିୟନ୍ତ୍ରଣ ସହ ୧୫୫ କି.ମି. ଜାତୀୟ ରାଜପଥ ଏହି ଥାନା ଅଧୀନରେ ରହିଛି। ଟ୍ରାଫିକ ପୋଲିସ ପକ୍ଷରୁ ଏହି ଛକର ଟ୍ରାଫିକ ନିୟନ୍ତ୍ରଣ ଭାର ହାତକୁ ନିଆଯାଇଥିଲା। ମାତ୍ର ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା ବରଂ ଟ୍ରାଫିକ ପୋଷ୍ଟ ନିକଟରେ ବାରମ୍ବାର ଦୁର୍ଘଟଣା ବଢ଼ିବାକୁ ଲାଗିଥିଲା। ପ୍ରତିବର୍ଷ ଏହି ଟ୍ରାଫିକ ପୋଷ୍ଟ ନିକଟରେ ଦୁର୍ଘଟଣା ଯୋଗୁ ଏକାଧିକ ମୃତାହତ ହୋଇଥିବା ସରକାରୀ ତଥ୍ୟ କହୁଛି। ଟ୍ରାଫିକ୍ ପୋଷ୍ଟ ବନ୍ଦ ହେବା ଯୋଗୁ ଏବେ ଯାତ୍ରୀ ସମସ୍ୟା ବଢ଼ିବାରେ ଲାଗିଛି। ଚଣ୍ଡିଖୋଲରୁ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ବସ୍‌ସେବା ରହିଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର ପାଇଁ ଏନ୍ଏଚ୍ଏଆଇ ପକ୍ଷରୁ ନିର୍ମିତ ଅଣ୍ଡର ପାସଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବାରୁ ଯାତ୍ରୀ ରାସ୍ତାପାର ହେବାକୁ ଢେ଼ର ଅଧିକ ବାଟ ବୁଲିକରି ଯାଉଛନ୍ତି। କେହିକେହି ରାସ୍ତା ପାର ହେବାକୁ ଯାଇ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି।

ଟ୍ରାଫିକ ନିୟନ୍ତ୍ରଣ ପାଇଁ ରହିଥିବା ଟ୍ରାଫିକ ଥାନାରେ ଏବେ କର୍ମଚାରୀ ମରୁଡ଼ି ଦେଖାଦେଇଛି। ଏହି ଥାନା ପାଇଁ ମୋଟ ୨୮ ପଦବୀ ମଞ୍ଜୁର କରାଯାଇଛି। ଜଣେ ଇନ୍ସପେକ୍ଟର, ୨ ଏସଆଇ , ୨ ଏଏସ୍ଆଇ, ୩ ହାବିଲଦାର ଓ ୨୦ କନେଷ୍ଟବଲ ମଞ୍ଜୁର ହୋଇଥିବାବେଳେ ଏବେ କେବଳ ୭ ଜଣ କର୍ମଚାରୀଙ୍କୁ ନେଇ ଥାନା ଚାଲିଛି। ଇନ୍ସପେକ୍ଟର ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଥିବାବେଳେ ବୈରୀ ଥାନାଧିକାରୀଙ୍କୁ ବୈରୀ, ବଡ଼ଚଣା ଓ ଟ୍ରାଫିକ ଥାନା ଦାୟିତ୍ୱ ଦିଆଯାଇଛି। ସେହିପରି ଥାନାରେ ଜଣେ ମାତ୍ର ଏସ୍ଆଇ ଓ ୬ କନଷ୍ଟେବଳ ରହିଛନ୍ତି। ବିନା କର୍ମଚାରୀରେ କିପରି ଥାନା ଚାଲିବ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଟ୍ରାଫିକ ସମସ୍ୟା ନୁହେଁ, ଅନେକ ସମସ୍ୟାରେ ଚଣ୍ଡିଖୋଲ ଛକଟି ରହିଥିବାବେଳେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ଏନ୍ଏଚ୍ଏଆଇ ଅବେହେଳାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଟ୍ରାଫିକ ଥାନା ଦାୟିତ୍ୱରେ ଥିବା ବୈରୀ ଥାନା ଅଧିକାରୀ ପ୍ରଦୀପ କୁମାର କାନୁନଗୋଙ୍କୁ ପଚାରିବାରୁ ସେ କହିଛନ୍ତି, ଉପରସ୍ତରରେ ଯାହା ନିଷ୍ପତ୍ତି ନିଆଗଲା ଆମେ ତାକୁ ପାଳନ କରିବୁ। ଟ୍ରାଫିକ ପୋଷ୍ଟ ବନ୍ଦ କରିବା କିମ୍ବା ଖୋଲିବା ଆମ ପରିସର ଭିତରେ ନାହିଁ।

## ୨୦ରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ନିର୍ବାଚନ

ଚଣ୍ଡିଖୋଲ,୨୬।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କାର୍ଯ୍ୟକାରୀ କମିଟିର ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ଆସନ୍ତା ମାସ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ପରିଚାଳନା କରିବାକୁ ସଂଘର ନିର୍ବାଚନ କମିଟି ଦ୍ୱାରା ନିଯୁକ୍ତ ନିର୍ବାଚନ ଅଧିକାରୀ ଆଇନଜୀବୀ ଉଦୟନାଥ ସାହୁ ଏବଂ ସହକାରୀ ନିର୍ବାଚନ ଅଧିକାରୀ ଆଇନଜୀବୀ କୁମର ପ୍ରସାଦ ବେହେରା ବିଧିବଦ୍ଧ ଭାବେ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁସାରେ ଜୁଲାଇ ୨୬ ଓ ୨୭ ତାରିଖରେ ମନୋନୟନ ପତ୍ର ଉପଲବ୍ଧ ପରେ ୨୮ରୁ ୩୦ ତାରିଖ ଯାଏ ମନୋନୟନ ପତ୍ର ଦାଖଲ ଏବଂ ୩୧ ତାରିଖ ଦିନ ଦାଖଲ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୧ ତାରିଖରେ ମନୋନୟନ ପତ୍ର ଯାଞ୍ଚ ପରେ ୨ ତାରିଖରେ କାଏମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୫ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏହାପରେ ୬ ତାରିଖରେ ନିର୍ବାଚନ ପାଇଁ ପ୍ରତ୍ୟେକ ପଦବୀ ନିମନ୍ତେ ରହୁଥିବା ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୨୦ରେ ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ପରେ ସେହିଦିନ ଭୋଟ ଗଣତି କରାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଆଶାଲତା ଧର୍ମଶାଳା ଯୁବ କଂଗ୍ରେସ ସଭାପତି ନିର୍ବାଚିତ

ଧର୍ମଶାଳା,୨୬।୭(ବଟକୃଷ୍ଣ ପରିଡ଼ା): ଓଡିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଯୁବ କଂଗ୍ରେସ କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ଯୁବ କଂଗ୍ରେସ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ଆଶାଲତା ପରିଡ଼ା, ଯାଜପୁର ଜିଲା ଯୁବକଂଗ୍ରେସ ଉପସଭାପତି ଭାବେ ସୁବାସ ଦାସ ଓ ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସ ସାଧାରଣ ସମ୍ପାଦକଭାବେ ପ୍ରିୟବ୍ରତ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଯୁବ କଂଗ୍ରେସ କମିଟିକୁ ନବନିର୍ବାଚିତ ୩ କର୍ମକର୍ତ୍ତାଙ୍କୁ ପୂର୍ବତନ ବ୍ଲକ ଅଧକ୍ଷ ତଥା ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

ସେହିପରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ଶରତ ଚନ୍ଦ୍ର ରାଉତ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ, କୃଷକନେତା ବସନ୍ତ କୁମାର ପରିଡ଼ା ଓ ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟଙ୍କୁ ନବନିର୍ବାଚିତ କର୍ମକର୍ତ୍ତାମାନେ କୃତଜ୍ଞତା ଜଣାଇଛନ୍ତି।

### ଲିଙ୍ଗେଶ୍ୱର ଉନ୍ନୟନ କମିଟିର ଚାରାରୋପଣ

ପାଣିକୋଇଲି,୨୬।୭(ବିକାଶ ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପଲସ୍ଥିତ ବାବା ଲିଙ୍ଗେଶ୍ୱର ପୀଠ ଉନ୍ନୟନ କମିଟି ଆହ୍ୱାନକ୍ରମେ ଲିଙ୍ଗେଶ୍ୱର ସ୍ୱେଚ୍ଛାସେବୀ ବାହିନୀ ପକ୍ଷରୁ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈତରଣୀ ନଦୀ ପଠାରେ ଥିବା ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନିଜସ୍ୱ ଜାଗାରେ ୨ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଉନ୍ନୟନ କମିଟି ସଭାପତି ଦୈତାରୀ ଧଳ, ସମ୍ପାଦକ ପ୍ରଦୀପ କୁମାର ଧଳ, ଉପସଭାପତି ସଦାନନ୍ଦ ସାହମଲ, ସହସମ୍ପାଦକ ନିତ୍ୟାନନ୍ଦ ପରିଡ଼ା, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ପ୍ରତାପ ଧଳ, ବାସୁଦେବ ପରିଡ଼ା, ଗୋଲକ ଚନ୍ଦ୍ର ମାଝି, ଶରତ ଧଳ, ମଦନ ମାଝି, ସ୍ୱେଚ୍ଛାସେବୀ ସରୋଜ ପରିଡ଼ା, ଶୁକଦେବ ପାଲ, ବସନ୍ତ ମାଝି, ଶ୍ରୀକାନ୍ତ ଧଳ, ଶିବ ପ୍ରସାଦ ସେଠୀ ଓ ସୁରେନ୍ଦ୍ର ଧଳଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନଦୀ ପଠା ଓ ପରିବେଶ ସୁରକ୍ଷା ଦିଗରେ ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

### ହୃଦ୍‌ଘାତରେ ହୋମ୍ ଗାର୍ଡ ମୃତ

ଯାଜପୁରରୋଡ୍,୨୬।୭ (ପବିତ୍ର ମହାନ୍ତି):



ଯାଜପୁରରୋଡ୍ ଆଦର୍ଶ ଥାନାରେ କାର୍ଯ୍ୟରତ ଜଣେ ଗୃହରକ୍ଷୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ହେଲେ ବ୍ୟାସନଗର ପୌର ପରିଷଦର ପ୍ରିୟଦର୍ଶିନୀ କଲୋନୀରେ ରହୁଥିବା ମହମ୍ମଦ ଯହିଦ(ଟୁନା)। ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସେ ୩୦ ବର୍ଷ ଧରି ଯାଜପୁରରୋଡ୍ ଥାନାରେ କାର୍ଯ୍ୟ କରି ଆସୁଥିଲେ। ମଙ୍ଗଳବାର ଯାଜପୁରରୋଡ୍ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ରାତି ୮ଟାରେ ଡ୍ୟୁଟିରେ ଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ତାଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ପରିବାରରେ ସ୍ତ୍ରୀ ଓ କଲେଜ ପଢୁଆ ୨ ଝିଅ ଅଛନ୍ତି। ସେ ଜଣେ ଭଦ୍ର ଓ ମେଳାପି ମଣିଷ ଭାବେ ପରିଚିତ ଥିଲେ। ବୁଧବାର ସାପଗାଡ଼ିଆସ୍ଥିତ କବର ସ୍ଥାନରେ ପରିବାର ଲୋକଙ୍କ ଗହଣରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଯହିଦଙ୍କ ଶେଷକୃତ୍ୟରେ ଯାଜପୁରରୋଡ୍ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ସେକ୍ ରାଜା, ହୋମଗାର୍ଡ କମାଣ୍ଡାର ନୃସିଂହ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆମ ବାପା ପରିବାର ପ୍ରତି ପୋଷଣର ଏକମାତ୍ର ମାଧ୍ୟମ ଥିଲେ। ଏବେ କିପରି ଆମେ ଚାଲିବୁ ବୋଲି କୋହଭରା କଣ୍ଠରେ ତାଙ୍କ ବଡ଼ ଝିଅ କହିଛନ୍ତି। ଅନ୍ୟପକ୍ଷରେ ବଡ଼ଝିଅଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଥାଇଥାନ କରାଯିବ ବୋଲି ଥାନାଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ବିଜେଡି ଉପରେ ବର୍ଷିଲେ ସ୍ମୃତିରେଖା ପହି

କାଏମା,୨୬।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଶାନ୍ତିବଜାରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସମ୍ମିଳନୀରେ ପହି ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଧର୍ମଶାଳାରେ ବିଜେଡି ଦୀର୍ଘଦିନ ଶାସନରେ ରହିଥିବାରୁ ମନମାନି ଶାସନ କରୁଛି। ଆଉ ଚଳିବନି ଏ ମନମାନି ଶାସନ। ୧୫ ନମ୍ବର ଜୋନ୍‌ରେ ଅଗଷ୍ଟ ୯ରେ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ ହେବାକୁ ଥିବା ବେଳେ ଗତ ୨୩ତାରିଖରେ ଏହି ଜୋନ ଅଧୀନ ବ୍ରଜଗିରି ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଛୁଟିଦିନରେ ଛୋଟ ପିଲାଙ୍କୁ ବିଦ୍ୟାଳୟକୁ ଡାକି ଯୁବକର୍ମୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ବିଧାୟକଙ୍କ ଜନ୍ମଦିନ ପାଳନ କରିଥିଲେ।

କହିଲେ ଚଳିବନି ଆଉ ମନମାନି ଶାସନ



ଭାଜପା ନେତ୍ରୀ ସ୍ମୃତିରେଖା ପହି

ଏହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରିଛି। ସରକାରୀ ବିଦ୍ୟାଳୟ ପରସିରରେ କୌଣସି ବ୍ୟକ୍ତିଗତ ଉତ୍ସବ ପାଳନ କରିବା ବେଆଇନ ହୋଇଥିଲେ ମଧ୍ୟ ତାହା ଏଠାରେ କରାଯାଇଛି।

ସେହିପରି ଉକ୍ତଦିନ ମଙ୍ଗଳପୁର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ କରାଯାଇଥିଲା। ଏ ବିଷୟରେ ପହି ଜିଲାପାଳଙ୍କୁ ଜଣାଇଥିଲେ। ଗତ ୨୫ ତାରିଖରେ କଳ୍ପତରୁ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ କୋଟପୁର ସ୍କୁଲ ପଡ଼ିଆଠାରେ ପାଳନ ହୋଇଥିଲା ଏବଂ ବେଜେଡିର ଗ୍ରୀନ ରଙ୍ଗର ବ୍ୟାନର ସବୁ ସ୍ଥାନରେ ଲଗାଯାଇଥିଲା। ଭୋଜିଭାତ ଆୟୋଜନ କରାଯାଇ ଲୋକଙ୍କୁ ଭୋଟ ପାଇଁ ବିଭ୍ରାଟ କରାଯାଉଛି। ଏଭଳି ସବୁ ଘଟଣା ଉପରେ ଯଦି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଆଇନ ଅନୁଯାୟୀ ବ୍ଲକ କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପହି ଚେତାବନୀ ଦେଇଛନ୍ତି। ପହିଙ୍କ ଉକ୍ତ ଅଭିଯୋଗ ଉପରେ ବିଜେଡିର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## କୋଇଲା ବୋଝେଇ ଗାଡ଼ି ଚାଳକ କୋର୍ଟଚାଲାଣ

ପାଣିକୋଇଲି,୨୬।୭ (ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁରଠାରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ ହୋଇଥିବାବେଳେ ଏହାର ଚାଳକଙ୍କୁ ପୋଲିସ ଅଟକ ରଖିଥିଲା। ବୁଧବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଗାଡ଼ି ଚାଳକ ହେଲେ ଢେଙ୍କାନାଳ ଜିଲା ମୋଟୁଗାଁ ଥାନା ଅନ୍ତର୍ଗତ ଓଡ଼ପଡ଼ା ଗ୍ରାମର ଶଙ୍କର ସ୍ୱାଇଁ। ସଠିପୁରଠାରେ ଏକ ଚୋରା କୋଇଲା ବୋଝେଇ ଟ୍ରକ୍‌ରୁ କୋଇଲା ଖାଲି କରାଯାଉଥିବା ବେଳେ ମଙ୍ଗଳବାର ଖବର ପାଇ ପୋଲିସ ପକ୍ଷରୁ ଏହା ଉପରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପୋଲିସ କୋଇଲା ବୋଝେଇ ୧୪ ଚକିଆ ଟ୍ରକ୍(ଓଡି-୩୫-ଇ୬-୪୨୫)କୁ ଜବତ କରିବା ସହ ଏହାର ଚାଳକଙ୍କୁ ଅଟକ ରଖିଥିଲା। ଏସ୍ଆଇ ପ୍ରକାଶ କୁମାର ପ୍ରଧାନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ନଂ.୧୯୩/୨୩ ରୁଜୁ କରାଯାଇଥିଲା ବୋଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବିଜେଡିରେ ଯୋଗଦେଲେ ଭାଜପା କର୍ମୀ



ବିଜେଡିରେ ସାମିଲ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଧାୟକ ସ୍ୱାଗତ କରୁଛନ୍ତି।

ଧର୍ମଶାଳା,୨୬।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଦେଉଦା ଓ ଅରେଇକଣା ପଞ୍ଚାୟତର ବହୁ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ। ବିଧାୟକଙ୍କ ଉପସ୍ଥିତିରେ ଧନଞ୍ଜୟ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ଜ୍ୟୋତିରଞ୍ଜନ ପଣ୍ଡା, ଅକ୍ଷୟ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ପ୍ରଦୀପ ତରାଇ, ପୀତାମ୍ବର ସ୍ୱାଇଁ ପ୍ରମୁଖ ୧୭ଜଣ ଭାଜପା କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ବିଧାୟକ ବଳବନ୍ତରାୟ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଅମରେନ୍ଦ୍ର ରାୟ, ବିକାଶ ରଞ୍ଜନ ବେହେରା, ଦେଉଦା ପଞ୍ଚାୟତ ବିଜେଡି ସଭାପତି ନିତ୍ୟାନନ୍ଦ ସାହୁ, ସମିତିସଭ୍ୟ ଅନନ୍ତ ତରାଇ, ଅରେଇକଣା ସରପଞ୍ଚ ସଞ୍ଜୟ ରାୟ, ଯୁବନେତା ପ୍ରଶନ୍ନ ରାଉତ, ପ୍ରମୋଦ ବରାଳ ଓ ଆଲୋକ ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲୁଣା ନଦୀରୁ ବେଧଡ଼କ ବାଲି ଚୋରା ଚାଲାଣ

ମାର୍ଶାଘାଇ,୨୬।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ) : କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ତହସିଲ ଆୟତପୁର ଗ୍ରାମ ନିକଟରେ ଲୁଣା-କରାଣ୍ଡିଆ ନଦୀ ପଠାରୁ ବେଧଡ଼କ ବାଲିଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଟ୍ରାକ୍ଟର ଦ୍ୱାରା ଦୈନିକ ଶହ ଶହ ଟ୍ରିପ ବାଲି ଚାଲାଣ ହେଉଛି। ଫଳରେ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ବାଲି ଉଠାଣକୁ ଯିଏ ବିରୋଧ କରୁଛନ୍ତି ବାଲି ବ୍ୟବସାୟୀ ସେମାନଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ତହସିଲ କାର୍ଯ୍ୟାଳୟକୁ ଜଣାଇଲେ ମଧ୍ୟ ଭିଜିରିଆ ଖବରପାଇ ଚଢ଼ାଉ ପୂର୍ବରୁ ବାଲି ବ୍ୟବସାୟୀ ଖସି ଯାଉଛନ୍ତି। ନଦୀରେ ବନ୍ୟା ଜଳ ଆସିବା ଦେଖି ବାଲି ବ୍ୟବସାୟୀ ଶହ ଶହ ଟ୍ରିପ ବାଲି ଉଠାଇ ଗଚ୍ଛିତ ରଖି ଚଢ଼ା ଦରରେ ବିକ୍ରି କରୁଛନ୍ତି।

# ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ଗଛ କଟାଗଲା

ପାଣିକୋଇଲି,୨୬।୭(ବିକାଶ ମଲ୍ଲିକ):

ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ଥିବା ବହୁ ପୁରୁଣା ଅଶ୍ୱତଥ ଗଛର କିଛି ଡାଳ ଭାଙ୍ଗି ଯିବା ପରେ ବିଭାଗ ତରଫରୁ ଉକ୍ତ ଗଛକୁ ବୁଧବାର କଟାଯାଇଛି। ଗଛଟି କାହିଁ କେତେ ବର୍ଷ ହେବ ଏଠାରେ ରହି କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ଛାଇ ପ୍ରଦାନ କରୁଥିଲା। କାଳକ୍ରମେ ଗଛ ମୂଳରେ ଥିବା ପୂର୍ବ ଚାନ୍ଦିନୀ ଭାଙ୍ଗିଯାଇଥିଲା। ତେଣୁ ମୂଳକୁ ସୁରକ୍ଷା ସହିତ ବିଭାଗୀୟ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ନେସ୍କୋ କର୍ମଚାରୀ ପି. ରାଧାରାଣୀ ଦେବୀ ୨୦୧୫ ସେପ୍ଟେମ୍ବର ୧୫ରେ ଗଛ ମୂଳରେ ନିଜସ୍ୱ ଅର୍ଥରେ ଏକ ଚାନ୍ଦିନୀ ନିର୍ମାଣ କରିଥିଲେ। କିନ୍ତୁ ଗଛଟିର ମୂଳଅଂଶର ମଝିରେ ପୋକ ଲାଗିଯାଇଥିବାରୁ ଗତ ଶନିବାର ଗଛର ଗୋଟିଏ ଡାଳ ଭାଙ୍ଗି ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଉପରେ ପଡ଼ି ଅଫିସର ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ରାତିରେ ଆଉ ଏକ ଡାଳ ନାଥସାହି ଫିଡ଼ର ଉପରେ ପଡ଼ିବାରୁ ତାର ଛିଡ଼ି ଯାଇଥିଲା। ଫଳରେ ଫିଡ଼ରଟି ଉପରେ ଥିବା ଭୁବନେଶ୍ୱରପୁର, ନାଥସାହି, କୁନିନ୍ଦା, ବେରୁଦା ଓ ଅଡ଼ଙ୍ଗ ଆଦି ଗ୍ରାମ ୨୪ ଘଣ୍ଟା ଅନ୍ଧାରରେ ରହିଥିଲେ। ଆଗକୁ ବିପଦଥିବା ଅନୁଭବ କରି ବିଭାଗ ତରଫରୁ ଉକ୍ତ ଗଛଟିକୁ ସମ୍ପୂର୍ଣ୍ଣ କଟାଯାଇଥିବା ଜଣାପଡ଼ିଛି।



କଟାଯାଇଥିବା ପୁରୁଣା ଗଛ।

# ସେବା ଦେବାରେ ବିଫଳ ଯାଜପୁରରୋଡ୍ ଡାକଘର

■ କର୍ମଚାରୀ ଅଭାବ, ଗ୍ରାହକ ଅସନ୍ତୁଷ୍ଟ
■ ଏଟିଏମ୍ ସୁବିଧା ନାହିଁ

ଯାଜପୁରରୋଡ୍,୨୬।୭(ପବିତ୍ର ମହାନ୍ତି):

କେନ୍ଦ୍ର ସରକାର ଡାକଘରଗୁଡ଼ିକୁ ଗୁରୁତ୍ୱ ଦେବାସହ ଚଳଚଞ୍ଚଳ କରିବା ପାଇଁ ବହୁ ଯୋଜନା କରିଛନ୍ତି। ଡାକ ବ୍ୟବସ୍ଥା କେବଳ ଚିଠି ପହଞ୍ଚାଇବାରେ ସୀମିତ ନ ରହି ବହୁ ଆର୍ଥିକ କାରବାରର ମାଧ୍ୟମ ହୋଇଛି। ହେଲେ ଡାକ ବିଭାଗ ଯେଉଁ ଭଳି ଉତ୍ତମ ସେବା ଗ୍ରାହକଙ୍କୁ ଯୋଗାଇବା କଥା ତାହା ପ୍ରକୃତ ପକ୍ଷେ ପରିଲକ୍ଷିତ ହେଉନାହିଁ। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାଜପୁରରୋଡ୍ ଆର୍‌ଏସ୍ ମୁଖ୍ୟ ଡାକଘରେ। ଡୋଲିପୁର ଶାଖା ଡାକ ଘରଟି କାଳକ୍ରମେ ଯାଜପୁରରୋଡ୍ ଆର୍‌ଏସ୍ ମୁଖ୍ୟ ଡାକଘରର ମାନ୍ୟତା ପାଇ ଭଡ଼ାଘରୁ ନିଜସ୍ୱ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛି। ପ୍ରାୟ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିବା ଏହି ଡାକଘରଟି ଏବେ ହାଇ ସିଲେକ୍ସନ ଗ୍ରେଡ୍ ୧ରେ ପରିଣତ ହୋଇଛି। ଏହି ଡାକଘର ଅଧୀନରେ ୧୧ ଉପଡାକଘର ସହ ୧୯ ଶାଖା କାର୍ଯ୍ୟ କରୁଛି। ଦିନକୁ ଦିନ ଯାଜପୁରରୋଡ୍ ସହରର ଅଭିବୃଦ୍ଧି ଘଟିବା ସହ କଳିଙ୍ଗନଗର ଶିଳ୍ପାଞ୍ଚଳ ଯୋଗୁ ଏହି ଡାକଘରର କାର୍ଯ୍ୟଭାର ବୃଦ୍ଧି ପାଉଛି। ବିଭିନ୍ନ ପ୍ରକାର ଜମା, ସଞ୍ଚୟ, ମିଆଦି ଜମା ସହ କେନ୍ଦ୍ର ସରକାରଙ୍କ ବହୁ ଆର୍ଥିକ କାରବାର ଯଥା ପେନସନ, ସୁକନ୍ୟା ଯୋଜନା, ବୀମା ଓ ରାଜ୍ୟ ସରକାରଙ୍କ କେତେକ ଯୋଜନା ମଧ୍ୟ ଡାକ ବିଭାଗ ମାଧ୍ୟମରେ ଦେଣନେଣ ହେଉଛି। ଫଳରେ ଲକ୍ଷାଧିକ ଗ୍ରାହକ ଏହି ଡାକଘର ଉପରେ ନିର୍ଭର କରିଥାନ୍ତି। ମାସକୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ କାରବାର ଏଠାରେ ହେଉଥିବାବେଳେ ଗ୍ରାହକଙ୍କୁ ସେବା ଯୋଗାଇବାରେ ଏହି ଡାକଘର ବିଫଳ ହୋଇଛି।



ବିଭିନ୍ନ କାମରେ ଆସିଥିବା ଗ୍ରାହକ ଡାକଘରେ ଲାଇନ୍ ଲଗାଇଛନ୍ତି।

ଏଠାରେ ପୋଷ୍ଟମାଷ୍ଟର ସମେତ ଜଣେ କୋଷାଧ୍ୟକ୍ଷ ଓ ଅନ୍ୟ ୫ ସହକାରୀ ଏପରି ମୋଟ୍ ୭ ଜଣଙ୍କ ଆବଶ୍ୟକତାଥିବାବେଳେ ଏବେ ମାତ୍ର ୩ଜଣ କର୍ମଚାରୀଙ୍କୁ ନେଇ ଏହି ଡାକଘର କାର୍ଯ୍ୟ ତୁଲାଉଛି। କର୍ମଚାରୀ ଅଭାବରୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଗ୍ରାହକ ଘଣ୍ଟାଘଣ୍ଟା ଧରି ଧାଡିରେ ଛିଡା ହୋଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଟିଏମ୍ ସୁବିଧା ନ ଥିବାରୁ ମଧ୍ୟ ଅସୁବିଧା ହେଉଛି। ବହୁ ସମୟରେ 'ଲିଙ୍କ୍ ଫେଲ୍' ହେତୁ ଦୂର ଦୁରାନ୍ତରୁ ଆସୁଥିବା ଗ୍ରାହକ ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ଶାରୀରିକ ଅକ୍ଷମ, ବୟସ୍କ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଗୋଟିଏ ଧାଡିରେ ସମସ୍ତଙ୍କୁ ଛିଡ଼ା ହୋଇ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପକ୍ଷରେ ଡାକଘର କାନ୍ଥ ଓ ଛାତର ବହୁ ସ୍ଥାନରେ ଫାଟ ସୃଷ୍ଟି ହେବା ଦ୍ୱାରା ଏହା ଗ୍ରାହକ ଓ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଡାକ ବିଭାଗ କର୍ମଚାରୀ ଅଭାବ ଓ ଅଫିସ ଗୃହଗୁଡ଼ିକ ପ୍ରତି ଦୃଷ୍ଟି ନ ଦେବା ବିଭାଗୀୟ ଅବହେଳା ଏବଂ ଅପାରଗତାକୁ ସୂଚାଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ତୁରନ୍ତ ଅଫିସ ଗୃହ ମରାମତି କରି ସମସ୍ୟାର ସମାଧାନ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର ଦେବାରଞ୍ଜନ ଦେଓଙ୍କୁ ପଚାରିବାରୁ ସେ କର୍ମଚାରୀ ଅଭାବ କଥା ସ୍ୱୀକାର କରିବା ସହ ବିଲ୍‌ଡିଂର ଅବସ୍ଥା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିଥିବା ସଫେଇ ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରକୁ ସହାୟତା

**ରାଜନଗର,୨୬।୭(ଭାସ୍କର ରାଉତରାୟ):** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ କୁରୁଣ୍ଟି ଗାଁର ମାନସ ସ୍ୱାଇଁ ଚଳିତମାସ ୨୩ ତାରିଖ ଦିନ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ। ମୃତ ମାନସ ଗତ ଜୁନ୍‌ରେ ବିବାହ କରିଥିଲେ। ପରିବାର ପକ୍ଷରୁ ଏ ନେଇ ତହସିଲଦାରଙ୍କୁ ଜଣାଇବା ପରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ କେନ୍ଦ୍ରାପଡା ଜିଲାପାଳଙ୍କୁ ଅବଗତ କରିଥିଲେ। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ମୃତ ମାନସଙ୍କ ସ୍ତ୍ରୀ ପ୍ରତିମା ସ୍ୱାଇଁଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ତହସିଲଦାରଙ୍କ ସହିତ କୁରୁଣ୍ଟି ସରପଞ୍ଚ ସସ୍ମିତା ମହାନ୍ତି, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ମହାନ୍ତି, ଆରଆଇ ଆଦିତ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୨୬।୭(ଭାସ୍କର ରାଉତରାୟ):** ରାଜନଗର ବ୍ଲକ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିଲା। ଆୟୁଷ ଡାକ୍ତର ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ସେବା ଚାଲିଥିଲା। ଦୀର୍ଘଦିନ ପରେ ବୁଧବାର ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମବିବିଏସ ଡାକ୍ତର ଶୁଭାଶିଷ ରାଉଳ ଯୋଗଦେଇଛନ୍ତି। ନୂତନ ଡାକ୍ତରଙ୍କ ଯୋଗଦାନ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଡାଙ୍ଗମାଳ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ବିନୋଦ ସେଠୀ, ରାଜନଗର ବ୍ଲକ ଡିଜିଟାଲ ସମ୍ପାଦକ ରବିନ୍ଦ୍ର ସିଂ, ଛାତ୍ରନେତା ପବିତ୍ର କରଣ, ସୁଶାନ୍ତ ବେହେରା ପ୍ରମୁଖ ନୂତନ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ସାମାଜିକ ଗଣମାଧ୍ୟମରେ ଅପଚର୍ଚ୍ଚାକୁ ନେଇ ମତ ରଖିଲେ ବାପି ସର୍ଖେଲ



**ପାରାଦୀପ,୨୬।୭ (ଶରତ ରାଉତ):** ପାରାଦୀପ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ୨ ଦିନ ହେଲା ସୋସିଆଲ ମିଡିଆରେ ଏକ ନୃତ୍ୟ ଉପରେ ଚର୍ଚ୍ଚା ହେଉଛି। ଏଥିରେ ଅରିନ୍ଦମ ସର୍ଖେଲ (ବାପି) ଏକ ତାରକା ହୋଟେଲରେ ନାଚୁଥିବା ଦେଖିବାକୁ ମିଳିଛି। ଏଥିରେ କେତେକ ଅପବାଦ ଭଳି ଶବ୍ଦ ବ୍ୟବହାର ହେଉଥିବା ସମ୍ପର୍କରେ ସର୍ଖେଲ ବୁଧବାର ସନ୍ଧ୍ୟାରେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଦର୍ଶାଇଛନ୍ତି, ତାଙ୍କ ମା'ଙ୍କର ୭୦ତମ ଜନ୍ମଦିନ ପାଳନ ହେଉଥିଲା। ସେହି କାର୍ଯ୍ୟକ୍ରମରେ ମୋ ମା, ପତ୍ନୀ, ଝିଅ ପୁଅ ସହିତ ନିକଟ ସମ୍ପର୍କୀୟ ଥିଲେ। ଏଥିରେ ମୁଁ ସାମାନ୍ୟ ନାଚିଥିଲି। ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ କାର୍ଯ୍ୟକ୍ରମ। ଏହାର ଭିଡିଓକୁ ମୋର ରାଜନୈତିକ ବିରୋଧୀ ମାନେ ଯେଉଁଭଳି ଅପଚର୍ଚ୍ଚା କରୁଛନ୍ତି ସେଥିରେ ତାଙ୍କର ରୁଗ୍ଣ ମାନସିକତା ଦର୍ଶାଉଛି।ରାଜନୈତିକ ଆରୋପ କରନ୍ତୁ ମନାନାହିଁ। କିନ୍ତୁ ପରିବାର ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଗ୍ରହଣୀୟ ନୁହେଁ।

### ଆଷାଢ଼ ସାହିତ୍ୟ ସଂସଦ ପକ୍ଷରୁ ବନମହୋତ୍ସବ



**ବିରିଡି, ୨୬।୭ (ପ୍ରଶାନ୍ତ ରାଉତ):** ବିରିଡି ବ୍ଲକ ଅନ୍ତର୍ଗତ ଦଲୋଇଘାଇସ୍ଥିତ ଆଷାଢ଼ ସାହିତ୍ୟ ସଂସଦ ପକ୍ଷରୁ ବୁଧବାର ଦଳେଇ ଘାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ସଂସଦ ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ଅଧକ୍ଷତାରେ ବରେଣ୍ୟ ଅତିଥି ଭାବେ ଗୀତିକବି ବାମଦେବ ସ୍ୱାଇଁ, ସାମାଜିକ କର୍ମୀ ଚକ୍ରଧର ରାଉତ, ବୀଣାପାଣି ସାହିତ୍ୟ ପରିଷଦର ସମ୍ପାଦକ ବନମାଳୀ ବେହେରା, ଅକ୍ଷୟାନନ୍ଦ ଶତପଥୀ, ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ସେଠୀ, ସହକାରୀ ଶିକ୍ଷକ ଦିଲୀପ ଦାସ, ଶିକ୍ଷୟିତ୍ରୀ ବନିତା ଦାଶ, ଆଲୁମ୍ନି ସଭାପତି ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଛାତ୍ରୀଛାତ୍ରଙ୍କୁ ଚାରା ରୋପଣର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ମନ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ୫୦ ଚାରା ରୋପଣ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ପାଣି ନାହିଁ: କ୍ଷେତ ଚରାଭୂଇଁରେ ପରିଣତ

**ରାଜନଗର, ୨୬।୭ (ଭାସ୍କର ରାଉତରାୟ)**



ଚାଷ ଜମି ପଡିଆ ପଡି ଥିବାରୁ ଗୋରୁ ଚରୁଛନ୍ତି।

ଶ୍ରାବଣରେ ଯେଉଁ ଚାଷଜମିରେ ଧାନଗଛ ଲହରି ମାରିବା କଥା, ସେହି ଜମି ଏବେ ବେଣା ଓ ଘାସବୁଦାମାନ ଶୋଭା ପାଉଛି। ଶ୍ରାବଣ ମାସରେ ଚାଷଜମି ଏବେ ଗୋଚର ଭୂଇଁରେ ପରିଣତ ହେବାକୁ ଯାଉଛି। ଶୁଖିଲା ପଡିଥିବା କ୍ଷେତରେ ଗୋରୁମାନେ ଚରୁଛନ୍ତି। ଚାଷୀକୂଳ ଏବେ ହା ହୁତାଶରେ ଦିନ ଗୁଣୁଛନ୍ତି। ଚଳିତବର୍ଷ ରାଜନଗର ବ୍ଲକରେ ୧୮ ହଜାର ହେକ୍ଟର ଚାଷ ଜମିରେ ଚାଷ କାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଚାଷୀମାନେ ଏକ ହଜାର ୩୫ ହେକ୍ଟର ଜମିରେ ବତୁରି ତଳା ରଜ ପରେ ପରେ ବୁଣିଥିଲେ। ସେ ସବୁ ତଳି ଗୁଡ଼ିକ ଏବେ ହଳଦିଆ ପଡ଼ି ପତ୍ର ଗୁଡିକ ମୋଡ଼ି ହୋଇ ପଡ଼ିଛି। ଶ୍ରାବଣରେ ଆଶା ଜନକ ବର୍ଷା ହୋଇଥିଲେ ଚାଷୀ ଆଛରା ତଳି ପକାଇ ତତ୍‌କାଳ ଜମି ଗୁଡିକରେ ରୁଆ ବେଉଷଣ କରିଥାନ୍ତେ। କିନ୍ତୁ ନିଅଁଟିଆ ବର୍ଷା ଯୋଗୁଁ ଚାଷୀମାନେ ଆକାଶକୁ ଚାହିଁ ବସିଛନ୍ତି। ଏହା ଭିତରେ କେବଳ ଶ୍ରାବଣରେ ୨ ଟି ଲଘୁଚାପ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲେ ବି ମେଘୁଆ ଆକାଶରେ ବର୍ଷା ଉଭାନ ହେଉଥିବାରୁ ଚାଷୀମାନେ ନାନାଦି ଆଶଙ୍କା ଭିତରେ ଦିନ ଗଣୁଛନ୍ତି। ଜୁନ୍ ୧୦ ତାରିଖରେ ମୌସୁମୀ ଆଗମନ ଖବର ଏବଂ ଏ ବର୍ଷ ପାଞ୍ଜିକାରମାନଙ୍କ ଗଣନାରେ ୧୦୦ଦିନ ପାଳକ ଲେଖାଥିବା ବେଳେ ପ୍ରକୃତି କୃର ହେବାରେ ଲାଗିଛି।

ଅବିଭକ୍ତ କଟକ ଜିଲା ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର–ପଟ୍ଟାମୁଣ୍ଡାଇ ବ୍ଲକ ଏକଦା ଭାତହାଣ୍ଡି ଭାବରେ ସୁଖ୍ୟାତି ଅର୍ଜନ କରିଥିଲା। ବ୍ରିଟିସ ଅମଳରୁ ଏଠିକାର ୮୦ ଭାଗ ଲୋକ ଚାଷ ଉପରେ ହିଁ ଆତ୍ମନିର୍ଭଶୀଳ। ଅଣ ଜଳସେଚିତ ଅଞ୍ଚଳ ହୋଇଥିବାରୁ ବର୍ଷକରେ ମାତ୍ର ଖରିଫ ଧାନ ଚାଷ ଏଠିକାର ଜୀବନର ମାନଦଣ୍ଡ। ଦୀର୍ଘ ୨ ଦଶନ୍ଧି ଧରି ବଙ୍ଗୋପସାଗରରୁ ସୃଷ୍ଟି ଛୋଟ ବଡ଼ ବାତ୍ୟା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଲାଣି। ତଥାପି ପ୍ରକୃତିର ତାଡନାକୁ ସହ୍ୟ କରି ଅଣ୍ଟା ସଳଖି ଚାଷୀ ଚାଷ ପାଇଁ ଧାର କରଜ, କୃଷି ଋଣ ଆଦିକୁ ପାଥେୟ କରି ଚାଷ କରୁଛନ୍ତି। କିନ୍ତୁ ଜଳବାୟୁର ପରିବର୍ତ୍ତନ ଚାଷ ଉପରେ ଗୁରୁତର ପ୍ରଭାବ ପକାଇଛି। ଚାଷ ବିଳମ୍ବ ହେଉଥିବାରୁ ଏଠାକାର ବହୁ ଚାଷୀ ପରିବାର ପ୍ରତି ପୋଷଣ ପାଇଁ ଗୁପ୍ତି, ସାତଭାୟା, ତାଳଚୁଆ, ରାଜନଗରଠାରୁ ଅନ୍ୟ ରାଜ୍ୟରେ ଦାଦନ ଖଟିବାକୁ ମାଳ ମାଳ ବସ୍ ଯୋଗେ ବାଧ୍ୟ ହୋଇ ଯାଉଥିବା ଦେଖିବାକୁ ମିଳୁଛି। ୩ ଦଶନ୍ଧି ତଳେ ଭୂତଳ ଜଳ ଜଳାଭାବ ସମୟରେ ଚାଷ କାର୍ଯ୍ୟରେ ଲାଗୁଥିଲା। ତାହା ଏହି ବ୍ଲକରେ ସାତସପନ ହୋଇଯାଇଛି। ନଈ କୂଳିଆ ଲୋକେ ଶେଣା, ଯନ୍ତ ଓ କିମ୍ବା ପମ୍ପସେଟ ସାହାଯ୍ୟରେ ପାଣି ମଡାଇ ଚାଷ କାର୍ଯ୍ୟକୁ ଆଗେଇ ନିଅନ୍ତେ, ମାତ୍ର ନଈ ପାଣି ମିଠା ବଦଳରେ ଲୁଣା

#### ଶ୍ରାବଣ ସରିବାକୁ ବସିଲାଣି

ଯୋଗୁ ତାହା ଚାଷ ପାଇଁ ଅନୁପଯୁକ୍ତ। ଯେଉଁଆଡ଼େ ଚାହିଁବ ଚାଷୀ ଶ୍ରାବଣରେ ଧାନ ରୁଆ ବେଉଷଣରେ ନିମଗ୍ନ ରହିବା ବଦଳରେ ହାତ ଜାକି ଘରେ ବସିଛନ୍ତି। ଏବେ ଗୋରୁ, ମଇଁଷି ଚାଷ ଜମିରେ ରାଜ କରୁଛନ୍ତି। ଅପରପକ୍ଷରେ ସରକାର କାଳିଆ, ବଳିଆ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସ୍ଲୋଗାନରେ ଚାଷୀଙ୍କ ଉତ୍କଣ୍ଠାକୁ ବଢ଼ାଇ ଦେଇଥିବା ବେଳେ ପ୍ରକୃତି ଚାଷୀଙ୍କ ଆଶା ଓ ଭରସାକୁ ନିଅଁଟିଆ ବର୍ଷା ଦ୍ୱାରା କୁଠାରଘାତ କରି ଚାଲିଛି। ଏ ବର୍ଷ ଚାଷ ହେବ ନାଁ ମରୁଡିର ପଦଧ୍ୱନୀ ଦେଖିବାକୁ ମିଳିବ, ଏହା କେବଳ ସମୟ ହିଁ କହିବ। ରାଜନଗରର ବଡ଼ ଚାଷୀ ରବୀନ୍ଦ୍ର ନାୟକ, ବେଲପାଳର ଧ୍ରୁବ ସ୍ୱାଇଁ ପ୍ରମୁଖ କହିଛନ୍ତି, ଦୀର୍ଘ କେତେବର୍ଷ ହେବ, ବିଳମ୍ବରେ ବର୍ଷା ହେଲେ ବି ଭଲ ମନ୍ଦରେ ଚାଷୀ ବିଲରେ ବୁଦା ମାରେ। ଠିକ୍ ଧାନ ଅମଳ ସମୟରେ ଅଦିନିଆ ବର୍ଷା ତାଣ୍ଡବ ସାଜେ, ତଥାପି ଦୁଃଖ କଷ୍ଟେ ଧାନ ଗଣ୍ଡା ଅମଳ କରୁ। ଆଉ କେଇଟା ଦିନ ପରେ ଶ୍ରାବଣ ସରିବ, ତଳି ବି ପଡ଼ି ପାରୁନି। ଭାଗ୍ୟକୁ ଆଦରି ପଡ଼ି ରହିବା ଛଡ଼ା ଆଉ ଉପାୟ କିଛି ନାହିଁ।

### ନାବାଳିକାଙ୍କୁ ଗର୍ଭବତୀ କରି ଅଭିଯୁକ୍ତ ଫେରାର

**ଡେରାବିଶ,୨୬।୭(ବେବର୍ତା ଅଜୟ ଦାସ):** ଡେରାବିଶ ଥାନା ଅଧୀନ ଏକ ଗ୍ରାମରେ ଜଣେ ୧୫ ବର୍ଷିଆ ନାବାଳିକାଙ୍କୁ ଜଣେ ୫୦ ବର୍ଷୀୟ ପଡ଼ୋଶୀ ୩ ମାସର ଗର୍ଭବତୀ କରିଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୨୧/୨୩) ରୁଜୁ କରିବା ସହ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି । ଗୁରୁବାର ପୀଡ଼ିତାଙ୍କୁ କୋର୍ଟରେ ହାଜର କରାଯିବା ସହ ୧୬୪ ଧାରାରେ ତାଙ୍କର ବୟାନ ରେକର୍ଡ଼ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ କରିବା ସମ୍ଭବପର ହୋଇପାରି ନାହିଁ । ସୂଚନା ଅନୁଯାୟୀ, ପୀଡ଼ିତା ହଠାତ୍ ଅସୁସ୍ଥ ହେବାରୁ ତାଙ୍କ ମା'ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଆବଶ୍ୟକ ପରୀକ୍ଷା ପରେ ନାବାଳିକା ଜଣକ ୩ ମାସର ଗର୍ଭବତୀ ଥିବା ଡାକ୍ତର ତାଙ୍କ ମା'ଙ୍କୁ କହିଥିଲେ । ପୀଡ଼ିତାଙ୍କ ମା' ଜଣେ ଦିନ ମଜୁରିଆ । ତାଙ୍କ ପଡ଼ୋଶୀ ଗତ ୪ମାସ ହେବ ତାଙ୍କ ନାବାଳିକା ଝିଅଙ୍କ ସହ ଶାରିରୀକ ସମ୍ପର୍କ ରଖିଆସିଥିଲେ। ହେଲେ ଏ କଥା ତାଙ୍କ ପରିବାର ଲୋକେ କେହି ଜାଣି ପାରି ନ ଥିଲେ ।

## ଆଜି ବି ମନେପଡ଼େ ଶହୀଦ ସଚ୍ଚିଦାନନ୍ଦଙ୍କ ବୀରତ୍ୱ

**କେନ୍ଦ୍ରାପଡ଼ା,୨୬।୭(ଜଗନ୍ନାଥ ଧଳ)**



ନିର୍ମାଣ ହୋଇଥିବା ସ୍ମୃତିସ୍ତମ୍ଭ।

ବୁଧବାର ଅର୍ଥାତ୍ ଜୁଲାଇ ୨୬ ତାରିଖ କାରଗିଲ ବିଜୟ ଦିବସର ୨୪ ବର୍ଷ ପୂର୍ତ୍ତି । ଏହି ଦିବସରେ ଦେଶସାରା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ କଣ୍ଡିଆ ଗାଁର ଶହୀଦ ସଚ୍ଚିଦାନନ୍ଦ ମଲିକଙ୍କୁ ବି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସେଦିନ କାରଗିଲର ଦ୍ରାସ ସେକ୍ଟରରେ ପାକିସ୍ତାନ ସୈନ୍ୟଙ୍କ ସହ ଘମାଘୋଟ ଯୁଦ୍ଧ ଚାଲିଥିଲା। ଶତ୍ରୁପକ୍ଷ ସହିତ ଯୁଦ୍ଧ କରୁଥିବା ସମୟରେ ଶହୀଦ ହୋଇଥିଲେ ସଚ୍ଚିଦାନନ୍ଦ।



ଶହୀଦ ସଚ୍ଚିଦାନନ୍ଦ ମଲିକ

ଦେଶ ମାତୃକାର ସୁରକ୍ଷା ପାଇଁ ଜୀବନକୁ ବାଜି ଲଗାଇ ପ୍ରାଣବଳୀ ଦେଇଥିବା ଓଡ଼ିଆ ପୁଅ ସଚ୍ଚିଦାନନ୍ଦଙ୍କ ବୀରତ୍ୱର ଗାଥା ଆଜି ବି ଅମର ହୋଇ ରହିଛି। ସେ ଶହୀଦ ହେବାର ୨୪ ବର୍ଷ ପରେ ବି ଗାଁ ଲୋକେ ତାଙ୍କୁ ମନେ ରଖିଛନ୍ତି।

ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ ସଚ୍ଚିଦାନନ୍ଦ। ସେ ଶହୀଦ ହେବା ପରେ ତାଙ୍କ ପରିବାର ଅସହାୟ ହୋଇପଡିଥିଲା। ବାପା ଉପେନ୍ଦ୍ର, ମାଆ ମାଳତୀ ଓ ସ୍ତ୍ରୀ,ପୁଅ ଉପରେ ଦୁଃଖର ପାହାଡ଼ ଯେମିତି ଭାଙ୍ଗି ପଡିଥିଲା। ପୁଅକୁ ମନେ ପକାଇ ମା' ବାପା ଦୁହେଁ ଆରପାରିକୁ ଚାଲିଗଲେଣି । ସଚ୍ଚିଦାନନ୍ଦଙ୍କ ଏକମାତ୍ର ପୁଅ ସହ ତାଙ୍କ ସ୍ତ୍ରୀ ନିବେଦିତା ଏବେ ଭୁବନେଶ୍ୱରରେ ରହୁଛନ୍ତି। କାରଗିଲ ବିଜୟ ଦିବସରେ ତାଙ୍କୁ ଝୁରୁଛି ଗାଁ, ଝୁରୁଛି ସାରା ଅଞ୍ଚଳ । ୨୮ ଜୁନ ୨୦୦୧ରେ କେନ୍ଦ୍ରାପଡ଼ାର ତତ୍କାଳୀନ ଏମ୍‌ପି ପ୍ରଭାତ ରଞ୍ଜନ ସାମନ୍ତରାୟ ଏବଂ ତତ୍କାଳୀନ ଜିଲାପାଳ କୃଷ୍ଣଚନ୍ଦ୍ର ମହାନ୍ତି ଶହୀଦ ସଚ୍ଚିଦାନନ୍ଦଙ୍କ ସ୍ମୃତିରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍‌ପିଙ୍କ ହାତପାଣ୍ଠିରୁ ସ୍ମୃତିସ୍ତମ୍ଭ ପାଇଁ ୧ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ହେଲେ ବିଡମ୍ବନାର ବିଷୟ ପ୍ରଶାସନିକ ଅବହେଳା ପାଇଁ ଦୀର୍ଘ ୧୮ ବର୍ଷ ପର୍ଯ୍ୟନ୍ତ ସେହି ସ୍ମୃତିସ୍ତମ୍ଭ ନିର୍ମାଣ ହୋଇପାରି ନ ଥିଲା । ସ୍ମୃତିସ୍ତମ୍ଭ ନିର୍ମାଣ ବିଳମ୍ବ ହେବା ନେଇ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟି ପକ୍ଷରୁ ଅବଗତ କରାଯାଇଥିଲା। ଏମ୍‌ପି ମହାନ୍ତି ତାଙ୍କ ହାତପାଣ୍ଠିରୁ ୨୦ଲକ୍ଷ ଟଙ୍କା ମଞ୍ଜୁର କରିବା ପରେ କଣ୍ଡିଆଠାରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଥିଲା। ଶହୀଦ ସ୍ତମ୍ଭର ସୌନ୍ଦର୍ଯ୍ୟକରଣ ପାଇଁ ବ୍ଲକ ପ୍ରଶାସନ ତରଫରୁ ଏକ ପାର୍କ ନିର୍ମାଣ କରାଯାଇଛି। ପ୍ରତିବର୍ଷ ଏହି କାରଗିଲ ଦିବସରେ ବିଭିନ୍ନ ବର୍ଗର ଲୋକେ ଏବଂ ସ୍କୁଲ ଛାତ୍ରୀଛାତ୍ର ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥାନ୍ତି। ସଭାର ଆୟୋଜନ କରାଯାଇ ସଚ୍ଚିଦାନନ୍ଦଙ୍କୁ ମନେପକାଇ ସ୍ମୃତିଚାରଣ କରାଯାଇଥାଏ। ଦେଶ ମାତୃକାର ସେବାରେ ପ୍ରାଣବଳୀ ଦେଇଥିବା ସଚ୍ଚିଦାନନ୍ଦ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣା। ତାଙ୍କର ବୀରତ୍ୱର ଗାଥାର ରୋମାନ୍ଥନ ହିଁ ଆମର ଲକ୍ଷ୍ୟ। ଏଭଳି ସ୍ମୃତିଚାରଣ କରାଗଲେ ଶହୀଦଙ୍କୁ ସମ୍ମାନ ଜଣାଇବା ସହ ସ୍ମୃତିରକ୍ଷା କରିହେବ ବୋଲି ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ କହିଛନ୍ତି ।

### କାର୍‌ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୨୬।୭(ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅରଡ଼ପଲ୍ଲୀ ମାଳିବିଶାଠାରେ ବୁଧବାର ବରିଷ୍ଠ ନାଗରିକ ଶିକ୍ଷକ ଓ ଯୁବବନ୍ଧୁମାନଙ୍କ ଦ୍ୱାରା କାରଗିଲ ବିଜୟ ଦିବସ ପାଳନ କରାଯିବା ସହିତ ଅମର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜୟ କୁମାର ଜେନା, ଉଦକର ସାମଲ, ସୁନାକର ବେହେରା, ଆରତ ନାୟକ, ଶ୍ରୀନିବାସ ସାହୁ, କଳାକାର ସାହୁ, ରମେଶ ମହାନ୍ତି, ପ୍ରସନ୍ନ ପରିଡା, ଜନାର୍ଦ୍ଦନ ପରିଡା, ପ୍ରିୟବ୍ରତ ଜେନା, କାଳିଆ ମହାନ୍ତି, ବିବେକାନନ୍ଦ ରାଉତ, ଶୈଳେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ସମୂହ ଦୀପଦାନ ଓ ନୀରବ ପ୍ରାର୍ଥନା କରିଥିଲେ।

## ରାସ୍ତା ପାର୍ଶ୍ୱରେ ଚାରା ରୋପଣ



ରାସ୍ତାପାର୍ଶ୍ୱରେ ପିଲାମାନଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି।

**କେନ୍ଦ୍ରାପଡ଼ା, ୨୬।୭(ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନଳିନୀକାନ୍ତ ଫାଉଣ୍ଡେଶନ ପକ୍ଷରୁ ଆନନ୍ଦପୁର ଗ୍ରାମ୍ୟ ସଡକର ଉଭୟପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା।ପ୍ରାୟ ୧ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଫାଉଣ୍ଡେଶନର ଅଧକ୍ଷା ସରିତା ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କାଉନସିଲର ପ୍ରଶାନ୍ତ କୁମାର ବାରିକ, ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ସାମାଜିକ କର୍ମୀ ମନୋରଞ୍ଜନ ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଶ୍ୱରଞ୍ଜନ ଦାଶ ଓ ସମ୍ପାଦକ ପ୍ରେମାନନ୍ଦ ଜୀବନ ଦାସ, କୋଷାଧକ୍ଷ କମଳାକାନ୍ତ ପ୍ରଧାନ, ସୁଶାନ୍ତ ଦାସ, ରମାକାନ୍ତ ସ୍ୱାଇଁ, ବିଚିତ୍ର ସ୍ୱାଇଁ, ରାଧାକାନ୍ତ ଗାହାଣ, ମୁକୁନ୍ଦଦେବ ସାହୁ, ଶ୍ରୀକାନ୍ତ ଜେନା, ଶ୍ରୀଧର ଜେନା, ଓମପ୍ରକାଶ ରାଉତ, ସୁଦର୍ଶନ ରାଉତ, ଶୁଭମ୍ ରାଉତ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଚାରା ରୋପଣ କରିଥିଲେ।

## ଏନ୍‌ସିସି କ୍ୟାଡେଟଙ୍କ କାର୍‌ଗିଲ ବିଜୟ ଦିବସ ପାଳନ

**କେନ୍ଦ୍ରାପଡ଼ା, ୨୬।୭(ଜଗନ୍ନାଥ ଧଳ)**




ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲ ଏନ୍‌ସିସି କ୍ୟାଡେଟଙ୍କ ପକ୍ଷରୁ ବୁଧବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ହାଇସ୍କୁଲର ଏନ୍‌ସିସି ଅଫିସର ସରୋଜ ସ୍ୱାଇଁଙ୍କ ନେତୃତ୍ୱରେ କ୍ୟାଡେଟମାନେ ସ୍କୁଲ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି କାରଗିଲ ଶହୀଦ ଯବାନ ଅମର ରହେ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାକୁ କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ, ଅଶୋକ ଦାଶ, ଅନିଲ ଦାସ, ଅନିତା ଧଳ, ସ୍ମିତିପ୍ରଜ୍ଞା ରାଉତ ଓ ରଶ୍ମିତା ତରାଇ ପ୍ରମୁଖ ପରିଚାଳନା କରିଥିଲେ।

## ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ



ବୈଠକରେ ପୌରାଧକ୍ଷ ହେମନ୍ତ ସାହୁ ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା, ୨୬।୭(ଜଗନ୍ନାଥ ଧଳ)**

#### ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିକାଶ ଓ ପୌରାଞ୍ଚଳବାସୀଙ୍କର ସମସ୍ତ ମୌଳିକ ଆବଶ୍ୟକତା ପୂରଣ ଓ ଉତ୍ତମ ନାଗରିକ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ଫଳରେ ବହୁ ବୃହତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ବୋଲି ବୁଧବାର ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପୌର ପରିଷଦ ବୈଠକରେ ଅଧକ୍ଷତା କରି ପୌରାଧକ୍ଷ ହେମନ୍ତ ସାହୁ ପ୍ରକାଶ କରିବା ସହ ସମସ୍ତ ଅସମ୍ପୂର୍ଣ୍ଣ ପ୍ରକଳ୍ପ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି କଚେରୀ ପୋଖରୀ ପୁନରୁଦ୍ଧାର, ସ୍ମାର୍ଟ ସ୍ମଶାନ, ବାଇପାସ ବିଜୁ ପଟ୍ଟନାୟକ ଛକରେ ଯାତ୍ରୀନିବାସ ନିର୍ମାଣ, ପରିବା ମାର୍କେଟ ଆଦି ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ପୌର ଅଧକ୍ଷ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ କାଉନସିଲର ପ୍ରଶାନ୍ତ ବାରିକ, ଗୋପୀ ବଲ୍ଲଭ ନାୟକ, ମୃତ୍ୟୁଞ୍ଜୟ ପାଢ଼ୀ, ଲାସ୍ୟମୟୀ ସାହୁ, ସାନିଆ ପରମିନ ସାହେବା, ସୁବାସ ମଲିକ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ପ୍ରିୟଙ୍କା ସେଠୀ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ଝରଣା ବେହେରା, ମଳୟ ଓଝା, ବିଦ୍ୟାଧର ସେଠୀ, ବନିତା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ରାଶନକାର୍ଡ, ଭତ୍ତା, ପାନୀୟ ଜଳ, ବିଦ୍ୟୁତ, ଡ୍ରେନ ନିର୍ମାଣ, ଉଜ୍ଜଳ ଆଲୋକ ବ୍ୟବସ୍ଥା, ସ୍କୁଲ ଗୃହ ମରାମତି ଓ ପୁନଃ ନିର୍ମାଣ, ପରିମଳ ବ୍ୟବସ୍ଥାରେ ଉନ୍ନତିକରଣ ଆଦି ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ ସପ୍ତାହ ବ୍ୟାପୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶୁଭ ଦେବା କାର୍ଯ୍ୟକ୍ରମ ପାଇଁ ସ୍ଥିର ହୋଇଥିଲା। ଶେଷରେ ପୌର ପରିଷଦ ଉପାଧକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

# ଲୁଣା ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱାରୋପ

#### ବିଶ୍ୱ ହେନ୍ତାଳ ଦିବସ ପାଳିତ

**ରାଜନଗର,୨୬।୭(ଭାସ୍କର ରାଉତରାୟ)**




ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଭିତରକନିକା ଜାତୀୟ ଉଦ୍ୟାନ ଡାଙ୍ଗମାଳଠାରେ କନିକା ରେଞ୍ଜ ପକ୍ଷରୁ ବିଶ୍ୱ ହେନ୍ତାଳ ଦିବସ ପାଳିତ ହୋଇଯାଇଛି। କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଏଫ୍ ପୁନମ ହୀରା ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୁଣା ଜଙ୍ଗଲ କିପରି ଉପକୂଳକୁ ସୁରକ୍ଷା ଯୋଗାଉଛି ଏବଂ ଲୁଣା ଜଙ୍ଗଲର ଉପକାରିତା ସମ୍ପର୍କରେ କହିବା ସହ କ୍ରମାଗତ ଭାବେ ଭିତରକନିକାରେ ଲୁଣା ଜଙ୍ଗଲର ପରିସର ବୃଦ୍ଧି ପାଉଥିବା ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ଦାସ, ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ଇକୋ ଡେଭଲପମେଣ୍ଟ କମିଟିର ସଭାପତି ପ୍ରଭାତ କୁମାର ବେହେରା, ସମାଜସେବୀ ଉପେନ୍ଦ୍ର ନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଡାଙ୍ଗମାଳ ପଞ୍ଚାୟତର ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ବେହେରା, ରବିନ୍ଦ୍ର ସିଂ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଲୁଣା ଜଙ୍ଗଲ କିପରି ଅଞ୍ଚଳର ସୁରକ୍ଷାରେ ସହାୟକ ହୋଇଛି, ସେ ନେଇ କହିଥିଲେ। ଏହି ଅବସରରେ ଲୁଣା ଜଙ୍ଗଲ ପରିସର ବୃଦ୍ଧି ନିମନ୍ତେ ମ୍ୟାନଗ୍ରୁଭ ମିତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ଜମି ଦାନ କରିଥିବା କୃଷ୍ଣନଗରର ଏସକେ ବେଲାଲ ଉଦ୍ଦିନ ଓ ସୁବର୍ଣ୍ଣପୁରର ସପନ ମଣ୍ଡଳଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ୧୦୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଣା ଜଙ୍ଗଲ ସଂପର୍କିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଗବେଷକ ପ୍ରସନ୍ନ କୁମାର ନାୟକ, ଶିକ୍ଷକ ଓମ୍ ପ୍ରକାଶ ବାରିକ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ସୁନିଲ ରଞ୍ଜନ ରାଉତରାୟ, ପ୍ରଦୋଷ କୁମାର ମହାପାତ୍ର, ବବଲୁ ପରିଡା, ଗୋରାଚାନ୍ଦ ସିଂ, ସତିଶ ଲାକ୍ରା, ହେମନ୍ତ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ପଦ୍ମନାଭପୁର ବାତ୍ୟା ଆଶ୍ରୟସ୍ଥଳରେ ଆପୁଆ ପକ୍ଷରୁ ବିଶ୍ୱ ହେନ୍ତାଳ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆପୁଆର ନିର୍ଦ୍ଦେଶକ ତଥା ପରିବେଶବିତ୍ ବିଜୟ କୁମାର କବିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତରକନିକାରେ ଲୁଣା ଜଙ୍ଗଲ ପରିସର ବୃଦ୍ଧି ପାଇଁ ସ୍ଥାନୀୟ ଲୋକେ ନିଜର ପୈତୃକ ଜମି ଦାନ କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଲୁଣା ଜଙ୍ଗଲ ଆମ ଅଂଚଳ ପାଇଁ ସୁରକ୍ଷା କବଚ ସାଜିଥିବାରୁ ଏହାର ପରିସର ବୃଦ୍ଧି ପାଇଁ ଏହି ଧାରାରେ ଯେଉଁମାନଙ୍କର ଜମି ନଈ ପାଖରେ ରହିଛି ଓ ପ୍ରତିଦିନ ଜୁଆର ମାଡୁଛି, ଏହି ଜମି କୌଣସି କାର୍ଯ୍ୟରେ ଆସୁନି ସେହି ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ବନବିଭାଗକୁ ହସ୍ତାନ୍ତର କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ବିଭୂତି ତରାଇ, ଗାଁ ମୁରବୀ ଯାଦବ ମଣ୍ଡଳ, ରାଧାକାନ୍ତ ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୁଣା ଜଙ୍ଗଲ ସୃଷ୍ଟି ଓ ଏହାର ସୁରକ୍ଷା ସହିତ ନିଜ ବାଡି ବଗିଚାରେ ବୃକ୍ଷରୋପଣ କରିବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗାଁ ମୁରବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ପଦ୍ମନାଭପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସାମିଲ ହୋଇଥିଲେ। ପାଟଶାଳା ନଦୀ କୂଳରେ ସୁନ୍ଦରୀ, ବନି ଆଦି ଲୁଣା ଜାତୀୟ ୫୦ଟି ଚାରା ରୋପଣ କରାଯାଇଥିଲା।

## ମଦ ଜବତ, ଯୁବକ ଗିରଫ

ଭାପୁର,(ଭରତ କୁମାର ହେରା ): ଫତେଗଡ଼ ଥାନା ଅନ୍ତର୍ଗତ ମଣିପୁର କାରିଗିରି ଛକରୁ ୧୦ ଲିଟର ବିଦେଶୀ ମଦ ଜବତ ସହିତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଦୁଇଦିନ ତଳେ ଫତେଗଡ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଫତେଗଡ ଥାନା ଅଞ୍ଚଳରୁ ଚୋରା ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବୃଦ୍ଧିଜୀବୀମାନେ ଦାବି କରିଥିଲେ। ମଙ୍ଗଳବାର ରାତି ୮ଟା ସମୟରେ ନୂତନ ଥାନାଧିକାରୀ ସୁଜିତ କୁମାର ଦାଶଙ୍କ ନିର୍ଦ୍ଦେଶରେ ୪୮ନଂ. ରାଜ୍ୟ ରାଜପଥ ଫତେଗଡ଼ ଥାନା ନିକଟସ୍ଥ ମଣିପୁର ଗ୍ରାମ କାରିଗିରି ଛକଠାରେ ଫତେଗଡ଼ ପୋଲିସ ପକ୍ଷରୁ ପ୍ରତାପ କୁମାର ପାହଡସିଂ, ଏକେ ଗୁମାନସିଂ ଓ ପୋଲିସ କର୍ମଚାରୀ ଚଢାଉ କରିଥିଲେ। ଫତେଗଡ଼ ଗ୍ରାମର ବିଜୟ କୁମାର କଅଁରଙ୍କ ଠାରୁ ୧୦ଲିଟର ବିଦେଶୀ ମଦ ଜବତ କରିଥିଲେ। ଫତେଗଡ଼ ପୋଲିସ ପକ୍ଷରୁ ଏକ ମାମଲା(ନଂ. ୧୬୭/୨୩) ରୁଜୁ କରି ବିଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସଂକ୍ଷେପରେ

### ଅଗଷ୍ଟ ୧୫ରେ ଗଡିପାରେ ଦଶପଲ୍ଲାକୁ ଟ୍ରେନ

ନୟାଗଡ଼,୨୬।୭(ଲୋକନାଥ ମିଶ୍ର)/ଦଶପଲ୍ଲା(ପ୍ରକାଶ କୁମାର ପାଣି):ନୟାଗଡ଼ ଜିଲା ଖୋର୍ଦ୍ଧା ରୋଡ ବଲାଙ୍ଗୀର ରେଳପଥର ନୂଆଗାଁ ରୋଡ ଦଶପଲ୍ଲା ରେଳ ଲାଇନର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି । ବୁଧବାର ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟ ରେଳ ସୁରକ୍ଷା ଅଧିକାରୀ ଏମ.ଏମ. ଚୌଧୁରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଷୟିକ ମଣ୍ଡଳୀ ରେଳ ଲାଇନର ଷ୍ଟେଶନ କାର୍ଯ୍ୟ, ରେଳ ଲାଇନ୍, ପ୍ୟାନେଲ ବୋର୍ଡ ଓ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ । ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟ ରେଳ ସୁରକ୍ଷା ଅଧିକାରୀଙ୍କ ରିପୋର୍ଟ ପରେ ଦଶପଲ୍ଲା କୁ ଟ୍ରେନ ଗଡିବ । ମିଳିଥିବା ସୂଚନା ଅନୁସାରେ ଅଗଷ୍ଟ ୧୫ରେ ଦଶପଲ୍ଲାକୁ ରେଳ ଚଳାଚଳ କରିବ ବୋଲି ଜଣାପଡିଛି ।

### ପୂର୍ବତନ ସୈନିକ ସଂଘ ଉପସଭାପତିଙ୍କ ଓଡ଼ଗାଁ ଗସ୍ତ

ଓଡ଼ଗାଁ,୨୬।୭(ଆଦର୍ଶ କୁମାର ପଟ୍ଟନାୟକ) କାରଗିଲ ବିଜୟ ଦିବସ ଅବସରରେ ବୁଧବାର ମଧ୍ୟାହ୍ନରେ ଓଡ଼ିଶା ରାଜ୍ୟ ପୂର୍ବତନ ସୈନିକ ସଂଘର ଉପସଭାପତି ପ୍ରଶାନ୍ତ କୁମାର ଦାଶ ନୟାଗଡ ଗସ୍ତରେ ଆସିଥିଲେ । ଏହି ଅବସରରେ ଆଞ୍ଚଳିକ ପୂର୍ବତନ ସୈନିକ ସଂଘ (ରେସମା)ତରଫରୁ ଉପ ସଭାପତି ଦାଶ ଓ ସହଧର୍ମିଣୀ ସୌଦାମିନୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ରେସମା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବେଦାର ବିଜୟ କୁମାର ଦାଶ, ସଦସ୍ୟ କୁବେର ବାରିକ, ସହ ସମ୍ପାଦକ କିର୍ତ୍ତନ ଜେନା ଓ ରାଜ୍ୟ କାରିଣୀ ସଦସ୍ୟ ତଥା ପ୍ରାକ୍ତନ ମିଡିଆ ସେଲ ସଦସ୍ୟ ଆଦର୍ଶ କୁମାର ପଟ୍ଟନାୟକ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶ୍ରୀରଘୁନାଥଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରି ସମସ୍ତଙ୍କ ମଙ୍ଗଳ କାମନା କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଯୁବ ସମାଜଙ୍କୁ ଅଗ୍ନିବୀରରେ ଭର୍ତ୍ତି ହେବା ନିମନ୍ତେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା ସହିତ ସାମୁହିକ ଚାରା ରୋପଣ କରିବାକୁ ରାଜ୍ୟ ଉପ ସଭାପତି ଦାଶ ରେସମା କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ସୈନିକ, ପୂର୍ବତନ ସୈନିକ ଓ ପରିବାରଙ୍କୁ ସ୍ୱଳ୍ପ ମୂଲ୍ୟରେ ଭୁବନେଶ୍ୱର ନୟାପଲ୍ଲୀ ସୈନିକ ଭବନରେ ଆରମ୍ଭ ହୋଇଥିବା ରହଣୀ ବ୍ୟବସ୍ଥା ସମ୍ପର୍କରେ ଅଲୋଚନା ହୋଇଥିଲା । ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ଜେନା ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ ।

### ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ପ୍ରୟାସ

ନୟାଗଡ଼,୨୬।୭(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକର ସଭା ଗୃହରେ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ବୁଧବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଚୁଟିକା ସମାଜ ମଙ୍ଗଳ ସମିତି ଓ ପଞ୍ଚାୟତ ସମିତି ନୟାଗଡ଼ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ଚୁଟିକା ସମାଜ ମଙ୍ଗଳ ସମିତିର ସିଓ ବେଣୁଧର ସେନାପତି ବାଲ୍ୟ ବିବାହ ଉପରେ ଟିପ୍ପଣୀ ଦେବାକୁ ଯାଇ କହିଥିଲେ ବାଲ୍ୟ ବିବାହ ସମାଜ ଓ ନିଜ ପାଇଁ କ୍ଷତିକାରକ। ନୟାଗଡ଼ ଜିଲ୍ଲାର ୧୫୦ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ କିପରି କରାଯାଇ ପାରିବ ସେଥି ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ । ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ବ୍ଲକ ଉନ୍ନୟନ ଅଧିକାରୀ ପଦ୍ମ ଚରଣ ସାହୁ, ସିଡିପିଓ ସୌଦାମିନୀ ପଣ୍ଡା, ବ୍ଲକ ଭାଇସ୍ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ସାହୁ,ଏବିଡିଓ, ଏମ୍ଓକେ, ନୟାଗଡ଼ ବ୍ଲକ ର ସରପଞ୍ଚ, ପିଇଓ ଉପସ୍ଥିତ ଥିଲେ ।

# ଅଧ୍ୟାପକଙ୍କୁ ମାରି ଫସିଲେ କନ୍‌ଷ୍ଟେବଲ

## ଏସଡିପିଓଙ୍କର ତଦନ୍ତ ରିପୋର୍ଟ ପରେ ରିଜର୍ଭକୁ ବଦଳି

ନୟାଗଡ଼,୨୬।୭(ଲୋକନାଥ ମିଶ୍ର):

ନୟାଗଡ଼ ଟାଉନ ଥାନାର ବାରଣ୍ଡାରେ ଜଣେ ଅଧ୍ୟାପକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ମାଡ଼ ମାରିଥିବା କନ୍‌ଷ୍ଟେବଲ ଦିଲୀପ ବେହେରାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନଷ୍ଠାନ ହୋଇଛି। ନୟାଗଡ଼ ଏସ୍‌ଡିପିଓଙ୍କର ତଦନ୍ତ ରିପୋର୍ଟ ପାଇବା ପରେ ନୟାଗଡ ଏସ୍‌ପି କନ୍‌ଷ୍ଟେବଲ ଦିଲୀପ ବେହେରାଙ୍କୁ ରିଜର୍ଭକୁ ବଦଳି କରିଛନ୍ତି । ପ୍ରକାଶ ଯେ, ସୋମବାର ରାତିରେ ତୁଳସୀପୁରସ୍ଥ ବିଜ୍ଞାନ ଟ୍ୟୁଟୋରିଆଲରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ହାତରେ ଠେଙ୍ଗାବାଡି ଧରି ଉଭୟ ଛାତ୍ର ଗୋଷ୍ଠୀ ମୁହାଁ ମୁହିଁ ହୋଇଥିଲେ । ଜଣେ ଅଧାପକ ଓ ରୁଦ୍ର ଟ୍ୟୁଟୋରିଆଲରେ ପହଞ୍ଚି ଉଭୟ ଛାତ୍ରଙ୍କୁ ବୁଝାଶୁଝା କରି ବିବାଦର ସମାଧାନ କରିଥିଲେ । ତେବେ ମଙ୍ଗଳବାର ଅପରାହ୍ନରେ ଟିଉଶନ କରୁଥିବା କଲେଜର ଦୁଇ ଅଧାପକ ଦିଲ୍ଲୀପ କୁମାର ମହାନ୍ତି ଓ ଲକ୍ଷ୍ମୀଧର ଦାସ ପହଞ୍ଚି ୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ମାରପିଟ୍ କରିଥିଲେ । ବିଜ୍ଞାନ ଟ୍ୟୁଟୋରିଆଲର ବିବାଦକୁ ସମାଧାନ କରିବାକୁ ଆସିଥିବା ଅଧାପକ ଲକ୍ଷ୍ମୀଧର ଦାସଙ୍କୁ କନ୍‌ଷ୍ଟେବଲ ଦିଲୀପ ବେହେରା ମଙ୍ଗଳବାର ସନ୍ଧ୍ୟାରେ ମାରପିଟ୍ କରିଥଲେ । କେତେଜଣ ଗଣମାଧମର ପ୍ରତିନିଧି ସମ୍ମୁଖରେ କନେଷ୍ଟବଳ ମାରପିଟ୍ କରିଥିଲେ। ଅଧ୍ୟାପକଙ୍କୁ କନେଷ୍ଟବଳଙ୍କ ମାରପିଟ୍ ନେଇ ତଦନ୍ତ କରି ରିପୋର୍ଟ ଦେବାକୁ ଏସଡିପିଓଙ୍କୁ ଏସପି ନିର୍ଦ୍ଦେଶ ଦେଇଥିଲେ । ଏସଡିପିଓ ତଦନ୍ତ କରି ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରିବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି ।

### ଜଣେ ଫସିଲେ, ଟେନସନରେ ୩ ଜଣ:

ନୟାଗଡ ଟାଉନ ଥାନାରେ ଅଭିଯୋଗକାରୀଙ୍କୁ ଜୁଲମ ଓ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ଟାଉନ ଥାନାରେ ନୂଆ ଆଇଆଇସିଙ୍କ ଯୋଗଦାନ ପରେ ବି ଏମାନଙ୍କର ମେଳି ଭାଙ୍ଗୁନି । ମଙ୍ଗଳବାର ଜଣେ ଅଧାପକଙ୍କୁ ମାଡ ହେବା ପରେ ଅଭିଯୋଗର ଗୁମର ଫିଟିଥିଲା। ଟାଉନ ଥାନାର ଦୁଇ ଜଣ କନ୍‌ଷ୍ଟେବଳ, ଜଣେ ହୋମଗାର୍ଡ ଓ ଜଣେ ଏସଆଇ ଏପରି ୪କର୍ମଚାରୀ ମିଶି ଅଭିଯୋଗକାରୀଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ରହିଛି। ଏଥିରୁ ଜଣେ ବଦଳି ହୋଇ ସାରିବା ପରେ ଅନ୍ୟ ୩ଜଣଙ୍କର ଟେନଶନ ବଢ଼ି ଯାଇଛି । ତେବେ ମେଳି ବାନ୍ଧିଥିବା ପୋଲିସ କର୍ମଚାରୀଙ୍କୁ ବଦଳି ପାଇଁ ଦାବି ଉଠିଛି। ନୟାଗଡ ଏସପି ରାହୁଲ ଜୈନ କୁହନ୍ତି ଅଧାପକଙ୍କୁ ମାଡ ଘଟଣାରେ କନେଷ୍ଟବଳଙ୍କୁ ପୋଲିସ ରିଜର୍ଭକୁ ବଦଳି କରାଯାଇଛି। ନୟାଗଡ ଏସଡିପିଓ ସ୍ନେହାଶିଷ ସାହୁ କୁହନ୍ତି ଟିଉସନ ଛାତ୍ରଙ୍କୁ ମାରପିଟ୍ ଘଟଣାରେ ଦୁଇ ଅଧାପକ ଦିଲୀପ କୁମାର ମହାନ୍ତି ଓ ଲକ୍ଷ୍ମୀଧର ଦାସଙ୍କୁ ୧୩୧ନଂ ମୋକଦ୍ଦମାରେ ୪୧ ଧାରାରେ ଜାମିନ ପ୍ରଦାନ କରାଯାଇଛି । ଅନ୍ୟପକ୍ଷେ ଥାନାରେ କନ୍‌ଷ୍ଟେବଳଙ୍କ ମାରପିଟ୍ ଘଟଣା ସମ୍ପର୍କରେ ତଦନ୍ତ ରିପୋର୍ଟ ପ୍ରଦାନ କରିଛି ବୋଲି କହିଛନ୍ତି ।

# ଫଟୋଗ୍ରାଫି କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଫଟୋଗ୍ରାଫର ।

ନୟାଗଡ଼,୨୬।୭(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ଫଟୋଗ୍ରାଫି ଆସୋସିଏଶନ ପକ୍ଷରୁ ଏକ ଫୋଟୋଗ୍ରାଫି କର୍ମଶାଳା ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲ୍ଲାର ୧୦୧ ଫୋଟୋଗ୍ରାଫର ଯୋଗ ଦେଇଥିଲେ। ଫୁଜିଫିଲିମ କମ୍ପାନୀ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ । କମ୍ପାନୀ ପକ୍ଷରୁ ମିଥୁନ କୁମାର ଜେନା ଫଟୋଗ୍ରାଫି ସମ୍ପର୍କରେ ସବିଶେଷ ବିବରଣୀ ସହ ଟ୍ରେନିଂ ଦେଇଥିଲେ । ବଳଭଦ୍ର ସ୍ୱାଇଁ,ପାଣ୍ଡୁ ଚରଣ ଖଟେଇ, ସୁରେନ୍ଦ୍ର କୁମାର ସାହୁ ,ଭକ୍ତି ଚନ୍ଦନ ଘଡ଼େଇ ଫଟୋଗ୍ରାଫି କର୍ମଶାଳାରେ ସହଯୋଗ କରିଥିଲେ। ଜିଲାର ବରିଷ୍ଠ ଫଟୋଗ୍ରାଫରମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ ଫଟୋଗ୍ରାଫରମାନଙ୍କୁ ସରକାରୀ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ୩୧ରେ ଓଡ଼ଗାଁ ଥାନା ସମ୍ମୁଖରେ ଧାରଣା ଦେବ କଂଗ୍ରେସ

## ରୋହିବାଙ୍କ ସରପଞ୍ଚଙ୍କୁ ଗିରଫ ନ କରି ଅନୁକମ୍ପାର ପ୍ରତିବାଦ

ନୟାଗଡ଼(ଲୋକନାଥ ମିଶ୍ର)/ଓଡ଼ଗାଁ, ୨୬।୭(ଆଦର୍ଶ କୁମାର ପଟ୍ଟନାୟକ):



ଓଡ଼ଗାଁ ଆଦର୍ଶ ଥାନା ବାଘୁଆ ଛକର ଶୈଳବାଳା ଭଞ୍ଜ ଓ ତାଙ୍କ ପୁଅ ଗଗନଙ୍କୁ ରୋହିବାଙ୍କ ସରପଞ୍ଚ ମହନ୍ତ ବେହେରା ଆକ୍ରମଣ ଘଟଣାର ୭ଦିନ ପରେ ବି ପୋଲିସ ଗିରଫ ନ କରି ଅନୁକମ୍ପା ପ୍ରଦର୍ଶନ କରିଆସିଛି । ଏଣୁ କଂଗ୍ରେସ ପକ୍ଷରୁ ଚଳିତ ମାସ ୩୧ରେ ଓଡ଼ଗାଁ ଆଦର୍ଶ ଥାନାକୁ ଘେରାଉ କରି ବିକ୍ଷୋଭ କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ଏନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲା ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଓଡ଼ଗାଁ ଥାନାକୁ ଯାଇ ସ୍ମାରକପତ୍ର ଦେଇଛନ୍ତି । ତେବେ କଂଗ୍ରେସ ଏକ ସର୍ତ୍ତ ରଖି ପୋଲିସକୁ ୪ଦିନ ସମୟ ଦେଇଛି । ୩୦ ତାରିଖ ଅବଧି ପୁରିଗଲେ ଆନ୍ଦୋଳନ ନିଶ୍ଚିତ ହେବ ବୋଲି ଅବଗତ କରାଇଛି । ପ୍ରକାଶଯେ ଗତ ୧୭ ତାରିଖରେ ବାଘୁଆ ଛକର ଶୈଳବାଳା ଭଞ୍ଜ(୩୫) ଓ ତାଙ୍କ ପୁଅ ଗଗନ(୧୮) ସନ୍ଧ୍ୟାରେ ନିଜ ଦୋକାନରେ ବସିଥିଲେ । ଦୋକାନକୁ ରୋହିବାଙ୍କ ସରପଞ୍ଚ ମହନ୍ତ ବେହେରା ଓ ଦମୟନ୍ତୀ ପ୍ରଧାନ ନାମକ ଜଣେ ମହିଳା ଆସି ଗାଳିଗୁଲଜ କରିଥିଲେ । ପରେ ମିଳିତ ଭାବେ ଆକ୍ରମଣ କରିଥିଲେ। ସରପଞ୍ଚ ମାରପିଟ୍ କରୁଥିବାବେଳେ ଦମୟନ୍ତୀ ଦୋକନରୁ ଲୁଟ୍ କରିଥିଲେ । ସରପଞ୍ଚଙ୍କ ମାଡରେ ମା'ପୁଅ ଉଭୟ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ୩୦୭ ଦଫାକୁ ହଟାଇ ଦେଇଛି ।ପୁଣି ସରପଞ୍ଚ ଶାସକ ଦଳର ହୋଇଥିବାରୁ ତାଙ୍କୁ ହାଇକୋର୍ଟରୁ ଜାମିନ ପାଇବା ପାଇଁ ଜାଣି ଶୁଣି ସୁଯୋଗ ଦେଇଛି ।

## ବଧୂସାହିରେ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଶରଣକୁଳ,୨୬।୭(ଦୀପକ କର):

ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ବଧୂସାହି ଗ୍ରାମରେ ବୁଧବାର ସକାଳେ ଏକ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି । ବଧୂସାହି ଗ୍ରାମର ସୁବାସ ପ୍ରଧାନଙ୍କ ପୁଅ ତପନ ବୈଦିକରୀତିରେ ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଅନ୍ତର୍ଗତ ଜିଗିନିପଡା ଗ୍ରାମର ଭିକାରୀ ସ୍ୱାଇଁଙ୍କ ଝିଅକୁ ବିବାହ କରିଥିଲେ । ଆଜିକୁ ୨ବର୍ଷ ତଳେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ତାଙ୍କର ୧ବର୍ଷର ଏକ ପୁତ୍ର ସନ୍ତାନ ଅଛନ୍ତି । ଏହି ଘଟଣା ସର୍ମ୍ପକରେ ଝିଅର ବାପା ଶରଣକୁଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ସେଥିରେ ଉଲ୍ଲେଖ ଅଛି, ମୋର ଝିଅକୁ ତାଙ୍କ ଶାଶୁଘର ଲୋକମାନେ ୮ମାସ ହେଲା ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ । ୩ମାସ ହେବ ଝିଅ ଆସି ବାପା ଘରେ ରହିଥିଲା । ଗତ ୧୨।୫।୨୦୨୩ରିଖି ଦିନ ଝିଅକୁ ବୁଝାଶୁଝା କରି ଶାଶୁଘରେ ଛାଡିଦେଇଥିଲୁ । ଝିଅକୁ ଶାଶୁଘର ଲୋକମାନେ ୩ ଲକ୍ଷ ଟଙ୍କା ନ ହେଲେ ଗୋଟିଏ କାର ଯୌତୁକ ଆକାରରେ ଆଣିବା ପାଇଁ କହିଥିଲେ । ନ ହେଲେ ତୋତେ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିଲେ । ବୁଧବାର ଝିଅର ଶାଶୁଘର ଲୋକ ମୋତେ ଫୋନ କରି ଜଣାଇଲେ ଯେ ତୁମ ଝିଅ କବାଟ ଦେଇ ଘର ଭିତରେ ଅଛି । କବାଟ ଫିଟାଉନାହିଁ । ଏହା ଶୁଣି ମୁଁ ମୋର ସମ୍ପର୍କୀୟଙ୍କୁ ଧରି ବଧୂସାହି ଗ୍ରାମକୁ ଯାଇଥିଲି । ସେତେବେଳକୁ ମୋ ଝିଅ ଖଟ ଉପରେ ମରି ପଡିଥିଲା । ଶରଣକୁଳ ଥାନା ଭାରପ୍ରାପ୍ତ ଅଧିକାରିଣୀ ପୁଷ୍ପଲତା ବେହେରା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ନୟାଗଡ଼ ପଠାଇଥିଲେ । ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଭୂମି ସମ୍ମାନ ପରେ ଭୂମିପୁତ୍ର ସମ୍ମାନ

ନୟାଗଡ଼,୨୬।୭(ଲୋକନାଥ ମିଶ୍ର):

ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁଙ୍କୁ ଭୂମି ସମ୍ମାନ ପରେ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଜିଲାପାଳଙ୍କୁ ଭୂମି ସମ୍ମାନ ଦେଇଥିବାବେଳେ ନୟାଗଡ଼ ସିଭିଲ ସୋସାଇଟ୍ ଭୂମିପୁତ୍ର ସମ୍ମାନ ପ୍ରଦାନ କରିଛି । ସେହିଭଳି ନୟାଗଡ଼ ଏସପି ରାହୁଲ ଜୈନଙ୍କୁ କାରଗିଲ ଦିବସରେ ସିଭିଲ ସୋସାଇଟ୍ ର ସଭ୍ୟମାନେ ସ୍ୱାଗତ କରିଥିଲେ । ସିଭିଲ ସୋସାଇଟ୍ ର ମୁଖ୍ୟ ଉପଦେଷ୍ଟା ଶ୍ରୀକାନ୍ତ ଖଟେଇ, ଗୋଦାବରିଶ ସାହୁ ପ୍ରମୁଖ ଜିଲାପାଳ ଓ ଏସପିଙ୍କୁ ଭେଟିଥିଲେ ।

# ଏମଜିଏନ୍‌ଆରଇଜିଏସ୍ ଜନଶୁଣାଣି



ଏମଜିଏନ୍‌ଆରଇଜିଏସ୍ କର୍ମଶାଳାରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅନ୍ୟମାନେ ।

ନୟାଗଡ଼,୨୬।୭(ଲୋକନାଥ ମିଶ୍ର):

ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନ୍‌ଆରଇଜିଏସ୍)ର ନୟାଗଡ଼ ବ୍ଲକସ୍ତରୀୟ ଜନଶୁଣାଣୀ ଶିବର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମଜିଏନ୍‌ଆରଇଜିଏସ୍‌ର ଜିଲା ଲୋକପାଳ ଗିରିଶ ଚନ୍ଦ୍ର ଦାସ, ନୟାଗଡ ବିଡିଓ ପଦ୍ମ ଚରଣ ସାହୁ, ଏପିଓ ମିଟନ ମହାପାତ୍ର, ବ୍ଲକ ସାମାଜିକ ସମୀକ୍ଷକ ପ୍ରକାଶ ଚନ୍ଦ୍ର ବଳିଆରସିଂହ ଯୋଗ ଦେଇ ଶୁଣାଣୀ କରିଥିଲେ । ୯ ପରିବାର ୧୦୦ ଦିନର କାମ କରିଛନ୍ତି । ବ୍ଲକରେ ୧୦ ହଜାର ୫୯୪ ପ୍ରକଳ୍ପରୁ ୯ ହଜାର ୯୩ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ୨୦୨୩ ଆର୍ଥିକ ବର୍ଷରେ ୧୨୧ ପ୍ରକଳ୍ପ ଅନୁମୋଦିତ ହୋଇଛି । ତେବେ ଖେଳପଡିଆ ୩୬ରୁ ମାତ୍ର ୨୬ର କାମ ଶେଷ ହୋଇଥିବାବେଳେ ଅଙ୍ଗନୱାଡି ସେଣ୍ଟର ୫୭ରୁ ୨୮ଟି ଶେଷ ହୋଇଛି ।

# ଅଗଷ୍ଟ ୧୫ ପୂର୍ବରୁ ମଧୁବନ ମିନି ଷ୍ଟାଡିୟମର ସ୍ଥିତାବସ୍ଥା ସୁଧାରିବା ଲାଗି ଗୁରୁତ୍ୱ

ଖଣ୍ଡପଡ଼ା,୨୬।୭ (ଅଜୟ କୁମାର ମହାରଣା)



ମିନିଷ୍ଟାଡିୟମରେ ସୃଷ୍ଟି ହୋଇଥିବା ଗର୍ତ୍ତ ।

ଗତ ୨୦ ତାରିଖରେ ୫-ଟିସଚିବ ଖଣ୍ଡପଡ଼ା ଗସ୍ତରେ ଆସିଥିଲେ । ଏଥିପାଇଁ ମଧୁବନ ମିନି ଷ୍ଟାଡିୟମରେ ଏକ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା । ଇତିମଧ୍ୟରେ ୬ ଦିନ ବିତିଛି । ହେଲେ ମିନିଷ୍ଟାଡିୟମ ପରିସରର ପୂର୍ବ ସ୍ଥିତାବସ୍ଥାରେ ସୁଧାର ଆସି ନ ଥିବାରୁ ଏ ନେଇ କ୍ରୀଡାବିତ୍ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସଚିବଙ୍କ ଗସ୍ତ ନେଇ ଷ୍ଟାଡିୟମ ପରିସରରେ ସିମେଣ୍ଟ କଂକ୍ରିଟ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା । ଶତାଧିକ ଗାତ ଖୋଳା ଯାଇ ବାଉଁଶରେ ବ୍ୟାରିକେଟ ନିର୍ମାଣ କରାଯାଇଥିଲା । ମିନି ଷ୍ଟାଡିୟମର ସମ୍ମୁଖ ଭାଗ ପାଚେରୀର କିଛି ଅଂଶ ଭଙ୍ଗା ଯାଇଥିଲା । ଷ୍ଟାଡିୟମ ପରିସରସ୍ଥିତ ଗୋଟିଏ ପାର୍ଶ୍ୱ ଗୋଲ୍‌କି ପୋଷ୍ଟକୁ ଜେସିବ ମେଶିନ ସାହାଯ୍ୟରେ ତାଡି ଦିଆଯାଇଥିଲା। ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ୬ ଦିନ ପରେ ବି ଷ୍ଟାଡିୟମ ପରିସରର ଅବସ୍ଥା ସୁଧୁରିନି । ମାଳ ମାଳ ପଲିଥିନ, ପ୍ଲାଷ୍ଟିକ ପାଣି ବୋତଲ ଏଣେ ତେଣେ ପଡି ରହିଛି। ଷ୍ଟାଡିୟମ ପରିସରରେ ଦୈନିକ ଖେଳକୁଦ କରୁଥିବା କ୍ରୀଡା ପ୍ରେମୀ, ଯୁବପିଢ଼ୀ, ପ୍ରାତଃ ଭ୍ରମଣରେ ଆସୁଥିବା ବରିଷ୍ଠ ନାଗରିକ, କ୍ରୀଡାବିତ୍ ପଡିଆର ଦୁରାବସ୍ଥାକୁ ଦେଖି କ୍ଷୋଭ ପ୍ରକାଶ କରୁଛନ୍ତି । ବାହ୍ୟ ପ୍ରାଚୀରର କିଛି ଅଂଶ ଭଙ୍ଗା ଯିବା ଯୋଗୁଁ ବୁଲା ଗାଈ ଗୋରୁ ଷ୍ଟାଡିୟମ ପରିସରରେ ଅବାଧରେ ପ୍ରବେଶ କରି ପରିବେଶକୁ ନଷ୍ଟ କରୁଛନ୍ତି । ସୂଚନା ଯୋଗ୍ୟ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଏହି ଷ୍ଟାଡିୟମ ପରିସରରେ ଖଣ୍ଡପଡା ତହସିଲସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହେବ । ଏଥିପୂର୍ବରୁ ଷ୍ଟାଡିୟମ ପରିସରରୁ ହେଲିପ୍ୟାଡକୁ ଉଠାଇ ଦେବା ସହ ଷ୍ଟାଡିୟମର ପୂର୍ବାବସ୍ଥା ଫେରାଇ ଆଣିବାକୁ ଖଣ୍ଡପଡା ସହରର ବହୁ ବୁଦ୍ଧିଜୀବି ଓ କ୍ରୀଡାବିତ୍ ଦାବି କରିଛନ୍ତି ।

# କରଡା ଗାଁରେ ପାନୀୟଜଳ ସଙ୍କଟ

## ୨ ଅଚଳ ନଳକୂପକୁ ମରାମତି କରାଯାଉନି



ପାଣି ପାଇଁ ନଳକୂପ ପାଖରେ ଭିଡ ।

ନୟାଗଡ଼,୨୬।୭(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳ ନିକଟସ୍ଥ କରଡା ବ୍ରାହ୍ମଣ ଶାସନରେ ୧ମାସ ହେଲା ପାନୀୟ ଜଳ ସଙ୍କଟ ଦେଖା ଦେଇଛି । କୂପ ଉପରେ ଥିବା ନଳକୂପଟି ଅଚଳ ହୋଇ ପଡିଥିବାବେଳେ ଅନ୍ୟ ନଳକୂପ ଅଚଳ ହୋଇ ରହିଛି । ନଳକୂପ ଦୁଇଟିକୁ ମରମତି କରିବାକୁ ସ୍ଥାନୀୟ ବାସିନ୍ଦା ପଞ୍ଚାୟତ, ବ୍ଲକ, ଆରଡବ୍ଲୁଏସଏସ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି । ପ୍ରଶାସନର ଅସହଯୋଗରୁ ପାନୀୟ ଜଳ ପାଇଁ ସ୍ଥାନୀୟ ଲୋକ ହଇରାଣ ହୋଇ ଆସୁଛନ୍ତି । ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଗଣିଆର ବିଭିନ୍ନ ରାସ୍ତାରେ ବଢୁଛି ଲୁଟେରାଙ୍କ ରାଜ୍

ଗଣିଆ,୨୬।୭(ସନ୍ତୋଷ କୁମାର ପ୍ରଧାନ):



ପୋଲିସ ଜବତ କରିଥିବା ଲୁଟେରାଙ୍କ କାର୍ ।

କଣ୍ଟିଲୋ-ଗଣିଆ-ଦଶପଲ୍ଲା ରାସ୍ତାରେ ଦିନକୁ ଦିନ ବଢି ଚାଲିଛି ଡକାୟତି । ଗତ ଏକ ସପ୍ତାହ ମଧ୍ୟରେ ଏହି ରାସ୍ତାରେ ୨ଟି ଡକାୟତି ଘଟଣା ଘଟିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଗତ ଶୁକ୍ରବାର ଅପରାହ୍ନରେ ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଓସ୍ତିଆ ଗ୍ରାମର ଶରତ ମିଶ୍ର ଓ ତାଙ୍କ ସ୍ତ୍ରୀ ମାମିନା ଏକ ବାଇକ୍‌ରେ ଖଣ୍ଡପଡ଼ାରୁ ଗାଁକୁ ଫେରୁଥିଲେ । ଶରତଙ୍କୁ ପିଛା କରି ୩ ଜଣ ଲୁଟେରା କଳାରଙ୍ଗର ପଲ୍‌ସରରେ ଆସି କିଶୋରପ୍ରସାଦ ଗ୍ରାମ ଇଟା ଫ୍ୟାକ୍ଟ୍ରି ନିକଟରେ ମାମିନାଙ୍କ ଭ୍ୟାନିଟ ବ୍ୟାଗ୍‌କୁ ଛଡେଇ ନେବାକୁ ଚେଷ୍ଟା କରିଥିଲେ । ଶରତ ଓ ମାମିନା ଏହାର ବିରୋଧ କରିବାରୁ ଲୁଟରୋମାନେ ଉଭୟଙ୍କୁ ମାଡ ମାରି ଭ୍ୟାନିଟ୍ ବ୍ୟାଗ୍‌କୁ ନେଇ ପଳାଇଥିଲେ । ଉକ୍ତ ଭ୍ୟାନିଟି ବ୍ୟାଗରେ ନଗଦ ୮ହଜାର ଟଙ୍କା ସହ ଉଭୟଙ୍କ ବ୍ୟାଙ୍କ ପାସବୁକ୍, ମୋବାଇଲ ଫୋନ୍, ଆଧାରକାର୍ଡ ପରି ଜରୁରୀ କାଗଜପତ୍ର ରହିଥିଲା । ତେବେ ପୋଲିସ ଘଟଣାର ଅନୁସନ୍ଧାନ କରି ଗତ ସୋମବାର ବିଳମ୍ବିତ ରାତିରେ ଖଣ୍ଡପଡା ଥାନା କଇଥପଲ୍ଲୀ ଗ୍ରାମରେ ଚଢାଉକରି ଘଟଣାରେ ସଂପୃକ୍ତ କୁନା ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାର ୫ଦିନ ନ ପୁରୁଣୁ ବୁଧବାର ଗଣିଆ-ଦଶପଲ୍ଲା ରାସ୍ତାରେ ଆଉ ଏକ ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଘଟିଛି । ବୁଧବାର ପୂର୍ବାହ୍ନରେ ଖଣ୍ଡପଡ଼ା ଥାନା ଖଳିସାହି ଗ୍ରାମର ସନ୍ତୋଷ କୁମାର ଗଣ୍ଡିଆ ଟାଟା ଏସି(ନଂ.ଓଡି୨୭ସି ୯୫୬୭)ରେ କୋରିଅର ନେଇ ଦଶପଲ୍ଲାରୁ ଗଣିଆ ଅଭିମୁଖେ ଆସୁଥିଲେ । ଘୋଳାହାଣ୍ଡି ଗ୍ରାମ ନିକଟରେ ଏକ ହୁଣ୍ଡାଇ ଭର୍ନା (ନଂ.ଓଡି ୦୨ ୭୨୨୭)କାର କୋରିଅର ଗାଡିର ପଛପଟୁ ଧକ୍କା ଦେଇଥିଲା । ପରେ ସେହି ହୁଣ୍ଡାଇ କାରରେ ଥିବା ୫ଜଣ ଲୁଟେରା ପଥର ମାରି ଟାଟା ଏସି ଗାଡିର ସମ୍ମୁଖ କାଚ ଭାଙ୍ଗିଦେବା ସହ ଡ୍ରାଇଭର ସନ୍ତୋଷଠାରୁ ୨ହଜାର ଟଙ୍କା ଲୁଟି ନେଇଥିଲେ । ପରେ ସନ୍ତୋଷ ଚତୁରତାର ସହ ଟାଟା ଏସିକୁ ଦ୍ରୁତଗତିରେ ଗଣିଆ ଅଭିମୁଖେ ଆଣିଥିଲେ । ୨ହଜାର ଟଙ୍କା ଲୁଟ କରିବା ପରେ ମଧ୍ୟ ୫ଜଣିଆ ଲୁଟେରା ଟାଟା ଏସି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଭାବି ପୁଣି ପିଛା କରିଥିଲେ । ତେବେ ଡ୍ରାଇଭର ଗାଡିକୁ ଆଣି ଗଣିଆ ଥାନା ପରିସରକୁ ନେଇ ଯାଇଥିଲେ । ଲୁଟେରାମାନେ ଥାନାକୁ ଦେଖି ଗଣିଆ ବ୍ରାହ୍ମଣ ସାହି ରାସ୍ତାରେ ପଳାଇବା ପାଇଁ ଚେଷ୍ଟା କରିଥିଲେ । ବ୍ରାହ୍ମଣସାହି ଶେଷଭାଗରେ ରାସ୍ତା ବନ୍ଦଥିବାରୁ ଲୁଟେରାଙ୍କ ଡ୍ରାଇଭର କାରଟିକୁ ବୁଲାଇବା ବେଳେ ଡ୍ରେନ ଭିତରକୁ ଗଳିପଡିଥିଲା । ଫଳରେ ଗାଡିଟିକୁ ଛାଡି ଲୁଟେରା ଦଳ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଓ ଏସ୍‌ଆଇ ବୀରେନ୍ଦ୍ର କୁମାର ଦେହୁରୀ ପହଞ୍ଚି କାରଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଓଡଗାଁ ବ୍ଲକରେ କାର୍‌ଗିଲ୍ ବିଜୟ ଦିବସ ପାଳିତ

ଓଡ଼ଗାଁ,୨୬।୭(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ କାରଗିଲ ବିଜୟ ଦିବସ ପାଳନ କରାଯାଇଛି । ସ୍କୁଲ ସମ୍ପାଦକ ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥି, ସାମ୍ବାଦିକ ସଂଘ ସମ୍ପାଦକ ଗଣେଶ୍ୱର ସାହୁ ମୁଖ୍ୟବକ୍ତା ଓ ଆର୍ମି ଭେଟେରାନ ଆଦର୍ଶ କୁମାର ପଟ୍ଟନାୟକ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଅଧକ୍ଷ ବିରେନ୍ଦ୍ର କୁମାର ସାହୁ କାରଗିଲ ବିଜୟ ଦିବସ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଜେନା ପିଲାଙ୍କୁ ସାହାସୀ, ପରିଶ୍ରମୀ ଓ ଉଚ୍ଚାକାଂକ୍ଷୀ ହେବା ସହିତ ସମାଜରେ ଭଲ ମଣିଷ ହେବାକୁ ଦିଗଦର୍ଶନ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ସାହୁ ପିଲାଙ୍କୁ ସରଳତା ଓ ନମ୍ରତା ହିଁ ସଫଳତା ଚାବି କାଠି ବୋଲି କହିଥିଲେ । ଅନ୍ୟପକ୍ଷେ ଆର୍ମି ଭେଟେରାନ ପଟ୍ଟନାୟକ କାରଗିଲ ବିଜୟ ଦିବସ ପାଳନ ଓ ଭାରତୀୟ ସୈନ୍ୟ ବାହିନୀର ବୀରତ୍ୱର ଗାଥା ବଖାଣିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଜୟ ଜବାନ, ଜୟ ହିନ୍ଦୁସ୍ଥାନ ନାରା ଦେଇଥିଲେ। ମୁଖ୍ୟ ଅତିଥି ବିଡିଓ ଜେନାଙ୍କୁ ଜଣେ ସୈନିକ ସ୍କୁଲର ପ୍ରାକ୍ତନ ଛାତ୍ର, ବଳିଷ୍ଠ ପ୍ରଶାସକ ହେତୁ ଓ ୧୯୯୨ରୁ ସ୍କୁଲ ଗଠନରେ ଅଦ୍ୟାବଧି ସହଯୋଗ କରିଆସିଥିବା ଗାଁର ବରିଷ୍ଠ ଗଙ୍ଗାଧର ଜେନାଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । । ଖବରଦାତା ସାରସ କୁମାର ମିଶ୍ର, ସୁନୀଲ ପଟ୍ଟନାୟକ, ନାରାୟଣ ପାଣିଗ୍ରାହୀ ଓ ଫକୀର ମହାରଣା ଉପସ୍ଥିତ ଥିଲେ ।

# ଜୀବନ ରକ୍ଷା ଯୋଜନାକୁ ଅଣଦେଖା

■ ସମ୍ଭାବ୍ୟ ବନ୍ୟା ବିପନ୍ନଙ୍କ ସୁରକ୍ଷା ଆଶା ଧୂଳିସାତ
■ ନିର୍ମାଣାଧୀନ ଶ୍ରୀବନ୍ତ ବନ୍ୟା ଆଶ୍ରୟସ୍ଥଳୀକୁ ବନ୍ଦ ପ୍ରସ୍ତାବ
■ ଠିକାଦାରଙ୍କୁ ଜରିମାନା ନିଷ୍ପତ୍ତିରେ ସୀମିତ ପଦକ୍ଷେପ


ବନ୍ୟା ସମୟରେ ନଦୀବନ୍ଧରେ ଜୀବନ । (ଫାଇଲ ଫଟୋ)

ଯାଜପୁର,୨୬।୭(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲାରେ ବିଭିନ୍ନ ଯୋଜନାରେ ନିର୍ମାଣ କାର୍ଯ୍ୟ ଜୋର ଧରିଛି । ଅଥଚ ବନ୍ୟା ବିପନ୍ନମାନଙ୍କ ସୁରକ୍ଷା ପାଇଁ ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବନ୍ୟା ସମୟରେ ବିପନ୍ନମାନେ ଯେପରି ବନ୍ଧବାଡ଼ରେ ଖୋଲା ଆକାଶ ତଳେ ଆଶ୍ରିତ ନହେବେ ସେଥିପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରି ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ହେଲେ କେତେକ ଲାଭଖୋର ଠିକାଦାର ବନ୍ୟା ଆଶ୍ରୟସ୍ଥଳୀ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ନ କରି ସମ୍ଭାବ୍ୟ ବନ୍ୟା ବିପନ୍ନମାନଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ମତପ୍ରକାଶ ପାଇଛି । ଅନ୍ୟପକ୍ଷେ ସରକାରୀ ଚୁକ୍ତି ଉପରେ ଖିଲାପି ଠିକାଦାରଙ୍କ ବିରୋଧରେ ଉପଯୁକ୍ତ ଭାବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଅଭାବରୁ ସେମାନଙ୍କ ଅବହେଳା ଆହୁରି ବଢି ଚାଲିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହିକ୍ରମରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ରୀବନ୍ତ ହାଇସ୍କୁଲ ପରିସରରେ ନିମାଣାଧୀନ ବନ୍ୟା ଆଶ୍ରୟସ୍ଥଳୀ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ତାକୁ ବନ୍ଦ କରିବାର ପ୍ରସ୍ତାବ ଦିଆଯାଇଛି । ଏହାବାଦ ସଂପୃକ୍ତ ଠିକାଦାର ନିରାକାର ସାମଲଙ୍କୁ ବାକି ଥିବା କାର୍ଯ୍ୟ ପରିମାଣର ୨୦% ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି । ଫଳରେ ଏହି ବନ୍ୟା ଆଶ୍ରୟ ସ୍ଥଳୀ ଉପରେ ନିର୍ଭର ହେବାକୁ ଥିବା ଶତାଧିକ ବନ୍ୟା ବିପନ୍ନଙ୍କ ଆଶା ଧୂଳିସାତ ହେବା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି ।

ବର୍ଷା ମାସ ଆସିଲେ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ବୁଢା, ଖରସ୍ରୋତା, ବିରୂପା, କାଣୀ ଆଦି ନଦୀର ବନ୍ୟା ଜଳ ତଟାଞ୍ଚଳବାସୀଙ୍କ ପାଇଁ କାଳ ହେଉଛି । ଜିଲାରେ ଗତ ୨୫ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ ବନ୍ୟା ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ବନ୍ୟା ସମୟରେ ବିପନ୍ନମାନେ ଘରଦ୍ୱାର ଛାଡି ବନ୍ଧ ହିଡରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ତେଣୁ ବନ୍ୟା ସମୟରେ ଦୁର୍ଗତମାନଙ୍କୁ ସୁରକ୍ଷିତ ଭାବେ ଥଇଥାନ କରିବାକୁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ବନ୍ୟା ଆଶ୍ରୟସ୍ଥଳୀଗୁଡିକ ନିର୍ମାଣ କରାଯାଉଛି । ଅନ୍ୟପକ୍ଷେ ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ଆଦି ସରକାରୀ ପ୍ରତିଶ୍ରୁତିରେ ଅଟକିଛି । ୨୦୨୦ ଅଗଷ୍ଟରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏକ ବଡ ଧରଣର ବନ୍ୟା ଆସିଥିଲା । ଏହି ବନ୍ୟାରେ ଜିଲାରେ ୩୦ଟି ଛୋଟବଡ ଘାଇ ସୃଷ୍ଟି ହୋଇଥିଲା । ଏଥିରେ ପ୍ରାୟ ୧୦ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିଲା । ସେହି ସମୟରେ ଆବଶ୍ୟକ ବନ୍ୟା ଆଶ୍ରୟସ୍ଥଳୀ ଅଭାବରୁ ଲକ୍ଷାଧିକ ଲୋକ ବନ୍ଧ ହିଡରେ ବିପଦସଙ୍କୁଳ ଅବସ୍ଥାରେ ଜୀବନ ଅତିବାହିତ କରିଥିବା ଦେଖିବାକୁ ମିଳିଥିଲା । ଏହାପରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବନ୍ୟା ବିଧ୍ୱସ୍ତ ଅଞ୍ଚଳ ତଥା ଜୟଚଣ୍ଡୀ ହାଇସ୍କୁଲ, ବିସିଜେ ହାଇସ୍କୁଲ, ଶ୍ରୀବନ୍ତ ହାଇସ୍କୁଲ ଇତ୍ୟାଦି ସ୍ଥାନରେ ବନ୍ୟା ଆଶ୍ରୟସ୍ଥଳୀଗୁଡିକ ନିର୍ମାଣ ଆରମ୍ଭ ହୋଇଥିଲା । ତେବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଗ୍ରାମ ପାଖ ଶ୍ରୀବନ୍ତ ହାଇସ୍କୁଲ ପରିସରରେ ୨ କୋଟି ୯୪ ଲକ୍ଷ ୧୮ ହଜାର ୨୩୫ ଟଙ୍କା ବ୍ୟୟରେ ୩୦୦୦ବର୍ଗ ଫୁଟ ଏରିଆ ବିଶିଷ୍ଟ ଏକ ପ୍ରମୁଖ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ପାଣିକୋଇଲି ଗ୍ରାମର ପ୍ରଥମ ଶ୍ରେଣୀ ଠିକାଦାର ନିରାକାର ସାମଲଙ୍କ ସହ ଚୁକ୍ତି ହୋଇଥିଲା । ଏହି ଆଶ୍ରୟସ୍ଥଳୀ ୨୯।୬।୨୦୨୧ରୁ ଆରମ୍ଭ ହୋଇ ୨୮।୯।୨୦୨୨ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା । ହେଲେ ବିଡମ୍ବନା ଯେ, ୫୦ ଲକ୍ଷ ଟଙ୍କା ଖର୍ଚ୍ଚରେ ମାତ୍ର ୧୭% କାର୍ଯ୍ୟ କରି ଠିକାଦାରଙ୍କ ଆଉ ଦେଖା ମିଳୁନାହିଁ । ଏପରିକି ଠିକାଦାର ସାମଲଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ୭ ଥର ନୋଟିସ ଦେଇଥିଲେ ବି କୌଣସି ସନ୍ତୋଷଜନକ ଉତ୍ତର ଦେଇ ନାହାନ୍ତି । ଏହାପରେ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି । କିନ୍ତୁ ସରକାରୀ କଳର କୌଣସି ନୋଟିସ ଉପରେ ସେ ଉତ୍ତର ରଖିବାକୁ ଉଚିତ ମନେ କରି ନାହାନ୍ତି । ଏପରିକି ବିଭାଗୀୟ ଅଧିକାରୀମାନେ ଉପଯୁକ୍ତ ପଦକ୍ଷେପ ନ ନେଇ ଏହି ୨ ବର୍ଷ କେବଳ ନୋଟିସ ଜାରିରେ ସୀମିତ ରଖିଛନ୍ତି । ଯାହା ଫଳରେ ହଜାରରୁ ଊର୍ଦ୍ଧ୍ୱ ସମ୍ଭାବ୍ୟ ବନ୍ୟା ବିପନ୍ନଙ୍କ ଜୀବନ ସୁରକ୍ଷା ଆଶା ମଉଳି ଯାଇଥିବା ମତପ୍ରକାଶ ପାଇଛି । ତେବେ ଶେଷରେ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ ଉକ୍ତ ପ୍ରକଳ୍ପକୁ ବନ୍ଦ କରି ପୁନଃ ଟେଣ୍ଡର ପ୍ରକ୍ରିୟା କରିବାକୁ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରଙ୍କୁ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଚୈତନ୍ୟ


@ ଦେବୀଦତ୍ତ


@ ନିରୁପମା


@ ପିଙ୍କି


@ ଶୁଭ୍ରକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାନ୍ତାଳୀ ପାଣିଖିଆ ଗାଁ ରାସ୍ତାରେ ଘାଇ

■ ପ୍ରଶାସନ ଶୁଣିଲା ନାହିଁ
■ ଗ୍ରାମବାସୀ ଘାଇ ମରାମତି କଲେ

ମହାକାଳପଡ଼ା,୨୬।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାଞ୍ଜୁରା ପଞ୍ଚାୟତ ସାନ୍ତାଳୀ ପାଣିଖିଆ ଗାଁ ରାସ୍ତାରେ ଏକ ଘାଇ ସୃଷ୍ଟି ହୋଇଥିଲା । ହେଲେ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଫଳରେ ଗାଁ ଲୋକମାନେ ଯାତାୟତରେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଶେଷରେ କୌଣସି ଉପାୟ ନ ପାଇ ଗାଁ ଲୋକେ ଝୁଡ଼ି,କୋଦାଳ ଧରି ମାଟି ପକାଇ ଘାଇ ମରାମତି କରିଛନ୍ତି । ସୂଚନା ଅନୁଯାୟୀ, ଉକ୍ତ ଗାଁରେ ୫୦ ପରିବାର ବସବାସ କରୁଛନ୍ତି । ସମୁଦାୟ ଜନସଂଖ୍ୟା ୪ଶହରୁ ଊର୍ଦ୍ଧ୍ୱ । ହେଲେ ଗାଁକୁ ସବୁଦିନିଆ ରାସ୍ତା ନାହିଁ । ଗାଁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ଜିଲା ପ୍ରଶାସନ ଚୁପ୍ ବସିଛି । ଏପରି ପରିସ୍ଥିତିରେ ସୃଷ୍ଟି ହୋଇଥିବା ଘାଇ ସମସ୍ୟା ସୃଷ୍ଟି କରିଥିଲା । ଗାଁ ଲୋକମାନେ ଏଥିପାଇଁ ଏକାଠି ହୋଇଥିଲେ । ସମସ୍ତେ ଝୁଡ଼ି,କୋଦାଳ ଧରି ମାଟି ହାଣି ଘାଇ ମରାମତି କରିବା ସହିତ ରାସ୍ତା ସମତୁଲ କରିଥିଲେ ବୋଲି ଗାଁ ମୁରବୀ ଗୁରୁଭା ହାଁସଦା , ବାବୁଲି ଟୁଡୁ , ନୀର ହାଁସଦା , ନୁଗୁର ସୋରେନ , ବିକ୍ରମ ହେମ୍ବ୍ରମ , ରାମ ହେମ୍ବ୍ରମ ଓ ଗଣେଶ ମାରାଣ୍ଡି ପ୍ରମୁଖ କହିଛନ୍ତି । ସୂଚନାଯୋଗ୍ୟ, ଉକ୍ତ ଗାଁର ଲୋକମାନେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରନ୍ତି । ରାତି ପାହିଲେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସହିତ ଓ ନଦୀ,ସମୁଦ୍ରରୁ ମାଛ କଙ୍କଡ଼ା ଧରି ପରିବାର ପ୍ରତିପୋଷଣ କରନ୍ତି । ଏ ସଂକ୍ରାନ୍ତରେ ବିଡ଼ିଓ ସାଗର କୁମାର ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି ।


ଗ୍ରାମବାସୀ ଘାଇ ମରାମତି କରୁଛନ୍ତି ।

# ଆହତଙ୍କୁ ଡାକ୍ତରଖାନା ପଠାଇଲେ ଆକାଶ


ଆହତଙ୍କୁ ହସ୍ପିଟାଲ ପଠାଯାଉଛି ।

ପାଣିକୋଇଲି,୨୬।୭(ବିକାଶ ମଲ୍ଲିକ): କୋରେଇର ପ୍ରାକ୍ତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ବୁଧବାର ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମେଡିକାଲ ପଠାଇଛନ୍ତି । ଦାସନାୟକ ସବୁଜ କୋରେଇ ଅଭିଯାନ ସାରି ଫେରୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ପଥରପଦା ପଞ୍ଚାୟତ ଅନ୍ତର୍ଗତ ନୂଆପଦା ଗ୍ରାମର ବଳରାମ ସାହୁ ଆହତ ହୋଇଥିବା ଦେଖିବାକୁ ପାଇଥିଲେ । ତେଣୁ ତାଙ୍କୁ ତୁରନ୍ତ ଚିକତ୍ସା ପାଇଁ ଯାଜପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ଅଧିକ ଚିକିତ୍ସା ଆବଶ୍ୟକ ପଡ଼ିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି । ସେହିପରି କରଦା ପଞ୍ଚାୟତ ପଳସା ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଟୁକୁନା ଚାତରଙ୍କ ଅକାଳ ବିୟୋଗ ଖବର ପାଇ ଦାସନାୟକ ସେଠାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ପାରାଦୀପ ବନ୍ଦରରୁ ଆଣ୍ଡାମାନ ଯିବ ମଧୁର ବାଲି

■ ଏମ୍‌ଭି ଗୋଲ୍ଡେନ ଫ୍ଲେମ ଜାହାଜରେ ୨୩ ହଜାର ମେଟ୍ରିକ ଟନ ବୋଝେଇ

ପାରାଦୀପ,୨୬।୭ (ଶରତ ରାଉତ)

ପାରାଦୀପ ବନ୍ଦରରୁ ଆଣ୍ଡାମାନ ଯିବ ମଧୁର ବାଲି । ବୁଧବାର ପୋର୍ଟ ଡିଟିଆର (ଡେଲି ଟ୍ରାଫିକ ରିପୋର୍ଟ)ରେ ଏହା ଦର୍ଶାଯାଇଛି । ଏମ୍.ଭି. ଗୋଲ୍ଡେନ ଫ୍ଲେମ ନାମକ ପଣ୍ୟବାହୀ ଜାହାଜରେ ୨୩ ହଜାର ମେଟ୍ରିକ ଟନ ବାଲି ବୋଝେଇ ହୋଇ ଆଣ୍ଡାମାନ ଯିବ ବୋଲି ଦର୍ଶାଯାଇଛି । ଏହି ବାଲିକୁ ଫେୟାରମାକ୍ ନାମକ କମ୍ପାନୀ ନେଉଛି ବୋଲି ବନ୍ଦର ତଥ୍ୟରୁ ଜଣାପଡିଛି । ଏହାର ଷ୍ଟିଭେଡର୍ସ କାମ ଜି.ଏ.ସି. ନାମକ କମ୍ପାନୀ ଅଛି । ଏହା ପୂର୍ବରୁ ୩ ଥର ମଧୁର ବାଲି ପାରାଦୀପ ବନ୍ଦର ବାଟେ ଯାଇଛି । ଏହି ଫେୟାର ମାକ୍ କମ୍ପାନୀ ୨ଥରରେ ୪୧,୯୦୦ ମେଟ୍ରିକ ଟନ ଓ କିଙ୍ଗ୍ ମେଟାଲ ନାମକ କମ୍ପାନୀ ୯୭୦୦ ମେଟ୍ରିକ ଟନ ବାଲି ନେଇଛନ୍ତି । ଏହି ବାଲି ଓଡ଼ିଶାର କେଉଁ ନଦୀ ଘାଟରୁ ଆସିଛି ସେ ସମ୍ପର୍କିତ ତଥ୍ୟ ଦର୍ଶାଯାଇନାହିଁ । ଏଠାରେ ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରିଲ ୧୨ରେ ଏହିପରି ବାଲି ନେବାକୁ ଏମ୍ ଭି. ପାଓନିୟର ଗ୍ଲୋରୀ ନାମକ ଜାହାଜ ପାରାଦୀପ ବନ୍ଦର ଆସିଥିଲା । ସେତେବେଳେ ବିବାଦ ହେବାରୁ ବାଲି ନ ନେଇ ଫେରି ଯାଇଥିଲା । ପାରାଦୀପ ବନ୍ଦର ଜନସମ୍ପର୍କ ଅଧିକାରୀ ରତିକାନ୍ତ ନାୟକଙ୍କୁ ପଚାରିବାରେ ବିଭିନ୍ନ ବିଭାଗ ସହ ଆଲୋଚନା କରି ସୂଚନା ଦେଇଥିଲେ ଯେ, ସେପରି କୌଣସି କାଗଜପତ୍ର ତ୍ରୁଟି ହୋଇନାହିଁ ବୋଲି କହିଛନ୍ତି ।

# ଆଶଙ୍କାରେ ବଞ୍ଚୁଛନ୍ତି ଜିଲାର ୨ ଲକ୍ଷ ଲୋକ

■ ସୁନାମି ମୁକାବିଲା ଗ୍ରାମ ଚିହ୍ନଟରେ ସୀମିତ
■ ତଟାଞ୍ଚଳ ପାଇଁ ପ୍ରାଚୀର ହୋଇପାରିବ ହେନ୍ତାଳବଣ
■ ଲୁଣାବନ୍ଧ ଉଚ୍ଚତା ୬ ମିଟର, କେନାଲ ଆବଶ୍ୟକ




କେନ୍ଦ୍ରାପଡ଼ା, ୨୬।୭ (ଜଗନ୍ନାଥ ଧଳ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ୪୬ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୮ ଗ୍ରାମକୁ ସୁନାମିପ୍ରବଣ ଚିହ୍ନଟ କରାଯାଇଛି । ଓସ୍‌ଡମା ପକ୍ଷରୁ ସମୁଦ୍ର ତଟଠାରୁ ପ୍ରାୟ ଦେଢ଼ କିଲୋମିଟର ଭୂଭାଗ ଅଞ୍ଚଳରେ ସୁନାମି ପ୍ରାକୃତିକ ବିପର୍ଯ୍ୟୟ ଆସିପାରେ ବୋଲି ତଦନ୍ତ ରିପୋର୍ଟ ୨୦୦୫ ମସିହାରେ ପ୍ରଦାନ କରାଯାଇଥିଲା । ଏହି ଚିହ୍ନଟ କାର୍ଯ୍ୟକ୍ରମକୁ ଇତିମଧ୍ୟରେ ୧୮ ବର୍ଷ ବିତିଲାଣି । ଇତିମଧ୍ୟରେ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ ହୋଇନାହିଁ । ସାମାନ୍ୟ ଉତ୍ତାଳ ହେଲେ ସମୁଦ୍ର ପାଣି ଲୁଣାବନ୍ଧ ଡେଇଁ ଭୂଭାଗ ଅଞ୍ଚଳକୁ ପଶିଯାଉଛି । ଏପରିକି ସାତଭାୟା ପଞ୍ଚାୟତର ଗ୍ରାମଗୁଡ଼ିକ ଜଳପତ୍ତନ ଉଚ୍ଚତା ବୃଦ୍ଧି ପାଇଁ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି । ଏଠାରେ ଥିବା ଅଧିବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ ସୁନାମି ପ୍ରଭାବକୁ ହେନ୍ତାଳବଣ ସାମାନ୍ୟ କିଛି କମ କରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି । ତେବେ ମଧୁରଜଳର ଅଭାବ, ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି ନିର୍ମାଣ, ହେନ୍ତାଳବଣ ଜବରଦଖଲକାରୀଙ୍କ କବଳକୁ ଯିବା ପରି ସାମ୍ପ୍ରତିକ ସ୍ଥିତି ଏହି ସୁରକ୍ଷା ପ୍ରାଚୀର ସୃଷ୍ଟିରେ ବାଧା ସାଜିଛି । ଫଳରେ ୬୪ ଗ୍ରାମର ୨ ଲକ୍ଷରୁ ଅଧିକ ଲୋକ ସୁନାମି ବିପର୍ଯ୍ୟୟରୁ ମୁକୁଳିବା ନେଇ ଆଶଙ୍କାରେ ଅଛନ୍ତି । ସୁନାମି ଆସିଲେ ଧନ, ଜୀବନ ସହ ଚାଷ ବାସ ନଷ୍ଟ ହେବ । ଏହି ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସରକାର ରାଜ୍ୟର ୩୨୮ଟି ଗ୍ରାମକୁ ସୁନାମି ପ୍ରବଣ ଚିହ୍ନଟ କରିଥିଲେ ।

କେନ୍ଦ୍ରାପଡ଼ା ଜିଲାର ମୋଟ ୪୮ କିଲୋମିଟର ତଟ ମଧ୍ୟରୁ ୨୮ କି.ମି. ତଟ ଅଞ୍ଚଳରେ ତଟକ୍ଷୟ ହେଉଛି । ଏହି ସ୍ଥାନରେ ଲୁଣା ମାଟିବନ୍ଧ ଓ କଂକ୍ରିଟ ବନ୍ଧ ନିର୍ମାଣ ପାଇଁ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଥିଲା । ଏପରିକି ସର୍ବାଧିକ ତଟକ୍ଷୟ ହେଉଥିବା ରାଜନଗର ବ୍ଲକ ପେଣ୍ଠାରେ ୫୦୫ ମିଟରର ଜିଓ ସିନ୍ଥେଟିକ ଟ୍ୟୁବ୍ ୱାଲ ୨୦୧୮ ମସିହାରେ ପ୍ରାୟ ୩୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା । ଏହି ଟ୍ୟୁବ୍ ୱାଲ ଏବେ ଜୁଆର ମାଡ଼ରେ ନଷ୍ଟ ହେଉଛି । ୨୦୦୬ ମସିହାରେ ଗୋଆ ଜାତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଟି. ଜି. ଜଗତାପ, ଡ. ବି. ସି. ଇନଗୋଲିଓ, ଡ. କେ. ମୁଷା ପ୍ରମୁଖ ଗବେଷଣା ପାଇଁ କେନ୍ଦ୍ରାପଡ଼ା ତଟାଞ୍ଚଳ ଆସିଥିବା ବେଳେ ହେନ୍ତାଳବଣ ସୃଷ୍ଟିକୁ ଗୁରୁତ୍ୱ ଦେଇଥିଲେ । ତଟାଞ୍ଚଳରେ ହେନ୍ତାଳବଣ ସୁନାମିର ପ୍ରଭାବକୁ ହ୍ରାସ କରିପାରିବ ବୋଲି ରିପୋର୍ଟରେ ପ୍ରକାଶ କରିଥିଲେ । ଏଥିସହ ଲୁଣା ତଟବନ୍ଧକୁ ଅନ୍ୟୂନ ୬ ମିଟର ରଖାଯିବାକୁ ସେମାନେ ଏହି ରିପୋର୍ଟରେ ପରାମର୍ଶ ଦେଇଥିଲେ । ଜିଲାର ୭୪୪ କିଲୋମିଟର ମଧ୍ୟରୁ ୩୧୭ କି.ମି. ତଟବନ୍ଧ ଅସୁରକ୍ଷିତ ବୋଲି ୨୦୨୨ ଏପ୍ରିଲରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ଦେଖାଯାଇଛି । ଏଥିମଧ୍ୟରୁ ନିକଟରେ ୩୨ କିଲୋମିଟର ତଟବନ୍ଧ ୬ ମିଟର ଉଚ୍ଚ ହେବ ବୋଲି ରାଜ୍ୟ ସରକାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଅପରପକ୍ଷରେ ତଟାଞ୍ଚଳରେ ଗଢ଼ି ଉଠୁଥିବା ଚିଙ୍ଗୁଡ଼ି ଘେରି ହେନ୍ତାଳ ବଣକୁ ଧ୍ୱଂସ କରୁଛି । ସେହିପରି ଅନୁପ୍ରବେଶକାରୀଙ୍କ ହାତକୁ ଜଙ୍ଗଲ ଜମି ଚାଲିଯାଉଛି । ହେନ୍ତାଳବଣ ସୃଷ୍ଟି ପାଇଁ ଲୁଣା ସହ ଆନୁପାତିକ ଭାବେ ମଧୁର ଜଳ ଆବଶ୍ୟକ । ଜିଲାରେ ପ୍ରବାହିତ ନଦୀର ସ୍ରୋତ ବିଭିନ୍ନ ପ୍ରକଳ୍ପ ପାଇଁ କମ ରହୁଛି । ଏଥିପାଇଁ ତଟାଞ୍ଚଳରେ ସମସ୍ତ ନଦୀକୁ ଯୋଡ଼ିବା ପାଇଁ ବୃହତ୍ କେନାଲର ଆବଶ୍ୟକତା ଅଛି । ଏହାଦ୍ୱାରା ପାନୀୟ ଜଳ, ବନ୍ୟା, ଜଳସେଚନ, ହେନ୍ତାଳବଣ ସୃଷ୍ଟି ଆଦିରେ ଥିବା ପ୍ରତିବନ୍ଧକର ସମାଧାନ ହୋଇପାରିବ । ପ୍ଲାକାର୍ଡ, ମାକ୍ ଡ୍ରିଲ ଓ ସ୍ଥାନାନ୍ତର ମାଧ୍ୟମରେ ବିପତ୍ତିରୁ ସାମୟିକ ଉଦ୍ଧାର ମିଳିବ । ତେବେ ଏହା ସ୍ଥାୟୀ ପ୍ରତିକାର ନୁହେଁ ବୋଲି ପରିବେଶବିତ୍, ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

# ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନ ଖର୍ଚ୍ଚରେ ରହୁନି ସ୍ୱଚ୍ଛତା

■ ଲାଠିପଡ଼ା ଓ ଖୁଣ୍ଟୁବନ୍ଧରେ ନାମ ଫଳକ ନ ଥାଇ ହୋଇଛି ବିଲ୍
■ ରିକୋଭରି ହେବ ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନ

ନୟାଗଡ଼,୨୬।୭ (ଲୋକନାଥ ମିଶ୍ର)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନ୍‌ଆରଇଜିଏସ୍)ରେ ନୟାଗଡ଼ ଜିଲାରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ଏଥିରେ ସ୍ୱଚ୍ଛତା ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି। ଏନେଇ ଅଭିଯୋଗ କଲେ ସୁଫଳ ମିଳୁନି। ଏମଜିଏନ୍‌ଆରଇଜିଏସ୍‌ର କାର୍ଯ୍ୟରେ ନାମ ଫଳକ ଅଥବା ସିଟିଜନ ଇନଫରମେଶନ ବୋର୍ଡ (ସିଆଇବି) ଲଗାଇବା ବାଧ୍ୟତାମୂଳକ। ତେବେ ନୟାଗଡ଼ ଜିଲାର ବିଭିନ୍ନ ବ୍ଲକରେ ଏମ୍‌ଜିଏନଆରଇଜିଏସ୍‌ର ନାମଫଳକ ନ ହୋଇ ବିଲ୍ ହେଉଛି। ପୁଣି ସ୍ଥାନେ ସ୍ଥାନେ ନାମଫଳକରେ କିଛି ସୂଚନା ରହୁନି। କେଉଁଠି ଗୋଟିଏ ପାର୍ଶ୍ୱରେ କିଛି ତଥ୍ୟ ରଖି ସୂଚନାକୁ ଲକ୍ଷାୟିତ ରଖା ଯାଉଥିବାର ଅଭିଯୋଗ ହୋଇ ଆସୁଛି। ନୟାଗଡ଼ ବ୍ଲକରେ ମଧ୍ୟ ଏଭଳି ଘଟଣା ନଜରକୁ ଆସିଛି। ଲାଠିପଡା ଓ ଖୁଣ୍ଟୁବନ୍ଧରେ ନାମ ଫଳକ ନ ଥାଇ ବିଲ୍ ହୋଇଛି। ପୁଣି କେତେକ ସ୍ଥାନରେ ସୂଚନାଫଳକର ଗୋଟିଏ ପାର୍ଶ୍ୱରେ କେବଳ ତଥ୍ୟ ରଖି ଅନ୍ୟ ପାର୍ଶ୍ୱରେ ତଥ୍ୟ ରଖା ଯାଉନି। ଏହା ଜଣାପଡିବା ପରେ ଏମଜିଏନଆରଇଜିଏସ୍ ଅନୁଦାନ ରିକୋଭରି ହେବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶ୍ନ ଉଠୁଛି ନାମଫଳକ ନ ଥାଇ ବିଲ୍ କିପରି ହେଉଛି। ସରକାରୀ ବାବୁ ଓ କର୍ମଚାରୀମାନେ କ’ଣ କ୍ଷେତ୍ର ପରଦର୍ଶନ ନ କରି ବିଲ୍ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବୁଧବାର ନୟାଗଡ ବ୍ଲକରେ ହୋଇଥିବା ଏମଜିଏନଆରଇଜିଏସ୍ ଜନଶୁଣାଣୀରେ ଏଭଳି ତଥ୍ୟ ଜଣାପଡିଛି। ଏମଜିଏନଆରଇଜିଏସ୍‌ରେ ନାମ ଫଳକ କରି ତଥ୍ୟ ନ ରଖିଲେ ବିଲ୍ ହେବନି ବୋଲି କୁହଯାଇଛି।

**ପଥ ପାର୍ଶ୍ୱ ବନୀକରଣରେ ଗଛ ରହୁନି :** ଏମଜିଏନ୍‌ଆରଇଜିଏସ୍ ଅନୁଦାନରେ ପଥ ପାର୍ଶ୍ୱ ବନୀକରଣ ହେଉଛି। ନୟାଗଡ଼ ବ୍ଲକର ଶରଧାପୁରଠାରୁ ବାଲୁଗାଁ ପର୍ଯ୍ୟନ୍ତ ୧ ହଜାର ଗଛ ଲାଗିଥିଲା। ତେବେ ଗଛ ଗଣନାରୁ ଜଣାପଡିଛି ୨୧୫ ଗଛ ବଞ୍ଚିଛି। ଗଛ ଗଣନା ପରେ ପ୍ରଶ୍ନ ଉଠୁଛି ଅବଶିଷ୍ଟ ଗଛ ଗଲା କୁଆଡେ। ରକ୍ଷଣାବେକ୍ଷଣ ଅଭାବରୁ ଗଛ ମରିଗଲା। ଅଥଚ ଅନ୍ୟ କୌଣସି କାରଣରୁ ଗଛ ନଷ୍ଟ ହୋଇଗଲା। ତେବେ ବନବିଭାଗର ସୂଚନା ଅନୁସାରେ ଗଛ ଚୋରି ଓ ନଷ୍ଟ କରିଦେବାରୁ ଏଭଳି ଅସୁବିଧା ସୃଷ୍ଟି ହୋଇଛି। ବନବିଭାଗର ସଫେଇକୁ ଦେଖିଲେ ଏହା ସତ୍ୟ ବୋଲି ପ୍ରମାଣିତ ହୋଇ ପାରୁନି। ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସରକାରୀ ସୂଚନା ଅନୁସାରେ ଏକ ହଜାର ଗଛ ଲାଗିଲେ ୬୭୫ ଗଛ ବଞ୍ଚିବ। ବାଲୁଗାଁ ଶରଧାପୁର ରାସ୍ତାରେ ୨୧୫ ଗଛ ବଞ୍ଚିଥିବାରୁ ଆହୁରି ୪୧୫ ଗଛ ବନବିଭାଗକୁ ଲଗାଇ ତାର ରକ୍ଷଣାବେକ୍ଷଣ କରିବାକୁ ପଡିବ। ଏଥିପାଇଁ ନୟାଗଡ ବ୍ଲକ ପକ୍ଷରୁ ନୂଆ ଗଛ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଜବ୍‌କାର୍ଡ ଅପ୍‌ଡେଟ ହେଉନି :** ନୟାଗଡ଼ ବ୍ଲକରେ ଏମଜିଏନ୍‌ଆରଇଜିଏସ୍‌ରେ ୨୨ ହଜାର ୪୧୦ ପରିବାରର ୪୧ ହଜାର ୬୦୦ ବ୍ୟକ୍ତି ଜବ୍‌କାର୍ଡ ପାଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ୬ ହଜାର ୮୭୧ ପରିବାରର ୯ ହଜାର ୯୨୩ ବ୍ୟକ୍ତିଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇ ୨ ଲକ୍ଷ ୨ହଜାର ୩୭୫ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ତେବେ ଗାଁ ସାଥି ଓ ଗ୍ରାମ ରୋଜଗାର ସେବକ ଜବ୍‌କାର୍ଡଗୁଡିକ ଅପ୍‌ଡେଟ କରୁ ନ ଥିବା ଅଭିଯୋଗ ଉଠିଛି। ଏଣୁ ସରକାରୀ ତଥ୍ୟ ଠିକ୍‌ରେ ମିଳିବା କଷ୍ଟକର ହେଉଛି। ଆଗକୁ ଏପରି ନ ହେବାକୁ ନୟାଗଡ଼ ବିଡିଓ ତାଗିଦ୍ କରିଛନ୍ତି। ୭ଦିନ ଭିତରେ ଜବ୍‌କାର୍ଡ ଅପ୍‌ଡେଟ ନ କଲେ ୧ ହଜାର ଫାଇନ ଆଦାୟ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚୈତନ୍ୟ


@ ଦେବାଦତ୍ତ


@ ନିରୂପମା


@ ପିଙ୍କି


@ ଶୁଭକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା

## ଅସନ୍ତୋଷ ପ୍ରକାଶ କଲେ ସରପଞ୍ଚ

ଖଣ୍ଡପଡ଼ା,୨୬।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅନେକ ଅଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରୀୟାରେ ସାମିଲ କରାଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଥିବା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଛି । ମାତ୍ର ଏ ଦିଗରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ତେବେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ହୋଇଥିବା ଅନିୟମିତତାକୁ ନେଇ ମୁହଁ ଖୋଲିଛନ୍ତି ସରପଞ୍ଚ ଫକୀର ମୋହନ ଦାସ । ତାଙ୍କର ସୂଚନା ମୁତାବକ ବ୍ଲକ ପ୍ରଶାସନ ପକ୍ଷରୁ ୩ଥର ତଦନ୍ତ ସତ୍ତ୍ୱେ ବହୁଗରିବ ତଥା ଯୋଗ୍ୟ ହିତାଧିକାରୀ ଆବାସ ଯୋଜନା ହିତାଧିକାରୀ ତାଲିକାରୁ ବାଦ୍ ପଡିଥିବା ବେଳେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ବୋଲି କାଗଜପତ୍ରରେ ଦର୍ଶାଯାଇ ଆବାସ ଯୋଜନାରେ ଗୃହ ପ୍ରଦାନ ନିମନ୍ତ ମସୁଧା ଚାଲିଛି ବୋଲି ସରପଞ୍ଚ ଦାସ ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ଖଳିସାହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ୧୨୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଆବାସ ଯୋଜନାରେ ବାସଗୃହ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ରହିଛି । ଏ ପରିପ୍ରେକ୍ଷୀରେ ବ୍ଲକ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ୪୦ ଜଣଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ ସହ ପ୍ରଥମ କିସ୍ତି ବାବଦ ଅନୁଦାନ ଅର୍ଥ ପ୍ରଦାନ କରାଯାଇଛି । ଉକ୍ତ ୪୦ ଜଣ ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣ ଯୋଗ୍ୟ ଓ କେତେଜଣ ଅଯୋଗ୍ୟ ଏ ସଂପର୍କରେ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସରପଞ୍ଚ ଦାସ ଦାବି କରିଛନ୍ତି। ଏ ସଂପର୍କରେ ସେ ଖଣ୍ଡପଡା ବିଡିଓ ଓ ନୟାଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ ପ୍ରକାଶ କରିଛନ୍ତି ।

# ୨ଲକ୍ଷ ୨୪ହଜାର ୮୦୯ ଶ୍ରମ ଦିବସ ସୃଷ୍ଟି


ବ୍ଲକସ୍ତରୀୟ ଏମ୍‌ଜିଏନଆର୍‌ଇଜିଏସ୍ ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ଜନ ପ୍ରତିନିଧି ଓ ଅନ୍ୟମାନେ।

ଖଣ୍ଡପଡ଼ା,୨୬।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ସଂପର୍କୀତ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲା ଗ୍ରାମ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଖଣ୍ଡପଡ଼ା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ପ୍ରଶାସନ ଅଧିକାରୀ ବିଜୟ କୁମାର ବଳିୟାର ସିଂ, ଅମନଜିତ ସାହୁ, ଏବିଡିଓ ସୁବାସ ଚନ୍ଦ୍ର ସେଠୀ, ଏପିଓ ଜୟନ୍ତୀ ମିଶ୍ର, ଜିଲା ପରିଷଦ ସଭ୍ୟା ଉଜଳ ମହାରଣା, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ ୨୦ହଜାର ୭ଶହ ୭୫ଟି ପରିବାରଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରୁ ୩ହଜାର ୩ଶହ ୭୩ ଜଣ ଅନୁସୂଚିତ ଜାତି, ୬୫୪ ଜଣ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ବର୍ଗର ୧୬ହଜାର ୭ଶହ ୪୮ ପରିବାର ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସର୍ବମୋଟ ୬ହଜାର ୪ଶହ ୭୯ ପରିବାରର ୧୦ହଜାର ୪ଶହ ୮୬ ଜଣ ବ୍ୟକ୍ତିଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ବେଳେ ୨ଲକ୍ଷ ୨୪ହଜାର ୮୦୯ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ୯୦ ଗୋଟି ପରିବାର ୧୦୦ ଦିନର କାମଧନ୍ଦା ପାଇଥିବା ଜଣା ପଡିଛି । ସେହିପରି ଅଣକୁଶଳୀ ଶ୍ରମିକ ବାବଦରେ ୫୪୨. ୪୨ ଲକ୍ଷ , କୁଶଳୀ ଓ ଅଣ କୁଶଳୀ ଶ୍ରମିକଙ୍କ ଖର୍ଚ୍ଚ ବାବଦରେ ୩୩.୦୭ ଲକ୍ଷ, ସାମଗ୍ରୀ ବାବଦକୁ ୪.୨୬ ଲକ୍ଷ ଏହି ପରି ସର୍ବମୋଟ ୬୬୭.୮୮ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ଅଦ୍ୟାବଧି ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗ ଜରିଆରେ ୮ହଜାର ୪୫ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ୫ହଜାର ୪ଶହ ୫୧ ଗୋଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ବେଳେ ୧୦୪ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି ।

# କାରଗିଲ ବିଜୟ ଦିବସରେ ବଟ ଚାରା ରୋପଣ

ଖଣ୍ଡପଡ଼ା,୨୬।୭(ଅଜୟ କୁମାର ମହାରଣା)



ଜୁଲାଇ ୨୬କୁ ସାରା ଦେଶରେ କାରଗିଲ ବିଜୟ ଦିବସ ଭାବେ ପାଳନ କରାଯାଉଛି । ଏହି ଯୁଦ୍ଧରେ ଶହୀଦ ହୋଇଥିବା ୫୨୬ଜଣ ସୈନିକ ଓ ୨୬ ଜଣ ପଦାଧିକାରୀ ଅଫିସରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ସ୍ଥାନୀୟ ଅଞ୍ଚଳର ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ବିଭିନ୍ନ ଚାରା ସହ ବରଗଛ ରୋପଣ କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିବା ସତ୍ତ୍ୱେ କାରଗିଲ ବିଜୟ ଦିବସରେ ଚାରା ରୋପଣ ସହ ବଟବୃକ୍ଷର ସୁରକ୍ଷା ଦିଗରେ ସାହୁ ସଂପୃକ୍ତ ବଟବୃକ୍ଷର ଯତ୍ନ ନେଉଥିବା ପରିଲକ୍ଷିତ ହୋଇଛି । ଏହାଛଡା ଆଜି ଦିନର ସ୍ମୃତି ଉଦ୍ଦେଶ୍ୟରେ କଣ୍ଟିଲୋ, ଧାନଚେଙ୍ଗଡା ଓ ବିଭିନ୍ନ ମାଳବନ୍ଧରେ ତାଳ ଓ ଖଜୁରୀ ମଞ୍ଜି ରୋପଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଗୌରାଙ୍ଗ ସାହୁ ଓ ପିତଳ କାରିଗର ଅଖିଳ କୁମାର ମହାପାତ୍ର ଏଥିରେ ସହଯୋଗ କରିଥିଲେ ।

# ମଣିପୁର ଘଟଣା ନେଇ ପ୍ରତିବାଦ ସଭା

ରଣପୁର,୨୬।୭(ସୁକାନ୍ତ କିଶୋର ଡାକୁଆ)




ଶ୍ରମିକ ସଙ୍ଗଠନ ସିଟୁ, ଓଡିଶା କୃଷକ ସଭା, କ୍ଷେତ ମଜଦୁର ୟୁନିୟନ ତରଫରୁ ମଣିପୁରରେ ଚାଲି ଥିବା ମହିଳା ନିର୍ଯାତନା, ଜଘନ୍ୟ ହତ୍ୟାକାଣ୍ଡ, ଜନଜୀବନ ସଙ୍କଟକୁ ବିରୋଧ କରି ମଙ୍ଗଳବାର ରଣପୁର ପଞ୍ଚୁଦୋଳ ପଡିଆ ଶହୀଦ ମଣ୍ଡପଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କ୍ଷେତ ମଜଦୂର ୟୁନିୟନର ରାଜ୍ୟ ନେତା ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ । ମଣିପୁରରେ ଆର୍‌ଏସ୍‌ଏସ୍ ପରିଚାଳିତ ଭାଜପାର ବିରେନ୍ଦ୍ର ସିଂ ସରକାର ଦୀର୍ଘ ପ୍ରାୟ ତିନି ମାସ ହେଲା ଜାତିଗତ ବିବାଦ ଓ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରୁଛନ୍ତି ବୋଲି ବକ୍ତାମାନେ କହିଥିଲେ । ଯେତେବେଳେ ମଣିପୁର ଜଳୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ଦେଶ ବୁଲୁଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ନିଷ୍କ୍ରିୟ ଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଶାହା ଓ ମୁଖ୍ୟମନ୍ତ୍ରୀ ସିଂ ଇସ୍ତଫା ଦେବାପାଇଁ ବକ୍ତାମାନେ ଦାବି କରିଥିଲେ। ପ୍ରତିବାଦ ସଭାରେ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ସଂଯୁକ୍ତା ସେଠୀ, ସୁକାନ୍ତି ଜେନା, ଗଦାଧର ପ୍ରଧାନ,ସୁଶୀଲ ମହାନ୍ତି ଓ ସବ୍ୟସାଚୀ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଯୌତୁକ ନିର୍ଯାତନା ମାମଲା, ୩ ନିର୍ଦ୍ଦୋଷ

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫ୍‌ସି ) ଶିବାନୀ ମିଶ୍ର ଏକ ଯୌତୁକ ନିର୍ଯାତନା ମାମଲାର ରାୟ ପ୍ରକାଶ କରିଥିଲେ। ୭ ବର୍ଷର ବିଚାରଣା ପରେ ପ୍ରମାଣ ଅଭାବରୁ ସେ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଛତ୍ରପୁର ବାସନାପଲିର ଶିବ ଶଙ୍କର ଦାଶ, ଶ୍ୱଶୁର ଭାସ୍କର ଚନ୍ଦ୍ର ଦାଶ ଓ ଶାଶୁ ସୁବାସିନୀ ଦାଶ। ୨୦୧୫ ଫେବୃୟାରୀ ୧୫ରେ ଶିବ ଶଙ୍କର ଦାଶ ଲାଞ୍ଜିପଲ୍ଲୀର ସ୍ୱାଗତିକା ଷଡଙ୍ଗୀଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଏହାର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ସ୍ୱାଗତିକାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ତଡ଼ି ଦେଇଥିଲେ। ମହିଳା ଜଣଙ୍କ ଏନେଇ ୨୦୧୬ ମେ ୪ ତାରିଖରେ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଆକ୍ରମଣ, ପ୍ରତି ଆକ୍ରମଣ ମାମଲା: ୨ କୋର୍ଟ ଚାଲାଣ

ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଚୌଧୁରୀ. ଟିକରପଡା ପଞ୍ଚାୟତ ଢେପାପେଣ୍ଠ ଛକରେ ହୋଇଥିବା ଆକ୍ରମଣ ପ୍ରତି ଆକ୍ରମଣ ମାମଲାରେ ବୁଧବାର କେ . ନୂଆଗାଁ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବଜ୍ରଗୁମା ଗ୍ରାମର ସନାତନ ସାହୁ ଓ ଢେପାପେଣ୍ଠ ଗ୍ରାମର ସଞ୍ଜୟ ସାହୁ। ଗତ ପଞ୍ଚାୟତ ନିର୍ବାଚନ ପରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ପୂର୍ବରୁ କନ୍ଦଳ ଲାଗି ରହିଥିଲା। ଗତ ମେ ୪ରେ ସନାତନ ଭ୍ରମରପୁର ଗ୍ରାମରୁ କାମ ସାରି ବାଇକ ଯୋଗେ ଫେରୁଥିବା ବେଳେ ଢେପାପେଣ୍ଠ ଗାଁ ଛକରେ ଶିକ୍ଷକ କାଳୁଚରଣ ସାହୁଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଉଭୟଙ୍କୁ ଆକ୍ରମଣ କରିଥିଲେ। କିଛି ସମୟ ପରେ ଶିକ୍ଷକଙ୍କ ପୁଅ ସଞ୍ଜୟଙ୍କ ସମେତ କିଛି ଯୁବକ ସନାତନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଆହତ ସନାତନଙ୍କୁ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଖଣ୍ଡପଡ଼ା,୨୬।୭ (ଅଜୟ କୁମାର ମହାରଣା)



## ଷ୍ଟାଫ ନର୍ସ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୭ ପଞ୍ଚାୟତର ଜନସାଧାରଣ କଣ୍ଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି । ଏଠାରେ ୨ଜଣ ଡ଼ାକ୍ତର ଅଛନ୍ତି । ହେଲେ ଆବଶ୍ୟକ ଷ୍ଟାଫ ନର୍ସ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ଗତ କିଛି ବର୍ଷ ହେଲା ପ୍ରସୂତି ଓ ଅସ୍ତ୍ରୋପଚାର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ସ୍ୱାସ୍ଥ୍ୟକେନ୍ଦ୍ରର ସୀମିତ ସଂଖ୍ୟକ କର୍ମଚାରୀ ଯୋଗୁ ରୋଗୀମାନଙ୍କୁ ଆବଶ୍ୟକ ସେବା ପ୍ରଦାନ କରାଯାଇ ପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡିଆ, ପଥରଚକଡା, କେନ୍ଦୁପଲ୍ଲୀ, ଧାନଚେଙ୍ଗଡା ଓ ବାଉଁଶବାଟି ଆଦି ୭ ପଞ୍ଚାୟତ ସମେତ କଟକ ଓ ନୟାଗଡ଼ ଜିଲା ସୀମାନ୍ତ ଏକଡାଳ, ନରସିଂହପୁର ଅଞ୍ଚଳର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି । ଏହାଛଡା ନୀଳମାଧବ ପୀଠକୁ ଆସୁଥିବା ପର୍ଯ୍ୟଟକମାନେ ବି ଆବଶ୍ୟକ ସ୍ଥଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାଆନ୍ତି । ଏପରି ସ୍ଥଳେ ସେଠାରେ ଜଣେ ଆୟୁଷ(ହୋମିଓପାଥିକ )ମହିଳା ଡ଼ାକ୍ତର, ଜଣେ ଏଲୋପାଥିକ ଡ଼ାକ୍ତର, ଜଣେ ଫାର୍ମାସିଷ୍ଟ, ୩ ଜଣ ପରିବର୍ତ୍ତେ ଜଣେ ଷ୍ଟାଫ୍ ନର୍ସ ଥିବାରୁ ସ୍ୱାସ୍ଥ୍ୟସେବା ଯୋଗାଇବା ଅସମ୍ଭବ ହୋଇ ପଡୁଛି । ନିଯୁକ୍ତି ପାଇଥିବା ୩ ଜଣ ଷ୍ଟାପ ନର୍ସଙ୍କ ମଧ୍ୟରୁ ଗତ ୨/୩ ମାସ ହେଲା ୨ଜଣ ଅନ୍ୟତ୍ର ବଦଳି ହୋଇଯାଇ ଥିବା ବେଳେ ସେମାନଙ୍କ ସ୍ଥାନରେ କୌଣସି ଷ୍ଟାଫ୍‌ନର୍ସଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରେକର୍ଡ ସଂଖ୍ୟକ ଗର୍ଭବତୀ ଏବଂ ବିଭିନ୍ନ ଅସ୍ତ୍ରୋପଚାର ରୋଗୀ ଆସୁଛନ୍ତି । ଦୈନିକ ୧୫୦ ରୋଗୀଙ୍କୁ ସେବା ଯୋଗାଉ ଥିବା ଏହି ଡାକ୍ତରଖାନା ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏକମାତ୍ର ଇନଚାର୍ଜ ଆୟୁଷ ଡାକ୍ତର ଯେତେବେଳେ ସରକାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି ସେତେବେଳେ ରୋଗୀ ସେବା ଅଣାୟତ ହୋଇପଡୁଛି । ସପ୍ତାହକୁ ପ୍ରାୟ ୪ରୁ ୫ ଦିନ ଦୁର୍ଘଟଣାଜନିତ ରୋଗୀ ଅବା ଜରୁରୀକାଳୀନ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରିବାକୁ ପଡିଥାଏ । ସଂପ୍ରତି ବର୍ଷାଋତୁ ସମୟରେ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ଘଟିବାର ଆଶଙ୍କା ରହିଥିବା ବେଳେ ସାମାନ୍ୟ ଥଣ୍ଡା, ଜ୍ୱର ଓ କାଶ ଲକ୍ଷଣ ଦେଖାଗଲେ କଣ୍ଟିଲୋ ଓ ଏହାର ଆଖପାଖ ୫୦/୬୦ ଖଣ୍ଡ ମୌଜାରୁ ବହୁ ରୋଗୀ ଏଠାରେ ଭିଡ ଲଗାଉଛନ୍ତି। ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଫାର୍ମାସିଷ୍ଟଙ୍କ ସହ ଷ୍ଟାଫ ନର୍ସଙ୍କ ଜରୁରୀ ଆବଶ୍ୟକତା ରହିଛି । ସମ୍ପ୍ରତି ରାଜ୍ୟ ସରକାର ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡା(ଆଣ୍ଟି ରାବିସ) ପ୍ରତିଶୋଧକ ଇଞ୍ଜେକଶନ ରଖିବାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ(ଡିସି) ଡାକ୍ତର ନୌସଦ୍ଦ ଅଲ୍ଲୀଖାଁ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି କୁକୁର କାମୁଡା ଇଞ୍ଜେକଶନ ଉପଲବ୍ଧ ହେବାର ସୂଚନା ଦେଇଛନ୍ତି । ଏଣୁ ଜଣେ ମାତ୍ର ଷ୍ଟାଫ ନର୍ସ ରୋଗୀ ସେବା ସହ ଅନ୍ୟ କାର୍ଯ୍ୟ ପରିଚାଳନା କରିବା ଅସମ୍ଭବ ହୋଇପଡିଛି । ଏଠାରେ ଆଉ ଜଣେ ଡ଼ାକ୍ତର/ସ୍ତ୍ରୀ ରୋଗ ବିଶେଷଜ୍ଞ କିମ୍ବା ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ଆବଶ୍ୟକ ସଂଖ୍ୟକ ଷ୍ଟାଫ ନର୍ସ ଓ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଛି । ଏ ସମ୍ପର୍କରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ରମାକାନ୍ତ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

**ଏନ୍‌ଡିଏରେ କେବଳ ୩ ମଜଭୁତ ପାର୍ଟି ରହିଛି, ଇଡି, ସିବିଆଇ, ଆଇଟି: ଉଦ୍ଧବ ଠାକ୍‌ରେ**

**ପୁଣେ:** ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ବୁଧବାର ଭାରତୀୟ ଜନତା ପାର୍ଟି(ଭାଜପା)କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ନାଶନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ)ରେ କେବଳ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗ(ଆଇଟି) ଏବଂ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଭଳି ତିନିଟି ଶକ୍ତିଶାଳୀ ଦଳ ଅଛି। ନିକଟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ବୈଠକକୁ ନେଇ ଉଦ୍ଧବ କହିଛନ୍ତି, ନିର୍ବାଚନ ପାଖେଇ ଆସିଲେ, ଭାଜପା ପାଇଁ ଏନ୍‌ଡିଏ ସରକାର ହୋଇଥାଏ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଲତିକା
ପରିବାରବର୍ଗ


ବରୁଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାର୍ଲାମେଣ୍ଟ, ବିଧାନସଭା | ୩୩% ମହିଳା ସଂରକ୍ଷଣ ଦାବି ଦୋହରାଇଲା ବିଜେଡି

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ଦାବିକୁ ବିଜେଡି ପୁଣି ଦୋହରାଇଛି। ରାଜ୍ୟ ସଭାରେ ମହିଳା ସଂରକ୍ଷଣ ଦାବି ଉଠାଇ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ସଶକ୍ତ ଭାରତ ଲାଗି ମହିଳାଙ୍କ ପ୍ରତିନିଧିତ୍ୱକୁ ବିଜେଡି ଅଗ୍ରାଧିକାର ଦେଇଆସୁଛି। କେନ୍ଦ୍ର ସରକାର ଏହାକୁ ନେଇ ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି। ଅନ୍ୟପଟେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ବାରମ୍ବାର ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ଗୃହୀତ କରିବା ଲାଗି ଦାବି କରିଆସୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ଲୋକ ସଭା ଟିକେଟ ମହିଳାଙ୍କୁ ଦେଇ ଐତିହାସିକ ପଦକ୍ଷେପ ନେଇଥିଲେ।

ସେହିପରି ବିଜେଡି ପ୍ରତିନିଧିମଣ୍ଡଳୀ ବିଭିନ୍ନ ରାଜନୈତିକ ଦଳକୁ ବୁଝାଇ ସମର୍ଥନ ମାଗିଥିଲେ। ବିଜେଡିର ଏହି ପଦକ୍ଷେପକୁ ଅନେକ ରାଜନୈତିକ ଦଳ ମଧ୍ୟ ସମର୍ଥନ କରିଛନ୍ତି। ଏହା ସତ୍ତ୍ୱେ ଏଯାଏ ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ପାସ୍ ହୋଇପାରିଲାନି। ରାଜ୍ୟ ସଭାରେ ତୁରନ୍ତ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାକୁ ସସ୍ମିତ ଦାବି କରିଛନ୍ତି। ଏହାଦ୍ୱାରା ଦେଶକୁ ସଶକ୍ତ ମହିଳା ପ୍ରତିନିଧି ମିଳିବା ସହ ୬୬ କୋଟି ମହିଳାଙ୍କ ସ୍ୱପ୍ନ ପୂରଣ ହେବ ବୋଲି ସେ କହିଛନ୍ତି।

# ଦ୍ୱିତୀୟ ଥର ପାଇଁ ଏକାଠି ହେଲେ ୧୭ ରାଜନୈତିକ ଦଳ

## ମଣିପୁର ଘଟଣାରେ ବିଜେଡିର ନୀରବତା ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୨ୟ ଥର ଲାଗି ବୁଧବାର ରାଜ୍ୟର ଅଣଭାଜପା ଓ ବିଜେଡିକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ୧୭ଟି ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଛନ୍ତି। ରାଜ୍ୟ କଂଗ୍ରେସ ପକ୍ଷରୁ ପିସିସି ସଭାପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସିପିଆଇ (ଏମ୍)ରୁ ଅଳିକିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସମୃଦ୍ଧ ଓଡ଼ିଶାରୁ ଯତୀଶ ମହାନ୍ତି, ସମାଜବାଦୀ ପାର୍ଟିରୁ ରବି ବେହେରା, ଆର୍‌ଜେଡିର ହେମନ୍ତ କୁମାର, ସିପିଆଇରୁ ଅଭୟ ସାହୁ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇ(ଏମ୍‌ଏଲ୍)ରୁ ଯୁଧିଷ୍ଠିର ମହାପାତ୍ର, ଏନ୍‌ସିପିରୁ ବିକ୍ରମ ସ୍ୱାଇଁ, ଫରୱାର୍ଡ ବ୍ଲକରୁ ଜ୍ୟୋତିରଞ୍ଜନ ମହାପାତ୍ର, ସମତାକ୍ରାନ୍ତିରୁ ପ୍ରଭାତ ସାମନ୍ତରାୟ, ସିପିଆଇ ରେଡ୍ ଷ୍ଟାରରୁ ପ୍ରମିଳା ବେହେରା, ଆର୍‌ପିଆଇରୁ ଶେଖ୍ ଅବଦୁଲ୍ ୱାଲି, ଟିଏମ୍‌ସିରୁ ନନ୍ଦନ ପାଲ, ଏଏପିରୁ ସଞ୍ଜୀବ ମହାନ୍ତି, ଜେଏମ୍‌ଏମ୍‌ରୁ ଶିବାଜୀ ମୌଳିକ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରଥିଲେ। ବୈଠକରେ କେନ୍ଦ୍ର ସରକାର ଏବଂ ମଣିପୁର ଘଟଣାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଏହି ଘଟଣାରେ ବିଜେଡି ଚୁପ୍ ରହିବା କଥାକୁ ନେଇ ପ୍ରଶ୍ନ ଉଠାଯାଇଛି।

ଏହି ବିରୋଧୀ ଦଳଗୁଡ଼ିକର ନେତୃବୃନ୍ଦମାନେ ମଣିପୁରରେ ଗତ ମେ ୩ ତାରିଖରେ ଘଟିଥିବା ଲୋମହର୍ଷଣକାରୀ ଓ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଟୁ ସମାଲୋଚନା କରିଛନ୍ତି। ଏହା ମାନବ ଜାତି ପ୍ରତି ଅତି କ୍ରୁର ଉପହାସ ବୋଲି ପିସିସି ସଭାପତିଙ୍କ ସମେତ ସମସ୍ତ ଅନ୍ୟମାନେ କହିଛନ୍ତି। କେନ୍ଦ୍ରର ଭାଜପା ସରକାର ଏ ସମସ୍ତ ଘଟଣାକୁ ସମ୍ପୂର୍ଣ୍ଣ ଚପାଇଦେବାକୁ ଉଦ୍ୟମ କରିଥିଲେ। ଦୀର୍ଘ ୮୪ ଦିନ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏଭଳି ଜଘନ୍ୟ ଘଟଣା ଉପରେ ତାଙ୍କର ମନ୍ତବ୍ୟ ପାର୍ଲାମେଣ୍ଟରେ ରଖୁନାହାନ୍ତି। ବିଜେଡି ସରକାର ଏଭଳି ବର୍ବରୋଚିତ ଘଟଣାକୁ ନିନ୍ଦା ନ କରି ଚୁପ୍ କାହିଁକି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି। ବୈଠକ ପରେ ଖବରଦାତାଙ୍କୁ ଶରତ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ସରକାର ଭାରତବର୍ଷର ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଅନୁଷ୍ଠାନ ଉପରେ ପ୍ରଚଣ୍ଡ ପ୍ରହାର କରିଚାଲିଛନ୍ତି। ରାଜ୍ୟରେ ଦୀର୍ଘ ୨୪ ବର୍ଷ ହେଲା ବିଜେଡି ସରକାର ଓଡ଼ିଶାକୁ ଗରିବ ରାଜ୍ୟରେ ପରିଗଣିତ କରିଛନ୍ତି। ରାଜ୍ୟରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ସରକାରକୁ ପରିବର୍ତ୍ତନ କରିବା ପାଇଁ ମିଳିତ ମଞ୍ଚ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବ। ଆସନ୍ତା ଅଗଷ୍ଟ ୧୧ରେ ଏକ ହଜାରରୁ ଊର୍ଦ୍ଧ୍ୱ ସର୍ବଦଳର ନେତୃବୃନ୍ଦଙ୍କୁ ନେଇ ଏକ ସମ୍ମିଳନୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।


ବୈଠକରେ ଯୋଗଦେଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି।

# ମଣିପୁର ଘଟଣାରେ ରାସ୍ତାକୁ ଓହ୍ଲାଇଲା ମହିଳା କଂଗ୍ରେସ


ମଣିପୁର ଘଟଣାକୁ ବିରୋଧ କରି ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବୁଧବାର ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ସାରା ଭାରତ ଓ ବିଶ୍ୱରେ ମଣିପୁର ଘଟଣାକୁ ନେଇ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ମେ ୩ ରେ ମଣିପୁରର ୩ ଜଣ କୁକି ସମ୍ପ୍ରଦାୟ ଆଦିବାସୀ ମହିଳାଙ୍କୁ ମେଇତି ସମ୍ପ୍ରଦାୟର ଲୋକମାନେ ପୋଲିସ ହେପାଜତରୁ ଛଡ଼ାଇନେଇ ତାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରିଥିଲେ। ଏହାସହ ହଜାର ହଜାର ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ଚଲାଇ ଚଲାଇ ନେଇଥିଲେ। ସେମାନଙ୍କ ପରିବାରବର୍ଗ ପ୍ରତିବାଦ କରିବାରୁ ସେମାନଙ୍କୁ ମାରିବା ସହ ଏହି ୩ ମହିଳାଙ୍କୁ ଗଣବଳାତ୍କାର କଲେ। ଉକ୍ତ ଘଟଣାକୁ ବିରୋଧକରି ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ

## ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲେ

ଶତାଧିକ ମହିଳା କର୍ମୀ କେନ୍ଦ୍ର ଏବଂ ମଣିପୁର ସରକାର ବିରୋଧରେ ବର୍ଷିଥିଲେ। ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବୁଧବାର ମହିଳା କଂଗ୍ରେସର କର୍ମୀମାନେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିଛନ୍ତି। ଏହି ଘଟଣାରେ ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯିବା ସହ ସେଠାରେ ରାଷ୍ଟ୍ରପତି ଶାସନ ଜାରି ହେଉ ବୋଲି ମହିଳା କଂଗ୍ରେସ ଦାବି କରିଛି।

ବନ୍ଦିତା କହିଛନ୍ତି, ଉକ୍ତ ଘଟଣାକୁ ନେଇ ପୋଲିସ ଷ୍ଟେଶନରେ ମାମଲା ରୁଜୁ କରାଗଲା, କିନ୍ତୁ ବିଡ଼ମ୍ବନା କଥା ଏହି ଘଟଣାକୁ ଗତ ଜୁନ୍ ୧୯ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜାଣିଶୁଣି ଚାପିରଖିଥିଲେ। ପ୍ରଧାନମନ୍ତ୍ରୀ ଦୀର୍ଘ ୮୩ ଦିନ ପର୍ଯ୍ୟନ୍ତ ଏ ଘଟଣା ବାବଦରେ ପଦୁଟିଏ ବି ମୁହଁ ଖୋଲୁନାହାନ୍ତି। ଏପରିକି ୫ ଦିନ ହେଲା ସମସ୍ତ ବିରୋଧୀ ଦଳର ଦାବି ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସଂସଦକୁ ଆସୁନାହାନ୍ତି କି ଉତ୍ତର ରଖୁନାହାନ୍ତି। ରାଜ୍ୟରେ ବିଜେଡି ସବୁବେଳେ ମହିଳା ସଶକ୍ତୀକରଣ କଥା କହୁଥିଲାବେଳେ ମଣିପୁର ଘଟଣାରେ କାହିଁକି ସମ୍ପୂର୍ଣ୍ଣ ଚୁପ୍ ବୋଲି ସେ ପ୍ରଶ୍ନ କରିଛନ୍ତି।

# ବର୍ଷାଦିନେ କିପରି ଦିଆଗଲା ଗୃହ ନିର୍ମାଣ କାର୍ଯ୍ୟାଦେଶ: ଭାଜପା

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ବହୁ ତୁମ୍ବିତୋଫାନ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଗତ ଜୁନ୍ ୧୬ ରୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ସହ ୪୦ ହଜାର ଟଙ୍କା ଦେଇଛନ୍ତି ଏବଂ ଅବଶିଷ୍ଟ ରାଶି ୨ଟି କିସ୍ତିରେ ଗୃହ କାର୍ଯ୍ୟର ଅଗ୍ରଗତି ନେଇ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ହିତାଧିକାରୀ ୪ ମାସ ମଧ୍ୟରେ ଗୃହକାର୍ଯ୍ୟ ସମାପ୍ତ କରିବେ ସେମାନଙ୍କୁ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ରାଜ୍ୟ ସରକାର ବର୍ଷାଦିନେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ କିପରି ପ୍ରଦାନ କରିଛନ୍ତି ବୋଲି ଭାଜପା ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ କୋଠା, ପୋଲ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ବର୍ଷାଦିନ ପାଇଁ ଶିଥିଳ ପଡିଯାଇଛି। ଏ କ୍ଷେତ୍ରରେ ବର୍ଷାଦିନେ ହିତାଧିକାରୀ ଗୃହକାର୍ଯ୍ୟ କରିବା କଷ୍ଟଦାୟକ ବ୍ୟାପାର। ଏ ଦିନରେ ଗୃହ ନିର୍ମାଣ ସାମଗ୍ରୀ ଚଢ଼ାଦରରେ ମିଳେ ଏବଂ ହିତାଧିକାରୀ ଘର ପାଖକୁ ମଧ୍ୟ ଗୃହ ନିର୍ମାଣ ସାମଗ୍ରୀ ସହଜରେ ପହଞ୍ଚିପାରେ ନାହିଁ। ଫଳରେ ଘର ନିକଟକୁ ଗୃହସାମଗ୍ରୀ ନେବା ପାଇଁ ତାଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ବର୍ଷାଦିନେ ଗାଁ ଗହଳିରେ ଲୋକେ ଚାଷବାସରେ ବ୍ୟସ୍ତ ରହୁଥିବାରୁ ଗୃହ କାର୍ଯ୍ୟ ପାଇଁ ଶ୍ରମିକ ମିଳିବା କଷ୍ଟକର। ତେବେ ଲୋକସେବା ଭବନରେ ବଡ଼ ଅଫିସରଙ୍କ ସର୍ବନିମ୍ନ ଜ୍ଞାନ ଅଭାବ କାରଣରୁ ଏହି ୪ ମାସର ଅବଧି ନିଷ୍ପତ୍ତି ପାଇଁ ହିତାଧିକାରୀ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେବାକୁ ଯାଉଛି ବୋଲି ରାଜେନ୍ଦ୍ର କହିଛନ୍ତି।


# Classified Everyday

**0674-2580101, 2549949**




**SALE**

Gharabari plot sale at Pipli, near Puri by-pass, adject to NH with boundarywall, plantation, Electricity. Contact: 7008346486. D-74556

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-74895




04 BHK Four Flats Suitable Office Guestroom Hostel Residential Hi-tech Sundarpada- 8093199489. D-0749




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Spa Kerala Body Massage only best Therapist @699/- Bhubaneswar. 9337672475. D-0857

Newly opened (One8 Spa) / (Salon Service) with expert therapist, 9938843929. D-75136

**Relax, Refresh your body, mind at Saikrupa Spa with best therapies. 8984068077.** D-0921

**AFFIDAVIT**

I, Bharati Mishra, W/o Artabandhu Mishra, R/o- Flat No.D-3, Hitech Plaza, Sundarpada, P.S.: Airfield, Bhubaneswar, Khurda declare by this affid. No.-19 dated 24.07.2014 that now onwards I shall be known as Sachitra Mishra for all future purposes. D-75133

I, Tushara Ranjan Mishra, S/o Artabandhu Mishra, R/o- Flat No.: D-3, Hitech Plaza, Sundarpada, P.S.: Airfield, Bhubaneswar, Khurda declare by this Affid. No.-18 dated 24.07.2014 that now onwards I shall be known as Tushar Ranjan Mishra for all future purposes. D-75134

I, Tripatilata Khamari/ Trupti Gartia, W/o Sanjaya Kumar Gartia, R/o Qr. No. MQ/38, CGM Complex, IB Valley Area, MCL, Brajrajnagar, Jharsuguda, Orissa have changed my name to Tripti Gartia. D-0915

I, Girija Shankar Puhan, S/o Madhab Chandra Puhan, At/ P.O./P.S.- Basudebpur, Dist.- Bhadrak, Pin- 756125 declare that in my Passport No.- Z2793192 my father's name is wrongly mentioned Madhaba Chandra Puhan instead of Madhab Chandra Puhan. By this affidavit No.4471 Dt.14.07.2023 in the Court of Executive Magistrate, Basudebpur. That now onwards I shall be known as Girija Shankar Puhan, S/o Madhab Chandra Puhan for all future purposes. D-0907

I, Sarita Chakraborty, W/o Abhijet Chakraaborti, resident of 260/1393, Cuttack Road Bhubaneswar - 751006 Odisha, declare by virtue of affidavit No.23 Dated - 08.09.2021, that I shall be known as Soriita Chakraaborti for all future purposes. D-0922

I, P.Pratap Kadambini Symaleen, W/o Abhijeet Das, aged 32 years, residing at L-1, Udayagiri vihar, BDA Colony, Patrapada, Bhubaneswar, Odisha- 751019, have changed my name to Symaleen Das vide affidavit dated 30.01.2023, sworn before Executive Magistrate, Bhubaneswar. Henceforth, I shall be known as Symaleen Das for all purposes. D-0913

By virtue of affidavit before Executive Magistrate, Chatrapur, I, Kailash Chandra Agarwal, S/o Late Prabhu Dayal Agarwal as per my Aadhaar Card ...... 7655 and Pan Card No. ADTPA 9146R but in my Passport (J3043879/17.04.2012) recorded as Kailash Chandra Agrwal. Both Kailash Chandra Agarwal & Kailash Chandra Agrwal are one and same person. Henceforth, I shall be known as Kailash Chandra Agarwal in all correspondences. D-0920

**LOST**

ମୁଁ ଶ୍ରୀ କୁଳମଣି ପାତ୍ର, ପ୍ଲଟ୍ ନମ୍ବର-୨୦୦୩, ଶବରସାହି ଲେନ୍, କଳ୍ପନା ଏରିଆ, ପିନ୍ ନମ୍ବର-୭୫୧୦୧୪, ପୋଲିସ ଷ୍ଟେସନ୍-ଲକ୍ଷ୍ମୀସାଗର, ଫୋନ୍ ନମ୍ବର-୭୩୭୭୮୭୩୭୯୨ର ବାସିନ୍ଦା। ମୁଁ କାଲି ତା।୨୫।୦୭।୨୦୨୩ରିଖ ଦିନ ୧୨ଟାରୁ ୨ଟା ଭିତରେ ମୋ ଜାଗା ବିକ୍ରି କରିବାକୁ ଶବରସାହିରୁ ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାର ଅଫିସ୍ ବାଟରେ ଯିବାବେଳେ ମୋର ମୂଳ ସେଲ୍-ଡିଡ୍ ନମ୍ବର-୬୩୨୯ ତା।୦୧।୦୭।୧୯୮୭, ମୂଳ ROR ନମ୍ବର-୧୯୯, BDA ପ୍ଲାନ୍ ତା।୧୬।୦୮।୧୯୯୪ ଓ BDA ଚିଠି ନମ୍ବର-୪୯୨୩/BP BPBA ୫୧୧/୯୪ ତା।୧୭।୦୮।୧୯୯୪ ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାଆନ୍ତି, ଉପରୋକ୍ତ ମୋର ମୋବାଇଲ ନମ୍ବର (୭୩୭୭୮୭୩୭୯୨)ରେ ଜଣାଇବାକୁ ଅନୁରୋଧ। D-0914

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**


# ପ୍ରଧାନମନ୍ତ୍ରୀ ଆବାସ ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରିଥିଲା: ବିଜେଡି

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ଲକ୍ଷ ଲକ୍ଷ ଗରିବ ଓଡ଼ିଆଙ୍କ ପ୍ରଧାନମନ୍ତ୍ରୀ ଆବାସ ବନ୍ଦ କରିବାକୁ ଭାଜପା ଯେଉଁ ଷଡ଼ଯନ୍ତ୍ର କରିଥିଲା, ତାହାର ରହସ୍ୟ ଉନ୍ମୋଚନ ହୋଇସାରିଛି । ଓଡ଼ିଶା ଭାଜପାର ସେହି ଷଡ଼ଯନ୍ତ୍ରକାରୀ ନେତାମାନେ ଆଜି ପୁଣି ଆବାସ ଯୋଜନା କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଆବାସ ଯୋଜନା ସମ୍ପର୍କରେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବୁଧବାର ଶଙ୍ଖ ଭବନଠାରେ ବିଜେଡି ମୁଖପାତ୍ର ଈପ୍‌ସିତା ସାହୁ କହିଛନ୍ତି, ପୃଥ୍ୱୀରାଜବାବୁ ସବୁକଥାରେ ଗଣମାଧ୍ୟମ ଆଗକୁ ଆସି ଡାହାମିଛ ଗପୁଛନ୍ତି ଏବଂ ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । ଯେତେବେଳେ ଓଡ଼ିଶାର ଗରିବ, ଆଦିବାସୀ ଏବଂ ଅନୁସୂଚିତ ଜନଜାତିର ୧୫ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ଘର ଆବଶ୍ୟକ କରୁଥିଲେ, ଏହାକୁ ବନ୍ଦ କରିବା ଲାଗି ଓଡ଼ିଶାରୁ ଦିଲ୍ଲୀ ଯାଇଥିବା ଭାଜପାର ଏମ୍‌ପିମାନେ ମିଳିତ ହୋଇ ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ସେମାନେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାକୁ ପିଏମ୍‌ଏୱାଇରେ ଘର ନ ଦେବାକୁ ଚାପ ପକାଇଥିଲେ । ଓଡ଼ିଶାର ଭାଜପା ଏମ୍‌ପିମାନଙ୍କ ଏଭଳି ଓଡ଼ିଶା ବିରୋଧୀ ଷଡ଼ଯନ୍ତ୍ର ଯୋଗୁ ପ୍ରାୟ ୩ ବର୍ଷ କାଳ କେନ୍ଦ୍ର ସରକାର ଓଡ଼ିଶାକୁ ଆବାସ ଯୋଜନାରେ ଘର ଦେବା ବନ୍ଦ ରଖିଲେ । ତେବେ ବହୁ ଦାବି ଓ ଆନ୍ଦୋଳନ ପରେ ଶେଷରେ ୧୫ ଲକ୍ଷ ଘର ସ୍ଥାନରେ ଓଡ଼ିଶାକୁ ମାତ୍ର ୮ ଲକ୍ଷ ଘର ମିଳିଲା । ଭାଜପା ନେତାଙ୍କ ଏଭଳି ଓଡ଼ିଶା ସ୍ୱାର୍ଥ ବିରୋଧୀ ନୀତି ଯୋଗୁ ଆଗାମୀ ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ କହିଛନ୍ତି।

# ବିଜେଡିରେ ନିମାପଡ଼ାର ଶତାଧିକ ଭାଜପା କର୍ମୀ


ଶଙ୍ଖ ଭବନଠାରେ ବୁଧବାର ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଭାଜପା କର୍ମୀ।

**ଭୁବନେଶ୍ୱର,(ଅନିଲ ଦାସ)/ନିମାପଡ଼ା(ବିଚିତ୍ରାନନ୍ଦ ସାହୁ), ୨୬।୭**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀଙ୍କ ସମେତ ତେରୁଣ୍ଡିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ ଓ ପୂର୍ବତନ ନାଏବ ସରପଞ୍ଚ ନୃସିଂହ ଚନ୍ଦ୍ର ମହାରଣା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଶଙ୍ଖ ଭବନଠାରେ ବୁଧବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଧାରଣ ସମ୍ପାଦକ, ବିଧାୟକ ପ୍ରତାପ ଜେନା ଓ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ବିଜୁ ଜନତା ଦଳର ମୁଖପାତ୍ର ପ୍ରିୟବ୍ରତ ମାଝି ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ରହି ସମସ୍ତ ଭାଜପା କର୍ମୀଙ୍କୁ ସ୍ୱାଗତ କରିଥିଲେ। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ପ୍ରତାପ ନବାଗତମାନଙ୍କୁ ଆହ୍ୱାନ ଦେଇଛନ୍ତି । ବିଜୁ ଜନତା ଦଳରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ମଜଭୁତ ହେବ ବୋଲି ସମୀର ଆଶାପ୍ରକାଶ କରିଛନ୍ତି। ମିଶ୍ରଣ ପର୍ବରେ ଗୁଣନିଧି ସ୍ୱାଇଁ, ବୁଦ୍ଧନାଥ ସ୍ୱାଇଁ, ଲିଙ୍ଗରାଜ ସାହୁ, କାଳନ୍ଦୀ ମଲ୍ଲିକ, ଗଙ୍ଗାଧର ମହାରଣା, ନିରଞ୍ଜନ ମହାପାତ୍ର ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।



କାଜଲ

# କାହାକୁ ଡରନ୍ତି କାଜଲ

କାଜଲ ଅଗ୍ରୱାଲ କାହାକୁ ଡରନ୍ତି ? ଏହାର ଉତ୍ତର ଆମେ ଦେଇପାରିବା ନାହିଁ। ନିଶ୍ଚୟ ଏ ନେଇ ସେ କ'ଣ କହୁଛନ୍ତି ତାହା ଜାଣିବାକୁ ଅପେକ୍ଷା କରିବାକୁ ପଡିବ। କଥା କ'ଣ କି କାଜଲ ଯଦି କୁକୁରଟିଏ ଦେଖିଦେଲେ ତେବେ କାମ ସରିଲା। କୁକୁରଟି ନ ଯିବା ପର୍ଯ୍ୟନ୍ତ ସେ ଆଗକୁ ପାଦେ ଘୁଞ୍ଚିବା ଅସମ୍ଭବ। ଏ ନେଇ ସେ କହନ୍ତି, 'ସତ କଥା ହେଲା ମୋତେ କୁକୁରକୁ ଭାରି ଡର। ଯେତେବେଳେ ମୁଁ ସ୍କୁଲରେ ପଢୁଥିଲି ଥରେ ମୋତେ ଗୋଟିଏ କୁକୁର ଗୋଡାଇଥିଲା। ସେବେଠାରୁ ଏହି ଜୀବକୁ ଦେଖିବା ମାତ୍ରେ ମୋ ମନରେ ଛନକା ପଶିଯାଏ।' କାଜଲଙ୍କର ପସନ୍ଦୀୟ ଡ୍ରେସ୍ ହେଉଛି ଜିନ୍ସ ଏବଂ ଟି-ଶାର୍ଟ। ଶାଢ଼ି ପିନ୍ଧିବାକୁ ସେ ମଧ ଭଲ ପାଆନ୍ତି। ବିଶେଷଭାବରେ ମସଲାଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ସେ। ହାଇଦ୍ରାବାଦୀ ବିରିୟାନି ତାଙ୍କର ଭାରି ପସନ୍ଦ। ସମୟ ମିଳିଲେ ଫିଲ୍ମ ଦେଖିବାକୁ ଏବଂ ଗୀତ ଶୁଣିବାକୁ ଭଲ ପାଆନ୍ତି। ୨୦୧୩ରେ ତାଙ୍କ ଅଭିନୀତ 'ଥୁପ୍ପାକ୍କି' ଥିଲା ପ୍ରଥମ ସିନେମା ଯାହା ୧୦୦କୋଟି କ୍ଲବରେ ପ୍ରବେଶ କରିଥିଲା। କାଜଲଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'କ୍ୟୁଁ ହୋ ଗୟା ନା'। ଏଥିରେ ତାଙ୍କ ବ୍ୟତୀତ ଐଶ୍ୱର୍ଯ୍ୟା ରାୟ ଏବଂ ବିବେକ ଓବରୟ ଅଭିନୟ କରିଥିଲେ।

# ଚଳଚ୍ଚିତ୍ରରେ ବାଦବିବାଦ



-ଦିଲୀପ ହାଲି

''ଯେ କୌଣସି ସିନେମା ହେଉ, ତାହା ରିଲିଜ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟ୍ ପାଇଥାଏ। ସେନ୍ସର ବୋର୍ଡର ସଦସ୍ୟମାନେ ଫିଲ୍ମଟିକୁ ଭଲ ଭାବରେ ଦେଖି ସାର୍ଟିଫିକେଟ୍ ଦେଇଥାଆନ୍ତି। ତେବେ ତା' ସତ୍ତ୍ୱେ, କଷ୍ଟ୍ୟୁମ ହେଉ ଅବା ସଂଳାପକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେନ୍ସର ବୋର୍ଡ ଏ କ୍ଷେତ୍ରରେ ଆହୁରି ଶାଣିତ ହେଲେ ଏଭଳି ବାଦବିବାଦକୁ ସହଜରେ ଏଡ଼ାଇ ଦିଆଯାଇପାରିବ। ପ୍ରଯୋଜନା ସଂସ୍ଥା ମଧ ସିନେମାର ପ୍ରାରମ୍ଭିକ କାମ ସମୟରେ ସବୁ ଦିଗକୁ ଗଭୀର ଭାବରେ ଦୃଷ୍ଟି ଦେବା ଦରକାର।''

ବଲିଉଡ୍ ଫିଲ୍ମ 'ପଠାନ' ହେଉ କି 'ଦି କାଶ୍ମୀର ଫାଇଲ୍', 'ଦ କେରଳ ଷ୍ଟୋରୀ', କିମ୍ବା ନିକଟରେ ମୁକ୍ତିଲାଭ କରିଥିବା 'ଆଦିପୁରୁଷ'-ଏହି ଫିଲ୍ମଗୁଡିକର ରିଲିଜ୍ ପୂର୍ବରୁ ଏବଂ ପରେ ବେଶ୍ ତୁମ୍ଭିତୋଫାନ ହୋଇଥିଲା। ଆଲୋଚନା ଏବଂ ସମାଲୋଚନା ମଧ୍ୟରେ ଏଗୁଡ଼ିକ ରିଲିଜ ହୋଇଥିଲା। ତେବେ ଏଭଳି ଆଲୋଚନା କାହିଁକି ହୁଏ ? ଫିଲ୍ମଗୁଡିକରେ କେତେକ ବିବାଦୀୟ ଦୃଶ୍ୟ ହେଉ ଅବା ସଂଳାପ ଏଭଳି ଆଲୋଚନାକୁ ବେଶ୍ ଖୋରାକ ଯୋଗାଇଥାଏ।

ସମ୍ପ୍ରତି ଗତ କିଛିବର୍ଷ ଧରି କେତେକ ଚଳଚ୍ଚିତ୍ରକୁ ନେଇ ବାଦବିବାଦ ସୃଷ୍ଟି ହୋଇଛି। ଅବଶ୍ୟ ଏହି ଧାରା ନୂଆ ନୁହେଁ। ସିନେମା ମନୋରଞ୍ଜନର ଏକ ମାଧ୍ୟମ। ସିନେମାଟିଏ ପ୍ରସ୍ତୁତ କରିବା ସମୟରେ ଏହାର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ହେଲେ ବେଳେବେଳେ ବିଚାରଧାରାର ଅଭାବ ଯୋଗୁ ଚଳଚ୍ଚିତ୍ରରେ କେତେକ ତ୍ରୁଟି ଦେଖିବାକୁ ମିଳେ। ଆଉ ତାକୁ ନେଇ ଆରମ୍ଭ ହୋଇଯାଏ ଆଲୋଚନା। ଏହା ଏପରି ରୂପ ନିଏ ଯେ, ରିଲିଜ ସମୟରେ ପ୍ରଯୋଜକଙ୍କୁ ହଟହଟା ହେବାକୁ ପଡିଥାଏ। ବେଳେବେଳେ ଏହି କଥାକୁ ନେଇ କୋର୍ଟ ଯାଏ କଥା ଯାଇଥାଏ।

ଶାହରୁଖ-ଦୀପିକାଙ୍କୁ ନେଇ ନିର୍ମିତ 'ପଠାନ୍' ଯେତେବେଳେ ମୁକ୍ତିଲାଭ କଲା ଦୀପିକା ପିନ୍ଧିଥିବା କଷ୍ଟ୍ୟୁମକୁ ନେଇ ବାଦବିବାଦ ଉଠିଲା। କିନ୍ତୁ ତା' ସତ୍ତ୍ୱେ ଫିଲ୍ମଟି ରିଲିଜ ହୋଇ ଆଶାତୀତ ବିଜନେସ୍ କରିଥିଲା। ରାମାୟଣ କଥାବସ୍ତୁକୁ ଆଧାର କରି ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ 'ଆଦିପୁରୁଷ' ପ୍ରସ୍ତୁତ କରାଗଲା। ଏହି ଫିଲ୍ମର କେତେକ ସଂଳାପକୁ ନେଇ ବେଶ୍ ସମାଲୋଚନା କରାଯାଇଥିଲା। ଶେଷରେ ଏହାର ସଂଳାପରେ ପରିବର୍ତ୍ତନ କରାଯାଇଥିଲା।

ଯେ କୌଣସି ସିନେମା ହେଉ, ତାହା ରିଲିଜ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟ୍ ପାଇଥାଏ। ସେନ୍ସର ବୋର୍ଡର ସଦସ୍ୟମାନେ ଫିଲ୍ମଟିକୁ ଭଲ ଭାବରେ ଦେଖି ସାର୍ଟିଫିକେଟ୍ ଦେଇଥାଆନ୍ତି। ତେବେ ତା' ସତ୍ତ୍ୱେ, କଷ୍ଟ୍ୟୁମ ହେଉ ଅବା ସଂଳାପକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେନ୍ସର ବୋର୍ଡ ଏ କ୍ଷେତ୍ରରେ ଆହୁରି ଶାଣିତ ହେଲେ ଏଭଳି ବାଦବିବାଦକୁ ସହଜରେ ଏଡ଼ାଇ ଦିଆଯାଇପାରିବ। ପ୍ରଯୋଜନା ସଂସ୍ଥା ମଧ ସିନେମାର ପ୍ରାରମ୍ଭିକ କାମ ସମୟରେ ସବୁ ଦିଗକୁ ଗଭୀର ଭାବରେ ଦୃଷ୍ଟି ଦେବା ଦରକାର। ତେବେ ଯାଇ ଫିଲ୍ମଟି ରିଲିଜ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ। ସବୁଠାରୁ ବଡ଼ କଥା ହେଲା ଦର୍ଶକଙ୍କ ଭାବାବେଗ। ଏହାକୁ ଆଘାତ ଲାଗିଲେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ସିନେମାଟିଏ ପ୍ରସ୍ତୁତ ସମୟରେ ଏସବୁ ବିଷୟ ପ୍ରତି ନଜର ଦେବା ନିହାତି ଦରକାର।

ନିକଟରେ ଏକ ଓଡ଼ିଆ ସିନେମାର ସଂଳାପରେ ବ୍ୟବହାର କରାଯାଇଥିବା ଏକ ଶବ୍ଦକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଯୋଜକ ହୁଅନ୍ତୁ ଅବା ନିର୍ଦ୍ଦେଶକ, ଫିଲ୍ମର ପ୍ରତିଟି ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ପରେ ସିନେମା ନିର୍ମାଣ କରିବା ଦରକାର। ସିନେମା ଜଗତର ପ୍ରଗତି ପାଇଁ ଏକ ସୁସ୍ଥ ପରମ୍ପରାର ଆବଶ୍ୟକତା ରହିଛି। ତେଣୁ ଏଥିପ୍ରତି ଏବେଠାରୁ ସତର୍କ ହେବାର ସମୟ ଆସିଛି।

-ଭୁବନେଶ୍ୱର, ମୋ : ୯୮୬୧୦୦୯୨୫୨

# ଡବଲ ଅବତାର



'ବସ୍' ଫିଲ୍ମରେ ରମେଶ ବାରିକ

ପ୍ରଯୋଜକ ରମେଶ ବାରିକ। ହୋମ ବ୍ୟାନର ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ସେ ବେଶ୍ କେତୋଟି ସିନେମାର ପ୍ରଯୋଜନା କରିସାରିଛନ୍ତି। ହେଲେ ଏଥର ତାଙ୍କୁ ଦର୍ଶକ ନୂଆ ରୂପରେ ଦେଖିବାକୁ ପାଇବେ। ଅର୍ଥାତ୍ ସିନେମା ପ୍ରଯୋଜନା ସହ ସେ ଆଉ ଏକ ଭୂମିକା ତୁଲାଉଛନ୍ତି। ହଁ, ପ୍ରଥମ ଥର ପାଇଁ ରମେଶ କ୍ୟାମେରା ସାମନା କରିବେ। ଫିଲ୍ମଟି ହେଲା ନିଜ ବ୍ୟାନରରେ ପ୍ରସ୍ତୁତ 'ବସ୍'। ଏଥିରେ ତାଙ୍କୁ ଜଣେ ମନ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିବ। ଏଭଳି ଏକ ଭୂମିକା ପାଇବା ପରେ ତାହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରମେଶ। ତାଙ୍କର ପ୍ରଯୋଜନାରେ ଶୁଟିଂ ଚାଲିଥିବା ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବର୍ଷା ପ୍ରିୟଦର୍ଶିନୀ। ଏହାର ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ନିର୍ଦ୍ଦେଶନା ଦାୟିତ୍ୱ ତ୍ରିପତି ସାହୁ ତୁଲାଇଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ଅନ୍ୟତମ ସ୍ୱରକାର ଅଭିଜିତ ମଜୁମଦାର। ଫିଲ୍ମଟି ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ରମେଶ।

ଅପେରା ହାଲଚାଲ

# କଥା ବାପ-ଝିଅର

ବାପ-ଝିଅର ସମ୍ପର୍କ କେତେ ନିବିଡ଼ ତାହା କହିବା ବାହୁଲ୍ୟ। ସେଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ରଚିତ ହୋଇଛି ଅପେରା ନାଟକ 'କେତେ ଦୁଃଖ ଦବୁ ଦେ ରେ କାଳିଆ'। ଜଲିଉଡ୍‌ର ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକକୁ ଚଳିତ ଯାତ୍ରା ସିଜନରେ ଅପେରା ସ୍ୱର୍ଣ୍ଣମହଲ ପରିବେଷଣ କରିବାକୁ ଯାଉଛି। ନାଟକଟିକୁ ନେଇ ଯେତିକି ଚର୍ଚ୍ଚା ହେଉନି ତା'ଠାରୁ ଅଧିକ ଆଲୋଚନା ହେଉଛି ଏଥିରେ ଆକ୍ସନ ଷ୍ଟାର ସୁବାସ ବେହେରାଙ୍କ ରୋଲ୍‌କୁ ନେଇ। ତେବେ ଏ ନେଇ ସୁବାସ କହନ୍ତି, 'ବେଶ୍ କିଛିବର୍ଷ ପରେ ଆଶୁ ସାର୍‌ଙ୍କ ନିର୍ଦ୍ଦେଶନାରେ ଏକ ଦମଦାର ନାଟକରେ ଅଭିନୟ କରିଛି। ଏଥିରେ ମୋ ଭୂମିକା ବିଷୟରେ ଏବେ କହିବି ନାହିଁ। ନାଟକ ଦେଖିଲେ ଦର୍ଶକ ଏହାର ଗୁରୁତ୍ୱ କ'ଣ ହୃଦୟଙ୍ଗମ କରିପାରିବେ। ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିବି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' କ୍ଷୀରୋଦ ସ୍ୱାଇଁଙ୍କ ଦ୍ୱାରା ପ୍ରଯୋଜିତ ଏହି ଅପେରା ପାର୍ଟିରେ ଏଥର ସୁବାସଙ୍କ ବ୍ୟତୀତ କାବେରୀ ପାଢ଼ୀ, ଅଜୁ-ଆପୁ ଏବଂ ଖଳନାୟକ ଜ୍ଞାନଙ୍କୁ ଦେଖିବାକୁ ମିଳିବ। ଏହି ପାର୍ଟିର ପ୍ରଥମ କ୍ୟାମ୍ପ ଆସନ୍ତା ମାସ ୧ରୁ ଭୁବନେଶ୍ୱରସ୍ଥ ରୂପାଲି ଛକରେ ଅନୁଷ୍ଠିତ ହେବ।



'କେତେ ଦୁଃଖ ଦବୁ ଦେ ରେ କାଳିଆ' ନାଟକରେ ସୁବାସ

# ଚିନ୍ତା କରୁଛନ୍ତି କ୍ରୀତି

କ୍ରୀତି ସାନନ୍‌ଙ୍କ ଚିନ୍ତା ଏବେ ବଢ଼ିଯାଇଛି। କାରଣ ଏକ ନୂଆ ପ୍ରୋଜେକ୍ଟରେ ତାଙ୍କୁ ଜଣେ ନବାଗତଙ୍କ ସହ ଆକ୍ଟିଂ କରିବାକୁ ପଡିବ। ତେଣୁ ସେ ନେଇ ଦୋଛକିରେ ପଡିଯାଇଛନ୍ତି। ତେଣୁ ଏ ନେଇ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ନେଇଛନ୍ତି। ଏଭଳି ବିଷୟରେ କ୍ରୀତି କହନ୍ତି, 'ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି। ହେଲେ ସମସ୍ୟା ଏଇଆ ଯେ, ଏଥିରେ ମୋ ଅପୋଜିଟ୍‌ରେ ଜଣେ ନବାଗତ ଅଭିନୟ କରିବେ। ସେଥିପାଇଁ ପ୍ରଯୋଜକଙ୍କ ନିକଟରୁ କିଛି ଦିନ ସମୟ ନେଇଛି।' ଏହି ଫିଲ୍ମରେ ମୋତେ ଭିନ୍ନ ଧରଣର ଭୂମିକାଟି ମିଳିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ-ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ।' ତେବେ ଏହି ଅଫରକୁ କ୍ରୀତି ଗ୍ରହଣ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।



କ୍ରୀତି

ନୂଆ ସିନେମା

# ଅଭିସାର

## ଏକ ପ୍ରେମ କାହାଣୀ

ଫ୍ୟୁଜନ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ହେଉଛି ନୂଆଁ ଓଡ଼ିଆ ସିନେମା 'ଅଭିସାର, ଏକ ପ୍ରେମ କାହାଣୀ'। ଏହାର ମୁଖ୍ୟ ଭୂମିକାରେ ଜଣେ କିନ୍ନରଙ୍କୁ ଦେଖିବାକୁ ମିଳିବ। ସଂଘମିତ୍ରା ଭଞ୍ଜଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ଏହାର ନିର୍ଦ୍ଦେଶନା ଦେଉଛନ୍ତି ରଞ୍ଜିତ ମହାନ୍ତି। ଚିତ୍ର ଉତ୍ତୋଳନ ଦାୟିତ୍ୱ ତୁଲାଉଛନ୍ତି ପ୍ରସନ୍ନ କୁମାର। ଚଳଚ୍ଚିତ୍ରର ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଏହାର ମୁଖ୍ୟ ଉପଦେଷ୍ଟା ସନ୍ଦୀପ ମହାପାତ୍ର ଏବଂ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ରହିଛନ୍ତି। ମୁଖ୍ୟ ଚରିତ୍ରରେ ମୀରା ପରିଡ଼ା ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ନବାଗତ ରୁଦ୍ର ପ୍ରତାପ ମହାନ୍ତି, ଭୂମି, ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମତ ଦିଅନ୍ତି ନିର୍ଦ୍ଦେଶକ। ଚିତ୍ରଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।



'ଅଭିସାର-ଏକ ପ୍ରେମ କାହାଣୀ' ଫିଲ୍ମରେ (ବାମରୁ) ରୁଦ୍ର-ଭୂମି-ମୀରା

# ଘର ସଜାଇବାରେ ମନ

ଯାମି ଗୌତମ ଏବେ ଘର ସଜାଇବାରେ ବ୍ୟସ୍ତ ଅଛନ୍ତି। ଏଭଳି ଅଭ୍ୟାସ ତାଙ୍କର ପିଲାଦିନରୁ ରହିଛି। ବିଶେଷଭାବରେ ଘରଟିକୁ କିପରି ସଜାଇଲେ ତାହା ଆକର୍ଷଣୀୟ ଦେଖାଯିବ ସେ ନେଇ ପ୍ରଥମେ ଚିନ୍ତା କରୁଛନ୍ତି। ଏ ନେଇ ସେ କହନ୍ତି, 'ଘର ସଜାଇବା ମୋର ଏକ ଅଭ୍ୟାସ। ଏବେ ମୋ ଘରର ପ୍ରତିଟି ରୁମ୍‌କୁ ନୂଆ ରୂପ ଦେଉଛି।' ଯାମିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଏହାପୂର୍ବରୁ ସେ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ଅଭିନୟ କରିସାରିଥିଲେ। ପାଠ ପଢ଼ି ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଓକିଲ ହେବାକୁ ଚାହିଁଥିଲେ। କିନ୍ତୁ ଶେଷରେ ଅଭିନୟ ମାୟାରେ ପଡିଯାଇଥିଲେ। ୨୦୧୨ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଯା ଭିତରେ ୯ ବର୍ଷ ବିତିଗଲାଣି। ନିଜ ଅଭିନୟ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ ଯାମି।



ଯାମି

## ସଂକ୍ଷେପରେ

### ଈଶ୍ୱରନ୍‌ଙ୍କ ଶତକରେ ପୂର୍ବାଞ୍ଚଳ ବିଜୟୀ

**ପୁଡୁଚେରୀ, ୨୬।୭:** ଦେଓଧର ଟ୍ରଫିରେ ବୁଧବାର ବିଜୟୀ ହୋଇଛନ୍ତି ପୂର୍ବାଞ୍ଚଳ, ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ। ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ଅପରାଜିତ ଶତକ ବଳରେ ପୂର୍ବାଞ୍ଚଳ ୮ ଉଇକେଟରେ ନର୍ଥଇଷ୍ଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନର୍ଥଇଷ୍ଟ ୪୮ ଓଭରରେ ୧୬୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୩୧.୩ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ପୂର୍ବାଞ୍ଚଳ। ପ୍ରଥମେ ବ୍ୟାଟିଂ କରିଥିବା ନର୍ଥ ଇଷ୍ଟ ପକ୍ଷରୁ ରେକ୍ସ ସିଂ ଅପରାଜିତ ୬୫ ରନ କରିଥିଲେ। ୧୭୦ ରନ୍ ଲକ୍ଷ୍ୟର ପିଛା କରୁଥିବା ପୂର୍ବାଞ୍ଚଳ ପକ୍ଷରୁ ଅଭିମନ୍ୟୁ ଈଶ୍ୱରନ୍ ଅପରାଜିତ ଶତକ ହାସଲ କରିଥିଲେ। ୧୦୨ ବଲ୍ ଖେଳି ୧୦୦ ରନ୍ କରିଥିବା ଈଶ୍ୱରନ୍ ୧୩ ଚୌକା ମାରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟ ଏକ ମ୍ୟାଚରେ ଦକ୍ଷିଣାଞ୍ଚଳ ୧୨ ରନ୍‌ରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳ ୪୮ ରନ୍‌ରେ କେନ୍ଦ୍ରାଞ୍ଚଳକୁ ହରାଇ ଦେଇଛି।

### ତେଜାସ ବିଶ୍ୱର ସର୍ବକନିଷ୍ଠ ଫିଡେ ରେଟେଡ୍ ଖେଳାଳି



**ଭୁବନେଶ୍ୱର, ୨୬।୭:** ଉତ୍ତରାଖଣ୍ଡର ତେଜାସ ତିୱାରୀ ବିଶ୍ୱର ସର୍ବକନିଷ୍ଠ ଫିଡେ ରେଟେଡ ଚେସ୍ ଖେଳାଳି ହୋଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପକ୍ଷରୁ ଟୁଇଟ କରି ଏହା ସ୍ପଷ୍ଟ କରାଯାଇଛି। ୫ ବର୍ଷୀୟ ତେଜାସଙ୍କର ବର୍ତ୍ତମାନ ଫିଡେ ଷ୍ଟାଣ୍ଡାର୍ଡ ରେଟିଂ ହେଉଛି ୧୧୪୯। ସେ ୩ ବର୍ଷ ୬ ମାସର ହୋଇଥିବାବେଳେ ପରିବାରବର୍ଗଙ୍କ ଚେସ୍ ଖେଳ ଦେଖି ଏହି କ୍ରୀଡ଼ା ପ୍ରତି ଆଗ୍ରହ ଦେଖାଇଥିଲେ। ଏଥିସହିତ ଚେସ୍ କିପରି ଖେଳାଯାଏ ତାହାକୁ ଖୁବ୍‌ଶୀଘ୍ର ଶିଖି ଯାଇଥିଲେ। ୪ ବର୍ଷର ହୋଇଥିବାବେଳେ ସେ ରାଜ୍ୟ ଏବଂ ରାଜ୍ୟ ବାହାରେ ଜାତୀୟ ସ୍ତରର ଚେସ୍ ଟୁର୍ନାମେଣ୍ଟ ଖେଳିଥିଲେ। ୪ ବର୍ଷ ୩ ମାସର ହୋଇଥିବାବେଳେ ସେ ଫିଡେ ରେଟେଡ ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟ ଖେଳିଥିଲେ। ସେବେଠାରୁ ସେ ଭାରତର ୧୩ ରାଜ୍ୟରେ ବିଭିନ୍ନ ଫିଡେ ରେଟେଡ ଚେସ୍ ଟୁର୍ନାମେଣ୍ଟ ଖେଳି ସାରିଲେଣି। ୨୦୨୨ରେ ତେଜାସ ରାଜ୍ୟ ଟୁର୍ନାମେଣ୍ଟର ୮ ବର୍ଷରୁ କମ୍ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିବର୍ଷ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍‌ର ୫ ବର୍ଷରୁ କମ୍ ବର୍ଗରେ ପ୍ରଥମ ହୋଇଥିଲେ।

### ବିସିସିଆଇ ଲେଭଲ-୨ ଅମ୍ପାୟରିଂ ପରୀକ୍ଷାରେ ଧୃରଜ ଉତ୍ତୀର୍ଣ୍ଣ



**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ):** ରାଜ୍ୟର ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଧୃରଜ ସିଂ ସଫଳତାର ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲେଭଲ-୨ ଅମ୍ପାୟରିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୧୫୦ରୁ ଧୃରଜ ୧୨୧ ନମ୍ବର ରଖିଥିଲେ। ପୂରା ଦେଶରୁ ମୋଟ ୧୧୦ ଜଣ ପୂର୍ବତନ ଖେଳାଳି ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶାରୁ ଧୃରଜଙ୍କ ବ୍ୟତୀତ ପ୍ରୀତମଜିତ ଦାସ, ପାର୍ଥ ସାରଥି ସାମଲ ଓ ଜ୍ୟୋତି କମଲ ମଧ ଏହି ପରୀକ୍ଷା ଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଧୃରଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରମୋଦଙ୍କୁ ଏସିଆନ ପାରା ଗେମ୍ସ ଯୋଗ୍ୟତା

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**



ପ୍ରମୋଦ ଭଗତ

ଓଡ଼ିଶା କ୍ରୀଡ଼ା ପାଇଁ ଆସିଛି ଏକ ଭଲ ଖବର। ଚାଇନାର ହାଙ୍ଗଝୋଉରେ ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ହେବାକୁଥିବା ୪ର୍ଥ ଏସିଆନ ପାରା ଗେମ୍ସ ପାଇଁ ରାଜ୍ୟର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ଗୋଟିଏ ନୁହେଁ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଆଦି ୩ଟି ଇଭେଣ୍ଟ ପାଇଁ ସେ ଯୋଗ୍ୟତା ପାଇଛନ୍ତି। ଆଗାମୀ ପାରା ଏସିଆନ ଗେମ୍ସ ପାଇଁ ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସେ ଯୋଗ୍ୟତା ହାସଲ କରିଛନ୍ତି। ଏସିଆନ ଯୋଗ୍ୟତା ପାଇଁ ଉତ୍ତର ପ୍ରଦେଶର ଗ୍ରେଟର ନଏଡାଠାରେ ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୋଦଙ୍କ ସମେତ ଓଡ଼ିଶାରୁ ୪ ଖେଳାଳି ଭାଗ ନେଇଥିଲେ। ମାତ୍ର ପ୍ରମୋଦ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ସିଙ୍ଗଲ୍ସ ଟ୍ରାଏଲ୍ସରେ ପ୍ରାଧାନ୍ୟ ବିସ୍ତାର କରି ୫ ମ୍ୟାଚରୁ ୪ଟିରେ ବିଜୟ ହାସଲ କରିଥିଲେ। ଡବଲ୍ସରେ ତାଙ୍କ ପାର୍ଟନର ଥିଲେ ଅନ୍ୟତମ ଭାରତୀୟ ଖେଳାଳି ସୁକାନ୍ତ କଦମ। ପ୍ରମୋଦ-ସୁକାନ୍ତ ଯୋଡ଼ି ୪ ମ୍ୟାଚରୁ ୩ଟିରେ ବିଜୟୀ ହୋଇ ଏସିଆନ ପାରା ଗେମ୍ସ ଟିକେଟ ପାଇଥିଲେ। ସେହିପରି ମିକ୍ସଡ ଡବଲ୍ସରେ ମନୀଷା ରାମଦାସଙ୍କୁ ସାଥିକରି ପ୍ରମୋଦ ୬ ଗେମ୍‌ରୁ ୫ଟିରେ ଜିତି ଯୋଗ୍ୟତା ଅର୍ଜନ କରିଥିଲେ।

### ମୁଖ୍ୟ ଟୁର୍ନାମେଣ୍ଟକୁ ଅପେକ୍ଷା

ଏସିଆନ ପାରା ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି ପ୍ରମୋଦ। ''ଏସିଆନ ପାରା ଗେମ୍ସର ୩ଟି ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଟ୍ରାଏଲ୍ସରେ ମୋର ପ୍ରଦର୍ଶନ ଭଲ ରହିଥିଲା। ମୋ ମତରେ ବଡ଼ ଟୁର୍ନାମେଣ୍ଟଗୁଡ଼ିକ ପାଇଁ ଟ୍ରାଏଲ୍ସ ହେବା ଉଚିତ। ଏହାଦ୍ୱାରା ପ୍ରତ୍ୟେକ ଖେଳାଳି ସୁଯୋଗ ପାଇପାରିବେ। ଯୁବ ଖେଳାଳିମାନେ ମଧ୍ୟ ମୋଟିଭେଟ ହୋଇପାରିବେ ଏବଂ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଏବେ ଟୁର୍ନାମେଣ୍ଟକୁ ମୁଁ ଆଗ୍ରହର ସହିତ ଅପେକ୍ଷା କରିଛି'' ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରମୋଦଙ୍କ ପାଇଁ ଏସିଆନ ପାରା ଗେମ୍ସ ଯୋଗ୍ୟତା ଏହା ନୂଆ ନୁହେଁ। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୪ରେ ଇଞ୍ଚିଅନରେ ଆୟୋଜିତ ପ୍ରତିଯୋଗିତାରେ ସେ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ପ୍ରମୋଦ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ୨୦୧୯ରେ ସେ ଅର୍ଜୁନ ଏବଂ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ୨୦୨୧ରେ ଖେଳରତ୍ନ ପୁରସ୍କାର ପାଇଥିବା ଏହି ପାରା ବ୍ୟାଡ୍‌ମିଣ୍ଟନ ତାରକା ୨୦୨୨ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ଭାରତୀୟ ଦଳରେ ଓଡ଼ିଶାରୁ ୪



ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

**ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି**

**ନୂଆଦିଲ୍ଲୀ, ୨୬।୭**

ଜର୍ମାନୀର ଡୁସେଲଡର୍ଫଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ, ଇଂଲଣ୍ଡ, ସ୍ପେନ୍ ଓ ଆୟୋଜକ ଜର୍ମାନୀ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ପକ୍ଷରୁ ବୁଧବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ ଖେଳାଳି ଗୋଲକିପର ମାଧୁରୀ କିଣ୍ଡୋ, ମିଡ୍‌ଫିଲ୍ଡର ସୁଜାତା କୁଜୁର, ଡିଫେଣ୍ଡର ଅଞ୍ଜଲି ବାରୱା ଓ ଫରୱାର୍ଡ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଡଇଫେଣ୍ଡର ପ୍ରୀତିଙ୍କୁ ଅଧିନାୟିକା ଓ ମିଡ୍ ଫିଲ୍ଡର ରତୁଜା ଦାଦାସୋ ପିସାଲଙ୍କୁ ଉପ-ଅଧିନାୟିକା କରାଯାଇଛି। ୨୦୨୩ ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚିଲିର ସାଣ୍ଟିଆଗୋଠାରେ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପୂର୍ବରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଭଲ ଅଭ୍ୟାସ ପାଇବ।

''ଅଭ୍ୟାସ ସେସନରେ ଯାହା ଶିଖା ଯାଇଛି ତାହାକୁ ପ୍ରୟୋଗ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରମାଣିତ କରିବାକୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଭଲ ସୁଯୋଗ ଆଣିବ। ଆଗକୁ ଜୁନିୟର ବିଶ୍ୱକପ ଆସୁଛି। ତେଣୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରୁ ଆମର ଦୁର୍ବଳତା ସମ୍ପର୍କରେ ଜାଣିବାକୁ ମଧ୍ୟ ସୁଯୋଗ ମିଳିବ। ଏହି ଟୁର୍ନାମେଣ୍ଟ ନିଶ୍ଚିତ ପିଲାମାନଙ୍କ ଆତ୍ମବିଶ୍ୱାସ ଦୃଢ଼ କରିବାନେଇ ଆମେ ଆଶାବାଦୀ'' ବୋଲି ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

**ଗୋଲକିପର୍ସ:** ମାଧୁରୀ କିଣ୍ଡୋ, ଖୁସ୍‌ବୁ। **ଡିଫେଣ୍ଡର୍ସ:** ପ୍ରୀତି (ଅଧିନାୟିକା), ରୋପନି କୁମାରୀ, ଅଞ୍ଜଲି ବାରୱା, ନୀଲମ, ଥୌନାଓଜାମ ନିରୂପମା ଦେବୀ। **ମିଡ୍‌ଫିଲ୍ଡର୍ସ:** ରତୁଜା ଦାଦାସୋ ପିସାଲ (ଉପ-ଅଧିନାୟିକା), ମଞ୍ଜୁ ଚୌରାସିଆ, ସାକ୍ଷୀ ରାଣା, ସୁଜାତା କୁଜୁର, ଭୂମିକ୍ସା ସାହୁ, ଜ୍ୟୋତି ସିଂ, ମହିମା ଟେଟେ, ହିନା ବାନୋ। **ଫରୱାର୍ଡ୍ସ:** ଅନୁ, ଦୀପିକା ସୋରେଙ୍ଗ, ସୁନେଲିତା ଟପ୍ପୋ, କାଜଲ ସଦାଶିବ ଅତପାଦକର, ମୁମ୍‌ତାଜ ଖାଁ।

# ସନ୍ତୋଷ ଟ୍ରଫି: ଗ୍ରୁପ୍ 'ଡି'ରେ ଓଡ଼ିଶା

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**

ଘରୋଇ ଫୁଟବଲର ମର୍ଯ୍ୟାଦା ଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ୭୭ତମ ସଂସ୍କରଣ ପାଇଁ ଗ୍ରୁପିଂ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଓଡ଼ିଶା ଗ୍ରୁପ୍ 'ଡି'ରେ ଦିଲ୍ଲୀ, ଲଦାଖ, ପଞ୍ଜାବ, ହରିୟାଣା ଓ ୩୨ଥର ଚାମ୍ପିୟନ ବେଙ୍ଗଲ ସହିତ ସ୍ଥାନ ପାଇଛନ୍ତି। ଏହାକୁ ପ୍ରତିଯୋଗିତାର କଷ୍ଟସାଧ୍ୟ ଗ୍ରୁପଭାବେ ବିବେଚନା କରାଯାଉଛି। ସନ୍ତୋଷ ଟ୍ରଫିରେ ଭାଗ ନେଉଥିବା ୩୬ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ର ଟପ୍ପର ଏବଂ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନୀୟ ଦଳ ଗତଥରର ଚାମ୍ପିୟନ କର୍ଣ୍ଣାଟକ ଓ ରନରଅପ୍ ମେଘାଳୟକୁ ନେଇ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ୩୨ଥର ଚାମ୍ପିୟନ ଓ ୧୪ ଥର ରନରଅପ୍ ବେଙ୍ଗଲ ୨୦୧୬-୧୭ ପରଠାରୁ ଟାଇଟଲ ହାସଲ କରି ପାରିନାହିଁ। ୧୯୯୩ରୁ ୧୯୯୯ ମଧ୍ୟରେ ଏହି ଦଳ କ୍ରମାଗତ ୬ ଥର ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟ ଇତିହାସରେ ଏହା ସବୁଠାରୁ ସଫଳ ଦଳ। ୮ ଥର ଚାମ୍ପିୟନ ପଞ୍ଜାବ ଦ୍ୱିତୀୟ ସଫଳ ଦଳର ମାନ୍ୟତା ପାଉଛି। କେରଳ ୭ ଥର ଚାମ୍ପିୟନ ହୋଇଛି। ୨୦୨୨-୨୩ ସନ୍ତୋଷ ଟ୍ରଫି ଫାଇନାଲ ପ୍ରଥମଥର ବିଦେଶରେ ଅନୁଷ୍ଠିତ ହୋଇଥିଲା। ରିୟାଧରେ ଆୟୋଜିତ ଫାଇନାଲରେ ମେଘାଳୟକୁ ହରାଇ କର୍ଣ୍ଣାଟକ ଟାଇଟଲ ହାସଲ କରିଥିଲା।





### ଗ୍ରୁପ୍ 'ଇ'ରେ ଓଡ଼ିଶା ମହିଳା ଦଳ

ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ମୋଟ ୩୫ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରୁ 'ଇ' ପର୍ଯ୍ୟନ୍ତ ୬ଟି ଲେଖାଏ ଏବଂ ଗ୍ରୁପ୍ 'ଏଫ୍'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ଏହାର ଗ୍ରୁପ୍ 'ଇ'ରେ ଓଡ଼ିଶା ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ୬ ଶୀର୍ଷ ଦଳ ଏବଂ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନୀୟ ଦଳ ଗତ ସଂସ୍କରଣର ଫାଇନାଲିଷ୍ଟ ତାମିଲନାଡୁ ଓ ହରିୟାଣା ସହିତ ଫାଇନାଲ ରାଉଣ୍ଡରେ ଅବତୀର୍ଣ୍ଣ ହେବେ। ୨ଟି ଯାକ ଟୁର୍ନାମେଣ୍ଟର ତାରିଖ ଓ ଭେନ୍ୟୁ ପରେ ପ୍ରକାଶ ପାଇବ।

**ସନ୍ତୋଷ ଟ୍ରଫି ଗ୍ରୁପିଂ**

**ଗ୍ରୁପ୍ 'ଏ':** କେରଳ, ଗୋଆ, ଛତିଶଗଡ଼, ଗୁଜରାଟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର।
**ଗ୍ରୁପ୍ 'ବି':** ପଞ୍ଜାବ, ହରିୟାଣା, ଓଡ଼ିଶା, ଦିଲ୍ଲୀ, ଲଦାଖ, ବେଙ୍ଗଲ।
**ଗ୍ରୁପ୍ 'ସି':** ମଣିପୁର, ଝାଡ଼ଖଣ୍ଡ, ତାମିଲନାଡୁ, ନାଗାଲାଣ୍ଡ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ।
**ଗ୍ରୁପ୍ 'ଡି':** ରେଲୱେ, ବିହାର, ଚଣ୍ଡିଗଡ଼, ରାଜସ୍ଥାନ, ଆସାମ, ହିମାଚଳ ପ୍ରଦେଶ।
**ଗ୍ରୁପ୍ 'ଇ':** ସର୍ଭିସେସ, ଉତ୍ତରାଖଣ୍ଡ, ମିଜୋରାମ, ପଣ୍ଡିଚେରୀ, ସିକ୍କିମ, ଦାଦ୍ରା ଆଣ୍ଡ ନଗର ହାବେଳି, ଡାମନ ଆଣ୍ଡ ଡିଉ।
**ଗ୍ରୁପ୍ 'ଏଫ୍':** ମହାରାଷ୍ଟ୍ର, ତେଲେଙ୍ଗାନା, ଆଣ୍ଡାମାନ ଆଣ୍ଡ ନିକୋବର, ଆନ୍ଧ୍ର ପ୍ରଦେଶ, ଲକ୍ଷଦ୍ୱୀପ, ତ୍ରିପୁରା।

### ଭାରତୀୟ ମହିଳା ହକି ଦଳର ପ୍ରଥମ ମ୍ୟାଚ ଡ୍ର

**ନୂଆଦିଲ୍ଲୀ, ୨୬।୭:** ସ୍ପାନିଶ ହକି ଫେଡେରେଶନର ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଦଳ ଡ୍ର ସହ ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଜ୍ୟୋତି ଛତ୍ରି ଏହି ମ୍ୟାଚରେ ସିନିୟର ଅନ୍ତର୍ଜାତୀୟ ପଦାର୍ପଣ କରଛନ୍ତି। ସ୍ପେନ୍‌ର ବାର୍ସିଲୋନାଠାରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏକଦା ଗୋଟିଏ ଗୋଲରେ ପଛୁଆ ରହିଥିବା ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ବିପକ୍ଷରେ ପଏଣ୍ଟ ଭାଗ କରିଛି। ମ୍ୟାଚର ୭ମ ମିନିଟରେ ହୋଲି ହଣ୍ଟ ଏକ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରିଥିଲେ। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ଆଧିପତ୍ୟ ବିସ୍ତାର କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟର ଶେଷଭାଗରେ ଅର୍ଥାତ୍ ମ୍ୟାଚର ୪୧ତମ ମିନିଟରେ ଭାରତ ପକ୍ଷରୁ ଲାଲରେମସିଆମି ଗୋଲଟି ପରିଶୋଧ କରି ଦେଇଥିଲେ। ମ୍ୟାଚର ଅବଶିଷ୍ଟ ଭାଗରେ ଆଉ ଗୋଲ ହୋଇ ନ ଥିଲା। ଫଳରେ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଥିଲା।

# ଭାରତ-ପାକିସ୍ତାନ ମ୍ୟାଚ୍ ଘୁଞ୍ଚିବା ସମ୍ଭାବନା

**ଦିନିକିଆ ବିଶ୍ୱକପ୍**

**ନୂଆଦିଲ୍ଲୀ, ୨୬।୭(ପି.ଟି.)**

ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ବହୁ ପ୍ରତୀକ୍ଷିତ ମ୍ୟାଚ୍ ଘୁଞ୍ଚିବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ ଏହା କ୍ରିକେଟ ଫ୍ୟାନ୍‌ମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ବିମାନ ଭଡା ବୃଦ୍ଧି ପାଇଥିବା ବେଳେ ହୋଟେଲଗୁଡିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥିଲା। ବିଶ୍ୱକପ୍ ମ୍ୟାଚ୍ ଯେଉଁ ତାରିଖରେ ନିର୍ଦ୍ଧାରିତ ହୋଇଥିଲା ସମାନ ତାରିଖରେ ନବରାତ୍ରି ପାଳିତ ହେବାକୁ ଯାଉଛି। ଗୁଜରାଟରେ ନବରାତ୍ରି ପାଳନକୁ ଗୁରୁତ୍ୱ ଦିଆଯାଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ସୁରକ୍ଷା ଏଜେନ୍ସି ପକ୍ଷରୁ ବିସିସିଆଇକୁ ଚେତାବନୀ ଦିଆଯାଇଛି। ନବରାତ୍ରିକୁ ଦୃଷ୍ଟିରେ ରଖି ସହରରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯିବାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମ୍ୟାଚ୍ ସମୟରେ ଷ୍ଟାଡିୟମରେ ମଧ୍ୟ ସୁରକ୍ଷାବଳ ନିୟୋଜିତ ରହିବେ। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ତାରିଖକୁ ଦିନେ ଦୁଇଦିନ ଆଗ ପଛ କରିବାକୁ ପରାମର୍ଶ ଦିଆଯାଇଛି। ବିସିସିଆଇ ପକ୍ଷରୁ ଏହାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବା ବେଳେ ଆଇସିସି ସହିତ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତେବେ ଏହି ମ୍ୟାଚ୍‌ଟି ଅହମଦାବାଦରୁ ବାହାରକୁ ଯିବାର ସମ୍ଭାବନା ନାହିଁ ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ ପାଇଛି।

# ଟି୨୦ରେ ଶ୍ରେଷ୍ଠ ବୋଲିଂ ଫିଗର୍

**କୁଆଲାଲୁମ୍ପୁର, ୨୬।୭ (ପି.ଟି):** ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସର୍ବଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି ମାଲେସିଆର ସ୍ୟାଜରୁଲ ଇଦ୍ରୁସ୍। ବୁଧବାର ଟି୨୦ ବିଶ୍ୱକପର ଏସିଆ ବି କ୍ୱାଲିଫାୟରରେ ସେ ଏହି ରେକର୍ଡ କରିଛନ୍ତି। ମାତ୍ର ୭ ରନରେ ୮ ଉଇକେଟ ନେଇ ସେ ଏହି ରେକର୍ଡ କରିଛନ୍ତି। ସମସ୍ତ ୭ଟି ଯାକ ଉଇକେଟ ବୋଲ୍ଡ କରି ହାସଲ କରିଥିଲେ ଇଦ୍ରୁସ୍। ପୂର୍ବରୁ ଏହି ରେକର୍ଡ ନାଇଜେରିଆର ପିଟର ଆହୋଙ୍କ ନାମରେ ରହିଥିଲା। ସିଏରା ଲିଓନ୍ ବିପକ୍ଷରେ ସେ ୬ ରନ୍‌ରେ ୫ ଉଇକେଟ ନେଇଥିଲେ। ଭାରତୀୟ ବୋଲର ଦୀପକ ଚହର ବାଂଲାଦେଶ ବିପକ୍ଷରେ ୭ ରନ୍ ବ୍ୟୟରେ ୬ ଉଇକେଟ ନେଇ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

# ଫୁଟବଲ ଦଳକୁ କ୍ରୀଡା ମନ୍ତ୍ରଣାଳୟର ଅନୁମତି

**ନୂଆଦିଲ୍ଲୀ, ୨୬।୭ (ପି.ଟି)**

ଚାଇନାର ହାଙ୍ଗଝୌରେ ଅନୁଷ୍ଠିତ ହେବାକୁଥିବା ଏସିଆନ୍‌ଗେମ୍ସ ୨୦୨୩ ପାଇଁ ଭାରତୀୟ ପୁରୁଷ ଓ ମହିଳା ଫୁଟବଲ ଦଳକୁ ଅନୁମତି ମିଳିଛି। ଏସିଆର ଟପ୍-୮ ଦଳ ମଧ୍ୟରେ ସାମିଲ ନ ଥିବା କାରଣରୁ ଉଭୟ ପୁରୁଷ ଓ ମହିଳା ଦଳକୁ ଭାରତୀୟ ଅଲିମ୍ପିକ ମହାସଂଘ(ଆଇଓଏ) ପକ୍ଷରୁ ଅନୁମତି ମିଳି ନ ଥିଲା। ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍) ପକ୍ଷରୁ କ୍ରୀଡା ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ଲୋଡିଥିଲେ ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଇଗୋର୍ ଷ୍ଟିମାକ୍। ବୁଧବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ୍ କରି ଭାରତୀୟ ଫୁଟବଲ ଦଳ ଏସିଆନ ଗେମ୍ସରେ ଅଂଶଗ୍ରହଣ କରୁଥିବା ନେଇ ସ୍ପଷ୍ଟ କରିଛନ୍ତି। 'ବର୍ତ୍ତମାନର ନିୟମ ଅନୁସାରେ ଉଭୟ ପୁରୁଷ ଓ ମହିଳା ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ। ତେବେ ବିଗତ କିଛି ଦିନର ପ୍ରଦର୍ଶନକୁ ଧ୍ୟାନରେ ରଖି ଉଭୟ ଦଳଙ୍କୁ ଖେଳିବାକୁ ଅନୁମତି ପ୍ରଦାନ କରାଯାଇଛି।' ବୋଲି ଅନୁରାଗ ଟୁଇଟ୍ କରିଥିଲେ। କ୍ରୀଡା ମନ୍ତ୍ରଣାଳୟର ଏହି ଚିଠି ଆଇଓଏ ଓ ସମସ୍ତ ଜାତୀୟ କ୍ରୀଡା ମହାସଂଘ ନିକଟକୁ ପଠାଇ ଦିଆଯାଇଛି।

୨୦୦୨ ପରଠାରୁ ଏସିଆନ ଗେମ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳକୁ ସାମିଲ କରାଯାଉଛି। କେବଳ ୩ ଜଣ ସିନିୟର ଖେଳାଳିଙ୍କୁ ଏହି ଦଳରେ ସୁଯୋଗ ମିଳିଥାଏ। ସେପ୍ଟେମ୍ବର ୭-୧୦ ମଧ୍ୟରେ ଥାଇଲାଣ୍ଡରେ କିଙ୍ଗ୍ସ କପ୍ ଶେଷ

**ଏସିଆନ୍ ଗେମ୍ସ**

ହେବା ପରେ ଷ୍ଟିମାକଙ୍କ ନେତୃତ୍ୱରେ ୨୩ ବର୍ଷରୁ କମ୍ ଦଳ ଏହି ଟୁର୍ନାମେଣ୍ଟ ଖେଳିବାକୁ ଯିବ ବୋଲି କୁହାଯାଉଥିଲା। ତେବେ ଉଭୟ ପୁରୁଷ ଓ ମହିଳା ଦଳ ଏସିଆର ଶ୍ରେଷ୍ଠ ୮ ଦଳ ମଧ୍ୟରେ ନ ଥିବାରୁ ଆଇଓଏ ପକ୍ଷରୁ ଅନୁମତି ମିଳି ନ ଥିଲା। ପୁରୁଷ ଦଳ ୧୮ ଓ ମହିଳା ଦଳ ୧୧ ତମ ସ୍ଥାନରେ ରହିଛି। କ୍ରୀଡା ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏଆଇଏଫଏଫ୍ ସଭାପତି କଲ୍ୟାଣ ଚୌବେ। ଭାରତୀୟ ଫୁଟବଲ ଦଳକୁ ଅନୁମତି ମିଳି ଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଫର୍ମ ସୁଧାରିବା ଲକ୍ଷ୍ୟରେ ସୂର୍ଯ୍ୟକୁମାର

**ବ୍ରିଜ୍‌ଟାଉନ୍, ୨୬।୭(ପି.ଟି.)**



ବୁଧବାର ନେଟ୍ସ ସେସନରେ ଭାରତର ରବୀନ୍ଦ୍ର ଜାଡେଜା ଓ ମୁକେଶ କୁମାର।

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଏହାର ଦିନିକିଆ ସିରିଜ୍ ଗୁରୁବାରଠାରୁ ଖେଳିବ। ଟେଷ୍ଟ ସିରିଜ୍‌ରେ ବିଜୟ ପରେ ଏହି ସିରିଜରେ ମଧ ଭାରତ ଚମତ୍କାର ପ୍ରଦର୍ଶନ କରିବା ନେଇ ଆଶା ରହିଛି। ତେବେ ଏହି ସିରିଜ୍‌ରେ ଭାରତୀୟ ମଧ୍ୟକ୍ରମ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହା ବ୍ୟତୀତ ଉଇକେଟ କିପର ବ୍ୟାଟର ଭାବରେ ଇଶାନ କିଶନ୍ ଓ ସଞ୍ଜୁ ସାମସନ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏସିଆ କପ୍ ପୂର୍ବରୁ ଭାରତକୁ ଏହାର ଚୂଡ଼ାନ୍ତ ଏକାଦଶ ଚୟନ କରିବା ପାଇଁ ଏହା ଅନ୍ତିମ ସୁଯୋଗ ରହିବ। ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁ ଥିବା ବିଶ୍ୱକପର ଦଳ ଚୟନ ପାଇଁ ମଧ ଏହି ସିରିଜର ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ପିନର ଯୁଜବେନ୍ଦ୍ର ଚହଲ ଓ ପେସ୍ ବୋଲର ଉମ୍ରାନ୍ ମଲିକ୍ ମଧ ନିଜ ଦକ୍ଷତାର ପ୍ରଦର୍ଶନ କରିବାକୁ ଚାହିଁବେ। ଟି୨୦ରେ ବିପଜ୍ଜନକ ବ୍ୟାଟର ସୂର୍ଯ୍ୟକୁମାର ଦିନିକିଆରେ ସମାନ ଫର୍ମ ଦେଖାଇବାରେ ସଫଳ ହୋଇନାହାନ୍ତି। ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଆହତ ଥିବାରୁ ସୂର୍ଯ୍ୟକୁମାରଙ୍କ ନିକଟରେ ନିଜ ସ୍ଥିତିକ ମଜଭୁତ କରିବାର ଆଉ ଏକ ସୁଯୋଗ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ସିରିଜରେ ଲଗାତର ୩ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଖାତା ଖୋଲିବା ପୂର୍ବରୁ ସେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ରାହୁଲ ଭାରତୀୟ ଟିମ୍‌ର ଉଇକେଟ କିପର ଭାବରେ ଏକ ନମ୍ବର ପସନ୍ଦ ଥିବା ବେଳେ ତାଙ୍କ ଅନୁପସ୍ଥିତିରେ ନିଜ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ କିଶନ ଓ ସାମସନ୍। ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚରେ ଦମ୍‌ଦାର ବ୍ୟାଟିଂ ପରେ କିଶନ ପ୍ରଥମ ମ୍ୟାଚ ପାଇଁ ଉଇକେଟକିପର ଭାବରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ମିଡିଲ ଅର୍ଡରରେ ଅନ୍ୟ ପୋଜିଶନ ପାଇଁ ସାମସନ୍ ଓ ସୂର୍ଯ୍ୟକୁମାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମାତ୍ର ସାମ୍‌ସନ ଖେଳିଥିବା ଅନ୍ତିମ ୧୧ ଦିନିକିଆ ମ୍ୟାଚରେ ତାଙ୍କର ବ୍ୟାଟିଂ ଆଭରେଜ ୬୬ ରହିଛି। ଏହି କାରଣରୁ ସାମ୍‌ସନଙ୍କୁ ଅଗ୍ରାଧିକାର ମିଳିପାରେ। ରୋହିତ ଶର୍ମା ଓ ଶୁବମାନ ଗିଲ୍ ଓପନର ଭାବରେ ଖେଳିବାକୁ ଯାଉଥିବାରୁ ଋତୁରାଜ ଗାଏକ୍ୱାଡଙ୍କୁ ବେଞ୍ଚ ଗରମ କରିବାକୁ ପଡିବ।

ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏହି ସିରିଜ୍‌ରେ ପ୍ରତ୍ୟାବର୍ତ୍ତନ କରିବେ। ଆଇପିଏଲ୍ ପରେ ପ୍ରଥମ ଥର ପାଇଁ ସେ ଜାତୀୟ ଦଳକୁ ଫେରୁଥିବା ବେଳେ ତାଙ୍କ ପାଇଁ ଏହା ବେଶ୍ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିବ। ଦିନିକିଆ ସିରିଜ ପରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ସେ ଦଳର ନେତୃତ୍ୱ ମଧ୍ୟ ନେବେ। ବୋଲିଂରେ ଉମ୍ରାନ ମଲିକ ଓ ଯୁଜବେନ୍ଦ୍ର ଚହଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ୨୩ ବର୍ଷୀୟ ଉମ୍ରାନଙ୍କ ନିକଟରେ ଉଇକେଟ ନେବାର ଦକ୍ଷତା ରହିଥିଲେ ମଧ୍ୟ ସେ ଅଧିକ ରନ୍ ବ୍ୟୟ କରିଥାନ୍ତି। ଅଷ୍ଟ୍ରେଲିଆ ସିରିଜ୍‌ରେ ସ୍ଥାନ ପାଇ ନ ଥିବା ଚହଲ ମଧ୍ୟ ନିଜ ଦକ୍ଷତାର ପ୍ରଦର୍ଶନ କରିବାକୁ ଚାହିଁବେ। ପେସ୍ ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ବୋଲିଂର ନେତୃତ୍ୱ ନେବାକୁ ଥିବା ବେଳେ ଜୟଦେବ ଉନାଡକଟ, ମୁକେଶ କୁମାର ଓ ଶାର୍ଦ୍ଦୂଳ ଠାକୁରଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଦଳ ଏକ ନୂତନ ଭାବେ ଆରମ୍ଭ କରିବାକୁ ଯାଉଛି। ସିମରନ୍ ହେଟମେୟର ଓ ଓସେନ୍ ଥୋମାସ ଦଳକୁ ଫେରିଥିବା ବେଳେ ଆଲିକ ଆଠନାଜେଙ୍କୁ ମଧ୍ୟ ଡାକରା ମିଳିଛି।

**ଆଜି ପ୍ରଥମ ଦିନିକିଆ**

ମ୍ୟାଚ୍ ସ୍ଥାନ: ବ୍ରିଜ୍‌ଟାଉନ
ସମୟ:ସନ୍ଧ୍ୟା ୭.୦୦,
ପ୍ରସାରଣ: ଡିଡି ସ୍ପୋର୍ଟ୍ସ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ